# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୭/୨୦୨୩ (୧୬ ପୃଷ୍ଠା) Bhubaneswar, Monday, August 7/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୨୫୩ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 253 ମୂଲ୍ୟ ₹୭/-



A subsidiary of Adani Total Private Limited

adani TotalEnergies

Dhamra LNG

# NAVIGATING TOWARDS A GREENER FUTURE

Natural Gas plays a key role in meeting India's targets to reduce carbon intensity.

We are proud to start operations at our world-class Liquefied Natural Gas (LNG) Import Terminal at Dhamra Port, Odisha.

- 1st LNG terminal in East India
- Peak capacity of 6.5 million tons per annum, adding over 15% to India's LNG import capacity
- Access to pan-India market via the national gas grid
- Potential primary source of natural gas for over 35% of the Indian population

This terminal, a result of a strategic alliance between Adani and TotalEnergies of France, will accelerate a clean-energy-led industrial revolution in the East.




dltpl.adani-total.in

*Image used for representation purposes only.

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୭ ଅଗଷ୍ଟ , ୨୦୨୩



## ସଂକ୍ଷେପରେ

### ବୋଟ୍ ଦୁର୍ଘଟଣା: ୮ ମୃତ

**ଢାକା,୬।୮(ପି.ଟି.):** ବାଂଲାଦେଶରେ ପଦ୍ମା ନଦୀର ଏକ ଶାଖାରେ ୪୬ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବୋଟ୍ ବାଲି ବୋଝେଇ ବୋଟ୍‌ରେ ଧକ୍କା ଲାଗିବାରୁ ୩ ପିଲାଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଛି। ମୁନସୀଗଞ୍ଜ ଜିଲାରେ ଶନିବାର ରାତିରେ ଏହି ଦୁର୍ଘଟଣା ଘଟିଛି। ଏପର୍ଯ୍ୟନ୍ତ ୮ ମୃତଦେହ ନଦୀରୁ ବାହାର କରାଯାଇଥିବା ଅଗ୍ନିଶମ ଅଧିକାରୀ କାଇସ୍ ଅହମଦ କହିଛନ୍ତି। ମୁନ୍‌ସିଗଞ୍ଜ ଏସ୍‌ପିଙ୍କ କହିବା ଅନୁଯାୟୀ ଯାତ୍ରୀମାନେ ବୋଟ୍‌ରେ ବଣଭୋଜି କରିବାକୁ ଯାଇଥିଲେ। ସେମାନେ ଘରକୁ ଫେରିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଅଧିକାଂଶ ପହଁରି କୂଳକୁ ପଳାଇଆସିଥିଲେ। ବୋଟ୍‌ଗୁଡ଼ିକରେ ଅତ୍ୟଧିକ ଯାତ୍ରୀ ଏବଂ ନିକୃଷ୍ଟ ସୁରକ୍ଷା ମାନ ଯୋଗୁ ବାଂଲାଦେଶରେ ପ୍ରତିବର୍ଷ ଦୁର୍ଘଟଣାରେ ବହୁ ଲୋକଙ୍କ ପ୍ରାଣ ଯାଉଛି।

### ଇମ୍ରାନ୍‌ଙ୍କ ନୂଆ ଠିକଣା ଆଡିଆଲା ଜେଲ

**ଇସ୍‌ଲାମାବାଦ,୬।୮(ପି.ଟି.):** ତାଷାଖାନା ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ରାୱଲପିଣ୍ଡିର ଆଡିଆଲା ଜେଲରେ ରଖିବା ପାଇଁ ଇସ୍‌ଲାମାବାଦର ଏକ ଅଦାଲତ ରବିବାର ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ଇମ୍ରାନ୍‌ଙ୍କୁ ଗିରଫ କରାଯିବା ପରେ କଡ଼ା ସୁରକ୍ଷା ମଧ୍ୟରେ ଥିବା



ଆଟ୍ଟୋକ୍ ଜେଲରେ ରଖାଯାଇଥିଲା। କୋର୍ଟ ଇମ୍ରାନ୍‌ଙ୍କୁ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବା ପରେ ତାଙ୍କୁ ଲାହୋର ବାସଭବନରୁ ଗିରଫ କରାଯାଇଥିଲା। ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ ହୁମାୟୁନ୍ ଦିଲୱାର ଶନିବାର ତେହରିକ-ଇ-ଇନ୍‌ସାଫ ଅଧ୍ୟକ୍ଷଙ୍କୁ ଗିରଫ କରିବା ଲାଗି ଇସ୍‌ଲାମାବାଦ ପୋଲିସ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ପଞ୍ଜାବ ପୋଲିସ ତାଙ୍କୁ ଗିରଫ କରିଥିଲା। ଆଟ୍ଟୋକ ଜେଲରେ ଥିବା ଇମ୍ରାନଙ୍କୁ ଗ୍ରହଣ କରିବା ପାଇଁ ଅଦାଲତ ଆଡିଆଲା ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ସ୍ୱାମୀ ଲାଞ୍ଚ ନେଇ ଧରାପଡ଼ିବାରୁ ବିଦାହେଲେ ମେୟର

**ଜୟପୁର,୬।୮:** ସ୍ୱାମୀ ଲାଞ୍ଚ ନେଉଥିବାବେଳେ ଧରାପଡ଼ିବାରୁ ତାଙ୍କ ସ୍ତ୍ରୀ ମୁନେଶ ଗୁର୍ଜାରଙ୍କୁ ରାଜସ୍ଥାନ ସରକାର ଜୟପୁର ହେରିଟେଜ୍ ମ୍ୟୁନିସିପାଲ କର୍ପୋରେଶନ୍‌ର ମେୟର ପଦରୁ ବିଦା କରିଛନ୍ତି। ଜଣେ ବ୍ୟକ୍ତିଙ୍କୁ ଜମି ଲିଜ୍ କରାଇଦେବା ପାଇଁ ମେୟରଙ୍କ ସ୍ୱାମୀ ସୁଶୀଲ ଗୁର୍ଜାର ଶନିବାର ୨ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ


ମୁନେଶ ଗୁର୍ଜାର

ଦୁର୍ନୀତି ନିବାରଣ ବିଭାଗ ତାଙ୍କୁ ଧରିଥିଲା। ତାଙ୍କୁ ୨୩ ନମ୍ବର ୱାର୍ଡର ସଭ୍ୟ ପଦରୁ ମଧ୍ୟ ନିଲମ୍ବନ କରାଯାଇଛି। ସୁଶୀଲ ଘରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ମେୟର ଘର ଭିତରେ ଥିଲେ। ତାଙ୍କ ଘରେ ଚଢ଼ାଉ କରାଯାଇ ୪୦ ଲକ୍ଷ ଟଙ୍କା ଜବତ ହୋଇଛି। ତେଣୁ ଲାଞ୍ଚ କାରବାରରେ ମେୟର ସମ୍ପୃକ୍ତ ଥିବା ଏବଂ ସେ ତଦନ୍ତକୁ ପ୍ରଭାବିତ କରିବା ଆଶଙ୍କା ଥିବାରୁ ତାଙ୍କୁ ବହିଷ୍କାର କରାଯାଇଥିବା ନିର୍ଦ୍ଦେଶନାମାରେ କୁହାଯାଇଛି। ଦୁର୍ନୀତି ନିବାରଣ ବିଭାଗ ସୁଶୀଲଙ୍କ ସମେତ ଅନ୍ୟ ୨ ଜଣଙ୍କୁ ଗିରଫ କରି ଜେରା କରୁଛି।

# ଉଛୁଳୁଛି ସୀମାପାରର ପ୍ରେମ

## ସରହଦରେ କଟକଣା ସତ୍ତ୍ୱେ ସମ୍ପର୍କରେ ଡେଣା ଯୋଡୁଛି ଟେକ୍ନୋଲୋଜି



**ପାକିସ୍ତାନୀ ଝିଅ ଅମୀନାଙ୍କୁ ମିଳିଲାନି ଭାରତୀୟ ଭିଜା। ଭିଡିଓ କଲିଂରେ ଯୋଧପୁରର ଅରବାଜଙ୍କୁ ବାହାହେଲେ।**

**ପୂର୍ବରୁ କେବଳ ସିନେମାରେ ଦେଖିବାକୁ ମିଳୁଥିଲା। କିନ୍ତୁ ପ୍ରଯୁକ୍ତିର ପ୍ରଗତି ଏବେ ଦରିଆପାରି ପ୍ରେମରେ ଡେଣା ଯୋଡ଼ିଦେଲା। ପାକିସ୍ତାନର ସୀମା ହାଇଦର ହୁଅନ୍ତୁ କି ଭାରତର ଅଞ୍ଜୁ ଥୋମାସ୍ ସୀମାପାର ସମ୍ପର୍କ ଗଢ଼ି ଚର୍ଚ୍ଚା ସାଉଣ୍ଟୁଛନ୍ତି। କେବଳ ଅଞ୍ଜୁ ନୁହନ୍ତି, ଚିଲିର ନିକୋଲି ଅନାରା ଗୁଲସାଲୋସ୍, ମେକ୍ସିକୋର ରୋସା ଓ ଚାଇନାର ଗାଓ ଫେଙ୍ଗ୍ ନାମ୍ନୀ ଯୁବତୀମାନେ ମଧ୍ୟ ପ୍ରେମ ପାଇଁ ନିଜ ଦେଶ ଛାଡ଼ି ଗତ ଜୁନ୍-ଜୁଲାଇରେ ପାକିସ୍ତାନରେ ପହଞ୍ଚିଛନ୍ତି। ଏହିସବୁ ପ୍ରେମ ସମ୍ପର୍କର ଜରିଆ ପାଲଟିଛି ସାମାଜିକ ଗଣମାଧ୍ୟମ। ତମାମ ପ୍ରତିକୂଳ ପରିସ୍ଥିତି ଓ ଆହ୍ୱାନ ସତ୍ତ୍ୱେ ଏହି ଯୋଡ଼ିମାନଙ୍କ ଅଭୂତପୂର୍ବ ଅନ୍‌ଲାଇନ୍ ସମ୍ବନ୍ଧ ସେମାନଙ୍କ ଧୈର୍ଯ୍ୟ, ସାହସ ଓ ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ ଦେଇଛି।**

ନୂଆଦିଲ୍ଲୀ/ମୁମ୍ବାଇ/ ଇସ୍‌ଲାମାବାଦ,୬।୮
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ପାକିସ୍ତାନର ସୀମା ହାଇଦର ନୋଏଡାର ପବ୍‌ଜି ବନ୍ଧୁ ସଚିନ ମୀନାଙ୍କୁ ବିବାହ କରିବା ପାଇଁ ନିଜ ୪ ପିଲାଙ୍କ ସହ ଭାରତରେ ପ୍ରବେଶ କରିବା ପରଠୁ ସୀମାପାର ପ୍ରେମକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଏଭଳି ଲଗାମବିହୀନ ପ୍ରେମର ନୂଆ କାହାଣୀ ପ୍ରତ୍ୟହ ଶୁଣିବାକୁ ମିଳୁଛି। ବିଶେଷକରି ସାମାଜିକ ଗଣମାଧ୍ୟମ ଏପରି ସମ୍ପର୍କର ଜରିଆ ପାଲଟିଛି, ଯାହାର ସଦ୍ୟ ଦୃଷ୍ଟାନ୍ତ ସାଜିଛି ଆଉ ଜଣେ ପାକିସ୍ତାନୀ ମହିଳା ଓ ଭାରତୀୟଙ୍କ ଅନ୍‌ଲାଇନ୍ ବିବାହ। କରାଚୀର ଅମୀନା ଭିଜା ନ ପାଇବାରୁ ରାଜସ୍ଥାନର ଯୋଧପୁର ବାସିନ୍ଦା ଅରବାଜ ଖାନ୍‌ଙ୍କୁ ଅନ୍‌ଲାଇନ ବିବାହ କରିଛନ୍ତି।

ଅମୀନା ଭିଜା ପାଇଁ ଆବେଦନ କରିବେ। ମୁଁ ପାକିସ୍ତାନରେ ବିବାହ କରିନାହିଁ। କାରଣ ଏହାକୁ ସ୍ୱୀକୃତି ମିଳିବ ନାହିଁ। ତେଣୁ ସେ ଭାରତରେ ପହଞ୍ଚିବା ପରେ ଆମେ ପୁନର୍ବିବାହ କରିବୁ ବୋଲି ବୁଧବାର ଯୋଧପୁରର ଓସ୍ୱାଲ ସମାଜ ଭବନରେ ନିଜ ସମ୍ପର୍କୀୟଙ୍କ ଗହଣରେ ଅନ୍‌ଲାଇନ ମ୍ୟାରେଜ ପରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅରବାଜ କହିଛନ୍ତି। ଓସ୍ୱାଲ ଭବନରେ ଭର୍ଚୁଆଲି କେବଳ 'ନିକାହ' ହୋଇନାହିଁ, ବରଂ ଅରବାଜଙ୍କ ପରିବାର ଉତ୍ସବ ମନାଇ ତାଙ୍କୁ ବିବାହର ସବୁ ରୀତିନୀତି ଅନୁସରଣ କରାଇଛନ୍ତି। ଅରବାଜ ବରଯାତ୍ରୀଙ୍କ ସହ ଓସ୍ୱାଲ ଭବନରେ ପହଞ୍ଚିଥିବାବେଳେ ଅମୀନା ପାକିସ୍ତାନରୁ ଭିଡିଓ ଲିଙ୍କ୍‌ରେ ଉପସ୍ଥିତ ଥିଲେ। ଯୋଧପୁର କାଜି ଏହି ଯୋଡ଼ିଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରାଇବା ପରେ ପ୍ରମାଣପତ୍ର ପ୍ରଦାନ ପୂର୍ବକ ଏକ ସୁଖୀ ଦାମ୍ପତ୍ୟ ଜୀବନ କାମନା କରିଛନ୍ତି। ଅରବାଜ ଏନେଇ ଆହୁରି କହିଛନ୍ତି, ଏହା ଏକ ଆରେଞ୍ଜ ମ୍ୟାରେଜ। ପାକିସ୍ତାନରେ



**ସଚିନଙ୍କ ସ୍ତ୍ରୀ ସୀମା ହାଇଦରଙ୍କୁ ଭାରତରେ ମିଳିଲାଣି ଚାକିରି ଓ ଫିଲ୍ମରେ ଅଭିନୟ ଅଫର୍।**

ଥିବା ସମ୍ପର୍କୀୟମାନେ ଏଥିପାଇଁ ପ୍ରଥମେ କଥା ପକାଇଥିଲେ। ଭାରତ-ପାକିସ୍ତାନ ମଧ୍ୟରେ ସମ୍ପର୍କ ଭଲ ନ ଥିବାରୁ ଆଜିକାଲି ଭିଜା କଟକଣା ବଢ଼ିବାରେ ଲାଗିଛି। ତେଣୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଭିଜା ବିବାହ ଚାଲିଛି। ଅମୀନା ଭିଜା ପାଇ ଖୁବ୍‌ଶୀଘ୍ର ଭାରତ ଆସିବେ ବୋଲି ଆଶାବାଦୀ। ଅମୀନା-ଅରବାଜଙ୍କ ନିରାଡମ୍ବର ବିବାହ ତମାମ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏକାଠି ହେବା ପାଇଁ ଉଭୟଙ୍କଠାରେ ଥିବା ଦୃଢ଼ତାକୁ ଦର୍ଶାଉଛି। ଏହା ପୂର୍ବରୁ ମଧ୍ୟ ଅରବାଜଙ୍କ ପରିବାରର ଜଣେ ସଦସ୍ୟ ଅନ୍ୟ ଜଣେ ପାକିସ୍ତାନୀ ଝିଅଙ୍କୁ ବିବାହ କରିଥିଲେ। ଏହି ପୂର୍ବ ସମ୍ପର୍କ ଦୁହିଁଙ୍କୁ ସାତ ଜନମର ସାଥୀ ହେବାରେ ସହାୟକ ହୋଇଥିଲା। କିଛିଦିନ ହେଲା ପାକିସ୍ତାନୀ ଝିଅ ସୀମା ହାଇଦର ଓ ନୋଏଡା ପୁଅ ସଚିନ ମୀନାଙ୍କ ପ୍ରେମ କାହାଣୀ ଇଣ୍ଟରନେଟ୍‌ରେ ସେନ୍‌ସେଶନ୍ ପାଲଟିଛି। ସିନ୍ଧ ପ୍ରଦେଶର ସୀମା ପୂର୍ବରୁ ଗୁଲାମ ହାଇଦରଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କର ୪ ସନ୍ତାନସନ୍ତତି ଅଛନ୍ତି। ୨୦୧୯ରେ ଅନ୍‌ଲାଇନ ମୋବାଇଲ ଗେମ୍ ପବ୍‌ଜି ଜରିଆରେ ସଚିନଙ୍କ ସହ ତାଙ୍କର ବନ୍ଧୁତା ହୋଇଥିଲା। ସମ୍ପର୍କରେ ନିବିଡ଼ତା ବଢ଼ିବା ପରେ ଦୁହେଁ ପରସ୍ପରକୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଗତ ମେ'ରେ ସୀମା ଦୁବାଇ ଓ ନେପାଳ ଦେଇ ବେଆଇନ ଭାବେ ଭାରତରେ ଅନୁପ୍ରବେଶ କରିଥିଲେ। ସେ ଏବେ ସଚିନଙ୍କ ସହ ରହୁଛନ୍ତି। କିଏ ତାଙ୍କୁ ପାକିସ୍ତାନୀ ଗୋଇନ୍ଦା ଏଜେଣ୍ଟ କହୁଛନ୍ତି ତ ପୁଣି କିଏ ଗୁପ୍ତଚର ଆଖ୍ୟା ଦେଉଛନ୍ତି। ଭାରତରେ ସୀମାଙ୍କୁ ନେଇ ନାନା ଚର୍ଚ୍ଚା ଲାଗିରହିଥିବାବେଳେ ତାଙ୍କୁ ଉଚ୍ଚ ବେତନର ଚାକିରି ଓ ଫିଲ୍ମରେ ଅଭିନୟ ପାଇଁ ମଧ୍ୟ ଅଫର ମିଳିସାରିଲାଣି। ଏହି ଲଭ୍ ଷ୍ଟୋରି କେବଳ ଭାରତ କି ପାକିସ୍ତାନ ନୁହେଁ, ବରଂ ବିଶ୍ୱର ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ହଟଚମଟ ସୃଷ୍ଟି କରିଛି।

ସୀମା ଓ ସଚିନଙ୍କ କାହାଣୀ ସାମ୍ନାକୁ ଆସିବାର କିଛିଦିନ ପରେ ଆଉ ଏକ ରିଭର୍ସ ଷ୍ଟୋରି ଦେଖିବାକୁ ମିଳିଛି। ମଧ୍ୟପ୍ରଦେଶର ଗ୍ୱାଲିଅର ନିକଟସ୍ଥ ବଉନା ଗ୍ରାମ ବାସିନ୍ଦା ଗୟା ପ୍ରସାଦ ଥୋମାସଙ୍କ ଝିଅ ଅଞ୍ଜୁ କିଛିବର୍ଷ ପୂର୍ବେ ରାଜସ୍ଥାନର ଅଲୱର ବାସିନ୍ଦା ଅରବିନ୍ଦ କୁମାରଙ୍କୁ ବିବାହ କରିଥିଲେ। ଅଲୱରର ଭିୱାଡିରେ ସେ ଡେଟା ଏଣ୍ଟ୍ରି ଅପରେଟର ଭାବେ କାମ କରୁଥିଲେ। ପାକିସ୍ତାନର ଜଣେ ଯୁବକଙ୍କ ସହ ଫେସ୍‌ବୁକ୍‌ରେ ତାଙ୍କ ୨-୩ ବର୍ଷର ବନ୍ଧୁତା ପରବର୍ତ୍ତୀ ସମୟରେ ପ୍ରେମରେ ପରବର୍ତ୍ତିତ ହୋଇଥିଲା। ଗତ ଜୁଲାଇ ୨୧ରେ ୩୫ ବର୍ଷୀୟା ଅଞ୍ଜୁ ନିଜର ଜଣେ ସାଙ୍ଗଙ୍କୁ ଭେଟିବା ପାଇଁ ଜୟପୁର ଯିବା ବାହାନାରେ ପାକିସ୍ତାନରେ ପହଞ୍ଚିଥିଲେ। ସେଠାରେ ସେ ଇସ୍‌ଲାମ୍ ଗ୍ରହଣ କରିଥିବା କୁହାଯାଉଛି। ଖାଇବର-ପାଖ୍‌ତୁନ୍‌ଖ୍ୱା ପ୍ରଦେଶର ୨୯ ବର୍ଷୀୟ ସ୍କୁଲ ଶିକ୍ଷକ ନସରୁଲ୍ଲାଙ୍କୁ ସେ ବିବାହ କରି ଫାତିମା ପାଲଟିଛନ୍ତି। ସୀମା ହାଇଦର ବିନା ଦସ୍ତାବିଜରେ ଭାରତରେ ଅନୁପ୍ରବେଶ କରିଥିବାବେଳେ ଅଞ୍ଜୁ ବୈଧ ଭିଜା ପାଇବା ପରେ ସେଠାକୁ ଯାଇଛନ୍ତି। ତାଙ୍କୁ ସେଠାରେ ଭିଜା ଅବଧି ବୃଦ୍ଧି ଓ ପାକିସ୍ତାନୀ ନାଗରିକତ୍ୱ ମିଳିପାରେ। ଏପଟେ ଅଞ୍ଜୁ-ଅରବିନ୍ଦଙ୍କ ୧୩ ବର୍ଷୀୟା ଝିଅ ଓ ୫ ବର୍ଷୀୟ ପୁଅ ମା'ଙ୍କୁ ଝୁରି କାନ୍ଦୁଥିବାବେଳେ ବାପା ଗୟାପ୍ରସାଦଙ୍କୁ ପରିବାର ଚଳାଇବା ପାଇଁ ନିଜ ଗାଁରେ ଆଉ କାମ ମିଳୁନାହିଁ। ଲୋକେ ତାଙ୍କ ପରିବାରକୁ ଏକପ୍ରକାର ବାସନ୍ଦ କରିଦେଇଛନ୍ତି। ତେବେ ଏଭଳି କାହାଣୀ ଭାରତ-ପାକିସ୍ତାନରେ ସୀମିତ ହୋଇ ରହିନାହିଁ, ପଡ଼ୋଶୀ ଶ୍ରୀଲଙ୍କାରୁ ମଧ୍ୟ ଜଣେ ୨୫ ବର୍ଷୀୟା ଯୁବତୀ ସମାନ କାରଣକୁ ନେଇ ଦେଶ ଛାଡ଼ିଛନ୍ତି। ଭାରତରେ ରହିବା ସକାଶେ ନାଗରିକତ୍ୱ ପାଇବା ପାଇଁ ସେ ଆବେଦନ କରିଛନ୍ତି। ୨୦୧୭ରେ ଶ୍ରୀଲଙ୍କାର ଶିବକୁମାରୀ ଭିଗ୍ନେଶ୍ୱରୀ ଓ ଆନ୍ଧ୍ର ପ୍ରଦେଶ ଚିତ୍ତୋର ଜିଲାସ୍ଥିତ ଆରିମାକୁଲାପଲ୍ଲୀର ରାଜମିସ୍ତ୍ରି ଲକ୍ଷ୍ମଣଙ୍କ ମଧ୍ୟରେ ଫେସ୍‌ବୁକରେ ବନ୍ଧୁତା ହୋଇଥିଲା। ୬ ବର୍ଷର ବନ୍ଧୁତା ଭିତରେ କେତେବେଳେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା, ଉଭୟେ ଜାଣିପାରି ନ ଥିଲେ। ଶିବକୁମାରୀ ଏକ ଟୁରିଷ୍ଟ ଭିଜା ବଳରେ ଗତ ଜୁଲାଇ ୮ରେ ଭାରତ ଆସିବା ପରେ ୨୦ ତାରିଖରେ ଲକ୍ଷ୍ମଣଙ୍କୁ ବିବାହ କରିଛନ୍ତି। ତାଙ୍କ ଭିଜା ଅବଧି ଅଗଷ୍ଟ ୧୫ରେ ଶେଷ ହୋଇଥିବାରୁ ଏହି ଦମ୍ପତି ଦୀର୍ଘ ଅବଧିର ଭିଜା ପାଇଁ ଆବେଦନ କରିଛନ୍ତି। ଶିବକୁମାରୀ ଭବିଷ୍ୟତରେ ଭାରତର ନାଗରିକତ୍ୱ ପାଇବା ନେଇ ଆଶାବାଦୀ ଥିବାବେଳେ କୌଣସି ଆଇନଗତ ଅସୁବିଧାକୁ ଏଡ଼ାଇବା ପାଇଁ ବିବାହ ପଞ୍ଜୀକରଣ କରିବାକୁ ପୋଲିସ ସେମାନଙ୍କୁ ପରାମର୍ଶ ଦେଇଛି। ସ୍ଥାନୀୟ କର୍ତ୍ତୃପକ୍ଷ ଶିବକୁମାରୀଙ୍କୁ ଅଗଷ୍ଟ ୧୫ ପୂର୍ବରୁ ଭାରତ ଛାଡ଼ିବାକୁ କହିଛନ୍ତି।



### ବଲିଉଡ୍‌ରେ ଦରିଆପାରି ପ୍ରେମ କାହାଣୀ

ଭାରତ-ପାକିସ୍ତାନ ସୀମାପାର ପ୍ରେମର ମନ୍ତ୍ରମୁଗ୍ଧ କାହାଣୀକୁ ନେଇ ଅନେକ ବଲିଉଡ୍ ଫିଲ୍ମ ଗତିଶୀଳ ହୋଇଛି। ୨୦୦୦ରେ ମୁକ୍ତିଲାଭ କରିଥିବା ରେଫ୍ୟୁଜି, ୨୦୦୧ର ଗଦର: ଏକ୍ ପ୍ରେମ କଥା, ୨୦୦୪ର ବୀର-ଜାରା, ୨୦୧୯ର ହୀନା, ୨୦୧୨ର ଏକ୍ ଥା ଟାଇଗର, ୨୦୧୮ର ରାଜି କ୍ରସ୍‌ବର୍ଡର ପ୍ରେମ କାହାଣୀ ଉପରେ ପର୍ଯ୍ୟବସିତ। ଆଉ କିଛି ଦିନ ପରେ ସନ୍ନି ଦେଓଲ ଓ ଅମୀଷା ପଟେଲଙ୍କ ଗଦର-୨ ରିଲିଜ୍ ହେବ। ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ବଢ଼ିଚାଲିଥିବା ଦରିଆପାରି ପ୍ରେମ ବିବାହକୁ ଦେଖିଲେ ମନେହେଉଛି ଯେମିତି ପ୍ରେମୀଯୁଗଳ ଭାବପ୍ରବଣତାରେ ନିଜକୁ ଡୁବାଇ ସବୁକିଛି ତ୍ୟାଗ ପାଇଁ ପ୍ରସ୍ତୁତ। ଭୂରାଜନୈତିକ କଟକଣାକୁ ବେଖାତିର କରି ପ୍ରତିରୋଧ ଉପରେ ବିଜୟ ହାସଲ କରିଥିବା ସିନେମା ପରଦାର ଚରିତ୍ରଗୁଡ଼ିକ ସତେଯେମିତି ପରଦାରୁ ବାସ୍ତବ ଜୀବନକୁ ଓହ୍ଲାଇଆସିଛନ୍ତି। ଏନେଇ ଗଦର-୨ ଅଭିନେତା ସନ୍ନି ଦେଓଲ କହିଛନ୍ତି, ଆଜିର ଅତ୍ୟାଧୁନିକ ଟେକ୍ନୋଲୋଜି ଯୁଗରେ ସବୁକିଛି ସମ୍ଭବ ହେଉଛି। ଲୋକେ ଅନ୍ୟମାନଙ୍କୁ ବଞ୍ଚିବାକୁ ଦେବା ଉଚିତ। ଭୁଲ୍ କରନ୍ତୁ କି ଠିକ୍, ଏହା ସେମାନଙ୍କ ବ୍ୟକ୍ତିଗତ ବ୍ୟାପାର।


**ଖାଇବର-ପାଖ୍‌ତୁନ୍‌ଖ୍ୱାର ୨୯ ବର୍ଷୀୟ ସ୍କୁଲ ଶିକ୍ଷକ ନସରୁଲ୍ଲାଙ୍କୁ ବିବାହ କରି ଫାତିମା ପାଲଟିଛନ୍ତି ଗ୍ୱାଲିଅରର ଅଞ୍ଜୁ।**

## ମଣିପୁରର ୫ ପୋଲିସ ନିଲମ୍ବିତ

ଇମ୍ଫାଲ,୬।୮(ପି.ଟି.)

**ମହିଳାଙ୍କୁ ଉଲଗ୍ନ ପରେଡ୍ ଘଟଣା**

ମଣିପୁର ହିଂସାକାଣ୍ଡ ବେଳେ ମେ' ୪ରେ ୨ ମହିଳାଙ୍କୁ ଉଲଗ୍ନ କରି ରାସ୍ତାରେ ଚଲାଇବା ଘଟଣାରେ ସମ୍ପୃକ୍ତ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ସମେତ ୫ ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଜୁଲାଇ ୧୯ରେ ଉଲଗ୍ନ ପରେଡ୍‌ର ଭିଡିଓ ସାମ୍ନାକୁ ଆସିବା ପରେ ଥୋଉବାଲ ଜିଲା ନୋଙ୍ଗପୋକ୍ ସେକ୍‌ମାଇ ଥାନାର ଭାରପ୍ରାପ୍ତ ଅଫିସର ଓ ଅନ୍ୟ ୪ ଜଣଙ୍କୁ ନିଲମ୍ବନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ସେମାନଙ୍କୁ ପୁନଃ ଅବସ୍ଥାପିତ କରିବା ଲାଗି ଦାବିକରି ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟର ଲୋକମାନେ ବିକ୍ଷୋଭ ଜାରି ରଖିବା ସତ୍ତ୍ୱେ ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇ ନାହିଁ। ଗତ ୩ ତାରିଖରେ ବିଷ୍ଣୁପୁରରୁ ଅସ୍ତ୍ରଶସ୍ତ୍ର ଲୁଟ୍ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପୋଲିସ ଆଇଜିଙ୍କ ତତ୍ତ୍ୱାବଧାନରେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ମେ' ୩ରୁ ହିଂସାକାଣ୍ଡ ଲାଗିରହିଥିବାବେଳେ ଏହାକୁ ବନ୍ଦ କରିବା ପାଇଁ ପୋଲିସ ପକ୍ଷରୁ ସମସ୍ତ ଉଦ୍ୟମ ଜାରି ରହିଛି। ସେନା, ଆସାମ ରାଇଫଲ୍ସର ଯବାନମାନଙ୍କ ସହଯୋଗରେ ପୋଲିସ ରାଜ୍ୟକୁ ପର୍ଯ୍ୟାପ୍ତ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇପାରିଥିବା କହିଛି।

## ୱାଶିଂଟନରେ ଗୁଳି: ୩ ମୃତ

ୱାଶିଂଟନ,୬।୮

ଆମେରିକା ରାଜଧାନୀ ୱାଶିଂଟନ ଡିସିର ରାସ୍ତାରେ ଗୁଳିକାଣ୍ଡ ଘଟି ଜଣେ ମହିଳାଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ହୋଇଛି। ଶନିବାର ରାତିରେ ହୋଇଥିବା ଏହି ଗୁଳିକାଣ୍ଡରେ ଅନ୍ୟ ୨ ଜଣ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗୁଡ୍‌ହୋପ୍ ରୋଡ୍ ସାଉଥଇଷ୍ଟର ୧୬୦୦ ବ୍ଲକ୍‌ରେ ଗୁଳିକାଣ୍ଡ ହୋଇ ଘଟଣାସ୍ଥଳରେ ୩ ଜଣ ପ୍ରାଣ ହରାଇଥିଲେ ବୋଲି ୱାଶିଂଟନ ଡିସି ମେଟ୍ରୋପଲିଟାନ୍ ପୋଲିସ କହିଛି।

## ନିଜକୁ ଶିବଙ୍କ ଅବତାର କହି ୮୫ ବର୍ଷୀୟାଙ୍କୁ ହତ୍ୟାକଲେ ବୃଦ୍ଧ

ଉଦୟପୁର,୬।୮

ରାଜସ୍ଥାନର ଉଦୟପୁରରେ ଜଣେ ୬୦ ବର୍ଷୀୟ ବ୍ୟକ୍ତି କ୍ୟାମେରା ସାମ୍‌ନାରେ ଜଣେ ୮୫ ବର୍ଷୀୟା ବୃଦ୍ଧାଙ୍କୁ ଛତାରେ ଆକ୍ରମଣ କରି ମାରିଦେଇଛନ୍ତି। ସେଠାରେ କେତେଜଣ ଉପସ୍ଥିତ ଥିଲେ ମଧ୍ୟ ସେମାନେ ବୃଦ୍ଧା କଳକୀବାଈ ଗମେତିଙ୍କୁ ଆକ୍ରମଣରୁ ବଞ୍ଚାଇବା ପରିବର୍ତ୍ତ ଘଟଣାର ଭିଡିଓ ପ୍ରସ୍ତୁତ କରିଥିଲେ। ଅପରାଧରେ ସମ୍ପୃକ୍ତି ନେଇ ପୋଲିସ ୪ ଜଣଙ୍କୁ ଅଟକ ରଖିଛି। ଆକ୍ରମଣକାରୀ ପ୍ରତାପ ସିଂ ନିଶାଗ୍ରସ୍ତ ଥିଲେ ଓ ତାଙ୍କର ମତିଭ୍ରମ ହୋଇଥିଲା ବୋଲି ପୋଲିସ କହିଛି। ଜଣେ ବ୍ୟକ୍ତି ପ୍ରତାପଙ୍କୁ ଅଟକାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ପ୍ରତାପ ମଦ ନିଶାରେ ନିଜକୁ ଭଗବାନ ଶିବଙ୍କ ଅବତାର କହିବା ସହ ସେ ବୃଦ୍ଧାଙ୍କୁ ମାରିଦେବା ପରେ ପୁନର୍ଜୀବନ ଦେବେ ବୋଲି କହିଥିଲେ।

## ପାକିସ୍ତାନରେ ଟ୍ରେନ୍ ଦୁର୍ଘଟଣା: ୩୩ ମୃତ

କରାଚୀ,୬।୮

ପାକିସ୍ତାନର ସିନ୍ଧ୍ ପ୍ରଦେଶରେ ରବିବାର ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ୩୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୮୦ ଜଣ ଆହତ ହୋଇଛନ୍ତି। କରାଚୀରୁ ରାୱଲପିଣ୍ଡି ଯାଉଥିବା ହାଜରା ଏକ୍ସପ୍ରେସ୍ ଟ୍ରେନ୍ ସିନ୍ଧ୍ ପ୍ରଦେଶ ନୱାବଶାହ ଜିଲାର ସର୍‌ହରି ଷ୍ଟେଶନରେ ଲାଇନ୍‌ଚ୍ୟୁତ ହୋଇଥିଲା। କ୍ଷତିଗ୍ରସ୍ତ ବଗିରୁ ମୃତାହତମାନଙ୍କୁ ବାହାର କରାଯାଇଥିବାବେଳେ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମୁଦାୟ ୧୦ ବଗି ଲାଇନଚ୍ୟୁତ ହୋଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତକଙ୍କ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଉଦ୍ଧାର କାର୍ଯ୍ୟରେ ଶତାଧିକ ପୋଲିସ କର୍ମଚାରୀଙ୍କ ସମେତ ସେନା ଯବାନଙ୍କୁ ସାମିଲ କରାଯାଇଛି। ଟ୍ରେନ୍ ଲାଇନଚ୍ୟୁତ ହେବାର ପ୍ରକୃତ କାରଣ ଜଣାପଡ଼ିନାହିଁ। କେହି ଜାଣିଶୁଣି ଏଭଳି କରିଛି କିମ୍ବା ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଛି ବୋଲି ରେଳ ଓ ବିମାନ ଚଳାଚଳ ମନ୍ତ୍ରୀ ଖାୱାଜା ସାଦ୍ ରଫିକ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।


ଦୁର୍ଘଟଣାଗ୍ରସ୍ତ ଟ୍ରେନ୍‌ରୁ ଉଦ୍ଧାର କାର୍ଯ୍ୟ ଚାଲିଛି।

## କୁକୁଡ଼ା ଚୋରି ସନ୍ଦେହରେ ୨ ନାବାଳକଙ୍କୁ ପରିସ୍ରା ପିଆଇଲେ

ଲକ୍ଷ୍ନୌ,୬।୮

**ଗୁପ୍ତାଙ୍ଗରେ ଘଷିଲେ କଞ୍ଚାଲଙ୍କା।**

ଉତ୍ତରପ୍ରଦେଶର ସିଦ୍ଧାର୍ଥନଗର ଜିଲାରେ ୨ ଜଣ ନାବାଳକଙ୍କ ପ୍ରତି ଅତି ଅମାନୁଷିକ କାର୍ଯ୍ୟ କରାଯାଇଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏକ ଫାର୍ମରୁ କୁକୁଡ଼ା ଚୋରି ସନ୍ଦେହରେ ୨ ନାବାଳକଙ୍କୁ ଫାର୍ମ ମାଲିକ ଓ ଅନ୍ୟମାନେ ଧରିନେଇ ମାଡ଼ ମାରିବା ସହ ପରିସ୍ରା ପିଆଇଥିଲେ। ଏହା ପରେ ସେମାନଙ୍କ ହାତ ପଛପଟୁ ବାନ୍ଧି ମୁହଁମାଡ଼ି ତଳେ ଶୁଆଇଦେଇ ଗୁପ୍ତାଙ୍ଗରେ କଞ୍ଚାଲଙ୍କା ଘଷିଥିଲେ ଓ ହଳଦିଆ ରଙ୍ଗର ଏକ ତରଳ ପଦାର୍ଥ ସେମାନଙ୍କ ଦେହରେ ଇଞ୍ଜେକ୍‌ଶନ ଦେଇଥିଲେ। ଭିଡିଓ ଭାଇରାଲ ହେବା ପରେ ପୋଲିସ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅନ୍ୟ ୨ ଜଣଙ୍କୁ ଖୋଜୁଛି। ଜିଲାର କେତେଜଣ କଲେଜ ପିଲାଙ୍କ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ଏହି ଭିଡିଓ ଭାଇରାଲ ହୋଇଥିଲା। ଏହି ଗ୍ରୁପ୍‌ରେ ଥିବା ଜଣେ କନ୍‌ଷ୍ଟେବଲ ଏ ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କୁ ଜଣାଇବା ପରେ ସାଇବର ୟୁନିଟ୍ ନେତୃତ୍ୱରେ ପୋଲିସ ଟିମ୍ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଭିଡିଓ ଦେଖାଇବା ପରେ କୁକୁଡ଼ା ଫାର୍ମ ମାଲିକ ମହମ୍ମଦ ସୁଦ୍ ଘଟଣାକୁ ସ୍ୱୀକାର କରିଥିଲେ। ଗତ ଗୁରୁବାର ସେ ଗ୍ରାହକଙ୍କୁ କୁକୁଡ଼ା ବିକୁଥିବାବେଳେ ୧୦ ଓ ୧୪ ବର୍ଷର ଦୁଇଜଣ ପିଲା ତାଙ୍କ ଫାର୍ମରେ ଚୋରି କରିବାକୁ ପଶିଥିଲେ ବୋଲି କହିଛନ୍ତି। ଫାର୍ମର ଲୋକମାନେ ସେମାନଙ୍କୁ ଗୋଡ଼ାଇ ଧରିଥିଲେ। ସେମାନଙ୍କୁ ଆମେ ଉପଯୁକ୍ତ ଶିକ୍ଷା ଦେବାକୁ ଚାହିଁଥିଲୁ ବୋଲି ସୁଦ୍ ପୋଲିସକୁ କହିଛନ୍ତି।

# ଧରିତ୍ରୀ
DHARITRI





**ମୁସୋଭିକ ପ୍ଲେୟର୍ ଅଫ୍ ଦି ମ୍ୟାଚ୍**

ଫିଫା ମହିଳା ବିଶ୍ୱକପର ଆମେରିକା ବିପକ୍ଷ ମ୍ୟାଚରେ ସୁଇଡେନ୍ ଗୋଲକିପର ଜେକିରା ମୁସୋଭିକ ୧୧ଟି ଗୋଲ୍ ସେଭ୍ କରିବା ସହିତ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଛନ୍ତି। **୧୪**


**୧୦**


**ମା’ ହେଲେ ଇଲିଆନା**

ନିକଟରେ ଅଭିନେତ୍ରୀ ଇଲିଆନା ଡି କ୍ରୁଜ୍ ମା’ ହୋଇଥିବା ନେଇ ସୋସିଆଲ ମିଡିଆରେ ଫଟୋ ଶେୟାର କରି ସୂଚନା ଦେଇଛନ୍ତି।









ଓଡ଼ିଶା ପୋଷ୍ଟ ପକ୍ଷରୁ ଆୟୋଜିତ ‘ମେଟଲ ମିଟ୍ -୨୦୨୩’ର ରବିବାର ଅନୁଷ୍ଠିତ ଗ୍ରାଣ୍ଡ ଫିନାଲେରେ ସିନିୟର ଚାମ୍ପିୟନ ଏମ୍ସ ଭୁବନେଶ୍ୱର ପ୍ରତିଯୋଗୀଙ୍କୁ ଓଏମ୍‌ସି ସିଏସ୍ଆର୍ କନ୍‌ସଲଟାଣ୍ଟ ରାଧେଶ୍ୟାମ ଭୋଳ ଏବଂ ଜୁନିୟର ଚାମ୍ପିୟନ ସିଡିଏସ୍ଥିତ ଡିଏଭି ସ୍କୁଲର ପ୍ରତିଯୋଗୀଙ୍କୁ ନାଲ୍‌କୋ ଜେନେରାଲ ମ୍ୟାନେଜର ଆଶୁତୋଷ ରଥ ଓ ଆଦିତ୍ୟ ବିର୍ଲାର ଏଭିପି ଡ.ବିଭୁଦତ୍ତ ମହାପାତ୍ର ୧ଲକ୍ଷ ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରୁଛନ୍ତି । ନିକଟରେ ଅଛନ୍ତି ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ କୁଇଜ୍ ମାଷ୍ଟର ଅଜୟ ପୁନିଆ। (ଫଟୋ-ବିକାଶ ନାୟକ)

# ଡିଏଭି ସିଡିଏ, ଏମ୍ସ ଭୁବନେଶ୍ୱର ଚାମ୍ପିୟନ

## ଓଡ଼ିଶା ପୋଷ୍ଟ ‘ମେଟଲ ମିଟ୍-୨୦୨୩’

ଭୁବନେଶ୍ୱର, ୬।୮
(ଅସମାପିକା ସାହୁ/ଶର୍ମିଷ୍ଠା ପାଣିଗ୍ରାହୀ

ତିନିବର୍ଷ ପରେ ଦୈନିକ ଇଂଲିଶ ଖବରକାଗଜ ‘ଓଡ଼ିଶା ପୋଷ୍ଟ’ ପକ୍ଷରୁ ଆୟୋଜିତ କୁଇଜ୍‌ର ମହାକୁମ୍ଭ ‘ମେଟଲ ମିଟ୍-୨୦୨୩’ର ଗ୍ରାଣ୍ଡ୍ ଫିନାଲେ ରବିବାର ସ୍ୱସ୍ତି ପ୍ରିମିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ୨୦୧୬ରୁ ଆରମ୍ଭ ହୋଇଥିବା ଏହି ରାଜ୍ୟସ୍ତରୀୟ ମେଗା କୁଇଜ ପ୍ରତିଯୋଗିତାର ଏବର୍ଷ ଥିଲା ପଞ୍ଚମ ସଂସ୍କରଣ। ଚଳିତଥର ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ଜୁନିୟର ବର୍ଗରେ କଟକ ସିଡିଏସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଏବଂ ସିନିୟର ବର୍ଗରେ ଭୁବନେଶ୍ୱର ଏମ୍ସ ଚାମ୍ପିୟନ ହୋଇଛନ୍ତି।

ଦୁଇଦିନିଆ ମେଟଲ ମିଟ୍‌ରେ ପ୍ରଥମ ଦିବସରେ ରାଜ୍ୟର ବିଭିନ୍ନ ଜିଲାରୁ ମୋଟ ୬୯ଟି ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ଜୁନିୟର ବର୍ଗରେ ୪୧ଟି ଅନୁଷ୍ଠାନ ଓ ସିନିୟର ବର୍ଗରେ ୨୮ ରହିଥିଲେ। ତେବେ ରବିବାର ୧୬ଟି ଟିମ୍‌ର ୬୪ ପ୍ରତିଯୋଗୀଙ୍କୁ ନେଇ ଗ୍ରାଣ୍ଡ୍ ଫିନାଲେ ଅନୁଷ୍ଠିତ ହୋଇଥିଲା। ଜୁନିୟର ବର୍ଗରେ ଡିଏଭି ସିଡିଏ ୬୬ ମାର୍କ ରଖି ଶୀର୍ଷରେ ରହିଥିବା ବେଳେ ତାକୁ କଡ଼ା ଟକ୍କର ଦେଇଥିଲା ଭୁବନେଶ୍ୱର ଲୟୋଲା ସ୍କୁଲ। ୬୩ ମାର୍କ ସହ ଲୟୋଲା ସ୍କୁଲ ପ୍ରଥମ ରନର୍ସ ଅପ୍ ହୋଇଥିଲା। ତୃତୀୟ ସ୍ଥାନରେ ୫୯ ମାର୍କ ରଖି ପୁରୀର ବ୍ଲେସ୍ଡ ସାକ୍ରାମେଣ୍ଟ ହାଇସ୍କୁଲ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲା। ସେହିଭଳି ସିନିୟର ବର୍ଗରେ ଭୁବନେଶ୍ୱର ଏମ୍ସ ପ୍ରଥମ ରାଉଣ୍ଡରୁ ଭଲ ପ୍ରଦର୍ଶନ କରି ଶୀର୍ଷରେ ରହିଥିଲା। ଯଦିଓ ଚତୁର୍ଥ ରାଉଣ୍ଡ ଟିମ୍‌କୁ ହତୋତ୍ସାହିତ କରିଥିଲା, କିନ୍ତୁ ପଞ୍ଚମ ତଥା ଚୂଡ଼ାନ୍ତ ପର୍ଯ୍ୟାୟର ଶେଷ ପ୍ରଶ୍ନ ତାଙ୍କୁ ବିଜେତା କରିଦେଇଥିଲା। ୬୭ମାର୍କ ସହ ଏମ୍ସ ସିନିୟର ବର୍ଗ ଚାମ୍ପିୟନ ଟାଇଟଲ ହାସଲ କରିଥିଲା। ମାତ୍ର ଦୁଇ ମାର୍କ ପଛରେ ରହିଥିଲା ବୁର୍ଲା ଭିମ୍‌ସାର। ୬୫ ମାର୍କ ରଖି ଭିମ୍‌ସାର ପ୍ରଥମ ରନର୍ସ ଅପ୍ ହୋଇଥିବା ବେଳେ ୩୮ ମାର୍କ ସ୍କୋର କରି ଆଇଆଇଟି ଭୁବନେଶ୍ୱର ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲା। ଉଭୟ ଟିମ୍‌ର ଚାମ୍ପିୟନଙ୍କୁ ପୁରସ୍କାର ବାବଦରେ ୧ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଅନୁରୂପ ଭାବେ ପ୍ରଥମ ରନର୍ସ ଅପ୍‌ଙ୍କୁ ୫୦ହଜାର ଏବଂ ଦ୍ୱିତୀୟ ରନର୍ସ ଅପ୍‌ଙ୍କୁ ୨୫ହଜାର ଟଙ୍କାର ଚେକ୍ ଦିଆଯାଇଥିଲା।

ମେଟଲ ମିଟ୍-୨୦୨୩କୁ କୁଇଜମାଷ୍ଟର ଅଜୟ ପୁନିଆ ପରିଚାଳନା କରିଥିଲେ। ପୁନିଆଙ୍କ ଆଞ୍ଚଳିକ, ଜାତୀୟ, ଅନ୍ତର୍ଜାତୀୟ ସ୍ତରର କୁଇଜ ମଧ୍ୟରେ ବିଜ୍ଞାନ, ସିନେମା, କ୍ରୀଡ଼ା, ସଂସ୍କୃତି, ଭୌଗୋଳିକ ସ୍ଥିତି, ପ୍ରାଣୀଜଗତ ଉପରେ ଆଧାରିତ ଟ୍ରିକି ପ୍ରଶ୍ନର ଉତ୍ତର ଦେବାବେଳେ ପ୍ରତିଯୋଗୀମାନେ ଉତ୍ସାହିତ ଥିବା ଦେଖାଯାଇଥିଲା। ତେବେ କିଛି ପ୍ରଶ୍ନ ସବୁ ଟିମ୍‌କୁ କୌଣସି ନା କୌଣସି ରାଉଣ୍ଡରେ ବ୍ୟସ୍ତ ଓ ଗଭୀର ଚିନ୍ତାରେ ପକାଇ ଦେଉଥିଲା। ଗ୍ରାଣ୍ଡ୍ ଫିନାଲେର ପ୍ରତି ରାଉଣ୍ଡ୍ ଶେଷରେ ଦର୍ଶକଙ୍କ ଉଦ୍ଦେଶ୍ୟରେ କିଛି ପ୍ରଶ୍ନ ରହିଥିଲା। ଏସବୁର ଉତ୍ତର ଦେଉଥିବା ପିଲାଙ୍କଠାରୁ ବୟସ୍କଙ୍କୁ ଉପହାରସ୍ୱରୂପ ଦିଆଯାଉଥିବା ପୁରସ୍କାର ସେମାନଙ୍କୁ ଉତ୍ସାହିତ କରୁଥିଲା।

ଏହି କାର୍ଯ୍ୟକ୍ରମ ଆରମ୍ଭରେ ‘ଓଡ଼ିଶା ପୋଷ୍ଟ’ ଏବଂ ‘ଧରିତ୍ରୀ’ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ପ୍ରତିଯୋଗୀଙ୍କୁ ସ୍ୱାଗତ କରି ତିନିବର୍ଷ ପରେ ମେଟଲ ମିଟ୍ ଫେରିଥିବାରୁ କୁଇଜିଂ ପିଲାଙ୍କ ମଧ୍ୟରେ ଉତ୍ସାହ ଭରିଦେଇଥିବା କହିଥିଲେ। ‘ଓଡ଼ିଶା ପୋଷ୍ଟ’ ଏବଂ ‘ଧରିତ୍ରୀ’ର ସମ୍ପାଦକ ତଥାଗତ ସତପଥୀ କହିଥିଲେ, ମେଟଲ ମିଟ୍ କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ପରସ୍ପର ସହ ମସ୍ତିଷ୍କଗୁଡ଼ିକର ମିଳନ। ଏଠାରେ କେହି କିଛି ହରାଉନାହାନ୍ତି, ସମସ୍ତେ ବିଜୟୀ ବୋଲି ତଥାଗତ କହିଛନ୍ତି। ଉପସ୍ଥାପିକା ଶୋଭନା ମିଶ୍ର ସଂଯୋଜନା କରିଥିଲେ। ଜୁନିୟର ଓ ସିନିୟର ବର୍ଗ ମଧ୍ୟରେ ହୋଇଥିବା ପ୍ରତିଯୋଗିତା ମଝିରେ ଦର୍ଶକଙ୍କୁ ମନୋରଞ୍ଜନ ଦେଇଥିଲେ ବିଟ୍‌ବକ୍ସର ଆୟୁଷ ସ୍ୱାଇଁ।

ଏହି କାର୍ଯ୍ୟକ୍ରମର ପ୍ରାୟୋଜକ ଥିଲେ ଓଏମ୍‌ସି, ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍, ନାଲ୍‌କୋ, ଜିନ୍ଦଲ ଷ୍ଟିଲ ଆଣ୍ଡ୍ ପାୱାର୍, ଏମ୍‌ସିଏଲ୍, ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍, ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ ଇଣ୍ଡିଆ, ବେଦାନ୍ତ, ରୁଚି ଫ୍ରୋଜିଟି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଆଦିତ୍ୟ ବିର୍ଲା, ବାଜିରାଓ ଆଇଏଏସ୍ ଏକାଡେମୀ, ଏସ୍‌ବିଆଇ, ଆପ୍ଟି ପ୍ଲସ। ସେହିଭଳି କାର୍ଯ୍ୟକ୍ରମର ପାର୍ଟନର୍ସ ଭାବେ ଓମ୍‌ଫେଡ୍, ଧରିତ୍ରୀ, ଟିମ୍ ଏବଂ ୱିଫି ଇଣ୍ଟରନେଟ୍ ରହିଥିଲେ।

# ମଣିପୁର ସରକାରରୁ ଓହରିଲେ ୨ କୁକି ବିଧାୟକ

## ଜାତିଆଣ ହିଂସାରୁ ଅଚଳାବସ୍ଥା

- ଭୟରେ ଇମ୍ଫାଲ ଆସୁନାହାନ୍ତି କୁକି ବିଧାୟକ
- ବିଧାନସଭା ଅଧିବେଶନରେ ଯୋଗଦେଇ ନ ପାରନ୍ତି

ଇମ୍ଫାଲ,୬।୮

ଭାଜପା ଶାସିତ ମଣିପୁରରେ ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଲାଗିରହିଥିବା ଜାତିଆଣ ଓ ଯୌନ ହିଂସା ଯୋଗୁ ଅଚଳାବସ୍ଥା ଦୂର ହେଉନାହିଁ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଉଦାସୀନତା ଓ ସ୍ଥାଣୁତାକୁ ଦାୟୀ କରାଯାଉଛି। ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ସହଯୋଗୀ କୁକି ପିପୁଲ୍ସ ଆଲାଏନ୍ସ (କେପିଏ)ର ୨ ଜଣ ବିଧାୟକ ରବିବାର ବୀରେନ୍ ସିଂ ସରକାରଙ୍କଠାରୁ ସମର୍ଥନ ପ୍ରତ୍ୟାହାର କରିଛନ୍ତି। ଦୁଇ ବିଧାୟକ ହେଲେ କିମ୍‌ନେଓ ହଙ୍ଗସିଂ(ସାଇକୁଲ) ଏବଂ ଚିନ୍‌ଲୁନ୍‌ଥାଙ୍ଗ୍(ସିଙ୍ଗତ)। ମଣିପୁରର ସାମ୍ପ୍ରତିକ ସ୍ଥିତିକୁ ନେଇ ଉପଯୁକ୍ତ ବିଚାରବିମର୍ଶ ପରେ ଉଭୟେ ସରକାରରୁ ଓହରିଯାଇଥିବା ବିଷୟ ରାଜ୍ୟପାଳ ଅନୁସୂୟା ଉଇକେଙ୍କୁ ପ୍ରଦାନ କରିଥିବା ଏକ ପତ୍ରରେ ଉଲ୍ଲେଖ କରିଛନ୍ତି।

୬୦ ଆସନ ବିଶିଷ୍ଟ ମଣିପୁର ବିଧାନସଭାରେ ଭାଜପାର ସର୍ବାଧିକ ୩୨ ବିଧାୟକ ଅଛନ୍ତି। ଏହାବାଦ୍ ନାଗା ପିପୁଲ୍ସ ଫ୍ରଣ୍ଟ (ଏନ୍‌ପିଏଫ୍)ର ୫ ଏବଂ ଅନ୍ୟ ୩ ସ୍ୱାଧୀନ ବିଧାୟକ ମଧ୍ୟ ରାଜ୍ୟ ସରକାରଙ୍କୁ ସମର୍ଥନ ଦେଉଛନ୍ତି। ତେଣୁ କେପିଏରେ ଥିବା ମୋଟ ୨ ବିଧାୟକଙ୍କ ଇସ୍ତଫା ଯୋଗୁ ବୀରେନ୍ ସିଂ ସରକାର ଉପରେ ବିପଦ ସୃଷ୍ଟି ହୋଇନାହିଁ। କିନ୍ତୁ ଏହି ପ୍ରତିବାଦର ରାଜନୈତିକ ସଙ୍କେତ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ ବୋଲି ବିଶ୍ଳେଷକମାନେ ମତ ଦେଉଛନ୍ତି। ଅନ୍ୟପକ୍ଷେ ବିଧାନସଭା ଅଧିବେଶନ ଆସନ୍ତା ୨୧ରୁ ଆରମ୍ଭ ହେବାକୁ ଯାଉଥିବାବେଳେ ହିଂସା ଜାରି ରହିଥିବାରୁ ଦଳମତ ନିର୍ବିଶେଷରେ ଅଧିକାଂଶ କୁକି ବିଧାୟକ ଏଥିରେ ଯୋଗଦେଇ ନ ପାରନ୍ତି। କୁକିମାନେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶାସନ ☞ପୃଷ୍ଠା-୨

# ଫିରିଙ୍ଗିଆ ଥାନା ପୋଡ଼ି ଘଟଣା, ୧୯ ଗିରଫ

ଫୁଲବାଣୀ (ରାକେଶ କୁମାର ରାଉତ)/ ଫିରିଙ୍ଗିଆ(ବିକ୍ରମ ଦିଗାଲ),୬।୮

**ବଦଳିଲେ ଥାନାଧିକାରୀ, ୨ ବହିଷ୍କୃତ**

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ପୋଲିସ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଥିବା ଅଭିଯୋଗ କରି ଉତ୍ତ୍ୟକ୍ତ ଲୋକେ ଶନିବାର ଲଙ୍କାକାଣ୍ଡ କରିଥିଲେ। ସେମାନେ ଥାନାରେ ନିଆଁ ଲଗାଇ ଦେବା ସହ ପୋଲିସକୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ରବିବାର ସୁଦ୍ଧା ୧୯ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୫ ଜଣଙ୍କୁ ଅଟକ ରଖାଯାଇଛି। ଘଟଣାରେ ସମ୍ପୃକ୍ତ ଆଉ ୪୦ ଜଣଙ୍କୁ ଚିହ୍ନଟ କରାଯାଇଛି। ଅନ୍ୟପକ୍ଷରେ ଗଞ୍ଜେଇ ଚାଲାଣ କରୁଥିବା ନେଇ ଅଭିଯୋଗ ଆସିଥିବା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଜିଦ୍‌ରୁ ଧ୍ୱଂସ**

# ମା’ଙ୍କ ଉତ୍ତମ ଖାଦ୍ୟ ନାତିନାତୁଣୀଙ୍କ ମସ୍ତିଷ୍କକୁ ସୁସ୍ଥ ରଖେ



ନୂଆଦିଲ୍ଲୀ,୬।୮(ପି.ଟି.)

ଜଣେ ମହିଳା ଗର୍ଭଧାରଣର ପ୍ରଥମ ଭାଗରେ ଯଦି ସେଓ ଏବଂ ଗୁଳ୍ମଜାତୀୟ ଖାଦ୍ୟ ଖାଇଥାନ୍ତି, ତେବେ ତାଙ୍କ ପିଲା ଏବଂ ନାତିନାତୁଣୀଙ୍କ ମସ୍ତିଷ୍କ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିପାରିବ। ମେଲବୋର୍ନର ମୋନାଶ ୟୁନିଭର୍ସିଟିରେ ଜେନେଟିକ୍ ମଡେଲ୍ ବ୍ୟବହାରରେ କରାଯାଇଥିବା ଅଧ୍ୟୟନରୁ ଏହା ଜଣାପଡ଼ିଛି। ମା’ଙ୍କ ଖାଦ୍ୟ କେବଳ ତାଙ୍କ ପିଲାମାନଙ୍କ ମସ୍ତିଷ୍କ ଉପରେ ପ୍ରଭାବ ପକାଏ ନାହିଁ, ବରଂ ତାଙ୍କ ନାତିନାତୁଣୀଙ୍କ ମସ୍ତିଷ୍କକୁ ମଧ୍ୟ ପ୍ରଭାବିତ କରିଥାଏ। କେତେକ

**ଜେନେଟିକ୍ ମଡେଲ୍ ଅଧ୍ୟୟନ**

ନିର୍ଦ୍ଦିଷ୍ଟ ଖାଦ୍ୟ ମସ୍ତିଷ୍କର କାର୍ଯ୍ୟ ହ୍ରାସକୁ ରୋକିବାରେ ସହାୟକ ହୋଇପାରେ ବୋଲି ନେଚର ସେଲ୍ ବାୟୋଲୋଜିରେ ପ୍ରକାଶିତ ଉକ୍ତ ରିପୋର୍ଟରେ କୁହାଯାଇଛି। ରାଉଣ୍ଡୱର୍ମକୁ ଜେନେଟିକ୍ ମଡେଲ ଭାବେ ନେଇ ଏହି ଅଧ୍ୟୟନ କରାଯାଇଥିଲା। କାରଣ ରାଉଣ୍ଡୱର୍ମର ଅନେକ ଜିନ୍ ମାନବ ଶରୀରରେ ଦେଖାଦେଇଥାଏ। ☞ପୃଷ୍ଠା-୨

# ୨୪ ଜିଲାରେ ୬.୨୪ ଲକ୍ଷ ଲୋକ ପ୍ରଭାବିତ

## ବର୍ଷା-ବନ୍ୟା ବିପ୍ଳାତ

- ୨,୮୯୩ ଘର ନଷ୍ଟ, ୨ ମୃତ
- ପ୍ରମୁଖ ନଦୀରେ ବନ୍ୟାଜଳ ହ୍ରାସ ପାଉଛି

ଭୁବନେଶ୍ୱର,୬।୮(ଅନିଲ ଦାସ)

ଲଗାଣ ବର୍ଷା ଓ ବନ୍ୟା ଯୋଗୁ ରାଜ୍ୟର ବିଭିନ୍ନ ଜିଲାରେ ଅନେକ କ୍ଷୟକ୍ଷତି ହୋଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି)ଙ୍କ ପ୍ରାଥମିକ ଆକଳନ ଅନୁଯାୟୀ, ରାଜ୍ୟର ୨୪ ଜିଲା ଅନ୍ତର୍ଗତ ୨୫୩ ବ୍ଲକ ଅଧୀନ ୧୧,୯୭୩ ଗାଁ ଓ ୨୬ଟି ପୌରାଞ୍ଚଳ ଅନ୍ତର୍ଗତ ୧୦୧ଟି ୱାର୍ଡର ମୋଟ ୬ ଲକ୍ଷ ୨୪ ହଜାର ୫୬୭ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ମୋଟ ୫୩,୪୮୫ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଚଳିତ ବନ୍ୟାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ବର୍ଷା ଓ ବନ୍ୟା ଯୋଗୁ ୨,୮୯୩ କଚ୍ଚାଘର ଭାଙ୍ଗି ଯାଇଛି। ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ୧୬ ଜିଲାରେ ୧୩ ଓଡ୍ରାଫ୍, ୮ଟି ଏନ୍‌ଡିଆରଏଫ୍ ଓ ୮୫ ଅଗ୍ନିଶମ ବାହିନୀ ଟିମ୍ ମୁତୟନ କରିଛନ୍ତି। ବିଭିନ୍ନ ନଦୀରେ ସୃଷ୍ଟି ହୋଇଥିବା ଘାଇକୁ ମରାମତି ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯାଉଛି।

ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ବର୍ଷା ହ୍ରାସ ପାଇଛି। ରାଜ୍ୟରେ ହାରାହାରି ୪.୪ ମିମି. ବର୍ଷା ରେକର୍ଡ କରାଯାଇଛି। ମହାନଦୀ, ବୁଢ଼ାବଳଙ୍ଗ ନଦୀକୁ ଛାଡ଼ି ଅନ୍ୟ ସମସ୍ତ ନଦୀର ଜଳ ପତ୍ତନ ହ୍ରାସ ପାଇବାରେ ଲାଗିଛି। ବର୍ଷା କମିଥିବାରୁ ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୯୫ ଫୁଟ୍ ଥିବାବେଳେ ଜଳଭଣ୍ଡାର ଭିତରକୁ ୩ ଲକ୍ଷ ୪୧ ହଜାର ୫୦୫ କ୍ୟୁସେକ ଜଳ ପ୍ରବେଶ କରୁଛି। ୨୦ଟି ଗେଟ୍ ଦେଇ ସମପରିମାଣ ଜଳ ନିଷ୍କାସିତ ହେଉଛି। କଟକର ନରାଜଠାରେ ମହାନଦୀର ଜଳସ୍ତର ୨୪.୩୮ ଫୁଟ୍ ରହିଛି। ସେଠାରେ ବିପଦସଙ୍କେତ ସ୍ତର ୨୬.୪୧ଫୁଟ୍ ରହିଛି। ଗେଟ ଖୋଲା ରହିଥିବାରୁ ଜଳ ସ୍ତର ବୃଦ୍ଧି ପାଉଛି।

ଉପରମୁଣ୍ଡରେ ବର୍ଷା ନ ଥିବାରୁ ହୀରାକୁଦର ଜଳସ୍ତର କମିବାରେ ଲାଗିଛି। ହୀରାକୁଦ ଯୋଗୁ ବନ୍ୟାର କୌଣସି ଆଶଙ୍କା ନାହିଁ। ସୋମବାର ସୁଦ୍ଧା ସ୍ଥିତି ଆହୁରି ସ୍ୱାଭାବିକ ହୋଇଯିବ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ହୀରାକୁଦ ଭିତରକୁ ଅଧିକ ପାଣି ଆସୁ ନ ଥିବାରୁ ଆଉ ଗେଟ ଖୋଲାଯିବାର କୌଣସି ଯୋଜନା ନଥିବା ବିଭାଗ ପକ୍ଷରୁ କୁହାଯାଇଛି। ସେପଟେ ଲଗାଣ ବର୍ଷା ଯୋଗୁ ରାଜ୍ୟର ୧୦ଟି ଜିଲା ବରଗଡ଼, ବଲାଙ୍ଗିର, ଢେଙ୍କାନାଳ, ଗଞ୍ଜାମ, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମୟୂରଭଞ୍ଜ ଓ ନବରଙ୍ଗପୁର ଜିଲାର ମୋଟ ୭୯ଟି ବ୍ଲକ ଅଧୀନ ୨୬୯ଟି ପଞ୍ଚାୟତର ୪୭୩ଟି ଗାଁ ଏବଂ ୧୪ଟି ପୌରାଞ୍ଚଳର ୫୬ଟି ୱାର୍ଡ ପ୍ରଭାବିତ ହୋଇଛି। ପ୍ରାୟ ୨୮୦୪ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ବର୍ଷା ବିପ୍ଳାତରେ ଏସବୁ ଜିଲାର ମୋଟ ୮୯୦ ଘର ନଷ୍ଟ ହେବା ସହ ୧୧,୭୩୦ ଜଣ କ୍ଷତିଗ୍ରସ୍ତ ହୋଇଛନ୍ତି।

ସେହିପରି ବର୍ଷା ଓ ବନ୍ୟା ଯୋଗୁ ଅନୁଗୋଳ, ବୌଦ୍ଧ, କେନ୍ଦୁଝର, ସମ୍ବଲପୁର, ସୋନପୁର, ବାଲେଶ୍ୱର, ଯାଜପୁର, ଭଦ୍ରକ, ନୟାଗଡ଼, କଟକ, କେନ୍ଦ୍ରାପଡ଼ା, ପୁରୀ, ଜଗତ୍‌ସିଂହପୁର ଏବଂ ଖୋର୍ଦ୍ଧା ଜିଲାର ☞ପୃଷ୍ଠା-୨

# ବନ୍ୟାପାଣିରେ ବୁଡ଼ି ଯୁବକ ମୃତ

ହାଟଡ଼ିହୀ,୬।୮(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଚୋରଗଡ଼ିଆ ଗ୍ରାମରେ ବନ୍ୟାପାଣିରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଶଙ୍କର୍ଷଣ ସାହୁଙ୍କ ପୁଅ ଉପେନ୍ଦ୍ର (୪୦)। ଶନିବାର ରାତିରେ ସେ ଗାଁ ନିକଟସ୍ଥ ନାଳକୁ ଶୌଚ ହେବାକୁ ଯାଇଥିଲା ବେଳେ ପାଣିରେ ଭାସି ଯାଇଥିଲେ। ବିଳମ୍ବ ହେବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। ପରେ ନାଳରେ ଭାସୁଥିବା ଦେଖି ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନନ୍ଦିପଦା ପୋଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୬/୨୩)ରେ ରୁଜୁ ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖର ବଳଦ ମଇକି,**
**ପଖାଳ ଭାତ ଦହିକି,**
**ଖଣ୍ଡ ନଡ଼ିଆ ଖଇକି,**
**କାନକୋଳି କଣ୍ଟା ପହିକି।**

ସାଧାରଣତଃ ଖର ବଳଦ ଭଲ ମଇ ଟାଣେ ବୋଲି ଜଣାଯାଇଥାଏ। ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ଯେମିତି ପଖାଳ ଭାତକୁ ଦହି ଖୁବ୍ ସୁଆଦିଆ ଲାଗେ ଠିକ୍ ସେମିତି ଖଣ୍ଡ ନଡ଼ିଆ ସହ ଖଇ ଓ ମୁଢ଼ି ଖାଇବାକୁ ଖୁବ୍ ଭଲ ଲାଗେ। ସେହିପରି ପହିକି କାନକୋଳି କଣ୍ଟା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖାଲି ମୁକୁଳା ଫେରଫାର୍;**
**ଦୋହରି ପଇସା ଅଣ୍ଟାରେ ମାର।**

ଚାକ ଚିକ୍କଣ, ବାହାରକୁ ବଡ଼ ଲୋକର ଆଡା। ଠାଣି ମାଣି। ଉପୁରି ପଇସା ଅଣ୍ଟାରେ ଖୋସି ବଡ଼ଲୋକି ଦେଖେଇବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନିଲମ୍ବିତ ସିଭିଲ୍ ସପ୍ଲାଇ ଇନ୍ସପେକ୍ଟରଙ୍କ ସମେତ ୨ ଗିରଫ

**ଭୁବନେଶ୍ୱର,୬।୮(ସତ୍ୟଜିତ୍ ରାଉତ)**

ଜାଲ୍ ଦସ୍ତାବିଜ୍ ଜରିଆରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଫୁଲବାଣୀ ଶାଖାରୁ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଧିକ ତଦନ୍ତ ଜାରି ରଖିଛି। ଏହି ମାମଲାରେ ଇଓଡବ୍ଲ୍ୟୁ ଆଉ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭୁବନେଶ୍ୱର ନୟାପଲ୍ଲୀରେ ରହୁଥିବା ନିଲମ୍ବିତ ସିଭିଲ୍ ସପ୍ଲାଇ ଇନ୍ସପେକ୍ଟର ସମରେଶ ରଞ୍ଜନ ଦାସ ଓ ବାଲିଅନ୍ତା ଥାନା ଅନ୍ତର୍ଗତ ନହରକଣ୍ଟାସ୍ଥିତ ସ୍ମୃତି ମଲ୍ଟିପର୍ପୋଜ୍ କୋ-ଅପ୍‌ରେଟିଭ୍ ସୋସିଇଟି ଲିଃର ସେକ୍ରେଟାରି ହେମନ୍ତ ପଣ୍ଡା। ଅଭିଯୁକ୍ତଦ୍ୱୟଙ୍କୁ ରବିବାର ଫୁଲବାଣୀ ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଗତ ଏପ୍ରିଲରେ ଫୁଲବାଣୀ ଏସ୍‌ବିଆଇ ଶାଖାର ପୂର୍ବତନ ଡେପୁଟି ମ୍ୟାନେଜର ତଥା ଫିଲ୍ଡ ଅଫିସର ଆଶୁତୋଷ ଆଚାର୍ଯ୍ୟ ଗିରଫ ହୋଇ ଜେଲରେ ଅଛନ୍ତି। ତେବେ ଏହି ଠକେଇରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଇଓଡବ୍ଲ୍ୟୁ ଧରିବାକୁ ପ୍ରୟାସ ଚଳାଇଛି। ସୂଚନା ଅନୁଯାୟୀ, ଆଶୁତୋଷ ଅନ୍ୟ ଅଭିଯୁକ୍ତଙ୍କ ସହ ମିଶି ୨୦୨୧ରୁ ୨୦୨୨ ମଧ୍ୟରେ ବ୍ୟାଙ୍କ ନିୟମକୁ ଉଲ୍ଲଂଘନ କରି ଠକେଇ କରିଥିଲେ। ସେ ଜାଲ୍ ଦସ୍ତାବିଜ ଜରିଆରେ ଚାକିରି କରି ନ ଥିବା ବିଭିନ୍ନ ଲୋକଙ୍କ ନାଁରେ ୫୯ଟି ଏକ୍ସପ୍ରେସ କ୍ରେଡିଟ୍ ଲୋନ୍ କରିଥିଲେ, ଯାହାର ପରିମାଣ ୬ କୋଟି ୭୭ ଲକ୍ଷ

**ଏସ୍‌ବିଆଇରେ ୮ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଋଣ ଠକେଇ**

- **ପୂର୍ବରୁ ଗିରଫ ହୋଇଥିଲେ ଡେପୁଟି ମ୍ୟାନେଜର**
- **ଅନ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି ଇଓଡବ୍ଲ୍ୟୁ**
- **ରିଜିଓନାଲ୍ ମ୍ୟାନେଜର ଦେଇଥିଲେ ଏତଲା**

୩୦ ହଜାର ଟଙ୍କା ଥିଲା। ସେହିପରି ସେ ଜାଲ୍ କାଗଜପତ୍ର ଜରିଆରେ ବିଭିନ୍ନ ଲୋକଙ୍କ ନାଁରେ ୨୬ଟି ପେନସନ୍ ଲୋନ୍ କରିଥିଲେ। ଏହି ଋଣଗୁଡ଼ିକର ପରିମାଣ ୯୯ ଲକ୍ଷ ୮୨ ହଜାର ୭୯୫ ଟଙ୍କା ଥିଲା। ଏପରିକି ଅଭିଯୁକ୍ତ ଆଶୁତୋଷ ତାଙ୍କ ମୃତ ବାପା, ମା' ଓ ଶ୍ୱଶୁରଙ୍କ ନାଁରେ ମଧ୍ୟ ପେନ୍‌ସନ୍ ଲୋନ୍ କରିଥିଲେ। ଅଡିଟ୍‌ବେଳେ ଏହି ଠକେଇ ସଂକ୍ରାନ୍ତରେ ଜଣାପଡ଼ିବା ପରେ ଏସ୍‌ବିଆଇ ରିଜିଓନାଲ ମ୍ୟାନେଜର ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ମାର୍ଚ୍ଚ ୩ରେ ଏକ ମାମଲା (ନଂ.୧୪/୨୦୨୩) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତବେଳେ ଜଣାପଡ଼ିଛି, ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରୁ ଉକ୍ତ ଠକେଇ ଟଙ୍କାରୁ ଅଭିଯୁକ୍ତ ହେମନ୍ତ ସମ୍ପାଦକ ଥିବା ସ୍ମୃତି ମଲ୍ଟିପର୍ପୋଜ୍ ଆକାଉଣ୍ଟକୁ ଆସିଛି। ପରେ ଏଥିରୁ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସମରେଶଙ୍କ ଆକାଉଣ୍ଟକୁ ଯାଇଥିଲା। ଏଭଳି ଏକାଧିକ ଲୋକଙ୍କ ପାଖକୁ ମଧ୍ୟ ଏହି ଠକେଇ ଟଙ୍କା ଯାଇଥିବା ଇଓଡବ୍ଲ୍ୟୁ ତଦନ୍ତବେଳେ ଜାଣିବାକୁ ପାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆପଣ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି।

**ବୃଷ** — ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। କର୍ମ କ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ।

**ମିଥୁନ** — ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ। ଖଳ ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ଘର ପାଇଁ ନିଜେ ହଇରାଣରେ ପଡିପାରନ୍ତି। ଠିକାଦାରମାନେ କୌଶଳରେ କାର୍ଯ୍ୟ ହାସଲ କରିନେବେ। ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଦୂରଯାତ୍ରା କରିପାରନ୍ତି। କର୍ମହେତୁକ କ୍ଲାନ୍ତି ଅନୁଭବ କରିବେ।

**କର୍କଟ** — ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ସନ୍ତାନ ହେତୁକ ପୀଡା ଅନୁଭବ କରିବେ। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଯାନବାହନରେ ଆଘାତ ଲାଗିପାରେ। ପାରିବାରିକ ଖର୍ଚ୍ଚ ବୃଦ୍ଧିରୁ ଚିନ୍ତିତ ହେବେ।

**ସିଂହ** — କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। କର୍ମକ୍ଷେତ୍ରରେ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ମନୋବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। କର୍ମ କ୍ଷେତ୍ରରେ ସହକର୍ମୀ ଅସହଯୋଗ କରିପାରନ୍ତି।

**କନ୍ୟା** — ଦୁର୍ଭାବନା ବଢ଼ିଚାଲିବ, ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଘରେ ବନ୍ଧୁ ମିଳନ ଆମୋଦ ପ୍ରମୋଦର ସୁଅ ଛୁଟିବ। ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି ଓ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିବେ।

**ତୁଳା** — ଅପ୍ରିୟ ସତ କଥା କହି ବିରୋଧୀ ହୋଇପାରନ୍ତି। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ବୁଦ୍ଧିଜୀବୀମାନଙ୍କ ପାଇଁ ଦିନଟି ଭଲରେ କଟିବ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା କରି ସଫଳ ହେବେ। ବନ୍ଧୁ ଜଣେ କେହି ଅପେକ୍ଷା କରିବାକୁ କହି ଆସି ନ ପାରନ୍ତି। ସ୍ୱାସ୍ଥ୍ୟ ଭଲ ରହିବ।

**ବିଛା** — ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍‌ଠାକ୍ ହୋଇଯିବ। ପୁରାଣ ପଠନ ସାଙ୍ଗକୁ ଧର୍ମ କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ନୂତନ ଯୋଜନା ପାଇଁ କର୍ମତତ୍ପର ହୋଇ ଉଠିବେ।

**ଧନୁ** — ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଯୋଜନାଗୁଡ଼ିକୁ ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ସନ୍ତାନଙ୍କ ପାଠପଢ଼ାକୁ ନେଇ କିଛିମାତ୍ରାରେ ଚିନ୍ତିତ ହୋଇପାରନ୍ତି।

**ମକର** — ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଯେଉଁ କାମ ଲାଗି ଦୀର୍ଘଦିନ ଧରି ଅପେକ୍ଷା କରିଥିଲେ ଆଜି ତାହା ହୋଇପାରେ।

**କୁମ୍ଭ** — ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। କେତେକ ସାମାନ୍ୟ ଭୁଲରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ମିଳିତ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। କର୍ମକ୍ଷେତ୍ରରେ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ।

**ମୀନ** — ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବେ। ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ପଡ଼ୋଶୀ କେହି ମିଥ୍ୟା ଅଭିଯୋଗ ଆଣିପାରନ୍ତି। ଆଜି ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

ଆଜି ଶ୍ରାବଣ (ମଳ) କୃଷ୍ଣପକ୍ଷ ସପ୍ତମୀ ସୋମବାର, ଅଗଷ୍ଟ ୭ ତାରିଖ, ଜାତୀୟ ହସ୍ତତନ୍ତ ଦିବସ, ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୭ ଗତେ, ଘ.୦୭।୦୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୪୦ ଗତେ, ଘ.୦୮।୪୦ ମଧ୍ୟେ ରାହୁକାଳ।

# ଭାରତୀୟ ରେଳରେ ଯୋଡି ହେଲା ନୂଆ ଅଧ୍ୟାୟ : ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୬।୮(ଅଭିଜିତ ଦାସ)**

ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଅମୃତ ଭାରତ ଷ୍ଟେଶନ ଯୋଜନାରେ ସାମିଲ ହୋଇଥିବା ଦେଶର ୧୩୦୯ ରେଳ ଷ୍ଟେଶନ ମଧ୍ୟରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ୫୦୮ ଷ୍ଟେଶନର ରୂପାନ୍ତରଣ ହେବ। ରବିବାର ପୂର୍ବାହ୍ନ ୧୧ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସିଂରେ ଏକକାଳୀନ ସମସ୍ତ ଷ୍ଟେଶନର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ରେଳ ଇତିହାସରେ ନୂଆ ଅଧ୍ୟାୟ ଯୋଡି ହୋଇଛି। ଅମୃତକାଳ ଆରମ୍ଭରେ ଏହି ଐତିହାସିକ କାର୍ଯ୍ୟ ପାଇଁ ରେଳ ମନ୍ତ୍ରଣାଳୟକୁ ପ୍ରଶଂସା କରୁଛି ଏବଂ ସମସ୍ତ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୫୦୮ ଷ୍ଟେଶନର ପୁନର୍ବିକାଶ କରାଯିବ। ଏସବୁ ଷ୍ଟେଶନରେ ଅତ୍ୟାଧୁନିକ ବ୍ୟବସ୍ଥା ସହ ଯାତ୍ରୀଙ୍କ ଲାଗି ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯିବ। ଭାରତ କେବଳ ୯ ବର୍ଷ ମଧ୍ୟରେ ଦକ୍ଷିଣ ଆଫ୍ରିକା, ୟୁକ୍ରେନ, ସ୍ୱିଡେନ, ବ୍ରିଟେନ ଭଳି ଦେଶର ରେଳ ନେଟ୍‌ୱାର୍କ ଭଳି ଟ୍ରାକ ନିର୍ମାଣ କରିଛି। ଚଳିତ ବର୍ଷ ରେଲ୍‌ୱେକୁ ୨.୫ ଲକ୍ଷ କୋଟିରୁ ଅଧିକ ବଜେଟ ଦିଆଯାଇଛି, ଯାହାକି ୨୦୧୪ ମସିହା ତୁଳନାରେ ପାଞ୍ଚ ଗୁଣା ଅଧିକ ରହିଛି। ସେହିପରି ୧୦ ହଜାରରୁ ଊର୍ଦ୍ଧ୍ୱ ରେଳ ଓଭରବ୍ରିଜ୍ ନିର୍ମାଣ କରାଯାଇଥିବାବେଳେ ଏହି ସମୟ ମଧ୍ୟରେ ଟ୍ରେନ୍‌ରେ ବାୟୋ ଟଏଲେଟ୍ ୨୮ ଗୁଣା ବୃଦ୍ଧି ପାଇଛି। ଆଗକୁ ଅନେକ ରେଳ ଷ୍ଟେଶନରେ ମାଗଣା ଇଣ୍ଟରନେଟ ସେବା ଯୋଗାଇ ଦିଆଯିବ। ୨୦୩୦ ସୁଦ୍ଧା ଦେଶରେ ଭାରତୀୟ ରେଳ ନେଟ୍‌ୱର୍କ ବିଶ୍ୱରେ ଏକ ନମ୍ବରରେ ସ୍ଥାନ ପାଇବ।

ସେହିପରି ବିରୋଧୀଙ୍କୁ କଡା ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ। ସେ କହିଛନ୍ତି, ବିରୋଧୀଙ୍କ କାମ ହେଲା କେବଳ ବିରୋଧ କରିବା। ଭଲ କାମରେ ବି ସେମାନେ ବିରୋଧ କରନ୍ତି। ବିରୋଧୀ ନୂଆ ସଂସଦ ନିର୍ମାଣରେ ବିରୋଧ କରିଥିଲେ। ଏପରି କି ଦୀର୍ଘବର୍ଷ ଶାସନରେ ଶହୀଦଙ୍କ ଜାତୀୟ ଯୁଦ୍ଧ ସ୍ମାରକୀ ନିର୍ମାଣ କରି ନ ଥିଲେ। କିନ୍ତୁ ଭାଜପା ସରକାର ଗତ ୯ ବର୍ଷ ଧରି ବିନା ରାଜନୀତିରେ ଲୋକଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଛି ବୋଲି ମୋଦି କହିଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଲେ, ସମସ୍ତ ଷ୍ଟେଶନର ମାଷ୍ଟର ପ୍ଲାନିଂ ହୋଇସାରିଥିବାବେଳେ ପୁନର୍ବିକାଶ କାର୍ଯ୍ୟ ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି।

ଏପଟେ ଓଡ଼ିଶାରେ ମଧ୍ୟ ବିଭିନ୍ନ ରେଳ ଷ୍ଟେଶନରେ ସ୍ୱତନ୍ତ୍ର ଶିଳାନ୍ୟାସ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସମ୍ବଲପୁରର ହୀରାକୁଦ୍ ରେଳ ଷ୍ଟେଶନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ, ବିମାନବନ୍ଦର ଭଳି ଦେଶରେ ରେଳ ଷ୍ଟେଶନକୁ ଅତ୍ୟାଧୁନିକ ଷ୍ଟେଶନରେ ପରିଣତ କରିବା ପୂର୍ବରୁ କେବେ କଳ୍ପନା କରାଯାଇପାରି ନ ଥିଲା। ଏହା କେବଳ ମୋଦିଜୀ ହିଁ ଚିନ୍ତା କରିପାରନ୍ତି। ଆଜି ମୋଦି ସରକାରରେ ନୂଆ ରେଳ ଚଳାଚଳ, ରେଳ ଲାଇନ୍ ସହ ଯାତ୍ରୀ ସୁବିଧାକୁ ଗୁରୁତ୍ୱ ଦେଇ ଅତ୍ୟାଧୁନିକ ରେଳ ଷ୍ଟେଶନ କରିବାର କଳ୍ପନାକୁ ବାସ୍ତବରେ ସାକାର କରାଯାଇଛି। ସେହିପରି ପୂର୍ବତଟ ରେଳପଥ ପକ୍ଷରୁ ୩ଟି ଷ୍ଟେଶନରେ ଶିଳାନ୍ୟାସ କାର୍ଯ୍ୟକ୍ରମ ହୋଇଥିଲା। ଖୋର୍ଦ୍ଧା ଷ୍ଟେଶନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସମେତ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇଥିଲେ। ସେହିପରି ଲିଙ୍ଗରାଜ ଷ୍ଟେଶନରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମାଙ୍କ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ।

ସୂଚନଯୋଗ୍ୟ, ୫୦୮ ଷ୍ଟେଶନର ପୁନର୍ବିକାଶ ପାଇଁ ବିଭାଗ ପକ୍ଷରୁ ୨୫ ହଜାର କୋଟି ବ୍ୟୟ ଅଟକଳ ରଖାଯାଇଛି। ତେବେ ଅମୃତ ଭାରତ ଷ୍ଟେଶନ ଯୋଜନାରେ ସାମିଲ ହୋଇଥିବା ପୂର୍ବତଟ ରେଳପଥର ୫୭ ରେଳ ଷ୍ଟେଶନ ମଧ୍ୟରୁ ଏବେ ଓଡ଼ିଶାର ୨୫ ଷ୍ଟେଶନର ନବୀକରଣ କରାଯିବ। ଏଥିପାଇଁ ମୋଟ ୫୩୧.୮କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପାରମ୍ଭିକ ପର୍ଯ୍ୟାୟରେ ଓଡ଼ିଶାର ୨୫ଟି ଷ୍ଟେଶନ ମଧ୍ୟରେ ସାକ୍ଷୀଗୋପାଳ, ମଞ୍ଚେଶ୍ୱର, ଢେଙ୍କାନାଳ, ଛତ୍ରପୁର, ଅନୁଗୋଳ, ମେରାମଣ୍ଡଳି , ବାଲୁଗାଁ, ଲିଙ୍ଗରାଜ ଷ୍ଟେଶନ ରୋଡ୍, ତାଳଚେର ରୋଡ୍, ଖୋର୍ଦ୍ଧା ରୋଡ୍, କଣ୍ଟାବାଞ୍ଜି, ବରଗଡ ରୋଡ୍, ହୀରାକୁଦ, ରେଢାଖୋଲ, ବରପାଲି , ମୁନିଗୁଡା , ବଲାଙ୍ଗୀର , ହରିଶଙ୍କର ରୋଡ୍, ଭବାନୀପାଟଣା, ଖରିଆର୍ ରୋଡ୍ , ଦାମନଯୋଡି, ବଡବିଲ , ରାଜଗାଙ୍ଗପୁର , ବାରିପଦା ଓ ଜଳେଶ୍ୱର ଷ୍ଟେଶନକୁ ରଖାଯାଇଛି।












**୫୦୮ ଷ୍ଟେଶନ ରୂପାନ୍ତରଣ ପାଇଁ ଶିଳାନ୍ୟାସ**

- **ଓଡ଼ିଶାର ୨୫ ଷ୍ଟେଶନର ପୁନର୍ବିକାଶ ହେବ**
- **୨୦୩୦ ସୁଦ୍ଧା ବିଶ୍ୱର ଏକ ନମ୍ବର ସ୍ଥାନରେ ରହିବ ଭାରତର ରେଳ ନେଟ୍‌ୱର୍କ**
- **୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ପୁନଃବିକାଶ କାମ ସରିବ:ଅଶ୍ୱିନୀ ବୈଷ୍ଣବ**
- **ବିରୋଧୀଙ୍କୁ ଟାର୍ଗେଟ କଲେ ମୋଦି**

## ପ୍ରଥମ ପୃଷ୍ଠାରୁ...

### ୨୪ ଜିଲାରେ ୬.୨୪ ...

ମୋଟ ୭୪ଟି ବ୍ଲକ ଅଧୀନ ୪୪୯ଟି ପଞ୍ଚାୟତର ୧୫୦୦ ଗାଁ ଏବଂ ୧୨ଟି ପୌରାଞ୍ଚଳ ଅନ୍ତର୍ଗତ ୪୫ଟି ୱାର୍ଡର ମୋଟ ୬ ଲକ୍ଷ ୧୨ ହଜାର ୮୩୭ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ଏସବୁ ଜିଲାର ୫୦,୬୮୧ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ଓ ୨୩୫ଟି ରନ୍ଧାଖାଦ୍ୟ କେନ୍ଦ୍ର ଖୋଲାଯାଇଛି। ବର୍ଷା ଓ ବନ୍ୟା ଯୋଗୁ ଏହି ୧୪ଟି ଜିଲାରେ ମୋଟ ୨୦୦୩ ଘର ନଷ୍ଟ ହୋଇଛି। ଚଳିତବର୍ଷ ବନ୍ୟାରେ ପ୍ରଥମ ମୃତ୍ୟୁ ଘଟଣାରେ କେନ୍ଦୁଝର ଜିଲାରେ ଜଣେ ଓ ଯାଜପୁର ଜିଲାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ କୁହାଯାଇଛି।

### ଫିରିଙ୍ଗିଆ ଥାନା ...

ଫିରିଙ୍ଗିଆ ଥାନାଧିକାରୀ ତପନ କୁମାର ନାହାକଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ନୂତନ ଥାନାଧିକାରୀ ଭାବେ ରମେଶ କୁମାର ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଗଞ୍ଜାମ ଜିଲା ସୋରଡ଼ା ଥାନାରେ କାର୍ଯ୍ୟରତ ଥିଲେ। ସେହିପରି ୨ଜଣ ହୋମଗାର୍ଡଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ଥାନା ଅଞ୍ଚଳରେ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି। ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ଜଣେ ଅତିରିକ୍ତ ଏସ୍‌ପି, ଡିଏସ୍‌ପି, ବିଭିନ୍ନ ଥାନା ଅଧିକାରୀ, ୧୦ ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛନ୍ତି। ଡିଏସ୍‌ପି କମଳ କୁମାର ପଣ୍ଡା ଏହି ଘଟଣାର ତଦନ୍ତ କରୁଛନ୍ତି। ଥାନା ପୋଡି ଘଟଣାରେ ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ସନ୍ତୋଷ ବିଷୋୟୀ, ଡଙ୍ଗରା କହଁର, କେଶବ କହଁର, ବିଘ୍ନେଶ୍ୱର କହଁର, ଉଦ୍ଧବ କହଁର, ଜଗନ୍ନାଥ କହଁର, କାଳିଆ କହଁର, ଶୁକଦେବ କହଁର, ଲବ କହଁର, ମାଧବ କହଁର, ଗୁଣ୍ଡନ କହଁର, ଗୁପ୍ତେଶ୍ୱର କହଁର, ଅନନ୍ତ କହଁର, ସୁରେଶ ନାୟକ, ରାଜେଶ ନାୟକ, ଅରକ୍ଷିତ କହଁର, ସୟ ରଣା, ସନ୍ୟାସୀ କହଁର ଓ ଗୋବିନ୍ଦ ବେହେରା। ୧୫ ଜଣଙ୍କୁ ଅଟକ ରଖି ପଚରାଉଚରା ଚାଲିଛି। ଏସ୍‌ପି କହିଛନ୍ତି, ଘଟଣା ଉପରେ ନଜର ରଖାଯାଇଛି। ଥାନା କିପରି ଚାଲିବ ତାହା ଉପରେ ପ୍ରାଧାନ୍ୟ ଦେଉଛୁ। ଗୋଇନ୍ଦା ରିପୋର୍ଟ ଆଧାରରେ ପ୍ରାୟ ୪୦ଜଣ ଗଣ୍ଡଗୋଳକାରୀଙ୍କୁ ଚିହ୍ନଟ କରାଯାଇଛି। ମୁଖ୍ୟ କାର୍ପଟଦାରଙ୍କୁ ଧରିବା ପାଇଁ ଚେଷ୍ଟା ଜାରି ରହିଛି। ଘଟଣାର ସମସ୍ତ ଭିଡିଓ ଫୁଟେଜ ଉପରେ ତର୍ଜମା ଚାଲିଛି। ଲୋକଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ସବ୍‌ଇନ୍ସପେକ୍ଟର ବିକାଶ ଜାଲିଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଚଳିତବର୍ଷ ଜିଲାରେ ୩୦ ଟନରୁ ଅଧିକ ଗଞ୍ଜେଇ ଜବତ ହୋଇଛି। କେବଳ ଏହି ଥାନାରେ ୧୦ ଟନ୍ ଗଞ୍ଜେଇ ଜବତ ହୋଇଛି। ପୂର୍ବରୁ ଏହା ୨ରୁ ୩ ଟନ ଭିତରେ ହେଉଥିଲା। ଏହା ଗ୍ରାମବାସୀଙ୍କ ମଧ୍ୟରେ ଚାପ ପକାଇଛି। ସେମାନେ ଏକତ୍ରିତ ହୋଇ ଏସବୁ କାଣ୍ଡ ଭିଆଇଛନ୍ତି ବୋଲି ଏସ୍‌ପି ପାତ୍ର ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ପୋଲିସ ଗାଡିରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଫିରିଙ୍ଗିଆ ସରପଞ୍ଚ ଜଳନ୍ଧର କହଁର, ପୂର୍ବତନ ସରପଞ୍ଚ ବିଶ୍ୱରଞ୍ଜନ କହଁରଙ୍କ ସହ କିଛି ଗ୍ରାମବାସୀ ଏକ ଭିଡିଓ ଫୁଟେଜ କରିଥିଲେ। ପୋଲିସ ଗଞ୍ଜେଇ ବ୍ୟବସାୟ କରୁଥିବା ଘଟଣା ପ୍ରଘଟ ହେବା ଏବଂ ଭିଡିଓ ଫୁଟେଜ ଭାଇରାଲ ହେବା ପରେ ବହୁ ଗ୍ରାମବାସୀ ଏକତ୍ରିତ ହୋଇଥିଲେ। ଗତ ଶନିବାର ସେମାନେ ଥାନାଧିକାରୀ ତପନ କୁମାର ନାହାକଙ୍କ ଗିରଫ ଦାବି କରି ଫିରିଙ୍ଗିଆ ବ୍ଲକ ଛକ ପାଖରେ ରାସ୍ତାରୋକୋ କରିଥିଲେ। ଉଦ୍ୟକ୍ତ ଲୋକଙ୍କୁ ବୁଝାଇବାକୁ ଯାଇ ସଦର ଏସଡିପିଓ ସୁପ୍ରଶନ୍ନ ମଲ୍ଲିକ, ତହସିଲଦାର ଏମ୍ ଅନୁରାଧା ସେମାନଙ୍କ ରୋଶର ଶିକାର ହୋଇଥିଲେ। ଲୋକେ ଏସ୍‌ଡିପିଓ ଏବଂ ଥାନା ଏସ୍‌ଆଇ ଜାଲିଙ୍କୁ ଗୋଡେଇ ଗୋଡେଇ ପିଟିଥିଲେ। ଏହାପରେ ଥାନା ଭିତରେ ପଶି ପୋଡାଜଳା କରିଥିଲେ।

### ମଣିପୁର ସରକାରରୁ ...

ପ୍ରତିଷ୍ଠା ପାଇଁ ଅଡ଼ିବସିଥିବାବେଳେ ଏହାକୁ ସର୍ବସମ୍ମତକ୍ରମେ ପ୍ରତ୍ୟାଖ୍ୟାନ କରିବା ଲାଗି ଶୀର୍ଷ ମେଇତି ସଂଗଠନ ସିଓସିଓଏମ୍‌ଆଇ ଆଗୁଆ ବିଧାନସଭା ଅଧିବେଶନ ଦାବି କରିଛି। ଆଦିବାସୀ ବିଧାୟକମାନେ ବାସ୍ତବରେ ଯଦି ବିଧାନସଭା ଆସିବାକୁ ଚାହୁଁଥାନ୍ତି, ତେବେ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରାଯିବ ବୋଲି ମେଇତି ନେତାମାନେ କହିଛନ୍ତି। ମଣିପୁରରେ ଜାତିଆଣ ହିଂସା ଲାଗିରହିଥିବାରୁ ଇମ୍ଫାଲ ଯିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି ଚୁରାଚାନ୍ଦପୁରର ଭାଜପା ବିଧାୟକ ଏଲ୍.ଏମ୍. ଖଉଟେ କହିଛନ୍ତି। ହିଂସା ବନ୍ଦ ହେବା ସହ କୁକିମାନେ ସ୍ୱତନ୍ତ୍ର ପ୍ରଶାସନ ପାଇଁ ଉଠାଇଥିବା ଦାବିର ସମାଧାନ ନ ହେଲେ କୁକି-ଜୋମି-ହମର ବିଧାୟକମାନେ ବିଧାନସଭା ଯିବା ସମ୍ଭବ ନୁହେଁ ବୋଲି ସେମାନେ କହିଛନ୍ତି। ଇମ୍ଫାଲରେ ଭାଜପା ବିଧାୟକ ଭୁଙ୍ଗଜାଗିନ୍ ଭାଲ୍‌ତେ ଆକ୍ରମଣର ସମ୍ମୁଖୀନ ହୋଇ ଏବେ ବି ଚିକିତ୍ସାଧୀନ ଅଛନ୍ତି। ତେଣୁ ଇମ୍ଫାଲ ଯିବା କୁକି ବିଧାୟକଙ୍କ ପାଇଁ ନିରାପଦ ନୁହେଁ ବୋଲି କୁକି ପିପୁଲ୍ସ ଆଲିଆନ୍ସର ଅଧ୍ୟକ୍ଷ ତୋଙ୍ଗମାଙ୍ଗ ହାଓକିପ୍ କହିଛନ୍ତି। ପ୍ରକାଶ ଯେ, ମେଇତି ସମ୍ପ୍ରଦାୟର ଲୋକେ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ମାନ୍ୟତା ଦାବି କରୁଥିବାରୁ ମେ' ୩ରୁ ମଣିପୁରେ ହିଂସା ଲାଗିରହିଛି। ମେଇତି-କୁକି ସଂଘର୍ଷରେ ଅଦ୍ୟାବଧି ୨୦୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସରକାର ଏହାକୁ କମ୍ କରି ଦେଖାଉଛନ୍ତି। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂସଦରେ ମୁହଁ ଖୋଲୁ ନ ଥିବାରୁ ଲୋକ ସଭା ଓ ରାଜ୍ୟ ସଭାରେ ଅଚଳାବସ୍ଥା ଜାରି ରହିଛି। ଏନେଇ ବିରୋଧୀ ମେଣ୍ଟ 'ଇଣ୍ଡିଆ' ପକ୍ଷରୁ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ଉପରେ ଆସନ୍ତା ୮ ଓ ୯ରେ ଆଲୋଚନା ହେବ।

### ମା'ଙ୍କ ଉତ୍ତମ ଖାଦ୍ୟ ...

ଗବେଷକମାନଙ୍କ କହିବା ଅନୁଯାୟୀ ସେଓ ଏବଂ ତୁଳସୀ, ରୋଜ୍‌ମେରି, ଥାଇମ୍ ଓ ଓରୋଗାନୋ ଆଦି ଗୁଳ୍ମରେ ଥିବା ଅଣୁ ମସ୍ତିଷ୍କର ଯୋଗାଯୋଗ କେବୁଲଗୁଡ଼ିକୁ ଭାଙ୍ଗିବାରୁ ରକ୍ଷା କରିଥାଏ। ଫଳରେ ମସ୍ତିଷ୍କ ଠିକ୍ ଭାବେ କାର୍ଯ୍ୟ କରେ। ବରିଷ୍ଠ ପ୍ରଫେସର ରୋଗର ପୋକକ୍ ଓ ତାଙ୍କ ଟିମ୍ ମସ୍ତିଷ୍କର ସ୍ନାୟୁ ସେଲ୍‌ଗୁଡ଼ିକର ଅନୁଧ୍ୟାନ କରିଥିଲେ, ଯାହା ୮,୫୦,୦୦୦ କିଲୋମିଟର କେବୁଲ (ଆକ୍ସୋନ) ଦେଇ ସେଲ୍‌ଗୁଡ଼ିକୁ ସଂଯୋଗ କରିଥାଏ। ଆକ୍ସୋନଗୁଡ଼ିକ କାର୍ଯ୍ୟକ୍ଷମ ହେବା ଓ ବଞ୍ଚିରହିବା ପାଇଁ ଜରୁରୀ ଉପାଦାନଗୁଡ଼ିକ ମାଇକ୍ରୋଟ୍ୟୁବୁଲ୍ସ ଥିବା ଆଭ୍ୟନ୍ତରୀଣ ଷ୍ଟ୍ରକ୍ଟର ଦେଇ ପ୍ରବାହିତ ହେବା ଆବଶ୍ୟକ। ତାହା ନ ହେଲେ ଆକ୍ସୋନଗୁଡ଼ିକ ଦୁର୍ବଳ ହୋଇ ମସ୍ତିଷ୍କକୁ ଅକାମୀ ଏବଂ ନ୍ୟୁରୋନାଲ ସେଲ୍‌ଗୁଡ଼ିକର ବିକାଶରେ ବାଧକ ହୋଇଥାଏ ବୋଲି ପୋକକ୍ କହିଛନ୍ତି।

# ଡ. ସଂଘମିତ୍ରା ମିଶ୍ର ପାଇବେ 'ସରଳା ଦେବୀ ପୁରସ୍କାର'

**ଭୁବନେଶ୍ୱର, ୬।୮ (ବନ୍ଦନା ସେଠୀ)**

ସାହିତ୍ୟ ସମାଲୋଚିକା ପ୍ରଫେସର ଡ. ସଂଘମିତ୍ରା ମିଶ୍ରଙ୍କୁ ଚଳିତ ବର୍ଷର 'ସରଳା ଦେବୀ' ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ତାଙ୍କୁ ୧୦ହଜାର ନଗଦ ଟଙ୍କା, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯିବ ବୋଲି ସରଳା ଦେବୀ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଅଗଷ୍ଟ ୯ରେ ସରଳା ଦେବୀଙ୍କ ୧୨୦ତମ ଜନ୍ମଦିବସ ତଥା ଅଗଷ୍ଟ କ୍ରାନ୍ତି ଦିବସରେ ସୂଚନା ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଅର୍ଥ କମିଶନର ପୂର୍ବତନ ଅଧ୍ୟକ୍ଷ ତଥା ସାହିତ୍ୟିକ ଡ. ରବିନାରାୟଣ ସେନାପତି ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଟ୍ରଷ୍ଟର ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ସୂଚନା ଦେଇଛନ୍ତି।

# ଅରୁଆ କଲେ ଏଫ୍‌ସିଆଇ ନେବ ବଳକା ଚାଉଳ

**ଭୁବନେଶ୍ୱର,୬।୮(ଅନିଲ ଦାସ)**

ଇଥାନଲ ଉତ୍ପାଦନ ପାଇଁ ଅରୁଆ ଚାଉଳ ଆବଶ୍ୟକ। ଏହି ଚାଉଳ ଯୋଗାଡ଼ରେ ଲାଗିଛି ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ)। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ଥିବା ଇଥାନଲ କାରଖାନାକୁ ଅରୁଆ ଚାଉଳ ଯୋଗାଣ କରିବାକୁ ଏଫ୍‌ସିଆଇ ଓଡ଼ିଶାରୁ ଆସନ୍ତା ଅକ୍ଟୋବର ମଧ୍ୟରେ ୨.୫ ଲକ୍ଷ ମେଟ୍ରିକ ଟନ୍ ଅରୁଆ ଚାଉଳ ସଂଗ୍ରହ କରିବ। ଏ ନେଇ ନିକଟରେ ଓଡ଼ିଶାରେ ଥିବା ସମ୍ବଲପୁର, ଟିଟିଲାଗଡ଼, ଜୟପୁର, ବ୍ରହ୍ମପୁର, କଟକ, ବାଲେଶ୍ୱର ଏବଂ ଭୁବନେଶ୍ୱର ଏଫ୍‌ସିଆଇ ଶାଖାର ଡିଭିଜନାଲ ମ୍ୟାନେଜରଙ୍କୁ ଏଫ୍‌ସିଆଇ ଚିଠି ଲେଖିଛି। ଏଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ମଧ୍ୟ ଏଫ୍‌ସିଆଇ ଚିଠି ଲେଖିଛି। ତେବେ ଏଠି କଥା ଉଠୁଛି ଯେ, ଓଡ଼ିଶାରେ ଅରୁଆ ଚାଉଳ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି ନାହିଁ। ରାଜ୍ୟରେ ଯେଉଁ ଚାଉଳ ମିଲ୍ ରହିଛି, ସେ ସବୁ ଉଷୁନା ଚାଉଳ ପ୍ରସ୍ତୁତ କରୁଛନ୍ତି। ଅରୁଆ ଚାଉଳ କରିବାକୁ ହେଲେ ମିଲରମାନଙ୍କୁ ଆହୁରି ୧୦ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଏହା ସମୟସାପେକ୍ଷ ଓ ବ୍ୟୟବହୁଳ ହୋଇଥିବାରୁ ମିଲର ମଧ୍ୟ ଅମଙ୍ଗ ହେଉଛନ୍ତି। ରାଜ୍ୟର ବଳକା ଉଷୁନା ଚାଉଳକୁ ନେଇ ରାଜ୍ୟ ସରକାର ଚିନ୍ତାରେ ପଡ଼ିଛନ୍ତି।

**ବଳକା ଉଷୁନା ଚାଉଳ ପ୍ରସଙ୍ଗ**

ରାଜ୍ୟରେ ୨୦୨୨-୨୩ ଆର୍ଥିକ ବର୍ଷରେ ଖରିଫ ଋତୁରେ ୪୪ ଲକ୍ଷ ଟନ ଉଷୁନା ଚାଉଳ ସଂଗ୍ରହ କରାଯାଇଥିବା ବେଳେ ସେଥିରୁ ୨୪ ଲକ୍ଷ ମେଟ୍ରିକ ଟନ ଖାଦ୍ୟ ସୁରକ୍ଷା ଯୋଜନା ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ ଯୋଜନାରେ ପ୍ରଦାନ କରାଯାଉଛି। ପ୍ରାୟ ୨୦ ଲକ୍ଷ ମେଟ୍ରିକ ଟନ ଚାଉଳ ବଳକା ରହିଯାଉଛି। ଏହି ଚାଉଳକୁ ଏଫ୍‌ସିଆଇ ନେଉ ନ ଥିବାରୁ ରାଜ୍ୟ ସରକାର ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ‘ଜିଲାର ସମସ୍ତ କଲେଜ ୫-ଟିରେ ସାମିଲ’

**୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ବଲାଙ୍ଗୀର ଗସ୍ତ**

- ଜିଲାର ବିଭିନ୍ନ କଲେଜର ଉନ୍ନୟନ ପାଇଁ ୪୦ କୋଟି ଅନୁଦାନ
- ନିଜର ଅଧ୍ୟବସାୟ କଥା କହି ଛାତ୍ରୀଛାତ୍ରଙ୍କୁ ଦେଲେ ପ୍ରେରଣା
- ଛାତ୍ର ଅଟକ ଘଟଣାକୁ ନେଇ ଛାତ୍ର କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ

ବଲାଙ୍ଗୀର, ୬।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାର ସମସ୍ତ ଯୁକ୍ତ ୨ ଓ ଯୁକ୍ତ ୩ କଲେଜକୁ ୫-ଟି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସାମିଲ କରିଛନ୍ତି। ରବିବାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଡିଆରେ ଆୟୋଜିତ ଛାତ୍ରୀଛାତ୍ର ସମାବେଶରେ ଯୋଗଦେଇ ୫-ଟି ସଚିବ ଭି.କେ.ପାଣ୍ଡିଆନ ଏହି ସୂଚନା ଦେଇଛନ୍ତି। ଏହା ସହିତ ଜିଲାର ସମସ୍ତ କଲେଜର ଉନ୍ନୟନ ପାଇଁ ମୁଖ୍ୟମନ୍ତ୍ରୀ ୪୦କୋଟି ଟଙ୍କା ଅନୁଦାନ ଦେଇଥିବା ସେ ସୂଚନା ଦେଇଥିଲେ।

୫-ଟି ସଚିବ ପାଣ୍ଡିଆନଙ୍କ ଦୁଇଦିନିଆ ବଲାଙ୍ଗୀର ଜିଲା ଗସ୍ତ କାର୍ଯ୍ୟକ୍ରମରେ ସକାଳେ ତୁଷରା ଉଡାଜାହାଜ ପଡିଆରେ ଅବତରଣ କରିଥିଲେ। ସେଠାରୁ ସେ ପ୍ରଥମେ ତୁଷରା ସମଲେଶ୍ୱରୀ ମନ୍ଦିର ପରଦର୍ଶନରେ ଯାଇଥିଲେ। ପରେ ବେଲପଡା, ଟିଟିଲାଗଡ, ହରିଶଙ୍କର କାର୍ଯ୍ୟକ୍ରମ ସାରି ଅପରାହ୍ଣ ପ୍ରାୟ ୩ଟାରେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଡିଆରେ ଆୟୋଜିତ ଛାତ୍ରୀଛାତ୍ର ସମାବେଶରେ ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ୫-ଟି ସଚିବ କହିଥିଲେ ଯେ, ଜୀବନରେ ସଫଳତା ପାଇବାକୁ ହେଲେ ପ୍ରଥମେ ଶାରୀରିକ ଏବଂ ମାନସିକ ସୁସ୍ଥତାର ଆବଶ୍ୟକତା ରହିଛି। ଶାରୀରିକ ଏବଂ ମାନସିକ ସୁସ୍ଥତା ପାଇଁ ବ୍ୟାୟାମ, ସାଇକ୍ଲିଂ, ଯୋଗ କରିବା ନିହାତି ଜରୁରୀ। ଛାତ୍ର ଜୀବନରେ ସେ ନିଜେ କିଭଳି ଦୈନିକ ୨୦ କିଲୋମିଟର ସାଇକେଲରେ ଯିବା ଆସିବା ପରେ ସରକାରୀ ସ୍କୁଲରେ ପାଠ ପଢୁଥିଲେ କହିଥିଲେ। ଜୀବନରେ ସଫଳତା ଆଣିବାକୁ ହେଲେ କଠୋର ପରିଶ୍ରମ ସହ ନିଜର ଲକ୍ଷ୍ୟ ସ୍ଥିର କରିବାକୁ ଜୋର ଦେଇଥିଲେ। ସେ ନିଜେ ସ୍ନାତକୋତ୍ତର ଶ୍ରେଣୀରେ ଏକ ଜାତୀୟ ପ୍ରତିଷ୍ଠାନରେ ପାଠ ପଢ଼ିବାକୁ ମନସ୍ଥ କରିଥିଲେ। ନୂଆଦିଲ୍ଲୀ ସ୍ଥିତ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନରେ ସେ ଯେଉଁ ବିଷୟରେ ପାଠ ପଢ଼ିବା ପାଇଁ ସ୍ଥିର କରିଥିଲେ ସେଥିରେ ସର୍ବଭାରତୀୟ ସ୍ତରରେ ମାତ୍ର ଦୁଇଟି ସିଟ୍ ଥିଲା। ଏହାସତ୍ତ୍ୱେ ସେ ସେଥିରୁ ଗୋଟିଏ ସିଟ୍ ପାଇ କିଭଳି ପଢ଼ିଲେ ଏବଂ ପରେ ସିଭିଲ ସର୍ଭିସରେ ମଧ୍ୟ କୃତକାର୍ଯ୍ୟ ହୋଇଥିବା କହିଥିଲେ। ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବାକୁ ଯାଇ ଭଲ ସାଙ୍ଗ କିଭଳି ଆତ୍ମବିଶ୍ୱାସ ବଢ଼ାଏ ଏବଂ ଏହା ଜୀବନରେ କିଭଳି କାମରେ ଆସେ ସେ କହିଥିଲେ। ଏହି ଅବସରରେ ଶିକ୍ଷକମାନେ କିଭଳି ଛାତ୍ରୀଛାତ୍ରଙ୍କ ଜୀବନ ଗଠନ କରିବେ କହିଥିଲେ। ଶିକ୍ଷକ କେବଳ ପାଠ ପଢ଼ାଏ ନାହିଁ। ଭଲ ଶିକ୍ଷକ ଛାତ୍ରୀଛାତ୍ରଙ୍କ ଜୀବନ ଗଢ଼ିଅନ୍ତି ବୋଲି କହିଥିଲେ। ସେଠାରେ ଉପସ୍ଥିତ ଥିବା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଛାତ୍ରୀଛାତ୍ରଙ୍କ ପାଇଁ ଆଦର୍ଶ ପାଲଟିବାକୁ କହିଥିଲେ। ଶିକ୍ଷକମାନଙ୍କ ବିଭିନ୍ନ ବର୍ଗର ଯେଉଁ ଅସୁବିଧା ରହିଛି ତାକୁ ଆଗାମୀ ଦିନରେ ସରକାର ସମାଧାନ କରିବେ ବୋଲି ସେ କହିଥିଲେ। ସ୍ୱପ୍ନ ସବୁବେଳେ ବଡ ଦେଖିବାକୁ ସେ ପରାମର୍ଶ ଦେଇଥିଲେ। ସର୍ବୋଚ୍ଚ ସ୍ତରକୁ ପହଞ୍ଚିବାକୁ ହେଲେ କିଭଳି ତ୍ୟାଗ ଓ ପରିଶ୍ରମ କରିବାକୁ ହୁଏ ତାକୁ ଛାତ୍ରୀଛାତ୍ରମାନେ ଶିଖନ୍ତୁ ବୋଲି କହିଥିଲେ। ଏହି ଅବସରରେ ସେଠାରେ ଉପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କ ଭିଡ ଭିତରକୁ ଯାଇ ସେମାନଙ୍କ ସହ ହ୍ୟାଣ୍ଡସେକ୍ କରି ଶୁଭେଚ୍ଛା ଜଣାଇଥିଲେ। କେତେକ ଛାତ୍ରଙ୍କୁ ପୋଲିସ ଅଟକ ରଖିଥିବା ନେଇ ଅନ୍ୟ କେତେକ ଛାତ୍ର ଉକ୍ତ ସମାବେଶରେ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି। ଛାତ୍ର ଅଟକ ଘଟଣାକୁ ନେଇ ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଶାସକ ଭିନିଲ କ୍ରିଷ୍ଣା, ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ଋଷିକେଶ ଖିଲାରୀ, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ଉପଜିଲାପାଳ କୁମାର ନାଗଭୂଷଣ ଉପସ୍ଥିତ ଥିଲେ।



ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଡିଆରେ ୫-ଟି ସଚିବ ପାଣ୍ଡିଆନ ଛାତ୍ରୀଛାତ୍ରଙ୍କ ସହ କରମର୍ଦ୍ଦନ କରୁଛନ୍ତି।

## ‘ଛାତ୍ରୀଛାତ୍ର କହିଦେଲେ, ମୁଖ୍ୟମନ୍ତ୍ରୀଙ୍କୁ ଭୋଟ୍ ଦେବୁ’

୫-ଟି ସଚିବ ଭି.କେ. ପାଣ୍ଡିୟାନ୍ ରବିବାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ଛାତ୍ର ସମାବେଶରେ ଯୋଗଦେଇଥିଲେ। ସେଠାରେ ପ୍ରଶ୍ନ ଛଳରେ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିଥିଲେ। କହିଥିଲେ ଯେ, ବଲାଙ୍ଗୀର ଜିଲାର ସମସ୍ତ ଯୁକ୍ତ ୨ ଓ ଯୁକ୍ତ ୩ କଲେଜକୁ ମୁଖ୍ୟମନ୍ତ୍ରୀ ୫-ଟି କାର୍ଯ୍ୟକ୍ରମରେ ସାମିଲ କରିଛନ୍ତି। ଏଭଳିକି ଜିଲାର ସମସ୍ତ କଲେଜର ଉନ୍ନତି ପାଇଁ ୪୦ କୋଟି ଟଙ୍କାର ଅନୁଦାନ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ସୂଚନା ଦେଇଥିଲେ। ଏହାପରେ ସମସ୍ତ କଲେଜରେ ସ୍ମାର୍ଟକ୍ଲାସ୍ ତିଆରି ହେବ। ଛାତ୍ରୀଛାତ୍ରମାନେ ବିଭିନ୍ନ ସୁବିଧା ପାଇପାରିବେ। ମୁଖ୍ୟମନ୍ତ୍ରୀ ଆପଣମାନଙ୍କ ପାଇଁ ଏତେ ସବୁ କରୁଛନ୍ତି, ଆପଣମାନେ ମୁଖ୍ୟମନ୍ତ୍ରୀଙ୍କୁ ରିଟର୍ନରେ କ’ଣ ଦେବେ ବୋଲି ପ୍ରଶ୍ନ ଛଳରେ ପଚାରିଥିଲେ। ଏଭଳି ପ୍ରଶ୍ନ ଶୁଣିସାରିବା ପରେ ସେଠାରେ ଥିବା ଛାତ୍ରୀଛାତ୍ରମାନେ ଏକାକାର ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଭୋଟ୍ ଦେବୁ ବୋଲି କହିଥିଲେ। ଏଭଳି କଥା ଶୁଣିବା ପରେ କଥାକୁ ସଜାଡିବାକୁ ଯାଇ ୫-ଟି ସଚିବ କହିଥିଲେ ଯେ, କଠିନ ପରିଶ୍ରମ କରି ଛାତ୍ରୀଛାତ୍ରମାନେ ଭଲ ପାଠ ପଢ଼ିବେ ଏବଂ ଭଲ ମଣିଷ ହେବେ ବୋଲି କହିଥିଲେ। ତେବେ ଛାତ୍ରୀଛାତ୍ରମାନେ ପ୍ରଶ୍ନର ଯାହା ମର୍ମ ବୁଝିଲେ ସିଧାସଳଖ ଭୋଟ ଦେବୁ ବୋଲି କହିବା ସେଠାରେ ଚର୍ଚ୍ଚାର ବିଷୟ ହୋଇଥିଲା।




# ସାଇବର ଅପରାଧର ତ୍ୱରିତ ମୁକାବିଲା କରିବ କ୍ରାଇମବ୍ରାଞ୍ଚ

କଟକ,୬।୮ (କାର୍ତ୍ତିକ ସାହୁ)

- ୨୪ ଘଣ୍ଟିଆ ହେଲ୍ପ ଲାଇନ୍ ନମ୍ବର ଜାରି
- ଗୋଲ୍‌ଡେନ୍ ଟାଇମ୍‌ରେ ଟଙ୍କା ଫେରିବା ସହଜ ହେବ

ସାଇବର ଅପରାଧ ମୁକାବିଲା ପାଇଁ ଓଡ଼ିଶା କ୍ରାଇମବ୍ରାଞ୍ଚ ୨୪ ଘଣ୍ଟିଆ ହେଲ୍ପ ଲାଇନ୍ ନମ୍ବର ୧୯୩୦ ଜାରି କରିଛି। ପୂର୍ବରୁ ଏହି ନମ୍ବର କେବଳ କାର୍ଯ୍ୟାଳୟ ଅବଧିରେ କାର୍ଯ୍ୟ କରୁଥିଲା। ହେଲେ ଏଣିକି ସାଇବର ଠକେଇର ଶିକାର ହେଉଥିବା ଲୋକମାନେ କାଳବିଳମ୍ବ ନ କରି ତତ୍‌କ୍ଷଣାତ୍ ଉକ୍ତ ନମ୍ବରରେ ଫୋନ୍ କରି ଅଭିଯୋଗ ଦରଜ କରିପାରିବେ। ରବିବାରଠାରୁ ଏହି ସେବା ଆରମ୍ଭ ହୋଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

ସୂଚନାନୁସାରେ, ସାଇବର ଠକେଇ ଦ୍ୱାରା ଅର୍ଥ ଲୁଟ୍‌କୁ ରୋକିବା ପାଇଁ ଏକ ସୁଇଫ୍ଟ ରିଆକ୍‌ଶନ୍ ଟାଇମ୍ ରହିଛି ଯାହାକୁ ଗୋଲ୍‌ଡେନ୍ ଟାଇମ୍ ବୋଲି କୁହାଯାଉଛି। ଏହି ସମୟ ମଧ୍ୟରେ କ୍ରାଇମବ୍ରାଞ୍ଚ ନିକଟରେ ଅଭିଯୋଗ ପହଞ୍ଚିଲେ ଲୁଟ୍ ହୋଇଥିବା ଅର୍ଥ ଉଦ୍ଧାର ହେବା ସହଜ ହୋଇଥାଏ। ହେଲ୍ପ ଲାଇନ୍ କେନ୍ଦ୍ରରେ ବସିଥିବା ତାଲିମପ୍ରାପ୍ତ ପୋଲିସ କର୍ମଚାରୀମାନେ ସୂଚନା ପାଇଁ ଅଭିଯୋଗ ପ୍ରଦାନ କରୁଥିବା ବ୍ୟକ୍ତିଙ୍କୁ କିଛି ପ୍ରଶ୍ନ ପଚାରିବେ। ତା’ପରେ ପୋର୍ଟାଲ୍‌ରେ ସେମାନେ ଅଭିଯୋଗଟିକୁ ଦାଖଲ କରିବେ। ସେମାନଙ୍କ ଉପରିସ୍ଥ ଅଧିକାରୀ ଅଭିଯୋଗଟି ପାଇବା ମାତ୍ରେ ତୁରନ୍ତ ଠକେଇ କରିଥିବା ସାଇବର ଅପରାଧୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବ୍ଲକିଂ କରିଦେବେ। ଏହାଦ୍ୱାରା ଟଙ୍କା ଉକ୍ତ ଆକାଉଣ୍ଟରୁ ଅନ୍ୟତ୍ର ସ୍ଥାନାନ୍ତର ହେବାରୁ ରୋକାଯାଇ ପାରିବ। ଅର୍ଥ ସ୍ଥାନାନ୍ତର ହୋଇଯାଇଥିଲେ, ତୁରନ୍ତ ଅଭିଯୋଗ ଦାଖଲ କଲେ ତାହା ପୁଣି ଫେରିଆସିପାରିବ। ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କ ସୂଚନା ଆଧାରରେ ସେହି ଅପରାଧୀଙ୍କ ଟେଲିଫୋନ ନମ୍ବରକୁ ବ୍ଲକ୍ କରିଦିଆଯିବ, ଯଦ୍ୱାରା ଆଉ କୌଣସି ଅପରାଧ ଘଟିବ ନାହିଁ। ଡିଜିପି ସୁନୀଲ କୁମାର ବଂଶଲ ଉକ୍ତ ବ୍ୟବସ୍ଥାକୁ ଅନୁଧ୍ୟାନ କରିବା ସହ ଏହାକୁ ସୁଦୃଢ଼ କରିବା ନିମନ୍ତେ ଆବଶ୍ୟକ ମାନବ ସମ୍ବଳ ଯୋଗାଇ ଦେବା ନିମନ୍ତେ ଅନୁମୋଦନ କରିଥିଲେ। ତେବେ ରବିବାରଠାରୁ ଏହି ୨୪ ଘଣ୍ଟିଆ ହେଲ୍ପଲାଇନ୍ ନମ୍ବର କାର୍ଯ୍ୟକ୍ଷମ ହୋଇଛି। ଏଥିପାଇଁ ବୈଷୟିକ ଉନ୍ନତୀକରଣ ସହ ଅତିରିକ୍ତ ମାନବ ସମ୍ବଳ ସ୍ୱରୂପ ପୋଲିସ କର୍ମଚାରୀମାନେ ଯୋଗଦାନ କରିଛନ୍ତି।

ସୂଚନାଯୋଗ୍ୟ, ନ୍ୟାଶନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ ୨୦୨୧ରେ ଆରମ୍ଭ ହୋଇଥିଲା। ଏଥିରେ ଓଡ଼ିଶାର ଅର୍ଥନୈତିକ ସାଇବର ଅପରାଧର ସୂଚନା ପାଇଁ ୧୯୩୦ ହେଲ୍ପଲାଇନ୍ ନମ୍ବର ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏଭଳି ଅପରାଧର ଶିକାର ହେଉଥିବା ଲୋକମାନେ ଫୋନ୍ କରି ଅପରାଧ ସମ୍ପର୍କରେ ସୂଚନା ଦେଉଥିଲେ। ଏହି ହେଲ୍ପ ଲାଇନ୍ ନମ୍ବର ଓଡ଼ିଶା କ୍ରାଇମବ୍ରାଞ୍ଚ ଦ୍ୱାରା ପରିଚାଳିତ ହେଉଛି। ବର୍ତ୍ତମାନ ସୁଦ୍ଧା ୧ କୋଟି ୫୬ ଲକ୍ଷ ୬୮ ହଜାର ୫୬୯ ଟଙ୍କା ଲୁଟ୍‌ର ଶିକାର ହୋଇଥିବା ଲୋକଙ୍କ ଆକାଉଣ୍ଟକୁ ଫେରାଇ ଅଣାଯାଇଛି। ଏଥିସହ ୩ କୋଟି ୯୪ ଲକ୍ଷ ୨୬ ହଜାର ୧୦୭ ଟଙ୍କା ଲୁଟ୍ ହେବାରୁ ରୋକା ଯାଇପାରିଛି। ଆଗାମୀ ଦିନରେ ଅଧିକ ହେଲ୍ପଲାଇନ ନମ୍ବର ଯୋଡ଼ାଯିବା ସହ ଅଧିକ ତାଲିମପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ସହାୟତା କେନ୍ଦ୍ରରେ ନିଯୁକ୍ତି କରାଯିବାର ଯୋଜନା ରହିଛି। ଏହାଦ୍ୱାରା ସାଇବର ଅପରାଧର ଶିକାର ହେଉଥିବା ଲୋକମାନେ ସେମାନଙ୍କ ଅଭିଯୋଗ ପଞ୍ଜୀକରଣ ପାଇଁ ଲାଇନ୍‌ରେ ଅପେକ୍ଷା କରିବାକୁ ପଡ଼ିବ ନାହିଁ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

# ଛତାମୁନରେ ଭୁସି ସ୍ତ୍ରୀଙ୍କୁ ହତ୍ୟା

ନବରଙ୍ଗପୁର,୬।୮ (ସଦାଶିବ ପ୍ରହରାଜ)

ଜଣେ ମଦ୍ୟପ ସ୍ୱାମୀଙ୍କ ଉନ୍ମତ୍ତକାଣ୍ଡ। ସ୍ତ୍ରୀଙ୍କ ପେଟରେ ଛତା ମୁନକୁ ବାରମ୍ବାର ଭୁସି ଅତି ନିର୍ମମ ଭାବେ ହତ୍ୟା କରିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି ନବରଙ୍ଗପୁର ଆଦର୍ଶ ଥାନା ଅଧୀନ ବଡ ଡାଇଭଙ୍ଗା ଗାଁରେ। ଗ୍ରାମର ରବି ଖିଲ ସ୍ତ୍ରୀ ସସ୍ମିତା ଖିଲଙ୍କୁ ପିଟି ପିଟି ମାରିଦେଇଥିବା ନବରଙ୍ଗପୁର ଆଦର୍ଶ ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଶନିବାର ରାତିରେ ଘରେ ସମସ୍ତେ ଶୋଇଥିଲେ। ରବିବାର ମଧ୍ୟାହ୍ନ ପର୍ଯ୍ୟନ୍ତ ସସ୍ମିତା ଘରୁ ନ ବାହାରିବାରୁ ଏ ନେଇ ପଡୋଶୀଙ୍କ ସନ୍ଦେହ ହୋଇଥିଲା। ସ୍ଥାନୀୟ ଲୋକେ ସସ୍ମିତା ଘରକୁ ଯାଇ ଦେଖିବାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କ ମୃତଦେହ ତଳେ ପଡ଼ିଛି। ସ୍ୱାମୀ ରବି ସ୍ତ୍ରୀଙ୍କ ମୃତଦେହ ନିକଟରେ ବସି ରହିଥିଲେ। ସସ୍ମିତାଙ୍କ ଦେହସାରା କ୍ଷତ ବିକ୍ଷତ ଚିହ୍ନ ଥିବାବେଳେ ପେଟକୁ ଛତା ମୁନରେ ଭୁସି ଦେଇଥିବା ଦେଖିବାକୁ ମିଳିଥିଲା। ଫଳରେ ଗ୍ରାମବାସୀ ନବରଙ୍ଗପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୋଲିସ ସୂଚନା ଅନୁଯାୟୀ, ରବିଙ୍କ ଘର ମାଲକାନଗିରି ଜିଲା କୋରୁକୁଣ୍ଡା ବ୍ଲକ ଡାଇକଓ୍ୱାନ ଗାଁରେ। ସେ ସସ୍ମିତାଙ୍କୁ ଭଲପାଇ ବିବାହ କରିଥିଲେ। ରବିଙ୍କ ୨ ପୁଅ ରୋହିତ (୧୧) ଓ ରିହାନ(୮)। ଶ୍ୱଶୁର କୁଶ ହନ୍ତାଙ୍କ ଦେହାନ୍ତ ପରେ ଶାଶୁ କାମିନୀ ହନ୍ତା ଓ ରବିଙ୍କ ପରିବାର ନନ୍ଦାହାଣ୍ଡି ବ୍ଲକ ବଡ଼ ଡାଇଭଟା ଗାଁରେ ଗତ ୬ ମାସ ହେବ ଆସି ରହୁଥିଲେ। ଶାଶୁ କାମିନୀ ଓ ସସ୍ମିତା ଦୁହେଁ ଇନ୍ଦ୍ରାବତୀ ପୋଲ ନିକଟ ୨୬ ନମ୍ବର ଜାତୀୟ ରଜପଥ କଡ଼ରେ ମକା ପୋଡି ବିକ୍ରି କରୁଥିଲେ। ରବି ସବୁବେଳେ ମଦ୍ୟପାନ କରୁଥିବାରୁ ସସ୍ମିତା ତାଙ୍କୁ ବିରୋଧ କରିଆସୁଥିଲେ। ଶନିବାର ରାତିରେ ରବି ପୁଣି ମଦ୍ୟପାନ କରି ରାତି ୧୦ଟାରେ ଘରକୁ ଫେରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଫଳରେ ରବି ଉତ୍ତ୍ୟକ୍ତ ହୋଇ ସସ୍ମିତାଙ୍କୁ ଛତାରେ ବାରମ୍ବାର ଆକ୍ରମଣ କରିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି।

# ପ୍ରକାଶ ପାଇଲା ଓଷ୍ଟା ଦଶମ ଟେଷ୍ଟ ପେପର୍ସ



ଓଷ୍ଟା ମୁଖ୍ୟ କାର୍ଯ୍ୟାଳୟରେ ଅତିଥିମାନେ ଟେଷ୍ଟ ପେପର୍ସ ଉନ୍ମୋଚନ କରୁଛନ୍ତି।

କଟକ, ୬।୮ (ସୁପ୍ରିୟା ପ୍ରିୟଦର୍ଶିନୀ)

୨୦୨୪ରେ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ନିମନ୍ତେ ଓଷ୍ଟା ଟେଷ୍ଟ ପେପର୍ସ ରବିବାର ପ୍ରକାଶ ପାଇଛି। କଟକ ନୟାସଡ଼କସ୍ଥିତ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ମୁଖ୍ୟ କାର୍ଯ୍ୟାଳୟରେ ଏହା ଉନ୍ମୋଚିତ ହୋଇଯାଇଛି। ଆସନ୍ତା ୨୧ ତାରିଖରୁ ବଜାରରେ ଏହା ଉପଲବ୍ଧ ହେବ। ବୋର୍ଡର ନିର୍ଦ୍ଧାରିତ ପାଠ୍ୟଖସଡା ଅନୁଯାୟୀ ଓ ନୂତନ ମୂଲ୍ୟାୟନ ବ୍ୟବସ୍ଥା ଆଧାରରେ ଟେଷ୍ଟ ପେପର୍ସ ପ୍ରସ୍ତୁତ କରାଯାଇଥିବା ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି।

ଓଷ୍ଟା ଉଭୟ ସଂକ୍ଷିପ୍ତ ଓ ଦୀର୍ଘ ଉତ୍ତରମୂଳକ ଟେଷ୍ଟ ପେପର୍ସ ପ୍ରସ୍ତୁତ କରିଛି। ଟେଷ୍ଟ ପେପର୍ସ ପ୍ରକାଶନ କ୍ଷେତ୍ରରେ ଓଷ୍ଟା ୫୬ ବର୍ଷ ଅତିକ୍ରାନ୍ତ କରିଛି। ଚଳିତବର୍ଷ ମଧ୍ୟ ବହୁ ଅଭିଜ୍ଞ ଶିକ୍ଷକଙ୍କର ଦୀର୍ଘ ଅଭିଜ୍ଞତାକୁ ବିନିଯୋଗ କରାଯାଇ ଟେଷ୍ଟ ପେପର୍ସ ପ୍ରସ୍ତୁତ ହୋଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷା ଓ ମୂଲ୍ୟାୟନ ବ୍ୟବସ୍ଥା ସମ୍ପର୍କରେ ବୋର୍ଡ ପକ୍ଷରୁ ଯେଉଁ ପଦ୍ଧତି ଅବଲମ୍ବନ କରାଯାଇଛି ଯାହା ଛାତ୍ର ଓ ଶିକ୍ଷକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି ସେ ସମସ୍ତ ବିଷୟ ସଂଶୋଧନ ପାଇଁ ଓଷ୍ଟା ଆଗାମୀ ଦିନରେ ବୋର୍ଡ ଓ ରାଜ୍ୟ ସରକାରଙ୍କ ପାଖରେ ପ୍ରସ୍ତାବ ରଖିବ ବୋଲି ଓଷ୍ଟା ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ମାର୍ଗଦର୍ଶନ

ଭୁବନେଶ୍ୱର, ୬।୮ (ବନ୍ଦନା ସେଠୀ)

ରାଜ୍ୟର ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ମାର୍ଗଦର୍ଶନ ପ୍ରଦାନ କରି ସେମାନଙ୍କୁ ବିଭିନ୍ନ ପ୍ରତିଯୋଗିତାମୂଳକ ସେବା ପରୀକ୍ଷାରେ ସଫଳ ହେବା ନିମନ୍ତେ ରବିବାର ମାର୍ଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାର୍ଥୀମାନେ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ପରୀକ୍ଷା ପ୍ରଶ୍ନପତ୍ରର ଉତ୍ତର ପ୍ରଦାନ କଲାବେଳେ ମଧ୍ୟ ଅନେକ ତ୍ରୁଟି କରିଥାନ୍ତି। ଏନେଇ ଆଲୋଚନା କରିବା ସହ ବିଦ୍ୟାର୍ଥୀମାନେ କିଭଳି ପରୀକ୍ଷା ବ୍ୟବସ୍ଥାରେ ଠିକ୍ ଉତ୍ତର ପ୍ରଦାନ କରିବେ ସେ ନେଇ ବୁଝାଇଥିଲେ। ପ୍ରତ୍ୟେକ ବିଦ୍ୟାର୍ଥୀ ଶୃଙ୍ଖଳିତ ଜୀବନଯାପନ କରି ନିଷ୍ଠାର ସହିତ ବିଭିନ୍ନ ପାଠ୍ୟପୁସ୍ତକ ପଠନ କରିବା ଆବଶ୍ୟକ। ଏଥିସହ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଅନିଦ୍ରା ହେବା ଅପେକ୍ଷା ଶୀଘ୍ର ନିଦ୍ରା ଯାଇ ପ୍ରତ୍ୟୁଷରେ ଅଧ୍ୟୟନ କରିବା ଉଚିତ। ପରୀକ୍ଷା ଦେବା ସମୟରେ ନିଜେ ଅନୁଭବ କରୁଥିବା ଠିକ ପ୍ରଶ୍ନର ଉତ୍ତର ପ୍ରଦାନ କରି ଏହାପରେ ସଂଶୟ ଥିବା ପ୍ରଶ୍ନର ଠିକ ଉତ୍ତର ଦେବାକୁ ଚେଷ୍ଟା କରିବା ଦରକାର। ବିଫଳତାରେ ହତାଶ ନ ହୋଇ ଦୃଢ଼ ମନୋବଳ ନେଇ ଆଗାମୀ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ସାହୁ କହିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଯୋଗଦେଇ ବିଦ୍ୟାର୍ଥିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ରାଜ୍ୟ ଗ୍ରନ୍ଥାଗାରରେ ପାକ୍ଷିକ ମାର୍ଗଦର୍ଶନ ବିଭିନ୍ନ ପ୍ରଶାସକ, ଅଧ୍ୟାପକ ଓ ବିଶେଷଜ୍ଞଙ୍କ ଦ୍ୱାରା ପ୍ରଦାନ କରାଯିବ। ପରବର୍ତ୍ତୀ ଅବସ୍ଥାରେ ଏହି ମାର୍ଗଦର୍ଶନ କାର୍ଯ୍ୟକ୍ରମ ବିଭାଗ ଅଧିନସ୍ଥ ବିଭିନ୍ନ ଗ୍ରନ୍ଥାଗାରରେ ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରନ୍ଥାଗାରର ସମସ୍ତ ଗ୍ରନ୍ଥାଗାରିକ, ପାଠକ ଓ ବିଦ୍ୟାର୍ଥୀଙ୍କ ସହ ଓଡିଶା ପରିବାର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରୀତିଶ ପଣ୍ଡା, ସଂସ୍କୃତି ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା ଉପସ୍ଥିତ ଥିଲେ।



ତୁମେ ଯେତେବେଳେ ଲୋକମାନଙ୍କୁ ତୁଷ୍ଟ କରିବାକୁ ଚାହଁ- ସେତେବେଳେ ତୁମେ ସବୁ କିଛିକୁ ତା'ବାଟରେ ଯିବା ପାଇଁ ଛାଡିଦିଅ। ଏବଂ ଅପେକ୍ଷା କରି ବସ- କେତେବେଳେ ପ୍ରକୃତି ମନୁଷ୍ୟ ଉପରେ ପ୍ରଗତିକୁ ଜବରଦସ୍ତି ଲଦି ଦେବ। କିନ୍ତୁ ଏହା ସୃଷ୍ଟିର ସତ୍ୟ ନୁହେଁ। ମଣିଷର ଯଥାର୍ଥ କର୍ତ୍ତବ୍ୟ ହେଲା- ତା'ର ପ୍ରଗତି ଲାଗି ପ୍ରକୃତିକୁ ବାଧ୍ୟ କରିବା। -ଶ୍ରୀମା

# ଜିଦିରୁ ଧ୍ୱଂସ

ଗ୍ରେଟ୍ ନିକୋବର ଦ୍ୱୀପପୁଞ୍ଜରେ କେନ୍ଦ୍ର ସରକାର ୭୨,୦୦୦ କୋଟି ଟଙ୍କା ବ୍ୟୟରେ ଗ୍ରେଟ୍ ନିକୋବର ପ୍ରକଳ୍ପ କରିବାକୁ ଯାଉଛନ୍ତି। ଏଥିଲାଗି ସମ୍ପୃକ୍ତ ସବୁଜ ବନାନୀଯୁକ୍ତ ଅଞ୍ଚଳରୁ ୯ ଲକ୍ଷ ୬୪ ହଜାର ଗଛ କାଟିବାକୁ ପଡ଼ିବ। ୩ ଅଗଷ୍ଟରେ କେନ୍ଦ୍ର ପରିବେଶ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ରାଜ୍ୟ ସଭାରେ ଦେଇଥିବା ଉତ୍ତରରୁ ଦେଶବାସୀଙ୍କୁ ଝଟକା ଲାଗିବା ଭଳି ଖବର ଶୁଣିବାକୁ ମିଳିଛି। ମନ୍ତ୍ରୀ କହିଛନ୍ତି, ଏହି ପ୍ରକଳ୍ପ ଭିତରେ ଟ୍ରାନ୍ସଶିପ୍‌ମେଣ୍ଟ ପୋର୍ଟ (ଯାନାନ୍ତରଣ ବନ୍ଦର), ଏକ ଅନ୍ତର୍ଜାତୀୟ ବିମାନବନ୍ଦର, ଟାଉନ୍‌ଶିପ୍ ଏବଂ ୪୫୦ ଏମ୍‌ଭିଏ ଗ୍ୟାସ୍ ଓ ସୌରଚାଳିତ ଶକ୍ତି କେନ୍ଦ୍ର ନିର୍ମାଣ ଲାଗି ଯୋଜନା କରାଯାଇଛି। ୧୩୦ ବର୍ଗ କିଲୋମିଟର ଅକ୍ଷୁଣ୍ଣ ଜଙ୍ଗଲ ଉପରେ ଏହି ପ୍ରକଳ୍ପ ଗଢ଼ିଉଠିବା ଲାଗି ଏକ ବିଶେଷଜ୍ଞ କମିଟି ପରିବେଶ ମଞ୍ଜୁରୀ ଦେଇଥିବାରୁ ଉପରବର୍ଣ୍ଣିତ ଗଛଗୁଡ଼ିକୁ କଟାଯିବା ନିଶ୍ଚିତ ବୋଲି କୁହାଯାଇପାରେ। ନିକଟ ଅତୀତ ପ୍ରମାଣ ଦେଇଛି, ବର୍ତ୍ତମାନର କେନ୍ଦ୍ର ସରକାର ଯାହା ଜିଦି ଧରିଥାଆନ୍ତି, ତାହା ଯେତେ ନକାରାତ୍ମକ ହେଲେ ମଧ୍ୟ କାର୍ଯ୍ୟରେ ପରିଣତ କରିବା ସକାଶେ ଲାଗି ପଡ଼ିଥାଆନ୍ତି। ଏଥିସହିତ ମନେରଖିବାକୁ ହେବ ଯେ, ଏହି ବ୍ୟୟ ଅଟକଳର ବିପୁଳ ଅର୍ଥ ଯୋଗାଡ଼ ହେବା ପୂର୍ବରୁ ସବୁଗଛ କଟା ହେବା ଥୟ। ଏହାବ୍ୟତୀତ ନିର୍ବାଚନ କାନ୍ଧ ଉପରେ ଆସି ବସିଲାଣି। ପରିବେଶକୁ ଧ୍ୱଂସ କଲାଭଳି ଏହି କାର୍ଯ୍ୟକୁ ନିର୍ବାଚନ ପରେ ଆରମ୍ଭ କରାଯିବାର ସମୟ ପାଇଁ ଅପେକ୍ଷା କରାଯାଇପାରିଥାଆନ୍ତା। ସମ୍ଭବତଃ ଲକ୍ଷ୍ୟ ପୂରଣ ପାଇଁ ଜଙ୍ଗଲ ସଂରକ୍ଷଣ ସଂଶୋଧନ ବିଲ୍,୨୦୨୩କୁ କେନ୍ଦ୍ର ସରକାର ଇତିମଧ୍ୟରେ ଲୋକ ସଭା ଓ ରାଜ୍ୟ ସଭାରେ ଗୃହୀତ କରାଇ ନେଇସାରିଲେଣି। ରାଷ୍ଟ୍ରପତିଙ୍କ ମୋହର ବାଜିଲା ପରେ ଏହା ବିଧିବଦ୍ଧ ଆଇନରେ ପରିଣତ ହୋଇଯିବ। ଉଦ୍‌ବେଗର ବିଷୟ ଯେ, ଜଙ୍ଗଲ ଅଞ୍ଚଳକୁ ଅତି ସହଜରେ ଅଣଜଙ୍ଗଲ କାର୍ଯ୍ୟରେ ପରିଣତ କରିବା ନିମନ୍ତେ ଯେଉଁ କଠୋର ପରିବେଶଗତ ମଞ୍ଜୁରୀର ଆବଶ୍ୟକତା ପଡ଼ିଥାଏ, ଜଙ୍ଗଲ ସଂରକ୍ଷଣ ସଂଶୋଧନ ବିଲ୍,୨୦୨୩ ପାର୍ଲାମେଣ୍ଟରେ ଗୃହୀତ ହେବା ପୂର୍ବରୁ ଉକ୍ତ ପ୍ରକଳ୍ପ ପାଇଁ ମଞ୍ଜୁରୀ ମିଳିଯାଇଛି। ଏଭଳି ସଂଯୋଗ କୌଣସି ଭାବେ କାକତାଳୀୟ ନୁହେଁ, ସରକାର ଜାଣିଶୁଣି ଏହା କରିଥିବା ବିଭିନ୍ନ ଦିଗକୁ ତର୍ଜମା କରି ଦେଖିଲେ ବୁଝାପଡ଼ିଯାଉଛି।

> **ନିକଟ ଅତୀତ ପ୍ରମାଣ ଦେଇଛି, ବର୍ତ୍ତମାନର କେନ୍ଦ୍ର ସରକାର ଯାହା ଜିଦି ଧରିଥାଆନ୍ତି, ତାହା ଯେତେ ନକାରାତ୍ମକ ହେଲେ ମଧ୍ୟ କାର୍ଯ୍ୟରେ ପରିଣତ କରିବା ସକାଶେ ଲାଗି ପଡ଼ିଥାଆନ୍ତି। ଏଥିସହିତ ମନେରଖିବାକୁ ହେବ ଯେ, ଏହି ବ୍ୟୟ ଅଟକଳର ବିପୁଳ ଅର୍ଥ ଯୋଗାଡ଼ ହେବା ପୂର୍ବରୁ ସବୁଗଛ କଟା ହେବା ଥୟ।**

ଜଳବାୟୁ ପରିବର୍ତ୍ତନ ଯୋଗୁ ଭାରତରେ ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧି ପାଉଛି। ଏଭଳି ସମୟରେ ପରିବେଶ ସଂରକ୍ଷଣ ସଂଶୋଧନ ବିଲ୍ ୨୦୨୩ ଅଣାଯିବା ଅତି ଅଖାଡୁଆ ଲାଗିବା ସ୍ୱାଭାବିକ। ଜଙ୍ଗଲଧ୍ୱଂସ ଓ ଅବୈଜ୍ଞାନିକ ପଦ୍ଧତିରେ ଭିତ୍ତିଭୂମି ନିର୍ମାଣ କରାଯାଉଛି। ଫଳରେ ବନ୍ୟା ଓ ଭୂସ୍ଖଳନ ଭଳି ବିପତ୍ତି ବଢ଼ିବାରେ ଲାଗିଛି। ଉତ୍ତରାଖଣ୍ଡରେ ଯୋଷୀ ମଠ କ୍ରମାଗତ ଦବିବା, ପ୍ରବଳ ବନ୍ୟା ଯୋଗୁ ଈଶ୍ୱରଙ୍କ ନିଜସ୍ୱ ଦେଶ କୁହାଯାଉଥିବା କେରଳରେ ଅସ୍ୱାଭାବିକ ସ୍ଥିତି ଉପୁଜିବା ଓ କର୍ନାଟକର ବେଙ୍ଗାଲୁରୁ ସିଟିଠାରୁ ଆରମ୍ଭକରି ଓଡ଼ିଶାର ଭୁବନେଶ୍ୱର ବର୍ଷାପାଣିରେ ବୁଡ଼ିବା ସମସ୍ତେ ଦେଖୁଛନ୍ତି। ଏଭଳି ସ୍ଥଳେ ନିକୋବର ଦ୍ୱୀପପୁଞ୍ଜ ଭଳି ଏକ ଶାନ୍ତ ଓ ସବୁଜ ଜଙ୍ଗଲ ଅଞ୍ଚଳକୁ 'ବିକାଶ' ନାମରେ ଧ୍ୱଂସ କରିବାର ପ୍ରୟାସ ଆଉ ଏକ ବିପର୍ଯ୍ୟୟକୁ ଡାକିଆଣିବା ଆଶଙ୍କା ସୃଷ୍ଟି କରିଛି। ସରକାରଙ୍କ ଯୁକ୍ତି ହେଉଛି ବାଣିଜ୍ୟ, ଭିତ୍ତିଭୂମି ଉନ୍ନୟନ ଓ ଜାତୀୟ ନିରାପତ୍ତା ଦୃଷ୍ଟିରୁ ନିକୋବର ପ୍ରକଳ୍ପର ଆବଶ୍ୟକତା ପଡ଼ିଲା। ଏହା ସତ ହୋଇପାରେ। କିନ୍ତୁ ଏକ ପ୍ରାଚୀନ ତଥା ଅକ୍ଷୁଣ୍ଣ ଜଙ୍ଗଲର ବୃହତ୍ ଅଂଶକୁ ନଷ୍ଟ କରି ଦିଆଗଲେ ଉକ୍ତ ଦ୍ୱୀପ ତା'ର ମୌଳିକତା ହରାଇ ବସିବା ସହ ଜୈବ ବିବିଧତା ଧ୍ୱଂସ ପାଇବ। ଏଭଳି ସ୍ଥଳେ ସସ୍‌ଟେନେବଲ ଡେଭଲପମେଣ୍ଟ ବା ନିରନ୍ତର ବିକାଶ ବିଷୟରେ ଚିନ୍ତା କରାଯିବା ଦରକାର। ନିରନ୍ତର ବିକାଶର ସଂଜ୍ଞାକୁ ଦେଖିଲେ ଏହା ଏଭଳି ଏକ ପ୍ରକ୍ରିୟା, ଯେଉଁଥିରେ ଭବିଷ୍ୟତ ପିଢ଼ି ଲାଗି ପରିବେଶର ଗୁଣବତ୍ତାରେ କୌଣସି ସାଲିସ କରା ନ ଯାଇ ଦେଶର ଅର୍ଥନୈତିକ ବିକାଶ ଘଟାଯାଇପାରୁଥିବ। କିନ୍ତୁ ଜଙ୍ଗଲ ସଂରକ୍ଷଣ ସଂଶୋଧନ ବିଲ୍, ୨୦୨୩କୁ ଦେଖିଲେ ସେଭଳି ଆଶ୍ୱାସନାର ତିଳେମାତ୍ର ସଂକେତ ମିଳୁନାହିଁ। ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ପରେ ଏହି ବିଲ୍ ଆଇନରେ ପରିଣତ ହେବ ଏବଂ ତାହା ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ ଜାଗାରେ କାର୍ଯ୍ୟ କରିବ। ଏହାଦ୍ୱାରା ଜଙ୍ଗଲ ଜମିକୁ ଅତି ସହଜରେ ଅନ୍ୟାନ୍ୟ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ। ଫଳରେ ବୁଝିବାକୁ ହେବ ଯେ, ଦେଶର ଭବିଷ୍ୟତ ସକାଶେ ଏହା ଅତ୍ୟନ୍ତ କ୍ଷତିକାରକ ହେବ।

ଜଳବାୟୁ ପରିବର୍ତ୍ତନର ପ୍ରଭାବ ମାନବ ସଭ୍ୟତା ଉପରେ ପ୍ରତ୍ୟକ୍ଷ ପଡ଼ି ସାରିଲାଣି। ଏଭଳି ସ୍ଥଳେ ପରିବେଶକୁ ଧ୍ୱଂସ କରାଯାଇ 'ବିକାଶ' ନାମରେ କେବଳ ଚିକ୍‌ଚିକ୍ ଦେଖାଯାଉଥିବା ଭିତ୍ତିଭୂମି ସୃଷ୍ଟି କରାଗଲେ, ମଣିଷ ତିଷ୍ଠିବା କଷ୍ଟକର ହୋଇପଡ଼ିବ। ତେଣୁ ବିକାଶ ନାମରେ ପରିବେଶ ଧ୍ୱଂସ କୌଣସି ଭାବେ ସ୍ପୃହଣୀୟ ନୁହେଁ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | 8 | | | | |
| | | | | | | | | |
| 8 | 7 | | | | | | 6 | 4 |
| | 6 | | 3 | 5 | | 4 | 1 | |
| | 8 | | | 4 | | | | 5 |
| | 3 | | | | 1 | | | |
| | | | 5 | 1 | | 9 | | |
| | | | | 7 | 2 | | | 1 |
| 4 | | | | 9 | | | 5 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 9 | 5 | 2 | 3 | 6 | 7 | 8 |
| 5 | 6 | 3 | 4 | 7 | 8 | 9 | 2 | 1 |
| 2 | 7 | 8 | 9 | 1 | 6 | 3 | 4 | 5 |
| 8 | 9 | 2 | 3 | 4 | 7 | 5 | 1 | 6 |
| 7 | 3 | 6 | 1 | 5 | 9 | 4 | 8 | 2 |
| 4 | 5 | 1 | 8 | 6 | 2 | 7 | 9 | 3 |
| 6 | 2 | 5 | 7 | 8 | 4 | 1 | 3 | 9 |
| 3 | 1 | 7 | 2 | 9 | 5 | 8 | 6 | 4 |
| 9 | 8 | 4 | 6 | 3 | 1 | 2 | 5 | 7 |

ଗତକାଲିର ଉତ୍ତର

# ସ୍ମାର୍ଟ ନଗରୀର ଲଜ୍ଜା



ଚିତ୍ର-ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ସେ ମଣିଷ ହୁଅନ୍ତୁ ଅବା ନଗରୀ, ଯିଏ ସ୍ମାର୍ଟ ଭିତରେ ଗଣା ତାଙ୍କର ପୁଣି ଲଜ୍ଜା କ'ଣ! ସ୍ମାର୍ଟ ମଣିଷ ତ ଅନ୍ୟ ସାଧାରଣ ମଣିଷଙ୍କଠୁଁ ନିଆରା ; ଯେମିତି ଅସାଧାରଣ, ସେମିତି ଅନନ୍ୟ। ପଛକୁ ଫେରିବାର ପ୍ରବଣତାଠାରୁ ଦୂରରେ ଥାଇ ନିଜ ଉଚ୍ଚାରଣ ଓ ଆଚରଣରେ ଯିଏ ଏକ ଅଗ୍ରଗାମୀ ଚେତନାର ବାହକ ଭାବେ ନିଜ ପରିଚୟ ପ୍ରତିଷ୍ଠା କରେ, ଯାହା ପାଖରେ ସବୁ ପ୍ରକାର ପ୍ରଶ୍ନର ଉତ୍ତର ଥାଏ, ଅବା ସମ୍ଭାବ୍ୟ ସଙ୍କଟରୁ ମୁକୁଳିଯିବାର ଉପାୟ ଥାଏ, ତାକୁ 'ସ୍ମାର୍ଟ' ଭଳି ଏକ ସଂଭ୍ରାନ୍ତ ବିଶେଷଣରେ ବିଭୂଷିତ କରାଯାଇଥାଏ। ବଡ଼ ବା ବୟସ୍କମାନଙ୍କ କଥା ଦୂରେ ଥାଉ, କୋମଳ କିଶୋରଟିଏ ମଧ୍ୟ 'ସ୍ମାର୍ଟ ବୟ'ର ସମ୍ମାନ ସନନ୍ଦ ଅର୍ଜନ କରିବା ପାଇଁ କିଛି ବିଶେଷ ଗୁଣରାଜିର ଧାରକ ହେବା ଏକାନ୍ତ ଅପରିହାର୍ଯ୍ୟ ହୋଇଥାଏ। ନିଜ ଆଚରଣରେ ଗଧଙ୍କ ପରି ନିଷ୍କ୍ରିୟ ଜଣାପଡୁଥିବା ପିଲାଟିକୁ 'ସ୍ମାର୍ଟ ବୟ' ବୋଲି ସାର୍ଟିଫିକେଟ୍ ଦେଲେ ତା' ପାଇଁ ଲଜ୍ଜାଜନକ ହେଉ କି ନ ହେଉ 'ସ୍ମାର୍ଟ' ଶବ୍ଦଟିର ଅପମାନ ହେବ!

ସ୍ମାର୍ଟ ମଣିଷ ପରି ସ୍ମାର୍ଟ ନଗରୀ ପାଇଁ ସେଇ ଏକା ଯୋଗ୍ୟତାର ମାପଦଣ୍ଡ। ଆମ ଦେଶରେ ବହୁ ନଗରୀ ଥିଲେ ମଧ୍ୟ ଏମିତି ବଛା ବଛା କେତୋଟି ନଗରୀ କେବଳ 'ସ୍ମାର୍ଟ' ମାନ୍ୟତା ଅର୍ଜନ କରିଛନ୍ତି। କେଇବର୍ଷ ତଳେ ଯେତେବେଳେ ଆମ ରାଜଧାନୀ ନଗରୀ ଭୁବନେଶ୍ୱର ଏହି ଅପୂର୍ବ ମାନ୍ୟତାର ଅଧିକାରୀ ହୋଇଥିବା ରାଷ୍ଟ୍ରସ୍ତରରେ ଘୋଷଣା ହେଲା, ସେତେବେଳେ ଏଠାକାର ଅଧିବାସୀମାନଙ୍କ ହୃଦୟରେ ସୃଷ୍ଟି ହୋଇଥିଲା ଏକ ଅଭିନବ ମୁଗ୍‌ଧ ବିଭୋରଭାବ। ଏଠାରେ ବସବାସ କରିବାର ସୁଯୋଗରୁ ବଞ୍ଚିତ ହୋଇଥିବା ଅବଶିଷ୍ଟ ଓଡ଼ିଆମାନେ ଅନୁଭବ କରିଥିଲେ ଏକ ଅବ୍ୟକ୍ତ ଶୂନ୍ୟତା। ତେବେ କ'ଣ ଏହି ସ୍ମାର୍ଟପଣ, ଯାହାକୁ ନେଇ ଭୁବନେଶ୍ୱରରେ ରହୁଥିବା ଲୋକଟିଏ ନିଜେ ଉପଭୋଗ କରିବା ସହ ଅନ୍ୟ ସହରର ପ୍ରତିପକ୍ଷଙ୍କୁ ଦେଖାଇ ପାରୁଥିଲା ସେ କେମିତି ଅନ୍ୟମାନଙ୍କଠୁଁ ଭିନ୍ନ, ଅନନ୍ୟ!

ଗୋଟିଏ ନଗରୀ 'ସ୍ମାର୍ଟ ସିଟି' ତାଲିକାରେ ନିଜ ନାମ ଲେଖାଇବାକୁ ସେତେବେଳେ ଯୋଗ୍ୟ ବିବେଚିତ ହୁଏ, ଯେତେବେଳେ ଏହା ଅନ୍ୟ ସହର ବା ନଗରଠାରୁ ଚେହେରାରେ ଅଧିକ ଉଜ୍ଜ୍ୱଳ ଦେଖାଯାଏ। ଯେତେବେଳେ ଏହାର ଅଧିବାସୀମାନେ ସେଇ ସବୁ ସୁବିଧା ଉପଭୋଗ କରନ୍ତି, ଯାହା ଅନ୍ୟମାନଙ୍କ ପାଇଁ ଉପଲବ୍ଧ ନ ଥାଏ। ସେଇ ଦୃଷ୍ଟିରୁ ଆମ ରାଜଧାନୀ ନଗରକୁ ସ୍ମାର୍ଟ ଭାବେ ବିବେଚନା କରିଥିବା ନିର୍ଦ୍ଧାରକମାନେ ଏହାର ପ୍ରଶସ୍ତ ରାଜପଥ, ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା, ପ୍ରଦୂଷଣ ବିରୋଧୀ ବିସ୍ତୃତ ସବୁଜବଳୟ, ସୁଲଭ ଗମନାଗମନ ବ୍ୟବସ୍ଥା, ଉନ୍ନତ ଶିକ୍ଷାଦାନ ପାଇଁ ବଡ଼ ବଡ଼ ବିଶ୍ୱବିଦ୍ୟାଳୟ, ତହୁଁ ବଳି ଉନ୍ନତ ମାନର ସ୍ୱାସ୍ଥ୍ୟସେବା ପାଇଁ ବିଭିନ୍ନ କର୍ପୋରେଟ୍ ହସ୍ପିଟାଲ ସହିତ ସଫ୍ଟୱେୟାର ଟେକ୍ନୋଲୋଜିକୁ ବିକଶିତ କରୁଥିବା ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀର କର୍ମଶାଳା ଆଦିକୁ ବିଚାରକୁ ନେଇଥିବେ। ଏ କଥା ବି ଦେଖିଥିବେ ଯେ ଦେଶର ବହୁ ନଗର ତୁଳନାରେ ଭୁବନେଶ୍ୱର କେମିତି ମଣିଷର ଆଧ୍ୟାତ୍ମିକ ଚେତନାକୁ ପରିପୁଷ୍ଟ କରିବାକୁ ମନ୍ଦିରମାଳିନୀ ନଗର ଭାବେ ପୂର୍ବରୁ ମାନ୍ୟତା ଅର୍ଜନ କରିଛି। ପୁଣି କେମିତି ବହୁବିଧ ପ୍ରାକୃତିକ ସମ୍ଭାରରେ ସମୃଦ୍ଧ ହୋଇ ଯନ୍ତ୍ରମନସ୍କ ଯୁବାବର୍ଗଙ୍କୁ ଜୀବନବୋଧର ଭିନ୍ନ ଏକ ଦିଗନ୍ତ ପ୍ରତି ଆକର୍ଷିତ କରିବାର ସାମର୍ଥ୍ୟ ରଖିଛି। ଅବଶ୍ୟ ଏକଥା ଭିନ୍ନ ଯେ ସେତେବେଳେ ବିଚାରକମାନେ ଏକଥା ଦେଖି ନ ଥିବେ ଯେ ଏଠାରେ ବି ଦୂରବର୍ତ୍ତୀ ଗାଁ ଓ ଅପେକ୍ଷାକୃତ କ୍ଷୁଦ୍ର ସହର ଭଳି ଖରାଦିନେ ଘଣ୍ଟା ଘଣ୍ଟା ଧରି ବିଜୁଳି କାଟ୍ ହେଉଛି, ପୁଣି ରାଜପଥରୁ ବାଟ ଭାଙ୍ଗି ରାଜଧାନୀର ଗଳି ରାସ୍ତାଧାରର ବସ୍ତିବାସିନ୍ଦାମାନେ ଅସ୍ୱାସ୍ଥ୍ୟକର ପରିବେଶରେ ଡେଙ୍ଗୁରେ ଆକ୍ରାନ୍ତ ହେଉଛନ୍ତି ଏବଂ ସର୍ବୋପରି ବର୍ଷାଦିନରେ ଖୋଲା ଡ୍ରେନର ପ୍ରଚଣ୍ଡ ସ୍ରୋତରେ ଭାସିଯାଇ ତରୁଣ ଛାତ୍ରଟିର ପ୍ରାଣହାନି ଘଟୁଛି!



ସ୍ମାର୍ଟ ସିଟି ଭୁବନେଶ୍ୱରକୁ ନେଇ ଏତେ ଚିତ୍ରଣ, ମନ୍ଥନ ଓ ବିଶ୍ଳେଷଣର ଆବଶ୍ୟକତା ପଡ଼ନ୍ତା ନାହିଁ, ଯଦି କେଇଦିନ ତଳର ଲଘୁଚାପଜନିତ ବର୍ଷା ବିପ୍ୱାତର ବିକଳ ଚିତ୍ର ହୃଦୟକୁ ଥରାଇ ଦେଇ ନ ଥା'ନ୍ତା ; ଏକ ବାଧ୍ୟ ବିବଶ ଅସହାୟତାରେ। ବିଗତ କେଇବର୍ଷ ହେଲା ରାଜଧାନୀ ନଗରୀରେ ରହୁଥିବା ଅଧିବାସୀଙ୍କ ପାଇଁ ଏ ବର୍ଷା ବିପ୍ୱାତ କିଛି ନୂଆ ନ ଥିଲା। ସ୍ମାର୍ଟ ସିଟିର ମାନ୍ୟତା ପାଇବା ପୂର୍ବରୁ ରାଜଧାନୀରେ ଭାରି ବର୍ଷାର ଇତିହାସ କିଛି କମ୍ ନୁହେଁ। ମାତ୍ର ପାଖରେ ଥିବା କଟକ ନଗର ଭଳି କେବେ ବି ଏହା ଭୋଗୁ ନ ଥିଲା ବର୍ଷା ବିପ୍ୱାତର ଦୁର୍ଦ୍ଦଶା। କେବେ ବି ଏଠାରେ ଘର ଭିତରେ ପାଣିର ସୁଅ ଚାଲୁ ନ ଥିଲା କିମ୍ବା ଘର ଭିତରେ ଛଅ ମାସର ଛୁଆକୁ ଧରି ମାଆ ଜଣେ ବୁଡ଼ିଯାଇଥିବା ଖଟ ଉପରେ ଚେୟାରଟି ପକାଇ ତା' ଉପରେ ଆଶ୍ରୟ ନେଉ ନ ଥିଲା। ମାତ୍ର ସ୍ମାର୍ଟ ସିଟି ହେଲା ପରେ କଟକକୁ ପଛରେ ପକାଇ ବଳିଗଲାଣି ଭୁବନେଶ୍ୱରବାସୀଙ୍କ ଦୁର୍ଦ୍ଦଶା।

କୁହାଯାଉଛି, ଭୁବନେଶ୍ୱର ନଗରର ପରିକଳ୍ପନା କଲାବେଳେ ମାତ୍ର ଚାଳିଶ ହଜାର ଲୋକ ଏଠାରେ ବସବାସ କରିବେ ବୋଲି ଚିନ୍ତା କରାଯାଇଥିଲା। ଅଥଚ ଏବେ ଏହାର ଲୋକସଂଖ୍ୟା ୧୨ ଲକ୍ଷରୁ ଊର୍ଦ୍ଧ୍ୱ ହୋଇଗଲାଣି। ଆଧୁନିକ ଜୀବନର ଆକର୍ଷଣରେ ଗାଁରୁ ସହରମୁହାଁ ହେଉଥିବା ଲୋକଙ୍କ ରାଜଧାନୀରେ ବସା ବାନ୍ଧିବାର ପ୍ରବଣତା ମଧ୍ୟରେ ରାଜଧାନୀର ବିସ୍ତୀର୍ଣ୍ଣ ଭୂସମ୍ପଦ ଉପରେ ଗଢ଼ି ଉଠିଲାଣି ମାଳ ମାଳ କଂକ୍ରିଟ୍‌ର କୋଠାବଣ। ପ୍ରଶାସନର ଉଦାସୀନତା ଓ କେତେକ କ୍ଷେତ୍ରରେ ସହଯୋଗିତାରେ ସରକାରୀ ଜମି, ଏପରିକି ଗୋଚର ଜମି ଉପରେ ବିଛିଡ଼ା ହେଲାଣି ମାଳ ମାଳ କୋଠାଘର। ବର୍ଷାଜଳ ବୋହିନେବାକୁ ଡ୍ରେନ୍ ନାହିଁ କି ଶୋଷିନେବାକୁ ମାଟି ମୁଠାଏ ନାହିଁ। ସୁତରାଂ ବ୍ୟାପକ ଜଳ ପ୍ଲାବନ ମଧ୍ୟରେ ଉବୁଟୁବୁ ହେବାକୁ ଆମ ସ୍ମାର୍ଟ ସିଟି ବସ୍ତୁତଃ ବାଧ୍ୟ। ପକେଟରେ ଟଙ୍କା ଓ ହାଣ୍ଡିରେ ଚାଉଳ ଥାଇ ବି ରୋଷେଇ କରି ନ ପାରି ଉପାସରେ ଦିନ କାଟିବାକୁ ଏଠାକାର ବାସିନ୍ଦାଙ୍କ ଭାଗ୍ୟ ଓ ଟିଉଶନ ସାରି ଘରକୁ ଫେରିଲାବେଳକୁ ଖୋଲା ଡ୍ରେନ୍‌ରେ ପଡ଼ିଯାଇ ଅକାଳରେ ସଂସାର ଛାଡ଼ିବା ଏଠାକାର ତରୁଣଙ୍କ ଭବିଷ୍ୟ!

ଉପସଂହାରରେ ଏଥର ବର୍ଷା ବିପ୍ୱାତରେ ସ୍ମାର୍ଟସିଟିର ଦୁଇଟି ଦୁର୍ଭାଗ୍ୟପୂର୍ଣ୍ଣ ଦୃଶ୍ୟପଟ। ଅତ୍ୟନ୍ତ ହୃଦୟସ୍ପର୍ଶୀ ଏହି ଦୁଇଟି ଦୃଶ୍ୟର ମାନବୀୟ ଆବେଦନ ବେଶ୍ ମାର୍ମିକ। ପ୍ରଥମରେ ରାଜଧାନୀର ନିଉ ଫରେଷ୍ଟ ପାର୍କ ଅଞ୍ଚଳରେ ରହୁଥିବା ଅଶୀତିପର ବୁଢ଼ାବୁଢ଼ୀ ଦୁହେଁ ନିଜ ଘରେ ଜଳବନ୍ଦୀ ହୋଇ ରହୁଛନ୍ତି। ରାଜଧାନୀର ଅନ୍ୟ ବହୁ ବୟସ୍କ ମାତାପିତାଙ୍କ ପରି ସେମାନଙ୍କ ସନ୍ତାନସନ୍ତତି ବିନା ଏକା ଏକା ରହୁଥିବା ଏହି ବୃଦ୍ଧ ଦମ୍ପତି ଅତି ବିକଳରେ କହୁଥିଲେ, "ଘର ଭିତରେ ଆଣ୍ଠୁଏ ପାଣି। ଆମର ସେବାକାରୀ କାମବାଲିର ଘରେ ପାଣି ପଶିଥିବାରୁ ସେ ଆସିବନି ବୋଲି ମନାକଲା ପରେ ବିନା ଖାଦ୍ୟପେୟରେ ଖଟ ଉପରେ ଚେୟାର ପକାଇ ଆମେ ଦୁହେଁ ବସିରହିଛୁ।" ଦ୍ୱିତୀୟ ଦୃଶ୍ୟଟି ଆହୁରି ଚିନ୍ତା ଉଦ୍ରେକକାରୀ। ସ୍ମାର୍ଟ ସିଟିରେ ଚାକିରି କରି ଘରଭଡ଼ା ନେଇ ରହୁଥିବା ଲୋକ ଜଣେ ପାଣି ଘେରରେ ଉପାସରେ ଥିବା ନିଜ ପିଲାମାନଙ୍କ ବିକଳ ଅବସ୍ଥା ଦେଖି ନ ପାରି ପରିବାରକୁ ନେଇ ଗାଁକୁ ଚାଲିଗଲେ। ଏହି ଦୁଇଟି ଘଟଣାକୁ ସ୍ମାର୍ଟ ସିଟିର ଦୁଃଖ ନ କହି ଲଜ୍ଜା କହିଲେ ଅଧିକ ସମୀଚୀନ ହେବ। ନିଜ ପୁଅକୁ ସ୍ମାର୍ଟ ବୟ କହି ଛାତି ଫୁଲାଉଥିବା ବାପା ଗୋଟିଏ ସାଧାରଣ ପ୍ରଶ୍ନର ଉତ୍ତର ଜାଣି ନ ଥିବା ପୁଅଟିର ବିଫଳତାରେ ଲଜ୍ଜାବୋଧ କଲାପରି ସ୍ମାର୍ଟ ସିଟିର ବାସିନ୍ଦାଙ୍କୁ ନିମ୍ନତମ ନିରାପତ୍ତା ଯୋଗାଇବାରେ ବିଫଳ ହେଉଥିବା ପ୍ରଶାସନ ଲଜ୍ଜିତ ହେଉଛନ୍ତି କି ନାହିଁ କେଜାଣି।

**ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,**
**ଚକେଇସିହାଣି, ଭୁବନେଶ୍ୱର-୧୦**
**ମୋ: ୮୮୯୫୬୨୪୧୦୫**

# ଦୋଷ ଦେବା କାହାକୁ



ଡ.ସତ୍ୟନାରାୟଣ ମିଶ୍ର

ସାମ୍ପ୍ରତିକ ଏକବିଂଶ ଶତାବ୍ଦୀରେ ମଣିଷ ଯେତେବେଳେ ସ୍ୱୟଂସିଦ୍ଧ, ସେତେବେଳେ ପ୍ରଯୁକ୍ତିବିଦ୍ୟାର ଉତ୍କର୍ଷରେ ନିଜକୁ ଶ୍ରେଷ୍ଠ ବୋଲି ପରିଚୟ ସୃଷ୍ଟି କରିଥାଏ। ମାତ୍ର ପରିଚୟକୁ ଏକ ଦୃଷ୍ଟାନ୍ତ ରୂପରେଖ କରିବା ପାଇଁ ମଣିଷ ଚିନ୍ତନ କରିବା ଆବଶ୍ୟକ। ପରିଚୟ ମଣିଷକୁ ଜୀବନ୍ତ କରିବାରେ ସାହାଯ୍ୟ କରିଥାଏ, ଯେଉଁଠି ଥାଏ ଭବିଷ୍ୟତର ମାନ୍ୟତା। ଗୋଟିଏ ଜାତି ବା ଦେଶର ମାନ୍ୟତା ସେତେବେଳେ ପରିଚିତ ହୋଇଥାଏ, ଯେତେବେଳେ ତାହା ଭବିଷ୍ୟତ ଦ୍ୱାରା ଆଦୃତ ହୋଇଥାଏ ଓ ଯାହା ଥାଏ ଏକ ଦୃଷ୍ଟାନ୍ତ। ମାତ୍ର ବର୍ତ୍ତମାନର ସମାଜରେ ମଣିଷ ନିଜେ ଦୋଷ କରି ଯେଉଁ ପରିଚୟ ସୃଷ୍ଟି କରୁଛି ତାହା ହେଉଛି ଏକ ସମ୍ବେଦନଶୀଳ ପୃଷ୍ଠା, ଯାହା ଭବିଷ୍ୟତ ପାଇଁ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଥାଏ। ଅନେକ ସମୟରେ ଆଜିର ଜୀବନଶୈଳୀରେ ମଣିଷ ନିଜର କର୍ମ ଚାତୁରୀକୁ ପାଥେୟ କରିବା ପାଇଁ ନିଜର ଭୁଲ୍‌କୁ ନିଜେ ମାନିବା ଲାଗି ନାରାଜ, କାରଣ ମଣିଷ ନିଜର ଶ୍ରେୟରେ ନିଜେ ବଳୀୟାନ, ଯାହା ଏକ ମର୍ମସ୍ପର୍ଶୀ ବ୍ୟବସ୍ଥା। କୌଣସି ଭୋଜି ଆଦିରେ ସଭ୍ୟ ମଣିଷ ଯେତିକି ପରିମାଣରେ ଖାଦ୍ୟ ନଷ୍ଟ କରିଥାଏ ତାହା ଚିନ୍ତାର ବିଷୟ। ସଭା ସମିତି, ବିବାହ ଉତ୍ସବ ଆଦିରେ ଯେଉଁ ପରିମାଣରେ ଓ ପ୍ରକାରର ଖାଦ୍ୟ ଉପକରଣ ହୋଇଥାଏ ଓ ତାହାର ବ୍ୟବହାର ତଥା ନଷ୍ଟର ତାଲିକା ଯଦି ପ୍ରସ୍ତୁତ କରାଯାଏ, ତେବେ ଏକ ଅସନ୍ତୁଳିତ ତାଲିକା ସୃଷ୍ଟି ହୋଇଥାଏ। ଏଥିରେ କର୍ତ୍ତା ପ୍ରକାରାନ୍ତରେ ଏକ ଅକ୍ଷମଣୀୟ ଅପରାଧ କରିଥାନ୍ତି, କାରଣ କ୍ଷୁଧା ନିବାରଣ ବା ଉଦର ଶାନ୍ତି ପାଇଁ ଉକ୍ତ ଖାଦ୍ୟ ସାମଗ୍ରୀର ପ୍ରସ୍ତୁତ ହୋଇ ନ ଥାଏ। କେବଳ ଆଭିଜାତ୍ୟକୁ ପ୍ରତିପାଦିତ କରିବା ପାଇଁ ଏହା ଉଦ୍ଦିଷ୍ଟ ଥାଏ। ଯେଉଁ ଚାଷୀ ଖାଦ୍ୟ ଦ୍ରବ୍ୟକୁ ଉତ୍ପାଦନ କରିଥାଏ, ତାହାର ଉଦ୍ଦେଶ୍ୟ ଥାଏ ମଣିଷର ଆବଶ୍ୟକତାକୁ ପୂରଣ କରିବ ଓ ତାହା ଜନସେବାରେ ଉପଲବ୍ଧ ହେବ। ମାତ୍ର ଯେଉଁ ସମାଜରେ ମଣିଷ ଅନାହାରରେ ମୃତ୍ୟୁବରଣ କରୁଛି, ସେହି ସମାଜରେ ଖାଦ୍ୟର ଆଭିଜାତ୍ୟ ନଷ୍ଟ ପଦ୍ଧତି ପରୋକ୍ଷରେ ଏକ ନିଅଣ୍ଟ ପରିବେଶ ସୃଷ୍ଟି କରୁଛି ଓ ସମାଜ ଅସନ୍ତୁଳନ ସୃଷ୍ଟି କରୁଛି। ବର୍ତ୍ତମାନ ବିଦ୍ୟୁତ୍ ବ୍ୟବହାର କ୍ଷେତ୍ରରେ ଶକ୍ତିର ଅପଚୟ ଏକ ନିତିଦିନିଆ ମନ୍ଦ ଅଭ୍ୟାସ ହୋଇଗଲାଣି। ଘରୋଇ କ୍ଷେତ୍ରରେ ହେଉ ବା ବ୍ୟବସାୟରେ ହେଉ ଆବଶ୍ୟକତାରୁ ଅଧିକ ବା ପ୍ରୟୋଜନ ନ ଥାଇ ବିଜୁଳିର ଅସଦ୍ ବ୍ୟବହାର ଅଧିକ ହେଉଛି। ଅନେକ କଳକାରଖାନାରେ ବେପରୁଆ ବିଦ୍ୟୁତ୍ ବ୍ୟବହାର କରି ଦେୟକୁ ଅସଦ୍ ଉପାୟରେ ଫାଙ୍କି ଦିଆଯାଉଛି।

ଇନ୍ଧନ କ୍ଷେତ୍ରରେ ମଧ୍ୟ ସମାନ ଅପଚୟ ବ୍ୟବସ୍ଥା। ବିଦେଶରେ ଅନେକ ସ୍ଥାନରେ କୌଣସି କାରଣ ନ ଥାଇ ବ୍ୟକ୍ତି ଏଣେତେଣେ ବୁଲାବୁଲି କରି ଇନ୍ଧନ ନଷ୍ଟ କରନ୍ତି ନାହିଁ ଓ ଅଯଥାରେ ଭିଡ଼ ସୃଷ୍ଟି କରି ଟ୍ରାଫିକ ସମସ୍ୟାକୁ ଅଧିକ ଗମ୍ଭୀର କରନ୍ତି ନାହିଁ। ମାତ୍ର ଆମେ ଦୋଷ ଦେବା କାହାକୁ ? ସମାଜରେ ବର୍ତ୍ତମାନ ଲାଞ୍ଚ ନେବା ଓ ଦେବା ଏକ ନିଆ ଦିଆର ବ୍ୟବସ୍ଥା। ଏପରି କି କେତେଜଣ ବ୍ୟକ୍ତି ନୂତନ ସରକାରୀ ଚାକିରି ଆରମ୍ଭ କରିବା ପୂର୍ବରୁ ହିସାବ କରିଥାନ୍ତି ଏଥିରେ ଉପୁରି ବା ଲାଞ୍ଚର ବ୍ୟବସ୍ଥା ଅଛି କି ନାହିଁ। ଲାଞ୍ଚ ନ ଦେଲେ କାର୍ଯ୍ୟ ସଫଳ ହେବା କଷ୍ଟ ବୋଲି ଅନେକେ ଅଭିଯୋଗ କରିଥାଆନ୍ତି। ତେବେ ଦୋଷ ଦେବା କାହାକୁ ଲାଞ୍ଚ ନେଉଥିବା ବ୍ୟକ୍ତିକୁ ନା ଲାଞ୍ଚ ଦେଉଥିବା ବ୍ୟକ୍ତିକୁ ନା ଶାସନ ବ୍ୟବସ୍ଥାକୁ। ବ୍ୟକ୍ତି ଅନେକ ସମୟରେ ବାରମ୍ବାର ଗୋଟିଏ କାର୍ଯ୍ୟ ପାଇଁ ଯେତେବେଳେ ନିରୁପାୟ ହୋଇଯାଏ, ସେତେବେଳେ ଉକ୍ତ ଲାଞ୍ଚ ବ୍ୟବସ୍ଥାକୁ ଇଚ୍ଛା ବିରୋଧରେ ବ୍ୟବହାର କରି କାର୍ଯ୍ୟ ହାସଲ କରିଥାଏ। ଶିକ୍ଷା କ୍ଷେତ୍ରରେ ବର୍ତ୍ତମାନ ଶିକ୍ଷାନୁଷ୍ଠାନଗୁଡ଼ିକ କେଉଁ ମାତ୍ରାରେ ଗଢ଼ିଉଠିଛି ଓ କେଉଁ ସ୍ତରରେ ରହିଛି ତାହା ବେଶ୍ ଜଣା। ଉକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ କେତେ ହାରରେ ଶିକ୍ଷିତ ବା ଜ୍ଞାନୀ ବ୍ୟକ୍ତି ସୃଷ୍ଟି ହେଉଛନ୍ତି ତାହା ଏ ସମାଜକୁ ବି ଜଣା। ଶିକ୍ଷାନୁଷ୍ଠାନର ଅୟମାରମ୍ଭରୁ ସୃଷ୍ଟି ହୋଇଥାଏ ଅସାଧୁ ଉପାୟରେ ଶିକ୍ଷାନୁଷ୍ଠାନର ସ୍ଥିତି। ଶିକ୍ଷାନୁଷ୍ଠାନରେ ପିଲା କିପରି ଜ୍ଞାନୀ ଓ ପାଠପଢ଼ାରେ ମନୋନିବେଶ କରିବେ ସେଥିପ୍ରତି ଶିକ୍ଷକ ବା ଶିକ୍ଷାନୁଷ୍ଠାନ ଯେତିକି ଯତ୍ନବାନ ହୋଇ ନ ଥାଏ, ତା'ଠାରୁ ଅଧିକ ଯତ୍ନବାନ ହୋଇଥାନ୍ତି ପିଲାମାନେ କିପରି ଅସାଧୁ ଉପାୟରେ ପରୀକ୍ଷାରେ ପାସ୍ ହେବେ। ପିଲା ପାସ୍ ହେବା ପାଇଁ ଶିକ୍ଷକ, ଶିକ୍ଷାନୁଷ୍ଠାନ ଓ ଅଭିଭାବକ ଯଥେଷ୍ଟ ଉଦ୍ୟମ କରିଥାନ୍ତି।



ରାଜନୀତିରେ ନିର୍ବାଚନ ସମୟରେ ଭୋଟ ଜବରଦଖଲ, ଘରେଘରେ ଉପହାର ବା ଉତ୍କୋଚ ବଣ୍ଟନ, ମାତ୍ରାଧିକ ଭୟ ଆତଙ୍କର ସମଷ୍ଟିରେ ଭୋଟ ଗ୍ରହଣ ଇତ୍ୟାଦି ପାଇଁ ଦୋଷଦେବା କାହାକୁ, ଜନତାଙ୍କୁ ନା ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କୁ ନା ସରକାରଙ୍କ ବ୍ୟବସ୍ଥାକୁ । ଖାଦ୍ୟରେ ଅପମିଶ୍ରଣ ଲାଭଜନକ ବ୍ୟବସାୟ ହୋଇଗଲାଣି। ବର୍ତ୍ତମାନ ଏହା ଜୀବନକୁ ଦୁର୍ବିଷହ କରିସାରିଲାଣି। ତେବେ ଏଥିପାଇଁ ମଣିଷପଣିଆକୁ ଦୋଷ ଦେବା ନା ବିବେକକୁ ଦୋଷ ଦେବା ନା ସଭ୍ୟତାକୁ ଦୋଷ ଦେବା। ପୋଷାକରେ ବର୍ତ୍ତମାନ ଶାଳୀନତାର ପ୍ରଶ୍ନ ରହୁ ନାହିଁ ଓ ସାର୍ବଜନୀନ ସ୍ଥାନଗୁଡ଼ିକରେ ଯିଏ ଯେତେ ଛୋଟ ଓ ଚିରାଫଟା ପିନ୍ଧିପାରିଲା ସିଏ ସେତେ ଆଭିଜାତ୍ୟ ବୋଲି ନିଜକୁ ଗର୍ବ କରିଥାଏ। ତେବେ ଏଥିରେ ଦୋଷ ଦେବା କାହାକୁ? ମଦ ଓ ଅନ୍ୟ ନିଶାରେ ଆସକ୍ତ ହୋଇ ସାମାଜିକ ଜୀବନକୁ ଭିତତ୍ରସ୍ତ କରିବା ଓ ଅନ୍ୟମାନଙ୍କୁ ବାଧକ ସୃଷ୍ଟି କରିବା ଯେପରି ଏକ ଅଣସୀକୃତି ଶୃଙ୍ଖଳା ହୋଇଗଲାଣି। ନିଶା ସେବନ ପାଇଁ ସରକାର ସ୍ଥାନ ନିରୂପଣ କରି ସରକାର ସେଥିରୁ ଧନ ପାଇଥାନ୍ତି। ସରକାର ମଧ୍ୟ ଆଇନ ଶୃଙ୍ଖଳା ପାଇଁ ଅଧିକ ଶ୍ରମ ଓ ଧନ ବ୍ୟବହାର ବି କରିଥାନ୍ତି। ଏତଦ୍‌ବ୍ୟତୀତ ନିଶା ଉତ୍ପାଦନ, ବିକ୍ରି ପାଇଁ ସୀକୃତି ଦେଇ ବ୍ୟବହାର ନ କରିବା ପାଇଁ ବିଜ୍ଞାପନ ଆଦିରେ ଅନେକ ଅର୍ଥ ନଷ୍ଟ କରନ୍ତି ଓ ଜନସାଧାରଣଙ୍କୁ ମଧ୍ୟ ସଚେତନ କରିଥାନ୍ତି ନିଶା ସେବନ ନ କରିବା ପାଇଁ। ତେବେ ଦୋଷ ଦେବା କାହାକୁ ? ଅତଏବ ମଣିଷ ପ୍ରଥମେ ନିଜକୁ ଦୋଷୀସାବ୍ୟସ୍ତ କରିବା ଉଚିତ ଓ ଦୋଷର ନିରାକରଣ ପାଇଁ ପ୍ରତିରୋଧ କରି ନିଜେ ସଂଶୋଧିତ ହେଲେ ସମଗ୍ର ପଦ୍ଧତି ନିଶ୍ଚୟ ଦୋଷମୁକ୍ତ ହୋଇଯିବ।

**ଅଭିଲେଖାଧିକାରୀ**
**ଜାତୀୟ ଅଭିଲେଖାଗାର,**
**ଭାରତ ସରକାର**
ମୋ -୯୯୩୭୩୪୫୯୦୦

## ଏଇ ଭାରତରେ

ଦେଶରେ ଟମାଟୋ ଦାମ ଆକାଶ ଛୁଆଁ ହୋଇଛି। ପ୍ରତିଦିନ ଟମାଟୋ ନେଇ ରୋଚକ ଖବର ମିଳିବାରେ ଲାଗିଛି। ସମ୍ପ୍ରତି ଝାଡ଼ଖଣ୍ଡର କୋରବା ଅଞ୍ଚଳରେ ଏକ ମିଠା ଦୋକାନରେ ବିଭିନ୍ନ ମିଠା ସହିତ ଟମାଟୋ ମଧ୍ୟ ବିକ୍ରି ହେଉଛି। ଦୋକାନରେ ରସଗୋଲା ଏବଂ ଅନ୍ୟ କେତେକ ମିଠାର କିଲୋଗ୍ରାମ ପିଛା ଦାମ ୨୨୦ ଟଙ୍କା ରହିଛି। ତେବେ ଟମାଟୋ ଦାମ କିଲୋଗ୍ରାମ ପିଛା ୩୦୦ ଟଙ୍କା ରହିଛି। ଦୋକାନ ମାଲିକ କହିଛନ୍ତି ଏବେ ଟମାଟୋ ଦାମ ମିଠା ଦାମଠାରୁ ଅଧିକ ରହିଛି। ତେଣୁ ମୁଁ ବିଭିନ୍ନ ମିଠା ସହିତ ଟମାଟୋ ବିକ୍ରି କରୁଛି। ଏହା ପ୍ରଚାର ଦେବା ଦ୍ୱାରା ଗ୍ରାହକ ମୋ ଦୋକାନ ସମ୍ପର୍କରେ ଜାଣି ମିଠା କିଣିବାକୁ ଅଧିକ ସଂଖ୍ୟାରେ ଆସି ପହଞ୍ଚୁଛନ୍ତି।କୋରବାର ୨ ଟି ଦୋକାନରେ ଟମାଟୋକୁ ମିଠା ଭଳି ଫ୍ରିଜରରେ ରଖାଯାଇଛି। ଟମାଟୋ ବାହାରେ ରଖିଲେ ନଷ୍ଟ ହେବାର ଆଶଙ୍କା ଥିବାରୁ ଏଭଳି କରାଯାଉଥିବା ଦୋକାନ ମାଲିକ କହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ଅଗଷ୍ଟ ୧୯୯୮

- କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍. ବାଙ୍ଗରପ୍ପା ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅବ୍ରାର ଅହମ୍ମଦଙ୍କ ପୁନଃ କଂଗ୍ରେସ ଦଳକୁ ପ୍ରତ୍ୟାବର୍ତ୍ତନ।
- ବମ୍ବେରେ ଘଟିଥିବା ଦଙ୍ଗା ଓ ତତ୍ ପରବର୍ତ୍ତୀ ବୋମାବିସ୍ଫୋରଣ ଘଟଣାର ତଦନ୍ତ କରି ଶ୍ରୀକୃଷ୍ଣ କମିଶନ ଦେଇଥିବା ରିପୋର୍ଟରେ ଶିବସେନା ମୁଖ୍ୟ ବାଲ୍ ଥାକ୍‌ରେ ଦୋଷୀ ସାବ୍ୟସ୍ତ।
- ଧର୍ଷଣ ଉଦ୍ୟମ ଅଭିଯୋଗରେ ଅଭିଯୁକ୍ତ ଇନ୍ଦ୍ରଜିତ୍ ରାୟଙ୍କ ଆଡ୍‌ଭୋକେଟ ଜେନେରାଲ (ଏ.ଜି.) ପଦରୁ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ରୁଦ୍ଧ ହୃଦୟ ଆବେଗ ନୟନ ଜଳରେ ଦିଏ ଢାଳି,
ପରାହତ କବି ଯଥା ଲୋତକରେ ଦିଅଇ ପଖାଳି
ଅପ୍ରକାଶ ଅନାଗତ ବେଦନାର ଛନ୍ଦ,
ଫାଟି ପଡ଼େ ହୃଦୟର ବନ୍ଧ।

(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଉତ୍କୋଚ ସମାଜ ପାଇଁ କଳଙ୍କ

ମହାଶୟ,

ଆମ ସମାଜ, ସାମାଜିକ ଚଳଣି, ପରବେଶ ବିଜ୍ଞାନ ଆଜି କୁସଂସ୍କାରରେ ବଶୀଭୂତ। ଲୋଭ, ମାୟା, ସ୍ୱାର୍ଥ, ଅନାବଶ୍ୟକ ସ୍ୱାର୍ଥାନ୍ଧତା, ବେନିୟମ, ଅନ୍ୟାୟ ଭାବରେ ଅର୍ଥ ଲାଳସା, ଭଲ ବ୍ୟକ୍ତିକୁ ମଧ୍ୟ ବିପଥଗାମୀ କରିଦେବ। ଉଦାହରଣ ସ୍ୱରୂପ ପିସି ନ ଦେଲେ କାମ ହୋଇପାରିବନି। ମାତ୍ରାଧିକ ଲାଞ୍ଚ ଦେଲେ ଅସତ୍ ଉପାୟରେ ସତ୍ ଉପାୟ ସଙ୍ଗେ ସଙ୍ଗେ ହୋଇପାରୁଛି। ବିଡ଼ମ୍ବନାର ବିଷୟ, ଜନତାଙ୍କର ସୁରକ୍ଷା କବଚ ପୋଲିସ ବାବୁ। ଜନରକ୍ଷକ ପୋଲିସବାବୁମାନଙ୍କୁ ଏ ସାରା ସମାଜ ସାମାଜିକ ପ୍ରାଣୀ ଓ ମାନବ ସଭ୍ୟତା ସମ୍ମାନରେ ପୋତି ପକାନ୍ତି। ମନରେ ଭାରି ଆଶା ଓ ବିଶ୍ୱାସ, ନୂଆ ପୋଲିସ ବାବୁ ଆମ ଅଞ୍ଚଳ ପାଇଁ ଭଲ କାମ କରିବେ। ଆଇନ ଶୃଙ୍ଖଳାକୁ ସମ୍ମାନ ଦେବେ। ବିପଥଗାମୀ ବ୍ୟକ୍ତିମାନଙ୍କୁ ସୁପଥ ଦେଖାଇବେ। ଗରିବ ଦୁଃଖୀ ନାରୀ ମାତୃଜାତିକୁ ଯଥେଷ୍ଟ ନ୍ୟାୟ ପ୍ରଦାନ କରିବେ। କିନ୍ତୁ ଆଜି ବିପରୀତ ଶବ୍ଦ ଦେଖିବାକୁ ଓ ସମ୍ବାଦପତ୍ରରୁ ପଢ଼ିବାକୁ ମିଳୁଛି। ପୋଲିସ ଅଫିସର ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ବିଭାଗ ମାଡ଼ି ବସୁଛି। ଏଭଳି ଲଜ୍ଜିତ କଥା ଆଉ ନ ଘଟୁ। ବିଶେଷକଥା, ଜନତାଙ୍କ ସୁଚିନ୍ତାଧାରା ଓ ଆଶା ଭରସାକୁ ପୋଲିସ ବାବୁମାନେ ମନ ଦେଇ ବୁଝନ୍ତୁ।

**-ଆଦିକନ୍ଦ ସାହୁ,**
**ଏକମାଣିଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗବେଷଣା ଦିଏ ନୂଆ ଧାରଣା


ଡ. କମଳାକାନ୍ତ ଜେନା

"କ୍ୱାର୍କ ଛଅ ପ୍ରକାରର- ଯଥା: ଅପ୍, ଡାଉନ୍, ଚାର୍ମ, ଷ୍ଟ୍ରେ, ବଟମ୍ ଓ ଟପ୍ କ୍ୱାର୍କ । ୧୯୯୫ ମସିହାରେ ଛଅ ନମ୍ବର ଟପ୍ କ୍ୱାର୍କ ବିଷୟରେ ସଠିକ୍ ଜଣାପଡ଼ିଥିଲା । ଛଅ ଗୋଟି କ୍ୱାର୍କ ମଧ୍ୟରୁ ଅପ୍ କ୍ୱାର୍କ ଓ ଡାଉନ୍ କ୍ୱାର୍କ ଦୁଇଟି ପ୍ରଥମ ପିଢ଼ିର କ୍ୱାର୍କ । ସେହିପରି ଷ୍ଟ୍ରେ ଓ ଚାର୍ମ ଦ୍ୱିତୀୟ ପିଢ଼ିର । ବାକି ଟପ୍ ଓ ବଟମ୍ କ୍ୱାର୍କ ଦୁଇଟି ତୃତୀୟ ପିଢ଼ିର । ପ୍ରତ୍ୟେକ କ୍ୱାର୍କର ଏକ ନିର୍ଦ୍ଦିଷ୍ଟ ବସ୍ତୁତ୍ୱ ଓ ଚାର୍ଜ ରହିଛି ।"



କାଠ, କାଗଜ, ଚିନି, ମାଟି, ପାଣି – ବିଜ୍ଞାନ ଆଖିରେ ଏସବୁ ବସ୍ତୁ। ପ୍ରତ୍ୟେକ ବସ୍ତୁ କ୍ଷୁଦ୍ର କ୍ଷୁଦ୍ର କଣିକାକୁ ନେଇ ତିଆରି ହୋଇଥାଏ। ସେହି କଣିକାକୁ 'ଅଣୁ' (ମୋଲିକ୍ୟୁଲ୍) କୁହାଯାଏ। ଅଣୁରେ ସେହି ବସ୍ତୁର ଧର୍ମ ରହିଥାଏ। ଏହାର ଅର୍ଥ, ଅଣୁକୁ ପରୀକ୍ଷା କରି କହିପାରିବା ଯେ, ତାହା କେଉଁ ବସ୍ତୁରୁ ଆସିଛି। ବସ୍ତୁର ଶେଷ କଣିକା ହେଉଛି ଅଣୁ ଓ ତାକୁ ଆଉ ଭାଙ୍ଗି ହେବ ନାହିଁ, ଏହି କଥାକୁ ଦିନେ ସତ ବୋଲି କୁହାଯାଉଥିଲା। କିନ୍ତୁ, ବର୍ଷ ବର୍ଷ ଧରି ରହିଆସିଥିବା ଏହି ଧାରଣାକୁ ବୈଜ୍ଞାନିକ ଗବେଷଣା ଭୁଲ ପ୍ରମାଣିତ କଲା। ଗବେଷଣାରୁ ଜଣାପଡ଼ିଲା ଯେ, ବସ୍ତୁର ଶେଷ କଣିକା ଅଣୁ ନୁହେଁ। ଅଣୁକୁ ମଧ୍ୟ ଭାଙ୍ଗି ହେବ। ଅଣୁକୁ ଭାଙ୍ଗି ଦେଲେ ସେଥିରୁ ମଧ ଆହୁରି କ୍ଷୁଦ୍ର କ୍ଷୁଦ୍ର କଣିକାମାନ ମିଳିପାରିବ।

ଅଣୁକୁ ଭାଙ୍ଗିଲେ ଯେଉଁ କ୍ଷୁଦ୍ରାତିକ୍ଷୁଦ୍ର କଣିକାଗୁଡ଼ିକ ମିଳେ, ସେଗୁଡ଼ିକୁ କୁହାଯାଏ 'ପରମାଣୁ' (ଆଟମ୍)। ଅଣୁରେ ସିନା ବସ୍ତୁର ଧର୍ମ ରହିଥାଏ, କିନ୍ତୁ ପରମାଣୁରେ ବସ୍ତୁର ଧର୍ମ ନ ଥାଏ। ପାଣିର ଉଦାହରଣ ନେବା। ଜଳ ଅଣୁକୁ ଖାଲି ଆଖିରେ ଦେଖି ହେବ ନାହିଁ। ଲକ୍ଷ ଲକ୍ଷ କୋଟି କୋଟି କ୍ଷୁଦ୍ର କ୍ଷୁଦ୍ର ଜଳ ଅଣୁ ମିଶିଲେ ଯାଇ ଆମେ ଟୋପାଏ ପାଣି ଦେଖିବା। ଜଳର ଗୋଟିଏ ଅଣୁକୁ ଭାଙ୍ଗିଲେ ସେଥିରୁ ଆମକୁ ଆହୁରି ଛୋଟ ଛୋଟ ୩ଟା କଣିକା ବା ପରମାଣୁ ମିଳିବ। ଗୋଟିଏ ଅମ୍ଳଜାନ ପରମାଣୁ ଓ ଦୁଇଟି ଉଦ୍‌ଜାନ ପରମାଣୁ। ଜଳ ଏକ ତରଳ ପଦାର୍ଥ। ଜଳ ଅଣୁକୁ ତିଆରି କରିଥିବା ଉଦ୍‌ଜାନ ଓ ଅମ୍ଳଜାନ ପରମାଣୁ ଉଭୟ ଗ୍ୟାସୀୟ ଉପାଦାନ। ଉଦ୍‌ଜାନ ବାଷ୍ପ ନିଜେ ଜଳିପାରେ ଓ ଅମ୍ଳଜାନ ବାଷ୍ପ ଜଳିବାରେ ସାହାଯ୍ୟ କରେ। ହେଲେ ଏମାନଙ୍କୁ ନେଇ ଗଠିତ ଜଳର ଗୁଣ ତ ପୂରା ଓଲଟା। ଜଳ ନିଜେ ଜଳିପାରେ ନାହିଁ କି ଜଳିବାରେ ସାହାଯ୍ୟ କରେ ନାହିଁ। ବରଂ ଜଳୁଥିବା ନିଆଁ ଉପରେ ଆମେ ପାଣି ଢାଳିଲେ ନିଆଁ ଲିଭିଯାଏ। ସେ ଯାହା ହେଉ, ଅଣୁକୁ ଭାଙ୍ଗି ପାରିବା କଥାଟା ବିଜ୍ଞାନ ଦ୍ୱାରା ଜଣାପଡ଼ିଥିଲା।




ପରମାଣୁ ଯେ ଶେଷ କଣିକା – ଏହି ଧାରଣା ବି ଦିନେ ଭୁଲ୍ ପ୍ରମାଣିତ ହେଲା। ବିଜ୍ଞାନ ପ୍ରମାଣ କରିଦେଲା – ପ୍ରତ୍ୟେକ ପରମାଣୁକୁ ମଧ୍ୟ ଆମେ ଭାଙ୍ଗିପାରିବା। ଅର୍ଥାତ୍, କ୍ଷୁଦ୍ର ପରମାଣୁଠାରୁ ଆହୁରି କ୍ଷୁଦ୍ରତର କଣିକାକୁ ନେଇ ପରମାଣୁ ତିଆରି ହୁଏ। ପରମାଣୁ ଭିତରେ ଅତିଶୟ ଛୋଟ ଆୟତନ ମଧ୍ୟରେ ଅତି ଓଜନିଆ ଟାଣୁଆ ଅଂଶଟିଏ ଥାଏ। ଏହାକୁ 'ନିଉକ୍ଲିଅସ୍' ବା 'ନାଭି' ବୋଲି କୁହାଯାଏ। ଏହି 'ନିଉକ୍ଲିଅସ୍' ଚାରିପଟେ 'ଇଲେକ୍ଟ୍ରନ୍' ନାମକ ଅତି ହାଲୁକା କଣିକାଗୁଡ଼ିକ ବୁଲୁଥାଆନ୍ତି। ପରମାଣୁର ପ୍ରାୟତଃ ସମସ୍ତ ବସ୍ତୁତ୍ୱ 'ନିଉକ୍ଲିଅସ୍' ଭିତରେ ହିଁ ରହିଥାଏ। ଅର୍ଥାତ୍ ପରମାଣୁର ଓଜନ ଯାହା, 'ନିଉକ୍ଲିଅସ୍'ର ଓଜନ ଟିକିଏ ମାତ୍ର କମ୍, ନ ହେଲେ ପାଖାପାଖି ସେୟା। ଏବେ ଯାହା ବୁଝାପଡ଼ିଲା, ପରମାଣୁ ଭିତରେ ଦୁଇ ପ୍ରକାର କଣିକା ଅଛି – ନିଉକ୍ଲିଅସ୍ ଓ ଇଲେକ୍ଟ୍ରନ୍ ଏବଂ ସେଗୁଡ଼ିକ ଶେଷ କଣିକା। ନା, ଆମର ଧାରଣା ଭୁଲ। କାରଣ ନିଉକ୍ଲିଅସ୍‌କୁ ଭାଙ୍ଗିଲେ ସେଥିରୁ 'ପ୍ରୋଟନ୍' ଓ 'ନିଉଟ୍ରନ୍' ନାମରେ ଆହୁରି ଛୋଟ ଛୋଟ କଣିକା ପାଇବା। ତେଣୁ ଗବେଷଣା ଆମର ଧାରଣାକୁ ବଦଳେଇ ଚାଲିଛି।

ସେତିକିରେ କଥା ସରିନାହିଁ। ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ପର୍ଯ୍ୟାୟରେ ବୈଜ୍ଞାନିକମାନେ ବିଶ୍ୱାସ କରି ଆସୁଥିଲେ ଯେ ପ୍ରୋଟନ୍, ନିଉଟ୍ରନ୍ ଓ ଇଲେକ୍ଟ୍ରନ୍ ହେଉଛନ୍ତି ମୂଳକଣିକା। ସେଗୁଡ଼ାକୁ ଆଉ ଭଙ୍ଗାଭଙ୍ଗି କରି ହେବ ନାହିଁ। ସେଗୁଡ଼ାକ ଭିତରେ ଆହୁରି ଛୋଟ ଛୋଟ କୌଣସି କଣିକା ନାହିଁ। ତେଣୁ ବିଶ୍ୱବ୍ରହ୍ମାଣ୍ଡର ସମସ୍ତ ବସ୍ତୁ ସେହି ପ୍ରୋଟନ୍, ନିଉଟ୍ରନ୍ ଓ ଇଲେକ୍ଟ୍ରନ୍ ନାମକ ତିନିଗୋଟି ମୂଳ କଣିକାକୁ ନେଇ ତିଆରି। କିନ୍ତୁ ୧୯୫୦ ଦଶକରେ ଏତେ ବର୍ଷର ସତକଥା ମିଛ ପ୍ରମାଣିତ ହେଲା। ସେତେବେଳେ କେତେକ ନୂଆ ନୂଆ କଣିକାଗୁଡ଼ିକ ବିଷୟରେ ଜଣାପଡ଼ିଲା, ଯାହାକୁ ସରଳ ତଥ୍ୟ ସହାୟତାରେ ବୁଝିବା ସମ୍ଭବ ହେଲାନାହିଁ। ୧୯୬୪ ମସିହାରେ ଜଣାପଡ଼ିଲା ଯେ ପ୍ରୋଟନ୍ ଓ ନିଉଟ୍ରନ୍ ବସ୍ତୁର ଚରମ-କଣିକା ବା ମୂଳ-କଣିକା ନୁହନ୍ତି, ବରଂ ସେଗୁଡ଼ିକ ଆହୁରି କ୍ଷୁଦ୍ରାତିକ୍ଷୁଦ୍ର କଣିକାରେ ଗଠିତ। ବୈଜ୍ଞାନିକ ଗେଲ୍-ମାନ୍ ସେହି କଣିକାକୁ 'କ୍ୱାର୍କ' ବୋଲି ନାମକରଣ କରିଥିଲେ।

'କ୍ୱାର୍କ' ଛଅ ପ୍ରକାରର-ଯଥା: ଅପ୍, ଡାଉନ୍, ଚାର୍ମ, ଷ୍ଟ୍ରେ, ବଟମ୍ ଓ ଟପ୍ କ୍ୱାର୍କ। ୧୯୯୫ ମସିହାରେ ଛଅ ନମ୍ବର ଟପ୍ କ୍ୱାର୍କ ବିଷୟରେ ଠିକ୍ ଜଣାପଡ଼ିଥିଲା। ଛଅଗୋଟି କ୍ୱାର୍କ ମଧ୍ୟରୁ ଅପ୍ କ୍ୱାର୍କ ଓ ଡାଉନ୍ କ୍ୱାର୍କ ଦୁଇଟି ପ୍ରଥମ ପିଢ଼ିର କ୍ୱାର୍କ। ସେହିପରି ଷ୍ଟ୍ରେ ଓ ଚାର୍ମ ଦ୍ୱିତୀୟ ପିଢ଼ିର। ବାକି ଟପ୍ ଓ ବଟମ୍ କ୍ୱାର୍କ ଦୁଇଟି ତୃତୀୟ ପିଢ଼ିର। ପ୍ରତ୍ୟେକ କ୍ୱାର୍କର ଏକ ନିର୍ଦ୍ଦିଷ୍ଟ ବସ୍ତୁତ୍ୱ ଓ ଚାର୍ଜ ରହିଛି। ସେମାନଙ୍କ ମଧ୍ୟରେ ଅପ୍ ଓ ଡାଉନ୍ କ୍ୱାର୍କ ଦୁଇଟି ସବୁଠାରୁ ହାଲୁକା। ପ୍ରୋଟନ୍ କଣିକା ଦୁଇଟା ଅପ୍ ଓ ଗୋଟିଏ ଡାଉନ୍ କ୍ୱାର୍କକୁ ନେଇ ଗଠିତ। ସେହିପରି ଗୋଟିଏ ଅପ୍ ଓ ଦୁଇଟି ଡାଉନ୍ କ୍ୱାର୍କକୁ ନେଇ ନିଉଟ୍ରନ୍ ଗଠିତ। ସେଥିପାଇଁ କୁହାଗଲା ଯେ ପ୍ରୋଟନ୍ ଓ ନିଉଟ୍ରନ୍ ବସ୍ତୁର ଚରମ-କଣିକା ନୁହନ୍ତି। କ୍ୱାର୍କଗୁଡ଼ିକୁ ପରସ୍ପର ସହିତ ବାନ୍ଧି ହୋଇ ରହିବା କାମରେ 'ଶକ୍ତବଳ' (ଷ୍ଟ୍ରଙ୍ଗ୍ ଫୋର୍ସ) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଶକ୍ତବଳ ଏକ ଅଦ୍ଭୁତ ଧରଣର ବଳ। କ୍ୱାର୍କ ଦୁଇଟା ମଧ୍ୟରେ ଦୂରତା ବଢ଼ିଲେ ଏହି ବଳ ଅତି ମାତ୍ରାରେ ବୃଦ୍ଧିପାଏ। କିନ୍ତୁ କ୍ୱାର୍କ ଦୁଇଟା ନିକଟତର ହେଲେ ସେହି ବଳ ହ୍ରାସପାଏ। କ୍ୱାର୍କ ଓ ଶକ୍ତବଳ ଉପରେ ବିଶେଷ ଗବେଷଣା ସକାଶେ ୨୦୦୪ ମସିହାରେ ନୋବେଲ୍ ପୁରସ୍କାର ଦିଆଯାଇଥିଲା। ଆଜି ଆମେ କହିପାରିବା, 'କ୍ୱାର୍କ' ହେଉଛି ପଦାର୍ଥର ଏପର୍ଯ୍ୟନ୍ତ ଜଣାପଡ଼ିଥିବା ସର୍ବଶେଷ କଣିକା। କିନ୍ତୁ କାଲିକୁ ଭରସା ନାହିଁ। କାରଣ ବୈଜ୍ଞାନିକ ଗବେଷଣା ଜାରିରହିଛି। ଆଜିର ଧାରଣା କାଲିକୁ ବଦଳି ଯିବ ନା ବଦଳିବ ନାହିଁ, ସେକଥା ସମୟ କହିବ।

–ଓଡ଼ିଶା ଶିକ୍ଷା ସେବା–ଏ,
ସହକାରୀ ପ୍ରଫେସର (ଫିଜିକ୍ସ୍),
ଭଦ୍ରକ ସ୍ୱୟଂଶାସିତ(ସରକାରୀ) କଲେଜ
ମୋ: ୯୪୩୯୫୦୧୬୫୧

## ବୁଦ୍ଧିମାନ ରୋବୋ

ଆଜିକାଲି ରୋବୋର ବ୍ୟବହାର ବିଭିନ୍ନ କ୍ଷେତ୍ରରେ ଦେଖିବାକୁ ମିଳୁଛି। ତେବେ ଖୁବ୍ ଶୀଘ୍ର ଆଉ ଏକ ପ୍ରକାର ହାଇଟେକ୍ ରୋବୋ ବଜାରରେ ଉପଲବ୍ଧ ହେବାକୁ ଯାଉଛି। ଏଭଳି ପ୍ରୟାସରେ ବ୍ୟସ୍ତ ଅଛନ୍ତି ବୋଷ୍ଟନ ଡାଇନାମିକ୍ ଫାଉଣ୍ଡରର ଗବେଷକ ମାର୍କ ରାଇବର୍ଟ। ଉକ୍ତ ରୋବୋଟିର ମସ୍ତିଷ୍କ ମନୁଷ୍ୟ ପରି। ଯେ କୌଣସି କଥାକୁ ଏହା ସହଜରେ ବୁଝିପାରିବ। ମଣିଷ ଯେପରି ବୁଝି ବିଚାରି କାମ କରୁଛି ଠିକ୍ ସେହିଭଳି ନିଜର ଉପସ୍ଥିତି ବୁଦ୍ଧି ବଳରେ ସେ ସମ୍ମୁଖୀନ ହେଉଥିବା ସମସ୍ୟାର ଅକ୍ଳେଶରେ ସମାଧାନ କରିପାରିବ। ଏପରି କି କୌଣସି ମନୁଷ୍ୟକୁ ଦେଖିଲେ ସେ ତାହାର ହାବଭାବ, ଚାଲିଚଳଣି ବିଷୟରେ ମଧ ସୂଚନା ଦେଇପାରିବ। କେବଳ ସେତିକି ନୁହେଁ, ଯଦି କୌଣସି ବ୍ୟକ୍ତି ଅସୁବିଧାରେ ପଡିଛନ୍ତି ତେବେ ତାଙ୍କୁ ସାହାଯ୍ୟ ମଧ କରିପାରିବ। ଉପରୋକ୍ତ ତଥ୍ୟଗୁଡିକ ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏ ନେଇ ମାର୍କ କହନ୍ତି, 'ଆଜିକାଲି ତ ଅନେକ ପ୍ରକାରର ହାଇଟେକ୍ ରୋବୋ ଅଛନ୍ତି। ତେବେ ସେମାନଙ୍କଠାରୁ ଏହା କିପରି ଭିନ୍ନ ହେବ ସେ ନେଇ ଏହାକୁ ପ୍ରସ୍ତୁତ କରାଯାଉଛି। ଆଉ କିଛି ବର୍ଷ ପରେ ଏଭଳି ଉଦ୍ୟମରେ ସଫଳ ହେବି ବୋଲି ଆଶା ରଖିଛି।'



## ସନ୍ତୁଳିତ ରହିବ କ୍ୟାଲୋରି

ଆମ ଶରୀରରେ କ୍ୟାଲୋରି ସନ୍ତୁଳିତ ରହିବା ନିହାତି ଜରୁରୀ। ହେଲେ ଏଥିରେ ଅସନ୍ତୁଳନ ପରିଲକ୍ଷିତ ହେଲେ ତାହା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିବା ସହ ଶରୀର ପାଇଁ ଅନେକ କ୍ଷତି ପହଞ୍ଚାଏ। ତେବେ କ୍ୟାଲୋରି ସ୍ତରକୁ ସନ୍ତୁଳିତ ରଖିବା ପାଇଁ କେତେକ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼େ। ସନ୍ତୁଳିତ ଖାଦ୍ୟ ଖାଇବା ବ୍ୟତୀତ ଆଉ ଏକ ସରଳ ଉପାୟରେ ଆମେ କ୍ୟାଲୋରିକୁ ସନ୍ତୁଳିତ ରଖିପାରିବା। ତାହା କ'ଣ ଜାଣନ୍ତି ? ରକ୍ତଦାନ। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରନ୍ତି ତେବେ ତାଙ୍କ ଶରୀରରେ କ୍ୟାଲୋରି ପରିମାଣ ସନ୍ତୁଳିତ ରହିଥାଏ । ହେଲେ ରକ୍ତଦାନ କରିବା ପୂର୍ବରୁ ସେମାନେ ଏ ନେଇ କେତେ ଫିଟ୍ ତାହା ପରୀକ୍ଷା କରାଇ ନେବା ଯଥେଷ୍ଟ ଜରୁରୀ। ଯଦି ଆପଣ କୌଣସି ରୋଗରେ ପୀଡ଼ିତ, ତେବେ ରକ୍ତଦାନ କରନ୍ତୁ ନାହିଁ। ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରୁଥିବା କେତେକ ବ୍ୟକ୍ତିଙ୍କ କ୍ୟାଲୋରି ପରିମାଣ କେତେ ରହୁଛି ତାହାକୁ ପରୀକ୍ଷା କରିବା ପରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ଜାଣିପାରିଥିଲେ।



## ରକ୍ତରେ ଲୌହ ପରିମାଣ କମିଗଲେ..



ରକ୍ତରେ କେତେକ ତତ୍ତ୍ୱର ପରିମାଣ ସନ୍ତୁଳିତ ରହିବା ନିହାତି ଦରକାର। ନ ହେଲେ ଆମେ ଅନେକ ପ୍ରକାର ରୋଗର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଯଦି ରକ୍ତରେ ଲୌହ (ଆଇରନ୍) ପରିମାଣ କମିଯାଏ ତେବେ କ'ଣ ହେବ ? ଏହାଦ୍ୱାରା ଆନିମିଆ ସମସ୍ୟା ଦେଖାଦେବ। ଏଥିଯୋଗୁ ରକ୍ତରେ ହିମୋଗ୍ଲୋବିନ୍ କମିଯାଏ। ଯଦି ଏହା ୧୧ ତଳକୁ ରହିଲା ତେବେ ତାହାକୁ ଆନିମିଆ ବୋଲି ଧରି ନିଆଯାଏ। ଏହାର କେତେକ କାରଣ ରହିଛି। ରକ୍ତରେ ଲୌହ ପରିମାଣ କମିଗଲେ ଦୁର୍ବଳ ଲାଗେ। କାର୍ଯ୍ୟଦକ୍ଷତା କମିଯାଏ। ଜିଭ, ଆଖି ଶେତା ଦେଖାଯାଏ। ପାଦ ଫୁଲିଯାଏ। ତା'ସହ ପେଟରେ ପାଣି ଜମିଯାଇଥାଏ। ତେଣୁ ରକ୍ତରେ ଏହାର ପରିମାଣ ସନ୍ତୁଳିତ ରହିବା ଦରକାର। ଶାଗରେ ପ୍ରଚୁର ପରିମାଣରେ ଲୌହ ଭରିରହିଛି। ଯଦି ଜଣେ ବ୍ୟକ୍ତି ଦିନକୁ ୧୦୦ ଗ୍ରାମ କୋଶିଳା ଶାଗ ଖାଆନ୍ତି ତେବେ ତାହା ରକ୍ତରେ କେବଳ ଲୌହ ନୁହେଁ, ଫୋଲିକ୍ ଏସିଡ ଏବଂ ଭିଟାମିନ୍ ପରିମାଣକୁ ବଢ଼ାଇଥାଏ। ଶାଗ ବ୍ୟତୀତ ମାଂସ, ଅଣ୍ଡା, ଗହମ, ଚାଉଳ ଆଦିରେ ଲୌହ ପରିମାଣ ରହିଛି। ବିଶେଷଭାବରେ ହିମୋଗ୍ଲୋବିନ୍ ମାପିଲେ ଏଭଳି ସମସ୍ୟା ବିଷୟରେ ଜାଣିହୋଇଥାଏ। ଏହାବ୍ୟତୀତରେ ରକ୍ତରେ ଲୌହ ତତ୍ତ୍ୱ ସମ୍ପର୍କରେ ଜାଣିବାକୁ ଏବେ ଅନେକ ପ୍ରକାର ଅତ୍ୟାଧୁନିକ ପରୀକ୍ଷାଶୈଳୀ ଉପଲବ୍ଧ।

## ସ୍ୱାସ୍ଥ୍ୟ ସୂଚନା

- ଯଦି ଆପଣଙ୍କର ଚକ୍ଷୁଜନିତ ସମସ୍ୟା ଅଛି ତେବେ ଅତିକମ୍‌ରେ ଛଅ ମାସକୁ ଥରେ ଆଖି ପରୀକ୍ଷା କରାଇ ନିଅନ୍ତୁ।
- ଯଦି ଗୋଟିଏ ସ୍ଥାନରେ ଅଧିକ ସମୟ ବସି କାମ କରିବାର ଅଛି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଟିକେ ଚାଲବୁଲ କରନ୍ତୁ। ଏହାଦ୍ୱାରା ମନ ହାଲୁକା ରହିଥାଏ ଏବଂ ଆଖିକୁ କିଛି ସମୟ ବିଶ୍ରାମ ମିଳେ।
- ବର୍ତ୍ତମାନ ବର୍ଷାଦିନ। ତେଣୁ ଫାଷ୍ଟଫୁଡ ଏବଂ ରାସ୍ତାକଡରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏଭଳି ଖାଦ୍ୟ ଯୋଗୁ ବର୍ଷାଋତୁରେ ପେଟଜନିତ ସମସ୍ୟା ଦେଖାଦେଇପାରେ।
- ସକାଳୁ ବିଛଣାରୁ ହଠାତ୍ ଉଠି ଯାଅନ୍ତୁ ନାହିଁ। କାରଣ ଶୋଇଥିବା ଅବସ୍ଥାରେ ରକ୍ତ ଶିଥିଳ ଥାଏ। ଏହାକୁ ସାଧାରଣ ଅବସ୍ଥାକୁ ଆଣିବାକୁ କିଛି ସମୟରେ ବିଛଣା ଉପରେ ଷ୍ଟ୍ରେଚିଙ୍ଗ ଏକ୍ସରସାଇଜ କରନ୍ତୁ।
- ଯଦି ଆପଣ କୌଣସି ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ପୂର୍ବ ପରୀକ୍ଷା ରିପୋର୍ଟଗୁଡିକୁ ସାଇତି ରଖନ୍ତୁ। କାରଣ ଦରକାର ସମୟରେ ଏହା କାମରେ ଆସିପାରେ।
- ବ୍ୟାୟାମ ଶେଷ ହେବା ପରେ ପରେ ପାଣି ପିଅନ୍ତୁ ନାହିଁ। କିଛି ସମୟ ବିଶ୍ରାମ ନେବା ପରେ ପାଣି ପିଅନ୍ତୁ।
- ବର୍ଷାଦିନେ ନିଜର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଅଧିକ ନଜର ଦିଅନ୍ତୁ। କାରଣ ଏହି ଋତୁରେ ଅପରିଷ୍କାର ରହିଲେ ଚର୍ମଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି।



# ବିଜ୍ଞାନ ପ୍ରଚାର ସମିତି: କୃତି ଓ କୀର୍ତ୍ତି

## ବିଜ୍ଞାନ ପ୍ରଚାର ସମିତିର ପ୍ଲାଟିନମ୍ ଜୁବିଲି ଅବସରରେ...


ଡା. ନିତ୍ୟାନନ୍ଦ ସ୍ୱାଇଁ

ଆମ ରାଜ୍ୟରେ ଲୋକପ୍ରିୟ ବିଜ୍ଞାନ ଲେଖକମାନେ ବିଜ୍ଞାନକୁ ଲୋକାଭିମୁଖୀ କରିବାରେ ଉଦ୍ୟମୀ ହେବାର ଯଥେଷ୍ଟ ପୂର୍ବରୁ ପାଠ୍ୟପୁସ୍ତକ ମାଧ୍ୟମରେ ବିଜ୍ଞାନ ଶିକ୍ଷା ପ୍ରଦାନ କରି ଜନସାଧାରଣଙ୍କୁ ବିଜ୍ଞାନ ସହ ପରିଚିତ କରାଇବାରେ ଭିତ୍ତି ସ୍ଥାପିତ ହୋଇସାରିଥିଲା। ପ୍ରଥମାବସ୍ଥାରେ ବିଜ୍ଞାନରେ କୌଣସି ଡିଗ୍ରୀ ନ ଥିବା ତଥା ସାଧାରଣ ବିଜ୍ଞାନ ଶିକ୍ଷାର ଭିତ୍ତିଭୂମି ନ ଥିବା ଓଡ଼ିଶାର ବହୁ ପ୍ରଥିତଯଶା, ସାହିତ୍ୟିକ ବିଜ୍ଞାନ ବିଷୟରେ ଲେଖାଲେଖି କରିଆସୁଥିଲେ। ଏପରିକି 'ପ୍ରଭାତ' (୧୯୦୯), 'ପଞ୍ଚାମୃତ' (୧୯୨୦) ଓ 'ଜହ୍ନମାମୁଁ' (୧୯୩୨) ଭଳି ଶିଶୁ ପତ୍ରିକାରେ ମଧ ପ୍ରକାଶ ପାଇଥିଲା ବିଜ୍ଞାନ ଲେଖା।

ତେବେ ଓଡ଼ିଶାରେ ବିଜ୍ଞାନକୁ ଜନପ୍ରିୟ କରାଇବାର ଧାରାକୁ ଏକ ଆନ୍ଦୋଳନର ରୂପ ଦେଇଥିଲେ ପ୍ରଫେସର ଡ. ଗୋକୁଳାନନ୍ଦ ମହାପାତ୍ର। ଡ. ମହାପାତ୍ରଙ୍କ ପ୍ରଚେଷ୍ଟାରେ ୧୯୪୯ ଅଗଷ୍ଟ ୭ରେ ସ୍ଥାପିତ ହୋଇଥିଲା 'ବିଜ୍ଞାନ ପ୍ରଚାର ସମିତି' ନାମକ ଏକ ସାରସ୍ୱତ ଅନୁଷ୍ଠାନ। ନଅ ଜଣ ଉତ୍ସାହୀ ଅଧ୍ୟାପକ ଓ ଡାକ୍ତର ଥିଲେ ସମିତିର ପ୍ରତିଷ୍ଠାତା ସଭ୍ୟ। ବିଜ୍ଞାନ ପ୍ରଚାର ସମିତି ହିଁ ଥିଲା ଓଡ଼ିଶାର ଜନପ୍ରିୟ ବିଜ୍ଞାନ ଆନ୍ଦୋଳନର ପରିଚାଳନା ମଞ୍ଚ। ତେବେ କ'ଣ ଥିଲା ସମିତି ଗଠନର ପ୍ରଧାନ ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ? ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷିତ ଜନସାଧାରଣ ବୁଝିବା ଭଳି ଭାଷା ଓ ଶୈଳୀରେ ବିଜ୍ଞାନ ପ୍ରବନ୍ଧ ଓ ପୁସ୍ତକ ରଚନା କରିବା, ଅତି ସରଳ ଓ ମନଛୁଆଁ କରି ବିଜ୍ଞାନ ବିଷୟ ବକ୍ତୃତା ଓ ସେମିନାର ଆୟୋଜନ କରିବା ଏବଂ ବିଜ୍ଞାନ ଜ୍ଞାନର ପ୍ରଚାର ଓ ପ୍ରସାର ପାଇଁ ପତ୍ରିକାଟିଏ ପ୍ରକାଶ କରିବା ଥିଲା ସମିତିର ମୂଳ ଲକ୍ଷ୍ୟ। କିନ୍ତୁ ସମିତିର ଏହିସବୁ କାର୍ଯ୍ୟରେ ଓଡ଼ିଆ ଭାଷାକୁ ମାଧ୍ୟମରୂପେ ବ୍ୟବହାର କରିବା ଥିଲା ବାଧ୍ୟତାମୂଳକ।

ଏହି ଲକ୍ଷ୍ୟକୁ ଚରିତାର୍ଥ କରିବାରେ ବିଜ୍ଞାନ ପ୍ରଚାର ସମିତି ସାତ ଦଶକରୁ ଅଧିକ କାଳ ଧରି ନିରନ୍ତର ବ୍ରତୀ ରହିଆସିଛି। କୌଣସି ଏକ ସାରସ୍ୱତ ବିଜ୍ଞାନ ଅନୁଷ୍ଠାନ ନିରବଚ୍ଛିନ୍ନ ତଥା ସୁଶୃଙ୍ଖଳିତ ଭାବରେ ଏତେ ବର୍ଷ ଧରି ସକ୍ରିୟ ରହି କାର୍ଯ୍ୟରତ ରହିବା ଏକ ଅସାଧାରଣ କୃତିତ୍ୱ। ଏହି ସମିତିର ଆଜୀବନ ସଦସ୍ୟଙ୍କ ସଂଖ୍ୟା ୩୦୦ରୁ ଅଧିକ। ଓଡ଼ିଶାର ଅଧିକାଂଶ ଜନପ୍ରିୟ ବିଜ୍ଞାନ ଲେଖକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବିଜ୍ଞାନ ପ୍ରଚାର ସମିତି ସହ ସମ୍ପୃକ୍ତ। ସେମାନଙ୍କ ମଧ୍ୟରେ ଅଛନ୍ତି ଡାକ୍ତର, ଇଞ୍ଜିନିୟର, ବିଭିନ୍ନ ବିଜ୍ଞାନ ବିଷୟର ଅଧ୍ୟାପକ, କୃଷି ଓ ପଶୁପାଳନ ବିଶେଷଜ୍ଞ, ବିଜ୍ଞାନ ଶିକ୍ଷକ ଏବଂ ବିଜ୍ଞାନରେ ରୁଚି ରଖିଆସୁଥିବା ବୁଦ୍ଧିଜୀବୀ। ପ୍ରତି ମାସର ଦ୍ୱିତୀୟ ଓ ଚତୁର୍ଥ ରବିବାରର ଅପରାହ୍ଣରେ ସମିତିର ଅଧିବେଶନ ବସି ବିଜ୍ଞାନ ପ୍ରବନ୍ଧମାନ ପଠିତ ହୁଏ। କେବେକେବେ ଆୟୋଜିତ ହୁଏ ବିଜ୍ଞାନ ବିଷୟକ ଜନପ୍ରିୟ ବକ୍ତୃତା। ସମିତିର ବାର୍ଷିକ ଅଧିବେଶନରେ ଅନୁଷ୍ଠିତ ହୁଏ ବିଜ୍ଞାନ ସେମିନାର। ଅଦ୍ୟାବଧି ଅନୁଷ୍ଠିତ ହୋଇଥିବା ଅଧିବେଶନ ସଂଖ୍ୟା ୧୮୦୦ରୁ ଅଧିକ ଓ ପଠିତ ପ୍ରବନ୍ଧଗୁଡିକର ସଂଖ୍ୟା ୪୦୦୦ରୁ ବେଶି। ସେହି ପ୍ରବନ୍ଧଗୁଡ଼ିକରୁ ଅଧିକାଂଶ ବିଭିନ୍ନ ଖବରକାଗଜ, ପତ୍ରପତ୍ରିକା ଓ ପୁସ୍ତକ ଆକାରରେ ପ୍ରକାଶିତ। ସମିତି ଦ୍ୱାରା ପ୍ରକାଶିତ ଜନପ୍ରିୟ ବିଜ୍ଞାନ ପୁସ୍ତକର ସଂଖ୍ୟା ୬୦ରୁ ବେଶି ଏବଂ ସମିତିର ସଦସ୍ୟମାନଙ୍କ ଦ୍ୱାରା ରଚିତ ଏବଂ ବ୍ୟକ୍ତିଗତ ସ୍ତରରେ ପ୍ରକାଶିତ ଏହି ପୁସ୍ତକର ସଂଖ୍ୟା ୧୦୦୦ରୁ ଅଧିକ। ବହୁ ବର୍ଷ ଧରି ସମିତି ପ୍ରକାଶ କରି ଆସୁଥିବା 'ବିଜ୍ଞାନାଲୋକ' ନାମକ ଏକ ତ୍ରୈମାସିକ ପତ୍ରିକା କେତେକ ଅନିବାର୍ଯ୍ୟ କାରଣରୁ ସ୍ଥଗିତ ରହିଛି। ସମିତି ଅନୁକୂଲ୍ୟରେ ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଆସୁଛି ବିଦ୍ୟାଳୟ ବିଜ୍ଞାନ ବକ୍ତୃତା କାର୍ଯ୍ୟକ୍ରମ। ଦାତାମାନଙ୍କର ଅର୍ଥର ସୁଧରୁ ପ୍ରତିବର୍ଷ ସମିତି ପ୍ରଦାନ କରିଆସୁଛି କୃତୀ ଛାତ୍ରୀଛାତ୍ର, ଜନପ୍ରିୟ ବିଜ୍ଞାନ ଲେଖକ, ବିଜ୍ଞାନ ଗବେଷକ, ପରିବେଶବିତ୍, ବିଜ୍ଞାନ ପୁସ୍ତକ ପ୍ରକାଶକ, ବିଜ୍ଞାନ-ବାଗ୍ମୀ, ବିଜ୍ଞାନ ଶିକ୍ଷକ ଇତ୍ୟାଦିଙ୍କୁ ପୁରସ୍କାର, ସମ୍ମାନ ଓ ସମ୍ବର୍ଦ୍ଧନା। ବିଜ୍ଞାନ ବିଷୟକ ତର୍କ, ପ୍ରବନ୍ଧ, ରଚନା ଓ କୁଇଜରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଉଛି।


ଡ. ଗୋକୁଳାନନ୍ଦ ମହାପାତ୍ର

ସଂକ୍ଷେପରେ କହିଲେ, ବିଗତ ସାଢ଼େ ସାତ ଦଶକ ଧରି ବିଜ୍ଞାନ ପ୍ରଚାର ସମିତି ଓଡ଼ିଶା ବିଜ୍ଞାନ ଲେଖକ ଓ ବକ୍ତାମାନଙ୍କ ପାଇଁ ଏକ ଜନପ୍ରିୟ ବିଜ୍ଞାନ ପ୍ରଶିକ୍ଷଣ ପ୍ରତିଷ୍ଠାନର ଭୂମିକା ନିର୍ବାହ କରିଆସିଛି। ଚଳିତ ବର୍ଷ ଅଗଷ୍ଟ ୭ ତାରିଖ (ଆଜି) ଏହି ସମିତି ପାଳନ କରୁଛି ତାହାର ପ୍ଲାଟିନମ ଜୁବିଲି ବା ୭୫ତମ ଜନ୍ମତିଥି। ସମୟାନୁକ୍ରମିକ ବୟସ ପରିପ୍ରେକ୍ଷୀରେ ବିଚାର କଲେ ଏହି ସମିତି ଏବେ 'ମଧ୍ୟବୟସ୍କ ବୃଦ୍ଧା'। ହେଲେ ସେ ରହିଆସିଛି ସତତ ସ୍ପନ୍ଦିତ, ସକ୍ରିୟ ଏବଂ ସଦା ପ୍ରଫୁଲ୍ଲ। ଓଡ଼ିଶାରେ ବିଜ୍ଞାନକୁ ସାର୍ବଜନୀନ ତଥା ସାମାଜିକୀକରଣ କରାଇବାରେ ସମିତିର ଅବଦାନ ଅପରିମେୟ। ଏହା ଅନସ୍ୱୀକାର୍ଯ୍ୟ ଯେ ବିଜ୍ଞାନ ପ୍ରଚାର ସମିତିର ପ୍ରତିଷ୍ଠାତା ଡ. ଗୋକୁଳାନନ୍ଦ ମହାପାତ୍ରଙ୍କର ମହନୀୟ ଦୂରଦର୍ଶିତା ତଥା ନବ୍ୟ ଚିନ୍ତନର ସମୁଜ୍ଜ୍ୱଳ ପରିପ୍ରକାଶ। ସମିତି ସ୍ୱାସ୍ଥ୍ୟବତୀ ରହୁ, ଆୟୁଷ୍ମତୀ ହେଉ।

-'ଅଭୀପ୍ସା', ସେକ୍ଟର-୬, ପ୍ଲଟ ନଂ-
୧୧୩୧, ଅଭିନବ ବିଡ଼ାନାସୀ, କଟକ
ମୋ: ୯୪୩୭୭୬୬୧୧୭

# ଓଡ଼ିଶା ପୋଷ୍ଟ ମେଟଲ୍ ମିଟ୍ ଗ୍ରାଣ୍ଡ ଫିନାଲେ













ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମ ହୋଟେଲରେ ରବିବାର ଆୟୋଜିତ ଓଡ଼ିଶା ପୋଷ୍ଟ ମେଟଲ୍ ମିଟ୍ ୨୦୨୩ର ଗ୍ରାଣ୍ଡ ଫିନାଲେରେ କୁଇଜ୍ ମାଷ୍ଟର ଅଜୟ ପୁନିଆଙ୍କ ପ୍ରଶ୍ନର ଉତ୍ତର ଦେଉଛନ୍ତି ଜୁନିୟର (ଉପର) ଏବଂ ସିନିୟର ବର୍ଗର ପ୍ରତିଯୋଗୀମାନେ।






କୁଇଜ୍ ମାଷ୍ଟର ଅଜୟ ପୁନିଆ









କାର୍ଯ୍ୟକ୍ରମରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି, ଅତିଥି, ପ୍ରତିଯୋଗୀ ଓ ସେମାନଙ୍କ ସମ୍ପର୍କୀୟ।











ଦର୍ଶକଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶ୍ନର ଉତ୍ତର ଦେଇଥିବା ବିଜେତା (ବାମରୁ) ମୁକ୍ତିସ୍ୱରୂପ ପ୍ରଧାନ, ଅନୁରାଗ ସାମନ୍ତରାୟ, କମଲ ରଥୀ, ସୁକନ୍ୟା ପଣ୍ଡା ଓ ତାଭିଶ୍ ଦାଶ।



ଗ୍ରାଣ୍ଡ ଫିନାଲେରେ ଓଡ଼ିଶା ପୋଷ୍ଟ ତଥା ଧରିତ୍ରୀର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ଉପସ୍ଥିତିରେ ସିନିୟର ବର୍ଗ ପ୍ରଥମ ରନର ଅପ୍ ବୁର୍ଲା ଭିମ୍ସାରକୁ ଆଇଓସିଏଲ୍‌ର ଜେନେରାଲ ମ୍ୟାନେଜର (ପ୍ଲାନିଂ ଆଣ୍ଡ କୋଅର୍ଡିନେଶନ) ସୁସ୍ମିତା ତ୍ରିପାଠୀ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।



ସିନିୟର ବର୍ଗ ଦ୍ୱିତୀୟ ରନର ଅପ୍ ଆଇଆଇଟି ଭୁବନେଶ୍ୱରକୁ ରୁଚି ମସଲାର ସେଲ୍ସ ହେଡ୍ ଦେବବ୍ରତ ପଟ୍ଟନାୟକ(ବାମ) ଏବଂ ବେଦାନ୍ତର ଲିଡ୍ ବିଜ୍‌ନେସ ଡେଭଲପମେଣ୍ଟ ଆଣ୍ଡ ଷ୍ଟ୍ରାଟେଜି ଅଧିକାରୀ ଅନିରୁଦ୍ଧ ଶାସ୍ତ୍ରୀ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।



ଗ୍ରାଣ୍ଡ ଫିନାଲେରେ ଜୁନିୟର ବର୍ଗ ପ୍ରଥମ ରନର ଅପ୍ ଭୁବନେଶ୍ୱର ଲୟୋଲା ସ୍କୁଲକୁ ବାଜିରାଓ ଆଇଏଏସ୍ ଏକାଡେମୀ ପ୍ରା.ଲି.ର ସିଇଓ ଶୁଭ୍ରାଂଶୁ ଶେଖର ଓଝା ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।



ଗ୍ରାଣ୍ଡ ଫିନାଲେରେ ଜୁନିୟର ବର୍ଗ ଦ୍ୱିତୀୟ ରନର ଅପ୍ ପୁରୀର ବ୍ଲେସ୍‌ଡ ସାକ୍ରାମେଣ୍ଟ ହାଇସ୍କୁଲକୁ ରୁଚି ମସଲାର ସେଲ୍ସ ହେଡ୍ ଦେବବ୍ରତ ପଟ୍ଟନାୟକ(ବାମ) ଏବଂ ବେଦାନ୍ତର ଲିଡ୍ ବିଜ୍‌ନେସ ଡେଭଲପମେଣ୍ଟ ଆଣ୍ଡ ଷ୍ଟ୍ରାଟେଜି ଅଧିକାରୀ ଅନିରୁଦ୍ଧ ଶାସ୍ତ୍ରୀ ୨୫ ହଜାର ଟଙ୍କାର ଚେକ୍ ଦେଉଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି କୁଇଜ୍ ମାଷ୍ଟର ଅଜୟ ପୁନିଆ।

## କ'ଣ କୁହନ୍ତି ବିଜେତା ଟିମ୍

### ଶେଷ ପ୍ରଶ୍ନରେ ହିଁ କମ୍‌ବ୍ୟାକ୍ କରି ଜିତିଲୁ

ପ୍ରଥମ ସ୍ଥାନ ଗ୍ରହଣ କରି ବହୁତ ଖୁସି ଲାଗୁଛି। ଏଥର ବହୁତ ଟଫ୍ କମ୍ପିଟିଶନ୍ ଥିଲା। ସବୁ ଟିମ୍ ବହୁତ ଭଲ ଉତ୍ତର ଦେଇଥିଲେ। ଆମେ ଶେଷ ପ୍ରଶ୍ନରେ ହିଁ କମ୍‌ବ୍ୟାକ୍ କରି ଜିତିଲୁ, ଯାହା ଖୁବ୍ ଏକ୍ସାଇଟିଂ ଥିଲା। ପୂର୍ବ ସଂସ୍କରଣରେ ଆମେ ଭାଗ ନେଇଥିଲେ ମଧ୍ୟ ପ୍ରଥମ ହୋଇ ପାରି ନ ଥିଲୁ। ଟିମ୍‌ୱାର୍କ ଭଲ ଥିବାରୁ ସଫଳତା ମିଳିଛି।

**– ଏମ୍ସ, ଭୁବନେଶ୍ୱର**

### ପ୍ରଥମ ଚେଷ୍ଟାରେ ପ୍ରଥମ ରନର ଅପ୍

ପ୍ରଥମ ଚେଷ୍ଟାରେ ପ୍ରଥମ ରନର ଅପ୍ ହେବା ବହୁତ ଖୁସି ଆଣି ଦେଇଛି। ସବୁକିଛି ଏଥର ପ୍ରଥମ। ଲେଭଲ୍ ଅଫ୍ କମ୍ପିଟିଶନ ଯେମିତି ଥିଲା, ଟିମ୍ ସବୁ ସେମିତି ଥିଲେ। ସେହି ହିସାବରେ ଆମ ପ୍ରସ୍ତୁତି ଅନୁସାରେ ବହୁତ ଖୁସି ଲାଗୁଛି। ଆଶା କରୁଛୁ ଆରବର୍ଷ ଆସିଲେ ବହୁତ ଭଲ କରିବୁ। ଟିମ୍‌ୱାର୍କ ବହୁତ ଭଲ କାମ ଦେଲା। ପ୍ରଶ୍ନ ବହୁତ ଟ୍ରିକି ଥିଲା। ପ୍ରଶ୍ନ ଭିତରେ ଉତ୍ତର ଲୁଚି ରହିଥିଲା। ତାକୁ ଖୋଜି ପାଇବାକୁ ମଧ୍ୟ ସେତିକି କଷ୍ଟ ଲାଗୁଥିଲା।

**– ଭିମ୍‌ସାର୍, ବୁର୍ଲା**

### ମାଇନସ୍‌ରେ ରହି ଡିମୋରାଲାଇଜ୍ଡ ହୋଇଯାଇଥିଲୁ

ପ୍ରଥମ, ଦ୍ୱିତୀୟ ରାଉଣ୍ଡରେ ଆମେ ମାଇନସ୍‌ରେ ଥିଲୁ। ପରିସ୍ଥିତି ବହୁତ କଷ୍ଟକର ହୋଇ ପଡ଼ିଥିଲା। ଆମେ ପୂରା ଡିମୋରାଲାଇଜ୍ଡ ହୋଇ ଯାଇଥିଲୁ। କ'ଣ କେମିତି ହେବ। କୋଭିଡ ପରେ ଆସିଛୁ। ଏଥର ଜିତିବୁ ନ ଜିତିବୁ। ସେ ସବୁ ଭିତରେ ମିରାକିଲ୍ ହେଲା। ପଞ୍ଚମ ରାଉଣ୍ଡରେ କେମିତି କ'ଣ କରି, ଟିମ୍ ୱାର୍କ, ହାର୍ଡ ୱାର୍କ, ଭଗବାନଙ୍କ ଦୟାରୁ ଠିକ୍ ଉତ୍ତର ବାଜିଲା। ୨୦୧୯ରେ ୪ର୍ଥ ସ୍ଥାନରେ ଥିଲୁ। ଆରବର୍ଷ ବି ଆମ ପିଲାମାନେ ଆସି ବହୁତ ଭଲ କରିବେ।

**– ଆଇଆଇଟି, ଭୁବନେଶ୍ୱର**

### ନଲେଜ୍, ଲକ୍, ଲଜିକ୍

ପ୍ରଥମ ସ୍ଥାନ ଗ୍ରହଣ କରି ବହୁତ ଖୁସି ଲାଗୁଛି। ଲଜିକ୍, ନଲେଜ୍, ଲକ୍ ଏହି ୩ ବଳରେ ଆମେ ଆଜି ଏହି ସଫଳତା ପାଇପାରିଛୁ। ପ୍ରଶ୍ନ ବହୁ କଷ୍ଟ ଥିଲା। ସମସ୍ତେ ନିଜ ନିଜର ବେଷ୍ଟ୍ ଦେବାକୁ ଚେଷ୍ଟା କରିଥିଲୁ। ପ୍ରିଲିମ୍ସରେ ଉତ୍ତର ଦେଇ ଆମେ ଗ୍ରାଣ୍ଡ ଫିନାଲେରେ ପହଞ୍ଚିପାରିଲୁ। ଲୟୋଲା ସ୍କୁଲ, ଡିଏଭି ପୋଖରୀପୁଟ, କଳିଙ୍ଗନଗରଙ୍କ ସହ କମ୍ପିଟିଶନ୍ ଟଫ୍ ଥିଲା।

**– ଡିଏଭି, ସିଡିଏ, ଭୁବନେଶ୍ୱର**

### ଛୋଟ ଭୁଲ୍ ପାଇଁ ପଛକୁ ରହିଗଲୁ

ଖୁସି ତ ଅଲଗା କଥା, ନର୍ଭସ୍‌ନେସ୍ ଓ ଡର ଥିଲା। କାରଣ ଯେଉଁ ଜାଗାରେ ଆମେ ଜିତି ପାରିଥାନ୍ତୁ, ସେ ଜାଗାରେ ଛୋଟ ଭୁଲ ପାଇଁ ପଛକୁ ରହିଗଲୁ। ଆମେ ଭୁଲ୍ କରୁ ଆଉ ତା'ଠୁ ଶିଖୁ ମଧ୍ୟ। ଆଜିର ଭୁଲ୍ ବହୁତ କିଛି ଶିକ୍ଷା ଦେଲା। ଆଗକୁ କୌଣସି ପ୍ରତିଯୋଗିତାକୁ ଗଲେ ଯେତେବେଳେ ଆମେ ଜିତିବା ସ୍ଥାନରେ ରହିଥିବୁ, ସେତେବେଳେ କିଛି ବଡ ରିସ୍କ ନେବୁନୁ। କିନ୍ତୁ ପୂରା ଟିମ୍‌ର ଭଲ ଅନୁଭୂତି ରହିଲା।

**– ଲୟୋଲା, ଭୁବନେଶ୍ୱର**

### ଲାଷ୍ଟ ମୋମେଣ୍ଟରେ ଛକା ମାରିଦେଲୁ

ପ୍ରଥମରୁ କଷ୍ଟ ଥିଲା। ପରେ ପଜଲ୍ ଆରମ୍ଭ ହେଲା। ଟିକେ କସରତ କରିଥିଲେ ଆହୁରି ଭଲ ହୋଇପାରିଥାନ୍ତା। ତଥାପି ବହୁତ ଖୁସି ଲାଗୁଛି। ପ୍ରଶ୍ନ ବହୁତ କଷ୍ଟ ଥିଲା। ଆମେ ଆଶା କରି ନ ଥିଲୁ ପାଇବୁ ବୋଲି। କିନ୍ତୁ ଲାଷ୍ଟ ମୋମେଣ୍ଟରେ ଆମେ ଛକା ମାରିଦେଲୁ। ଆରମ୍ଭରୁ ଯେତେବେଳେ ଗୋଟିଏ ପ୍ରଶ୍ନର ଉତ୍ତର ଦେଇଦେଲୁ ତା' ପରେ କନଫିଡେନ୍ସ ଆସିଗଲା।

**–ବ୍ଲେସ୍‌ଡ ସାକ୍ରାମେଣ୍ଟ, ପୁରୀ**

## ୨୦୧୯ର ଦ୍ୱିତୀୟ ରନର ଅପ୍ ଏଥରର ୱିନର୍

ସଂଯୋଗବଶତଃ ମେଟଲ୍ ମିଟ୍ ୨୦୧୯ରେ ହୋଇଥିବା ଦ୍ୱିତୀୟ ରନର ଅପ୍ ଏଥରର ୱିନର୍ ହୋଇଛନ୍ତି। ଉଭୟ ଜୁନିୟର୍ ଓ ସିନିୟର୍ ବିଭାଗରେ ଶେଷ ଥର ଦ୍ୱିତୀୟ ରନର ଅପ୍ ଭାବେ ଯଥାକ୍ରମେ କଟକ ସିଡିଏସ୍ଥିତ ଡିଏଭି ଏବଂ ଭୁବନେଶ୍ୱର ଏମ୍ସ ରହିଥିଲେ। ଏଥର ଉଭୟ ପ୍ରଥମ ସ୍ଥାନ ଅଧିକାର କରି ବିଜେତା ହୋଇଛନ୍ତି। ଡିଏଭି ୨୦୧୮ରେ ପ୍ରଥମ ରନର ଅପ୍, ୨୦୧୯ରେ ଦ୍ୱିତୀୟ ରନର ଅପ୍ ହୋଇଥିଲା। ଏଥର କିନ୍ତୁ ପ୍ରଥମ ସ୍ଥାନ ବାଜିମାତ କରିଛି। ସେହିପରି ଏମ୍ସ ୨୦୧୯ ଆଶାକୁ ଏଥର ପୂରଣ କରିପାରିଛି। ପୂର୍ବର ଅଭିଜ୍ଞତା ଏଥର ସଫଳତା ଦେଇଥିବା ସେମାନଙ୍କ ବିଜୟରୁ ଜଣାପଡ଼ିଛି।

## ଉତ୍ତର ପାଇଁ କସରତ










## ରିଲାକ୍ସ ଦେଲା ଆୟୁଷଙ୍କ ବିଟ୍ ବକ୍ସିଂ

କୁଇଜ୍‌ର ଟେନ୍‌ସନ୍ ମାହୋଲରେ ରିଲାକ୍ସ ଆଣିଥିଲା ଆୟୁଷଙ୍କ ବିଟ୍ ବକ୍ସିଂ। ଓଡ଼ିଆ, ଇଂଲିଶ ଓ ହିପହପ୍ ଭଳି ଧ୍ୱନିରେ ସେ ଉପସ୍ଥିତ ଦର୍ଶକ ଓ ପ୍ରତିଯୋଗୀଙ୍କୁ ଭରପୂର ମନୋରଞ୍ଜନ ଯୋଗାଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଆୟୁଷ କହିଥିଲେ, ପ୍ରଦର୍ଶନ ପାଇଁ ସୁଯୋଗ ମିଳିଥିବାରୁ ବହୁତ ଖୁସି ଲାଗୁଛି। ଆଶା କରୁଛି ପିଲାଙ୍କ ଚାପ କିଛି ମାତ୍ରାରେ ହାଲୁକା କରି ପାରିଛି। ଆଗକୁ କ'ଣ ହେବ ତା' ନ ଭାବି ବର୍ତ୍ତମାନକୁ ଧ୍ୟାନ ଦେବା ଆବଶ୍ୟକ ବୋଲି ସେ କହିଥିଲେ।



## ଗ୍ରାମାଞ୍ଚଳରେ ମନମୁଖି ବିଦ୍ୟୁତ୍ କାଟ୍

ଖଡ଼ିଆଲ,(ସୁଜିତ୍ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଅଞ୍ଚଳରେ ମନମୁଖି ବିଦ୍ୟୁତ୍ କାଟ ହେଉଥିବା ଅଭିଯୋଗ ହୋଇଛି। ବିଭାଗ ବାରମ୍ବାର ବିଦ୍ୟୁତ୍ କାଟରେ ଅଞ୍ଚଳର ଜନସାଧାରଣ ଅତିଷ୍ଠ ହୋଇଯାଇଥିବା ବେଳେ ସହରର ବିଭିନ୍ନ ଛକରେ ଲଗାଯାଇଥିବା ବିଦ୍ୟୁତ୍ ଖୁଣ୍ଟର ଲାଇଟଗୁଡିକ ଦିନରାତି ଜଳୁଛି। ଗ୍ରାମାଞ୍ଚଳରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ ହେଉଥିବାରୁ ଲୋକେ ଅତିଷ୍ଠ ହୋଇଗଲେଣି। ବିଦ୍ୟୁତ୍ ସେବା ଅବ୍ୟବସ୍ଥା ଯୋଗୁ ବିଭିନ୍ନ କାର୍ଯ୍ୟ ଅଟକ ରହିଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ବିଭାଗ ତୁରନ୍ତ ଦୃଷ୍ଟିଦେଇ ବିଦ୍ୟୁତ୍ ସେବାର ସୁଧାର ଆଣିବା ପାଇଁ ଦାବି ହେଉଛି।

# ଅମୃତ ଭାରତ ଷ୍ଟେଶନ୍ ଯୋଜନାରେ ବଲାଙ୍ଗୀର ସାମିଲ

ବଲାଙ୍ଗୀର,୬।୮
(ବୀରେନ୍ଦ୍ର କୁମାର ଝାଙ୍କର)



ଅମୃତ ଭାରତ ଷ୍ଟେଶନ୍ ଯୋଜନାରେ ରେଳଷ୍ଟେଶନ୍ ପୁନର୍ବିକାଶ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ଅବସରରେ ବଲାଙ୍ଗୀରରେ ମଞ୍ଚାସୀନ ଅତିଥି।

ସମଗ୍ର ଦେଶରେ ଅମୃତ ଭାରତ ଯୋଜନା ଅନ୍ତର୍ଗତ ୫୦୮ଟି ରେଳ ଷ୍ଟେଶନ୍‌ର ପୁନର୍ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବଲାଙ୍ଗୀର ଜିଲାର ବଲାଙ୍ଗୀର, କଣ୍ଟାବାଞ୍ଜି ଏବଂ ହରିଶଙ୍କର ରୋଡ୍ ଷ୍ଟେଶନ୍ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ରେଳ ଷ୍ଟେଶନ୍‌ରେ ରବିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା, ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ ଓ ପଦ୍ମଶ୍ରୀ କୈଳାସ ମେହେର, ଇଷ୍ଟକୋଷ୍ଟ ରେଲୱେ ମୁଖ୍ୟଯନ୍ତ୍ରୀ ଅଜୟ କୁମାର ସାମଲ ମଞ୍ଚାସୀନ ଥିଲେ।

ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ସରକାର ଅନେକ ଭଲ ଯୋଜନା ଆଣୁଛନ୍ତି। ମାତ୍ର ତାହା କାର୍ଯ୍ୟକାରୀ ହେଉନାହିଁ। ୨୦୧୯ ମସିହାରେ ପ୍ରଧାନମନ୍ତ୍ରୀ ବଲାଙ୍ଗୀର ଆସି ବଲାଙ୍ଗୀର–ବିଚ୍ଛୁପାଲି ମାତ୍ର ୧୫ କିଲୋମିଟର ଦୂରବର୍ତ୍ତୀ ଏକ ପାସେଞ୍ଜର ଟ୍ରେନ୍ ଉଦ୍‌ଘାଟନ କରିଥିଲେ। ସୂଚନା ଅଧିକାର ଆଇନ ଯୋଗେ ମିଳିଥିବା ତଥ୍ୟ ଅନୁଯାୟୀ ଉକ୍ତ ଟ୍ରେନ୍‌ରେ ଦୈନିକ ହାରାହାରି ମାତ୍ର ଜଣେ ଯାତ୍ରୀ ଯତାୟାତ କରୁଥିଲେ। କିଛିଦିନ ଚାଲିବା ପରେ ଉକ୍ତ ଟ୍ରେନ୍ ବନ୍ଦ ହୋଇଗଲା। ସେ ଦିନରୁ ଏହା ଆଗକୁ ବଢ଼ିନାହିଁ। ଆଜିର ଅମୃତ ଭାରତ ଷ୍ଟେଶନ୍ ବଲାଙ୍ଗୀର–ବିଚ୍ଛୁପାଲି ଟ୍ରେନ୍ ଭଳି ନହେଉ। ପ୍ରଧାନମନ୍ତ୍ରୀ ଉଦ୍ଘାଟନ କରିଥିବା ଏହି ରେଳପ୍ରକଳ୍ପ ବନ୍ଦ ହୋଇଯିବା ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶିତା ଅଭାବ ବୋଲି ବିଧାୟକ ମିଶ୍ର କହିଥିଲେ। କଣ୍ଟାବାଞ୍ଜି ଠାରେ ରେଲୱେ ବିଭାଗ ପାଖରେ ଶତାଧିକ ଏକର ଜମି ଥିଲେ ମଧ୍ୟ ଏବଂ ବିଧିବଦ୍ଧ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ସେଠାରେ ୱାଗନ କାରଖାନା ସ୍ଥାପନ କରାଯାଉନାହିଁ। ଯେଉଁଠି ଜମି ନାହିଁ ସରକାର ସେଠାକାର ପ୍ରସ୍ତାବ ପଠାଉଛନ୍ତି। ଏଥିରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବଲାଙ୍ଗୀର ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ବୋଲି କହିଥିଲେ। ଲୋଇସିଂହା ବିଧାୟକ ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ କେନ୍ଦ୍ର ସରକାର ଓଡିଶାକୁ କିଭଳି ପର୍ଯ୍ୟାପ୍ତ ଅନୁଦାନ ଯୋଗାଇ ଦେଉଛନ୍ତି କହିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ବିକାଶର ବାର୍ତ୍ତାବହ ବୋଲି କହିଥିଲେ। ଅନ୍ୟ ଅତିଥିମାନେ ବଲାଙ୍ଗୀର ରେଳଷ୍ଟେଶନ୍‌ରେ ଲିଫ୍ଟ ବ୍ୟବସ୍ଥା, ଏସ୍କାଲେଟର ସୁବିଧା, ବଲାଙ୍ଗୀରରୁ ସିଧାସଳଖ ନୂଆଦିଲ୍ଲୀ ଏବଂ ପ୍ରୟାଗରାଜକୁ ଟ୍ରେନ୍ ଚଳାଚଳ ଦାବି କରିଥିଲେ। ପରେ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କ ଆଭାସୀ କାର୍ଯ୍ୟକ୍ରମକୁ ଉପସ୍ଥିତି ଅତିଥି ଓ ଦର୍ଶକ ଦେଖିଥିଲେ।

### ବଲାଙ୍ଗୀର ରେଳ ଷ୍ଟେଶନ୍‌ରେ ହେଲା ସ୍ୱତନ୍ତ୍ର କାର୍ଯ୍ୟକ୍ରମ

- ଏହି ଯୋଜନା ବଲାଙ୍ଗୀର-ବିଚ୍ଛୁପାଲି ରେଳ ପ୍ରକଳ୍ପ ଭଳି ନ ହେଉ: ନରସିଂହ
- କେନ୍ଦ୍ର ସରକାର ଓଡ଼ିଶାକୁ ପର୍ଯ୍ୟାପ୍ତ ପାଣ୍ଠି ଯୋଗାଇ ଦେଇଛନ୍ତି: ମୁକେଶ

## କଣ୍ଟାବାଞ୍ଜି, ହରିଶଙ୍କର ଷ୍ଟେଶନ ପୁନର୍ବିନ୍ୟାଶ ପାଇଁ ଶିଳାନ୍ୟାସ

### ଭର୍ଚ୍ଚୁଆଲ ମୋଡରେ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

**କଣ୍ଟାବାଞ୍ଜି/ଲାଠୋର,(ଗୁରୁଦୟାଲ ହଂସ/ଭୁବନେଶ୍ୱର ବାରିକ):** କେନ୍ଦ୍ର ସରକାରଙ୍କ ଅମୃତ ଭାରତ ଷ୍ଟେଶନ ଯୋଜନା ଅନ୍ତର୍ଗତ ଦେଶର ୫୦୮ଟି ରେଳଷ୍ଟେଶନର ପୁନର୍ବିକାଶ ପାଇଁ ରବିବାର ପ୍ରଧାନମନ୍ତ୍ରୀ ଭର୍ଚ୍ଚୁଆଲ ମୋଡରେ ଶଳାନ୍ୟାସ କରିଛନ୍ତି। ଏଥିରେ ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜି ଷ୍ଟେଶନକୁ ସାମିଲ କରାଯାଇଛି । ଏହି ଅବସରରେ କଣ୍ଟାବାଞ୍ଜି ରେଳ ଷ୍ଟେଶନରେ ଅନୁଷ୍ଠିତ ସଭାରେ ବଲାଙ୍ଗୀର ଲୋକ ସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ସମ୍ବଲପୁର ପୂର୍ବତଟ ରେଳ ଡିଭିଜନର ଏଡିଆରଏମ ଆନନ୍ଦ ସିଂ, ପୂର୍ବତଟ ରେଳ ଯୋନ ଭୁବନେଶ୍ୱରର ମୁଖ୍ୟଯନ୍ତ୍ରୀ ମୁକେଶ କୁମାର ବେହେରା ଯୋଗ ଦେଇଥିଲେ। କଣ୍ଟାବାଞ୍ଜି ଷ୍ଟେଶନର ବିକାଶ ପାଇଁ କେନ୍ଦ୍ର ସରକାରଙ୍କଠାରେ ଅନେକ ପ୍ରସ୍ତାବ ଦେଇଥିବା ଏମ୍‌ପି ସିଂଦେଓ କହିଥିଲେ। ଏଥିସହ ଜିଲାର ବଲାଙ୍ଗୀର, ଟିଟିଲାଗଡ, ଓ ହରିଶଙ୍କର ରୋଡ ଷ୍ଟେଶନର ବିକାଶ ପାଇଁ ସର୍ବାଧିକ ଅନୁଦାନ ମିଳିଥିବା କହି ଏମ୍‌ପି ସିଂଦେଓ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଜିଲାବାସୀଙ୍କ ତରଫରୁ ଧନ୍ୟବାଦ ଦେଇଥିଲେ। କଣ୍ଟାବାଞ୍ଜି ସଭାରେ ଭୁବନେଶ୍ୱର, ସମ୍ବଲପୁର ଓ କଣ୍ଟାବାଞ୍ଜିର ବରିଷ୍ଠ ରେଳ ଅଧିକାରୀଙ୍କ ସହ ଭାଜପା ଜିଲା ସଭାପତି ଶିବାଜୀ ମହାନ୍ତି, ଭାଜପା ବିଧାୟକ ପ୍ରତିନିଧି ଲକ୍ଷ୍ମଣ ବାଗ, ନଗର ସଭାପତି ବେଦବ୍ୟାସ ନାଗ, ପ୍ରଦୀପ ବାଗ, ନୀଳକଣ୍ଠ ଶତପଥୀ, ଘାସୀରାମ ଜୈନ ପ୍ରମୁଖ ସାମିଲ ଥିଲେ।

ସେହିପରି ହରିଶଙ୍କର ରୋଡ଼ ରେଳ ଷ୍ଟେଶନରେ ବିଭାଗୀୟ ସିଏସଟି ଉପେନ୍ଦ୍ର ଭୁମିଚଙ୍କ ଅଧ୍ୟକ୍ଷତାରେ ପୁର୍ନବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ପ୍ରଧାନମନ୍ତ୍ରୀ ମୋଦୀ ଭରଚୁଆଲ ମୋଡରେ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲ ଏବଂ ରେଳ ବିଭାଗ ଏସଡ଼ିଇଇ ଆର.ମେହେର ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମବାସୀ ଏବଂ ସାବାସ ସାମାଜିକ ପରିବର୍ତ୍ତନ ସଂଗଠନ ସଦସ୍ୟମାନେ ହରିଶଙ୍କର ରୋଡ଼ ରେଳ ଫାଟକ ନିକଟରେ ବାଏପାସ ରାସ୍ତା ନିର୍ମାଣ ସହ ପୁରୀ–ଅହମ୍ମଦାବାଦ, ମୁମ୍ବାଇ–ବିଶାଖାପାଟନମ ଲୋକମାନ୍ୟ ତିଲକ ଏବଂ ପୁରୀ–ଅଜମେର ସୁପର ଫାଷ୍ଟ ଟ୍ରେନ ରହଣି ପାଇଁ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ଏବଂ ରଚନା ଲିଖନ ପ୍ରତିଯୋଗୀତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଏମପି ନୋମିନି ପ୍ରବୀଣ ଅଗ୍ରୱାଲ, ପୂର୍ବତନ ସରପଞ୍ଚ ସନ୍ତୋଷ ଭଇଁଷାଲ, ସୁବାସ ଅଗ୍ରୱାଲ, ସାବାସ ସଂଗଠନର କରୁଣାକର ସୁନା, ଦୁର୍ଗାପୂଜା କମିଟି ସଭାପତି ଉମେଶ ଭଇଁଷାଲ, କୋଶଲ ସମନ୍ୱୟ ସମିତି ରାଜ୍ୟ ଆବାହକ କାଶିନାଥ ମେହେର, ଚାମ୍ବର୍ସ ଆଫ କମର୍ସ ସଭାପତି ନବିନ ଅଗ୍ରୱାଲ ଉପସ୍ଥିତ ଥିଲେ।

## ଦୀର୍ଘଦିନ ପରେ ସ୍ଥାୟୀ ବିଇଓ ନିଯୁକ୍ତ

ଲୋଇସିଂହା, ୬।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକରେ ନୂତନ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ଭାବେ ଦିଲୀପ କୁମାର ପାଠୀ ଯୋଗ ଦେଇଛନ୍ତି। ଭାରପ୍ରାପ୍ତ ଦାୟିତ୍ୱ ତୁଲାଉଥିବା ଲୋଇସିଂହା ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନାକୁମାରୀ ବେହେରାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପରେ କାର୍ଯ୍ୟାଳୟର ଅତିରିକ୍ତ ଶିକ୍ଷା ଅଧିକାରୀ ରଜନୀକାନ୍ତ ସାହୁ ଓ ଷ୍ଟାଫଙ୍କ ସମେତ ଶିକ୍ଷକମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ସୂଚନାଯୋଗ୍ୟ ଯେ, ପାଠୀ ଆଗଲପୁର ବ୍ଲକ ଭରସୁଜା ଛେଲିଆପାଟ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ ତୁଲାଉଥିଲେ। ପଦୋନ୍ନତି ପାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଅବସ୍ଥାପିତ ହୋଇଛନ୍ତି। ଦୀର୍ଘ ବର୍ଷ ପରେ ସ୍ଥାୟୀ ବିଇଓ ନିଯୁକ୍ତି ମିଳିଥିବାରୁ ଛେଲିଆପାଟ ହାଇସ୍କୁଲର ସହକର୍ମୀ ଓ ଶିକ୍ଷକ ମହଲରେ ସନ୍ତୋଷ ପ୍ରକାଶ ପାଇଛି ।

## ୫–ଟି ସଚିବଙ୍କ ଗସ୍ତକୁ ନେଇ ତତ୍ପରତା

ଲୋଇସିଂହା, ୬।୮(ସୁଶାନ୍ତ ବାରିକ)

୫–ଟି ସଚିବ ଭି.କେ.ପାଣ୍ଡିୟାନ ସୋମବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗସ୍ତରେ ଆସୁଛନ୍ତି। ଲୋୟର ସୁକତେଲ ପ୍ରକଳ୍ପ, ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ ଏବଂ ସ୍ଥାନୀୟ ଯୋଗେଶ୍ୱର ପୀଠ ସେ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି । ସେଠାରୁ ଫେରି ଲୋଇସିଂହା କଲେଜ ପଡିଆରେ ଅଭିଯୋଗ ଶୁଣାଣି ଶିବରରେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ଯୋଗୀସର୍ଡା କଲେଜ ଏବଂ ଲୋଇସିଂହା କଲେଜ ପଡିଆରେ ଦୁଇଟି ହେଲିପ୍ୟାଡ ପ୍ରସ୍ତୁତ ହୋଇଛି। ଜିଲାପାଳ,ଏସ୍‌ପି ଓ ଅନ୍ୟାନ୍ୟ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ ତଦାରଖ କରିଛନ୍ତି। ଅପରପକ୍ଷେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନେତା, ମନ୍ତ୍ରୀ କ୍ଷେତ୍ର ସଜାଡିବାରେ ଲାଗି ପଡିଛନ୍ତି। ରବିବାର ସକାଳେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ, ପୂର୍ବତନ ଏମ୍‌ପି ତଥା ହାଉସିଂବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ପ୍ରମୁଖ ଲୋଇସିଂହା କଲେଜ ପଡିଆ ଅଭିଯୋଗ ଶୁଣାଣି ଶିବିର ପରିଦର୍ଶନ କରି ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ଯୁବନେତା ନିହାର ରଞ୍ଜନ ବେହେରାଙ୍କ ସମେତ ଲୋଇସିଂହା ଓ ଆଗଲପୁର ବ୍ଲକ ବିଜେଡି ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ଅପରପକ୍ଷେ ୫ଟି ସଚିବକଙ୍କ ଗସ୍ତକୁ ବିରୋଧ କରି ବ୍ଲକ ଅଫିସ ଆଗରେ ଭାଜପା ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

### ବ୍ଲକ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବ ଭାଜପା

### ଖୋଜା ପଡ଼ିଲେ ନୀତେଶ

ଲୋଇସିଂହା କଲେଜ ପଡିଆରେ ୫–ଟି ସଚିବଙ୍କ ଅଭିଯୋଗ ଶୁଣାଣି ଶିବର ରହିଛି। ଏହି ପଡିଆରେ ହେଲିପ୍ୟାଡ ଏବଂ ଅଭିଯୋଗ ଶୁଣାଣି ପାଇଁ ଟେଣ୍ଟ କାମ ଚାଲିଛି। ଏହାର ତଦାରଖ ପାଇଁ ରବିବାର ବିଜେଡି ନେତୃବର୍ଗ ସ୍ଥାନୀୟ ସ୍ଥାନୀୟ ନେତୃବୃନ୍ଦଙ୍କ ଉପସ୍ଥିତ ରହି ଆଲୋଚନା କରୁଥାନ୍ତି। ଏତିକି ବେଳ ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ କହିଥିଲେ ସମସ୍ତେ ଅଛନ୍ତି, ନୀତେଶ ବାବୁ କାହିଁକି ଦେଖାଯାଉ ନାହାନ୍ତି। ଗତ ରାତିରେ ତ ସେ ଆସିଥିଲେ। ମେଡିକାଲ କାମ ଯୋଗୁ ଏବେ ଆସି ନ ଥିବା କେହି ଜଣେ କହିଥିଲେ। ସୂଚନା ଯୋଗ୍ୟ ଯେ, ୨୦୨୨ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ପାଇଁ ନୀତେଶ କୁମାର ଅଗ୍ରୱାଲ ହୀରାପୁର ପଞ୍ଚାୟତରୁ ସମିତି ସଭ୍ୟ ପ୍ରାର୍ଥୀ ହୋଇଥିଲେ। ତାଙ୍କର ପ୍ରତିଦ୍ୱନ୍ଦ୍ୱିତା ବର୍ତ୍ତମାନର ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲଙ୍କ ମଧ୍ୟରେ ହୋଇଥିଲା । ହେଲେ ଏଥିରେ ନୀତେଶ ପରାଜୟର ସମ୍ମୁଖୀନ ହୋଇଥିଲେ।

## କୃଷକ ସାଥୀ ଉତ୍ପାଦକ କମ୍ପାନୀର ବୈଠକ

କର୍ଲାମୁଣ୍ଡା,୬।୮(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ. ମାଲପଡାସ୍ଥିତ କର୍ଲାମୁଣ୍ଡା କୃଷକ ସାଥୀ ଉତ୍ପାଦକ କମ୍ପାନୀର ବୋର୍ଡ଼ମେମ୍ବରମାନଙ୍କ ବୈଠକ ବିଜାପାଟିଠାରେ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ତିରଞ୍ଜି ମେର୍ଲିଙ୍କ ଅଧ୍ୟକ୍ଷତାରେ ବୋର୍ଡ ମେମ୍ବର ପ୍ରଦୀପ ଛତ୍ରିଆ, ବାଲ୍ମୀକି ଛତ୍ରିଆ, ଯତୀନ୍ଦ୍ର ନାଥ ସାହୁ, କ୍ଷୀରସାଗର କୁମାର, ନିଳେନ୍ଦ୍ରୀ ସାହୁ, ଗୌରୀ ଦୀପ, ଭୁପିନ୍ଦ୍ର ଚୌଧୁରୀ, ବିରେନ୍ଦ୍ର ସାହୁ, ଦ୍ରୋଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ବ୍ଲକରେ ଚାଷୀମାନଙ୍କ ଉତ୍ପାଦିତ ସାମଗ୍ରୀର କିଣାବିକା କରିବା ସହିତ ଚାଷୀଙ୍କ ଅୟବୃଦ୍ଧି ଓ ମଞ୍ଜିଠୁଁ ବଜାରିକରଣ ପର୍ଯ୍ୟନ୍ତ କମ୍ପାନୀ କାମ କରିବ ବୋଲି ନିଷ୍ପତ୍ତି ନେଇଥିଲେ। ପ୍ରଥମ ପର୍ଯ୍ୟାୟରେ କବୋ କଲେକ୍ଟ ଆପରେ ଚାଷୀଙ୍କ ସର୍ଭେ କରିବା, କମ୍ପାନୀର ଆକାଉଣ୍ଟ ଖୋଲିବା, ଚାଷୀଙ୍କ ଅଂଶ ଧନ ସଂଗ୍ରହ କରିବା ଓ କମ୍ପାନୀ ବିଶେଷଜ୍ଞ ନିର୍ଦ୍ଦେଶକ ଭାବେ ସର୍ବସମ୍ମତି ପ୍ରଦୀପ କୁମାର ସାହୁଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଇଣ୍ଡୋ ଗ୍ଲୋବାଲ ସୋଶିଆଲ ସର୍ଭିସ ଶୋସାଇଟିରୁ ଧର୍ମସାଗର ପ୍ରଧାନ ଯୋଗଦେଇ କମ୍ପାନୀକୁ ସୁପରିଚାଳନା ନିମନ୍ତେ ବିଭିନ୍ନ ପରାମର୍ଶ ଦେଇଥିଲେ।

## ଦେଓଗାଁ ବସ୍‌ଷ୍ଟାଣ୍ଡରେ କଂଗ୍ରେସର ମୌନ ପ୍ରତିବାଦ


କଂଗ୍ରେସ ନେତୃବର୍ଗ ଓ କର୍ମୀ ବ୍ୟାନର ଧରି ମୌନ ପ୍ରତିବାଦ କରୁଛନ୍ତି।

ଦେଓଗାଁ, ୬।୮(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ମିନିଷ୍ଟାଡିୟମରେ ରବିବାର ରାଜ୍ୟ ସରକାରଙ୍କ ୫–ଟି ସଚିବ ଭି.କେ.ପାଣ୍ଡିୟାନଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ଏହାର ଅବ୍ୟବହିତ ପୂର୍ବରୁ ବ୍ଲକ କଂଗ୍ରେସ ପକ୍ଷରୁ ଦେଓଗାଁ ବସଷ୍ଟାଣ୍ଡଠାରେ ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନଙ୍କ ନେତୃତ୍ୱରେ କଂଗ୍ରେସ କର୍ମକର୍ତ୍ତାମାନେ ମୁହଁରେ କଳାପଟି ବାନ୍ଧି ମୌନ ପ୍ରତିବାଦ କରିଥିଲେ । ଏହି ଗସ୍ତ କେବଳ ଲୋକଦେଖାଣିଆ ବୋଲି କର୍ମକର୍ତ୍ତାମାନେ ଅଭିଯୋଗ କର ଅକାରଣରେ ଓଡିଶାବାସୀଙ୍କ କୋଟିକୋଟି ଟଙ୍କା ବ୍ୟୟ କରାଯାଉଛ, ଗଣତନ୍ତ୍ରକୁ ହତ୍ୟା କରାଯାଉଛି ବୋଲି ଅଭିଯୋଗ କରିଥିଲେ । ଏହାସହ ଦେଓଗାଁରେ ବନ୍ଦ ପଡିଥିବା ଚିନିକଳକୁ ପୁନଃଚାଲୁ ଏବଂ ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ କରିବା ପାଇଁ ଦାବି କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରସ୍ତରୀୟ ବିଜ୍ଞାନ ମେଳା

ନୂଆପଡ଼ା,୬।୮(ମକାରୁ ବେମାଲ)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚଳିତ ଶିକ୍ଷାବର୍ଷର ବିଦ୍ୟାମନ୍ଦିସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମହେନ୍ଦ୍ର କୁମାର ନାଏକଙ୍କ ଅଧ୍ୟକ୍ଷତାରେ ସ୍ତ୍ରୀ ଓ ପ୍ରସୁତି ବିଭାଗ ବିଶେଷଜ୍ଞ ଡା.ବିଜୟ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚିନ୍ତାମଣି ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଜ୍ଞାନ ମେଳାରେ ଶିଶୁ ବାଟିକାରୁ ୩୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ପ୍ରଥମରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ୫୫ଟି, ଶିଶୁ ବର୍ଗରେ ୨୧ଟି, ବାଳବର୍ଗରେ ୧୯ଟି, କିଶୋର ବର୍ଗରେ ୧୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଫାଲଗୁନୀ ସାହୁ, ଖିଲମିଲା ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସନ୍ଧ୍ୟାରାଣୀ ବେହେରା, କାଶିପଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଗୋପାଳ ସେଠୀ ବିଚାରକ ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ନାଏକ ଅଧ୍ୟକ୍ଷତା କରିଥିବା ବେଳେ ନୂଆପଡା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅସବନୀ ଭୋଇ ମୁଖ୍ୟଅତିଥି, ପ୍ରଶାନ୍ତ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ନରେନ୍ଦ୍ର ରଣା ଧନ୍ୟବାଦ ଜ୍ଞାପନ କରିଥିଲେ।

## ଧାନତଳି ନଷ୍ଟ କଲା ଦନ୍ତାହାତୀ

ଖପ୍ରାଖୋଲ, ୬।୮(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ଅନ୍ତର୍ଗତ ଚାନ୍ଦିଲି ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଦନ୍ତାହାତୀ ଉପଦ୍ରବ ଦେଖାଦେଇଛି। ପିଙ୍ଗଲାମୁଣ୍ଡା ଗାଁ ନିକଟରେ ଥିବା ଚାଷ ଜମିରେ ପକାଯାଇଥିବା ଧାନତଳି ହାତୀ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ହାତୀ ହରିଶଙ୍କର ରେଞ୍ଜ ଅନ୍ତର୍ଗତ ଚାନ୍ଦିଲି ସଂରକ୍ଷିତ ଜଙ୍ଗଲ ସମୀପ ଗାଁ ପିଙ୍ଗଲମୁଣ୍ଡା, ଚଟରାଭଟା ଦେଇ ଜଙ୍ଗଲ ଭିତରକୁ ଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏବେ ହାତୀ ରେଙ୍ଗାଲି ପଟ ଭରୁଆମୁଣ୍ଡା, ସିନ୍ଦବାହାଲି ଗାଁ ପଟେ ସନ୍ଧ୍ୟା ସୁଦ୍ଧା ଜଣାଯାଇଛି। ବନବିଭାଗ ଚାନ୍ଦିଲି ସଂରକ୍ଷିତ ଜଙ୍ଗଲ ତଳି ଅଞ୍ଚଳର ଲୋକଙ୍କୁ ରାତିରେ ବାହାରକୁ ନ ବାହାରିବାକୁ ବନବିଭାଗ ତରଫରୁ ମାଇକ ଯୋଗେ ସଚେତନ କରାଯାଇଛି। ଏନେଇ ହରିଶଙ୍କର ରେଞ୍ଜ ଅଧିକାରୀ ଗିରିଧାରୀ ନାଗଙ୍କୁ ପଚାରିବାରୁ ହାତୀର ଗତିବିଧି ଉପରେ ନଜର ରଖାଯାଇଥିବା କହିଛନ୍ତି।

## କଳାକାର ଦୁର୍ଯ୍ୟୋଧନ ପଧାନଙ୍କ ପରଲୋକ

ଦେଓଗାଁ,୬।୮(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)


ଦୁର୍ଯ୍ୟୋଧନ ପଧାନ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସିକୁଆଁ ଗ୍ରାମର ବରିଷ୍ଠ କଳାକାର ଦୁର୍ଯ୍ୟୋଧନ ପଧାନ(୮୦)ଙ୍କ ପରଲୋକ ହୋଇଛି। ସେ କିଛିଦିନ ହେଲା ଅସୁସ୍ଥ ହେବାରୁ ବୁର୍ଲାରେ ଚିକିତ୍ସିତ ହେଉଥିଲେ। ଶନିବାର ରାତିରେ ତାଙ୍କର ବିୟୋଗ ଘଟିଥିଲା। ରବିବାର ତାଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଶୋକାକୂଳ ପରିବେଶରେ ସୋନଗଡ ନଦୀକୂଳରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବଡପୁଅ ଆନନ୍ଦ ପଧାନ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ କଳାକାର ମହଲରେ ଶୋକ ପ୍ରକାଶ ପାଇଛି।

# ଅଭିଯୋଗ ଶୁଣିଲେ, ସମାଧାନ ପ୍ରତିଶ୍ରୁତି

### ବଲାଙ୍ଗୀର ଗସ୍ତରେ ୫-ଟି ସଚିବ

ଗୁଡ଼ଭେଲା/ ବେଲପଡ଼ା/ ଟିଟିଲାଗଡ଼/ ଖପ୍ରାଖୋଲ/ଦେଓଗାଁ, ୬।୮(ମନୋଜ କୁମାର ଜୈନ/ ମନୋଜ କୁମାର ମିଶ୍ର/ ଶରତ ମିଶ୍ର/ ଅଭୟ ତ୍ରିପାଠୀ/ କୃଷ୍ଣ ପ୍ରସାଦ ପାଣିଗ୍ରାହୀ)


ହରିଶଙ୍କର ମନ୍ଦିରରେ ୫–ଟି ସଚିବ ପୂଜକମାନଙ୍କ ସହ ଆଲୋଚନା କରୁଛନ୍ତି।

ବଲାଙ୍ଗୀର ଜିଲା ତୁଷୁରା ଉଡାଜାହାଜ ପଡିଆରେ ରବିବାର ପ୍ରାୟ ୯ଟା ୪୫ରେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ସଚିବ ତଥା ୫–ଟି ସଚିବ ଭି.କେ.ପାଣ୍ଡିୟାନ ଓହ୍ଲାଇ ସିଧାସଳଖ ମା'ସମଲେଶ୍ୱରୀଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଏକ ନକ୍ସା ତିଆରି କରି ସଚିବଙ୍କୁ ବୁଝାଇଥିଲେ। ଏହାପରେ ମନ୍ଦିର ପଡିଆରେ ଆୟୋଜିତ ଜନସମାବେଶରେ ଉଦ୍‌ବୋଧନ ଦେଇ ୫–ଟି ସଚିବ କହିଥିଲେ ମା'ଙ୍କ ମନ୍ଦିର ରୂପାନ୍ତରିତ ସହ ଏଠାରେ ଥିବା ଚିକିତ୍ସାଳୟରେ ଉନ୍ନତମାନର ଚିକିତ୍ସା ସେବା ନେଇ ଖୁବଶୀଘ୍ର ଖୁସି ଖବର ପାଇବେ ବୋଲି ୫ଟି ସଚିବ କହିଥିଲେ। ଆପଣମାନଙ୍କଠାରୁ ପାଇଥିବା ଦାବିପତ୍ରଗୁଡିକ ମଧ୍ୟରୁ ମନ୍ଦିର, ମଠ, ଚର୍ଚ୍ଚ, ମସ୍‌ଜିଦ ଓ କମ୍ୟୁନିଟି ସେଣ୍ଟରଗୁଡିକକୁ ପ୍ରାଥମିକତା ଦେଇ ଆଗାମୀ ସାତ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ପାଖରୁ ଖୁସି ଖବର ପାଇବେ ବୋଲି ପାଣ୍ଡିୟାନ ଘୋଷଣା କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ, ଏସ୍‌ପିଙ୍କ ସହ ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ। ଅନ୍ୟ ପକ୍ଷରେ ସଚିବଙ୍କ ଗସ୍ତର କିଛି ଘଣ୍ଟା ପୂର୍ବରୁ ବିରୋଧ ଭୟରେ କଂଗ୍ରେସ ଦଳର ଯୁବନେତା ଶ୍ରୀକାନ୍ତ ବାଗ, କ୍ଷମାନିଧି ବୁଡେକ, ସୌଭାଗ୍ୟ ରଣାଙ୍କୁ ତୁଷୁରା ଥାନାରେ ଅଟକ ରଖି ପରେ ପୋଲିସ ଛାଡି ଦେଇଥିଲା।

୫–ଟି ସଚିବ ଭି.କେ. ପାଣ୍ଡିୟାନ ବେଲପଡା ଡିଆର ମେହେର ହାଇସ୍କୁଲ ଖେଳ ପଡିଆରେ ହେଲିକପ୍ଟରରେ ପହଞ୍ଚିବା ପରେ ତାଙ୍କୁ ପ୍ରଶାସନିକ ଅଧିକାରୀମାନେ ସ୍ୱାଗତ କରିଥିଲେ। ଏହାପରେ ସେ ସଭାସ୍ଥଳରେ ଉପସ୍ଥିତ ମହିଳା ଓ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ ଗ୍ୟାଲେରି ପାଖକୁ ଯାଇ ଲୋକଙ୍କ ସୁବିଧା ଅସୁବିଧା ପଚାରି ବୁଝିବା ସହୁ ଅଭିଯୋଗପତ୍ରମାନ ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ମିଶନ ଶକ୍ତି ମହିଳାମାନେ ଆତ୍ମ ନିର୍ଭର ହୋଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କାର୍ଡରେ ମାଗଣା ଚିକିତ୍ସା ପ୍ରଦାନ କରାଯାଇଛି। ଚଳିତ ବର୍ଷ ୨ ହେକ୍ଟର ଫସଲ ବୀମା ପାଇଁ ମାତ୍ର ୧ ଟଙ୍କାରେ ସୁବିଧା କରାଯାଇଛି। ବର୍ତ୍ତମାନ ଯେଉଁଠି ପିଇବା ପାଣି ସମସ୍ୟା ଥିଲେ ୩ ଦିନ ଭିତରେ ସମଧାନ କରିବା ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି କଚ୍ଚାରୋଡ଼ ରାସ୍ତାକୁ ଗୁରୁତ୍ୱ ଦେଇ ଦୁଇ ମାସ ଭିତରେ ପକ୍କା ରାସ୍ତା ତିଆରି ସହ ମନ୍ଦିର ମସ୍‌ଜିଦ କମ୍ୟୁନିଟି ହଲ ପାଇ ୭ ଦିନ ମଧ୍ୟରେ ଅର୍ଥ ମଞ୍ଜୁର ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରଣା, ଅତିରିକ୍ତ ଏସ୍‌ପି ସୁରେଶ ନାୟକ, ପାଟଣାଗଡ଼ ଉପଜିଲାପାଳ ବିଜୟାନନ୍ଦ ସେଠୀ, ସ୍ଥାନୀୟ ତହସିଲଦାର ପ୍ରଶାନ୍ତି ପଧାନ, ଆଇଆଇସି ରାଜେନ୍ଦ୍ର ବେହେରା, ବିଡ଼ିଓ ଭିକ୍ଟୋର ସୋରେନ, ବେଲପଡା ବ୍ଲକ ଅଧକ୍ଷା ଟିନା କୁମ୍ଭାର, ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ କୁମ୍ଭାର, ବିଧାୟକ ପ୍ରତିନିଧି କୁମୁଦ ମହାଖୁଡ ଉପସ୍ଥିତ ଥିଲେ।

ଟିଟିଲାଗଡ ସିଟି ସ୍କୁଲ ପଡିଆରେ ୫–ଟି ସଚିବ ଜନଅଭିଯୋଗର ଶୁଣାଣି କରିଥିଲେ। ଟିଟିଲାଗଡ଼ ନାଗରିକ କମିଟି ସଦସ୍ୟଙ୍କ ସହ ଅନ୍ୟ କେତେକ ସଂଗଠନ ଜିଲା ଗଠନ ପାଇଁ ସଚିବଙ୍କୁ ଦାବିପତ୍ର ଦେଇଥିଲେ। ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ଜଳସେଚନ ବ୍ୟବସ୍ଥା ପାଇଁ ୭୦୦ କୋଟି ଟଙ୍କା, ପାନୀୟ ଜଳ ପାଇଁ ୩୦୦ କୋଟି, ମିଶନ ଶକ୍ତି ଯୋଜନାରେ ମହିଳାଙ୍କ ଆର୍ଥିକ ସମ୍ବଳ ବୃଦ୍ଧି ହୋଇଥିବା ଏହି ଅବସରରେ ୫–ଟି ସଚିବ କହିଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ଦୟାମୟ ପାଢ଼ି, ତହସିଲଦାର ଡ଼. ଲଳିତ ବାଗ, ବିଡ଼ିଓ ନବୀନ ଚନ୍ଦ୍ର ନାୟକ, ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ମନ୍ତ୍ରୀ ଟୁକୁନି ସାହୁଙ୍କ ପ୍ରତିନିଧି ଅରୁଣ ମିଶ୍ର, ବରିଷ୍ଠ ନେତା ପ୍ରେମ ଜୈନ, ଟିଟିଲାଗଡ଼ ବ୍ଲକ ବିକେଡ଼ି ସଭାପତି ପଦ୍ମଲୋଚନ ପୋଢ଼, ସଇଁତଳା ବ୍ଲକ ବିଜେଡି ସଭାପତି ଟୁନୁ ରଜପାଳିଆ, ଟିଟିଲାଗଡ଼ ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ, ଜିଲା ପରିଷଦ ସଭ୍ୟା ଗୀତା ବିଶି ପ୍ରମୁଖ ଉପସ୍ଥିତ ଥିଲେ।

ପୁଣ୍ୟକ୍ଷେତ୍ର ହରିଶଙ୍କରର ଉନ୍ନୟନ କାମ ତ୍ୱରାନ୍ୱିତ ହେବ। ରବିବାର ହରିଶଙ୍କର ଗସ୍ତ ଅବସରରେ ଏହା କହିଛନ୍ତି ୫–ଟି ସଚିବ ଭି.କେ. ପାଣ୍ଡିୟନ। ହେଲିକପ୍ଟର ଯୋଗେ ଅପରାହ୍ନ ୧ଟାରେ ହରିଶଙ୍କରରେ ପହଞ୍ଚିବା ପରେ ପ୍ରଥମେ ହରିଶଙ୍କର ମନ୍ଦିର ଯାଇଥିଲେ। ଦେବୋତ୍ତର କମିଟି ତରଫରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ମନ୍ଦିର ଦର୍ଶନ ପରେ ୧୩ କୋଟି ବ୍ୟୟ ବରାଦରେ ଚାଲିଥିବା ଉନ୍ନୟନ କାମ ନଭେମ୍ବର ସୁଦ୍ଧା ଶେଷ ହେବ ବୋଲି କହିଥିଲେ। ପରେ ଜନସାଧାରଣଙ୍କଠାରୁ ଆପତ୍ତି ଅଭିଯୋଗ ଗ୍ରହଣ କରିଥିଲେ। ପରେ ମିଶନ ଶକ୍ତି କ୍ଷୁଦ୍ର ନିର୍ମାଣ ଉଦ୍ୟୋଗ କେନ୍ଦ୍ର ବୁଲି ଦେଖିଥିଲେ। ପରେ ମିଶନ ଶକ୍ତି କାଫେ ବୁଲିବା ସହ ମଧ୍ୟାହ୍ନ ଭୋଜନ କରିଥିଲେ। ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିନିଲ କ୍ରିଷ୍ଣା, ଜିଲାପାଳ ଚଞ୍ଚଳ ରାଣା, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇ.ଅର୍ଜୁନ ବେହେରା, ପାଟଣାଗଡ ଉପ ଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ଓ ଏଲଏମ ଡିପିଏମ ସୁମନ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

ଦେଓଗାଁ ବ୍ଲକ ଜରାସିଂହା ମିନିଷ୍ଟାଡିୟମରେ ଅପରାହ୍ନ ୪ ଟା ୪୦ରେ ୫ଟି ସଚିବ ଭି.କେ.ପାଣ୍ଡିଆନ ପହଞ୍ଚି ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ସ୍ମାରକପତ୍ର ଗ୍ରହଣ କରିଥିଲେ। ପରେ ମଞ୍ଚରେ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ବିଷୟରେ ଅବଗତ କରିଥିଲେ। ଏହି ଅବସରରେ ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି, ଚିନିକଳ କର୍ମଚାରୀ ସଂଘ ଓ ଭିଲେଜର୍ସ ଇଣ୍ଡିଆ ପାର୍ଟି, ପଶ୍ଚିମଓଡିଶା ସେବା ସଂଘ ତରଫରୁ ଦେଓଗାଁରେ ବନ୍ଦପଡିଥିବା କୃଷିଭିତ୍ତିକ ଶିଳ୍ପ ଚିନିକଳର ପୁନଃଚାଲୁ କରିବାପାଇଁ ଦାବି କରାଯାଇଥିଲା। ଆସିଥିବା ସମସ୍ତ ଅଭିଯୋଗର ମାସେ ଭିତରେ ସମାଧାନ ହୋଇ ନବୀନ ନିବାସରୁ ଅଭିଯୋଗକାରୀମାନଙ୍କ ପାଖକୁ ଫୋନ କରି ଜଣାଇ ଦିଆଯିବ ବୋଲି କହିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ମାଇକ୍ରୋ ଫାଇନାନ୍ସ କର୍ମଚାରୀ ମୃତ

ବରପାଲି,୬।୮ (ଚିତ୍ତରଞ୍ଜନ ସାହୁ)

ବରପାଲି ରାମପୁର ରାସ୍ତାର ବାରଙ୍ଗପାଲି ବ୍ରିଜ୍ ନିକଟରେ ରବିବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଲାଙ୍ଗୀର ଜିଲା ପାଟଣାଗଡ଼ ଅଞ୍ଚଳର ପ୍ରସନ୍ନ ଦୀପ (୩୦)। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଏ ନେଇ ପୋଲିସ ତଦନ୍ତ କରୁଛି। ସୂଚନା ଅନୁସାରେ, ଆର୍‌ବିଏଲ ମାଇକ୍ରୋ ଫାଇନାନ୍ସ ବରପାଲି ଶାଖାରେ କାମ କରୁଥିବା ପ୍ରସନ୍ନ ରାମପୁର ଆଡ଼କୁ ଯାଉଥିଲେ। ଏହି ସମୟରେ ବରପାଲି ଥାନା ରେମତା ପଞ୍ଚାୟତ କୃଷକପଲୀ ଗ୍ରାମର ରୂପେଶ ଭୋଇ ନିଜ ଭଉଣୀ ଘର ସତଲମାରୁ ଫେରୁଥିବା ବେଳେ ପ୍ରସନ୍ନ ଗାଡ଼ି ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ପ୍ରସନ୍ନଙ୍କ ମୃତ୍ୟୁ ହୋଇଥିଲା ବେଳେ ରୂପେଶ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ବରପାଲି ଏବଂ ପରେ ବରଗଡ଼ ଡାକ୍ତରଖାନାକୁ ପଠାଯାଇଛି।

### ଶିବିରରେ ୧୦୪ ମହିଳା ପୁରୁଷଙ୍କ ଚକ୍ଷୁ ପରୀକ୍ଷା

ପାଇକମାଲ,୬।୮ (ବଡ ଶତପଥି)

ବରଗଡ ଜିଲା ପାଇକମାଲ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରବିବାର ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ପଦ୍ମପୁର ଟାଉନ କ୍ଲବ ଓ ମହାନଦୀ ନେତ୍ର ଚିକିତ୍ସାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି, ପ୍ରିତେଶ ବହିଦାର, ଅଶୋକ ମିଶ୍ର, କୁନାଲ ପାଣିଗ୍ରାହୀ ସରୋଜ ସାମଲ, ବଡ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୧୦୪ ଜଣ ମହିଳା ପୁରୁଷଙ୍କ ଆଖି ପରୀକ୍ଷା କରାଯାଇ ୧୨ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା। ମହାନଦୀ ନେତ୍ରାଳୟର ଡା. ଦେବାଶିଷ ମେହେର, ଡା. ସରୋଜ କୁମାର ସିଂ, ଟେକ୍‌ନିସିଆନ ପ୍ରତ୍ୟାଲୋକ ସାହୁ, ମନୋଜ ସାହୁ, ବ୍ରହ୍ମରାଜ ନାୟକ ଓ ଅଞ୍ଜଳି ମୀରା ଚକ୍ଷୁ ପରୀକ୍ଷା କରିଥିଲେ। ରୋଶନ ପାଣିଗ୍ରାହୀ, ଶୁଶାନ୍ତ ନାଗ, ପିଣ୍ଟୁ ଭୋଇ, ଅନିଲ ପଟ୍ଟନାୟକ, ବିକି ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

### କୁକୁଡା ଚାଷ ମାଧ୍ୟମରେ ଜୀବିକାର୍ଜନ କାର୍ଯ୍ୟକ୍ରମ

ଝାରବନ୍ଧ,୬।୮ (ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ସ୍ଥିତ ରାଜୀବ ଭବନରେ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ପାଇଁ ଘର ଅଗଣାରେ କୁକୁଡା ଚାଷ ମାଧ୍ୟମରେ ଜୀବିକାର୍ଜନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏସ୍‌ଏଚ୍‌ଜି ମା'ମାନେ ସାମାନ୍ୟ ପରିଶ୍ରମ କରି ନିଜ ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିପାରିବେ ଓ ନିଶ୍ଚିତ ଲାଭବାନ ହୋଇପାରିବେ ବୋଲି କହିଥିଲେ। ପ୍ରଥମ ପର୍ଯ୍ୟାୟରେ ୩୦ ଜଣ ମହିଳାଙ୍କୁ ୨୫ ଗୋଟି ଲେଖାଏଁ କୁକୁଡ଼ା ଚିଆଁ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଚନ୍ଦ୍ରକାନ୍ତ ପାଟଯୋଶୀ, ପଦ୍ମପୁର ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଜିତ କୁମାର ଶତପଥୀ, ଝାରବନ୍ଧ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସମୀର କୁମାର ଖମାରି, ଜିଲା ପରିଷଦ ସଦସ୍ୟ ସୁଶିଲ ମରାଇ ପ୍ରମୁଖ ଯୋଗ ଦେଇଥିଲେ।

# ଭ୍ରଷ୍ଟାଚାର ଦେଶ ପାଇଁ ବିପଦ

ବରଗଡ଼,୬।୮ (ପ୍ରେମାନନ୍ଦ ଖମାରୀ)

ଦେଶରେ ଜନସଂଖ୍ୟା ବୃଦ୍ଧି ପାଉଛି। ସେହିପରି ଭ୍ରଷ୍ଟାଚାର ମଧ୍ୟ ବଢ଼ି ଚାଲିଛି। ଦେଶ ପାଇଁ ଏହା ବିପଦର କାରଣ ସାଜିଛି। ଫଳରେ ଏଥିପ୍ରତି ଦେଶବାସୀ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ରବିବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଭାରତ ବିକାଶ ପରିଷଦ, ଅଧିବକ୍ତା ପରିଷଦ ଏବଂ ରାଷ୍ଟ୍ରୀୟ କବି ସଙ୍ଗମର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବୁଦ୍ଧିଜୀବୀ ସମାବେଶରେ ସୁପ୍ରିମକୋର୍ଟର ବରିଷ୍ଠ ଆଡ଼ଭୋକେଟ୍ ତଥା ଅଧିବକ୍ତା ଅଶ୍ୱିନୀ ଉପାଧ୍ୟାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ମତପ୍ରକାଶ କରିଛନ୍ତି । ସେ ଆହୁରି କହିଥିଲେ, ରାଷ୍ଟ୍ର ବିରୋଧୀ କାର୍ଯ୍ୟକୁ ପ୍ରତିହତ କରିବା ଦାୟିତ୍ୱ ରାଜନେତା ନେବା ଉଚିତ। ଭାରତୀୟ ସଂସ୍କୃତିର ଆଦର୍ଶ ରାଷ୍ଟ୍ରଭକ୍ତ ବିଦୁରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଭାରତବର୍ଷରେ ବଢୁଥିବା ଆପରାଧିକ କାର୍ଯ୍ୟକଳାପକୁ ପ୍ରତିହତ କରିବା ପାଇଁ ବିଳମ୍ବିତ ନ୍ୟାୟିକ ବ୍ୟବସ୍ଥା ବଦଳରେ ତୁରନ୍ତ ନ୍ୟାୟ ବ୍ୟବସ୍ଥା ଲାଗୁ କରାଯିବା ଦରକାର। ଏହାସହିତ ଅପରାଧ ଆୟତ୍ତ ପାଇଁ ଆଇନ ପରିବର୍ତ୍ତନ କରାଗଲେ ବହୁ ପରିମାଣରେ ଆପରାଧିକ କାର୍ଯ୍ୟକଳାପ, ଭ୍ରଷ୍ଟାଚାରକୁ ଅଟକାଇ ହେବ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ପ୍ରସଙ୍ଗରେ ସେ ଦେଶରେ ଘଟିଥିବା ଅନେକ ଉଦାହରଣ ଉପସ୍ଥାପନ କରିଥିଲେ। ଭାରତ ବିକାଶ ପରିଷଦର ପୂର୍ବୀୟ ଆଞ୍ଚଳିକ ସମ୍ପର୍କ ସମ୍ପାଦକ ଶ୍ୟାମସୁନ୍ଦର ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଦେଶରେ ଚାଲିଥିବା ଭାରତ ବିକାଶ ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସେ ସୂଚନା ଦେଇଥିଲେ। ରାଷ୍ଟ୍ରୀୟ କବି ସଙ୍ଗମର ଜିଲା ଅଧ୍ୟକ୍ଷା ଦର୍ଶନା ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରକାଶ ପଟ୍ଟନାୟକ ସ୍ୱାଗତ ଭାଷଣ ଏବଂ ଜୟଶ୍ରୀ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

# ପଦ୍ମପୁର ନାଗରିକ କମିଟି ବୈଠକ

ପଦ୍ମପୁର,୬।୮ (ପ୍ରଦୀପ୍ତ ଦାଶ)

■ ସହର ସମସ୍ୟା ନେଇ ଆଲୋଚନା
■ ମନୋନୀତ ହେଲେ ନୂତନ କର୍ମକର୍ତ୍ତା

ବରଗଡ଼ ଜିଲା ପଦ୍ମପୁର ରାଜାନୀ ଟାଉନ ହଲରେ ପଦ୍ମପୁର ନାଗରିକ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟି ସଭାପତି ମହେନ୍ଦ୍ର ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ସରକାରଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ପଦ୍ମପୁର ଉପଖଣ୍ଡରେ ଖାଲି ପଡ଼ିଥିବା ବିଭିନ୍ନ ସରକାରୀ ପଦାଧିକାରୀ, ବିଶେଷଜ୍ଞ ଡାକ୍ତର ଆଦି ପଦବୀ ପୂରଣ ହୋଇ ନଥିବା ଯୋଗୁ ଉଦବେଗ ପ୍ରକାଶ ପାଇଥିଲା। ସେହିପରି ପଦ୍ମପୁର ସହରରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା, ଟ୍ରାଫିକ ସମସ୍ୟାର ସମାଧାନ, ରାସ୍ତାର ଦୁରବସ୍ଥା, ବେଆଇନ କଲଭର୍ଟ ନିର୍ମାଣ, ଦୂଷିତ ଜଳ ନିଷ୍କାସନ ଆଦି ଉପରେ ଆଲୋଚନା ହୋଇଥିଲା। ସମସ୍ୟା ଗୁଡ଼ିକର ପ୍ରତିକାର ପାଇଁ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। ପୂର୍ବତନ କାର୍ଯ୍ୟକାରୀ କମିଟିକୁ ଭାଙ୍ଗି ନୂତନ କମିଟି ଗଠନ କରାଯାଇଥିଲା। କମିଟିରେ ପୂର୍ବତନ ଜିଲା ଜଜ୍ ରାମଚନ୍ଦ୍ର ତ୍ରିପାଠୀ ସଭାପତି, ନିରୋଜ ଦୋରା ଉପସଭାପତି, ଅଜିତ ଶତପଥୀ ସମ୍ପାଦକ, ଆଦିତ୍ୟ ରଥ ସହ ସମ୍ପାଦକ, ଗୋବିନ୍ଦ ଅଗ୍ରୱାଲ କୋଷାଧ୍ୟକ୍ଷ ମନୋନିତ ହୋଇଥିଲେ। ପ୍ରତାପ ମିଶ୍ର, ଉମେଶ ସାହୁ, ସନ୍ତୋଷ ଶତପଥୀ, ଅଶୋକ ବହିଦାର, ଦିଲୀପ ପ୍ରଧାନ, ହେମନ୍ତ ପଟ୍ଟନାୟକ, ଡା. ନାରାୟଣ ପୁରୋହିତ, ଧରମ ପାଢ଼ୀ, ଦିଲୀପ ଦାନୀ, ସମିଉଲ ହୁସେନ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ଡ. ଭକ୍ତପୂରନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ନାଗରିକ କମିଟି ବୈଠକରେ ଉପସ୍ଥିତ ସଦସ୍ୟଗଣ।

# ବୃଦ୍ଧା ମା' ଉପରେ ୩ ଅବିବାହିତା ଝିଅଙ୍କ ବୋଝ

ବରଗଡ଼,୬।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ବରଡ଼ୋଲ ସଡ଼କ ପଡ଼ା(ରଥ ପଡ଼ିଆ ନିକଟ)ରେ ରୁହନ୍ତି ବୃଦ୍ଧା ଗନେଶୀ ଦାସ(୭୦)। ସ୍ୱାମୀ ଦ୍ୱାରିକା ଏବଂ ଏକପାତ୍ର ପୁଅ ପରଦେଶୀଙ୍କ ପରଲୋକ ପରେ ଗନେଶୀଙ୍କ ଦୁଃଖ ବଢ଼ିଯାଇଛି। ୩ ଅବିବାହିତା ଝିଅ ହେମା, ଉଷା ଏବଂ ଯମୁନାଙ୍କ ବୋଝ ବୃଦ୍ଧା ମା'ଙ୍କ ଉପରେ ପଡ଼ିଛି। ଏଭଳି ସ୍ଥିତିରେ ଗନେଶୀ ୩ଝିଅଙ୍କୁ ଧରି ଦୟନୀୟ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ଛଡ଼ା ଅନ୍ୟ କିଛି ସରକାରୀ ସହାୟତା ଏହି ପରିବାରକୁ ଅପହଞ୍ଚ ହୋଇପଡ଼ିଛି। ଅନ୍ୟତ୍ର କୁଲି କାମ କରିବା ସହିତ ଭଙ୍ଗା ଦଦରା ଘରେ ମା' ଝିଅ ଆଶ୍ରୟ ନେଇଛନ୍ତି। ଜିଲା ସଦର ମହକୁମାଠାରୁ ଅନତିଦୂରରେ ଏଭଳି ଏକ ଅସହାୟ ପରିବାର ରହିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି ।ସ୍ୱାମୀ ଏବଂ ପୁଅ ଜୀବିତ ଥିବାବେଳେ ପରିବାର ହସଖୁସିରେ ଚାଲିଥିଲା। କମ୍ ରୋଜଗାର କରୁଥିଲେ ମଧ୍ୟ କେବେ ସେମାନଙ୍କୁ ଭୋକ ଉପାସରେ ଦିନ କାଟିବାକୁ ପଡ଼ି ନ ଥିଲା। କିନ୍ତୁ କିଛିବର୍ଷ ତଳେ ରୋଜଗାରିଆ ପୁଅ ପରଦେଶୀଙ୍କ ମୃତଦେହ ବରଡ଼ୋଲ କେନାଲରୁ ଉଦ୍ଧାର କରାଯାଇଥିଲା। ପୁଅକୁ ଝୁରି ଝୁରି ବୃଦ୍ଧାବସ୍ଥାରେ ବାପା ଦ୍ୱାରିକା ମଧ୍ୟ ଆରପାରିକୁ ଚାଲିଗଲେ। ପୁରୁଷଶୂନ୍ୟ ହୋଇ ପଡ଼ିଥିଲା ଗନେଶୀଙ୍କ ପରିବାର। ଗନେଶୀଙ୍କ ଉପରେ ପଡ଼ିଥିଲା ୩ ଅବିବାହିତା ଝିଅର ବୋଝ। ୩ଝିଅଙ୍କ ବୟସ ୪୫ ବର୍ଷ ଟପିଗଲାଣି। ପରିବାରରେ କେହି ମୁରବୀ ନ ଥିବା ଯୋଗୁ ସେମାନଙ୍କ ବିବାହ ମଧ୍ୟ ହୋଇପାରୁନାହିଁ । ଏହି ପରିବାରକୁ ସହାୟତା ଯୋଗାଇବା ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।


୩ ଝିଅଙ୍କ ସହିତ ବୃଦ୍ଧା ମା ।

### ସ୍ତନ୍ୟପାନ ଉପରେ ସଚେତନତା

ଅମ୍ବାଭୋନା,୬।୮ (ଛନ୍ଦାଚରଣ ପ୍ରଧାନ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବ୍ଲକର ସମସ୍ତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଛି। ମେଡ଼ିକାଲ ଅଫିସର ଡା. ଟେମରାମ ଦେହେରୀଙ୍କ ତତ୍ତ୍ୱାବଧାନରେ ଲେଥେର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଇନ୍ଦିରା ପ୍ରିୟଦର୍ଶିନୀ ସାମନ୍ତରାୟ ସଂଯୋଜନା କରିଥିଲେ। ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ଶ୍ରୀମା ସାହୁ ସ୍ତନ୍ୟପାନର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଆଶା ଅମ୍ବିକା ଭୁଏଁଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ, ପ୍ରସୂତୀ, ଗର୍ଭବତୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ଉପସ୍ଥିତ ଥିଲେ । ସେହିପରି କଣ୍ଡପଲା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଦ୍ୱାରା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରେବତୀ ଚିତାଙ୍କ ସଂଯୋଜନାରେ ଇଚ୍ଛାପୁର, ବାଞ୍ଜପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବାଞ୍ଜିପାଲି, ଭୁକ୍ତା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଚନ୍ଦ୍ରମା କୁମ୍ଭାରଙ୍କ ସଂଯୋଜନାରେ ଭୁକ୍ତାରେ ଅନୁରୂପ କାର୍ଯ୍ୟକ୍ରମ ହୋଇଥିଲା। ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ ସମ୍ପ୍ରସାରଣ ଅଧିକାରୀ ଗୋବିନ୍ଦ ପ୍ରଧାନ କାର୍ଯ୍ୟକ୍ରମ ଉପରେ ଦିଗ୍‌ଦର୍ଶନ ଦେଇଥିଲେ।

# କଫ୍ ସିରପ୍ ଜବତ, ଅଭିଯୁକ୍ତ ଗିରଫ

ପଦ୍ମପୁର/ଗାଇସିଲେଟ,୬।୮
(ପ୍ରଦୀପ୍ତ ଦାଶ/ବେଦପ୍ରକାଶ କଲେତ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବେହେରାପଡ଼ାରେ ରବିବାର ଅବକାରୀ ବିଭାଗ ଚଢ଼ାଉ କରିଥିଲା। ଚଢ଼ାଉରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ରଞ୍ଜନ ବେହେରା। ତାଙ୍କଠାରୁ ୫୩ବୋତଲ କଫ୍ ସିରପ୍ ଜବତ ହୋଇଛି। ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅବକାରୀ ଅଧୀକ୍ଷକ ସୁବର୍ଣ୍ଣ ନାଏକଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଏହି ଚଢ଼ାଉ କରିଥିଲା।

# ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ବରଗଡ଼,୬।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ କେଶବନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ) ଏବଂ ହିନ୍ଦୀ ବିଭାଗରେ ଶନିବାର ପୃଥକ୍ ଭାବେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳାରେ ବରଗଡ଼ ପଞ୍ଚାୟତ କଲେଜର ଅବସରପ୍ରାପ୍ତ ରସାୟନ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଡ. ବେଣୁଧର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସୋହେଲା ମହାବିଦ୍ୟାଳୟର ଅବସରପ୍ରାପ୍ତ ଜୀବବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଡ. ସୌଭାଗ୍ୟ ପ୍ରଧାନ ମୁଖ୍ୟବକ୍ତା, ବରଗଡ଼ ଜର୍ଜ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଡ. ଡୋଲାମଣି ଶତପଥି, ଶିକ୍ଷା ବିକାଶ ସମିତି ବିଭାଗ ଶୈକ୍ଷିକ ପ୍ରମୁଖ ଶିବ ପ୍ରସାଦ ବାଗ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ. ଯଦୁମଣି ନାୟକ, ଯୁଗ୍ମ ସମ୍ପାଦକ ଦିଲୀପ କୁମାର ମହାପାତ୍ର, ପରିଚାଳନା ସମିତି ସଭ୍ୟା ବିଷ୍ଣୁପ୍ରିୟା ବେହେରା, କୋଷାଧ୍ୟକ୍ଷ ଶିବ ଶଙ୍କର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

ମେଳାର ଅରୁଣ ବର୍ଗରେ ୬୭, ଉଦୟ ବର୍ଗରେ ୯୨, ବାଳବର୍ଗରେ ୪୭, ଶିଶୁବର୍ଗରେ ୬୪ ଏବଂ କିଶୋର ବର୍ଗରେ ୨୨ଜଣ ଅଂଶଗ୍ରହଣ କରିଥିଲେ। ସେହିପରି ଲୋକନୃତ୍ୟରେ ୧୫, ମୂର୍ତ୍ତିରେ ଜଣେ ଏବଂ ୪ ବେଶଧାରୀ ଭାଗ ନେଇଥିଲେ। ୧୯ଜଣ ବିଚାରକ ଯୋଗଦାନ କରି ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ମୀନକେତନ ଦାଶ ବିବରଣୀ ପାଠ ଓ ଗୀତାଞ୍ଜଳି ଦାଶ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୁରୁଜୀ ସଞ୍ଜୀବ ସରକାର ଏବଂ ମୀନକେତନ ଦାଶ ବିଜ୍ଞାନ ପ୍ରମୁଖ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟ ଗୁରୁମା, ଗୁରୁଜୀ, ସେବିକା, ସେବକ ସହଯୋଗ କରିଥିଲେ। ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ହିନ୍ଦୀ ବିଭାଗ)ରେ ବରଗଡ଼ ଜିଲା ବିଜେତା କାର୍ଯ୍ୟକ୍ରମର ସଂଯୋଜକ ତଥା ତରାକନା ହାଇସ୍କୁଲର ପ୍ରଧାନଶିକ୍ଷକ ଡ. ମନୋଜ କୁମାର ସାହୁ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା ସଭାପତି ଡ. ରମେଶ ପ୍ରସାଦ ଖାଡ଼ଙ୍ଗା, ଉପସଭାପତି କମଳ କୁମାର ଯୋଶୀ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ସାଥୁଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜ୍ଞାନ ମେଳାର ସମାରୋପ କାର୍ଯ୍ୟକ୍ରମରେ ସଙ୍କୁଳ ପ୍ରମୁଖ ଆନନ୍ଦ ପ୍ରଧାନ ମୁଖ୍ୟ ଅତିଥି ଏବଂ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ପରୀକ୍ଷିତ ବଢ଼ାଇ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏଠାରେ ୨୪୮ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଅତିଥିବୃନ୍ଦ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଭାବିତ ଅଞ୍ଚଳ ବୁଲିଲେ ସିଡିଏମ୍‌ଓ, ବିଡିଓ

**ଭଏନାତୋରା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା**

ଅମ୍ବାଭୋନା,୬।୮ (ଛନ୍ଦାଚରଣ ପ୍ରଧାନ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭଏନାତୋରା ଗ୍ରାମରେ ଝାଡ଼ାବାନ୍ତିର ପ୍ରକୋପ ଚିନ୍ତାର କାରଣ ପାଲଟିଛି। ଏଠାରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଶନିବାର ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ପରେ ସ୍ଥାନୀୟ ଲୋକେ ଚିନ୍ତିତ ହୋଇ ପଡ଼ିଛନ୍ତି। ଅନ୍ୟପଟେ ରବିବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ) ଡା. ଜିତେନ୍ଦ୍ର ମୋହନ ବେବର୍ତ୍ତା ଏବଂ ବିଡ଼ିଓ ପ୍ରଣବ କୁମାର ଚାନ୍ଦ ଭଏନାତୋରା ଗ୍ରାମ ପରିଦର୍ଶନ କରିଥିଲେ। ଝାଡ଼ାବାନ୍ତି ସମେତ ଡେଙ୍ଗୁ, ମ୍ୟାଲେରିଆ ଆଦି ସଂକ୍ରାମକ ଏବଂ ଅଣସଂକ୍ରାମକ ରୋଗ ପ୍ରତିହତ ପାଇଁ ଆଲୋଚନା କରିଥିଲେ। ସେହିପରି ଗ୍ରାମ ପୋଖରୀ, ନଳକୂଅ ଆଦି ସ୍ଥାନ ବୁଲି ଦେଖିବା ସହିତ ହାତ ଧୋଇବା, ତଟକା ଖାଦ୍ୟ ଖାଇବା ଆଦି ଉପରେ ଲୋକଙ୍କୁ ସଚେତନ କରିବା ପାଇଁ ଆଶା, ଅଙ୍ଗନୱାଡ଼ି କର୍ମୀଙ୍କୁ ସିଡ଼ିଏମ୍‌ଓ ଏବଂ ବିଡ଼ିଓ ପରାମର୍ଶ ଦେଇଥିଲେ। ସରପଞ୍ଚ ବିଜୟଲକ୍ଷ୍ମୀ ଦେହେରୀ, ଡା. ସତୀଶ ନାଏକ, ଅର୍ଚ୍ଚିତ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।


ସିଡ଼ିଏମଓ, ବିଡ଼ିଓ ଭଏନାତୋରା ଗ୍ରାମ ବୁଲି ଦେଖୁଛନ୍ତି ।

### ଶିକ୍ଷକ ସଂଘର ଆନ୍ଦୋଳନ ପ୍ରସ୍ତୁତି

ଅମ୍ବାଭୋନା,୬।୮ (ଛନ୍ଦାଚରଣ ପ୍ରଧାନ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ନୂତନ ପେନଶନ ଯୋଜନାଭୁକ୍ତ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଭୁକ୍ତା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସଂଘର ସଭାପତି ସ୍ୱାଧୀନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ଆଗାମୀ ଶିକ୍ଷକ ଆନ୍ଦୋଳନକୁ ଜୋରଦାର କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ୮ ମାସ ବିତିଯାଇଥିଲେ ସୁଦ୍ଧା ରାଜ୍ୟ ସରକାର ଦାବି ପୂରଣ କରି ନ ଥିବା ପ୍ରତିବାଦରେ ଆସନ୍ତା ୧୬ତାରିଖରୁ ଶିକ୍ଷକମାନେ ସମୂହ ଛୁଟିରେ ରହିବାକୁ ନିଷ୍ପତ୍ତି ନେଇଥିଲେ। ବୈଠକରେ ସଞ୍ଜୀବ ସା, ପ୍ରେମଜିତ ସୁନା, ଆକୁଳ ବାଗ, ସନ୍ତୋଷ ମାଝି, ରମେଶ ପଟେଲ, ବୃନ୍ଦାବନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବରପାଲି ରେଳ ଷ୍ଟେଶନ ନବୀକରଣର ଭିତ୍ତିପ୍ରସ୍ତର ସ୍ଥାପନ

ବରପାଲି,୬।୮ (ଚିତ୍ତରଞ୍ଜନ ସାହୁ)

କେନ୍ଦ୍ର ରେଳ ବିଭାଗ ପକ୍ଷରୁ ଅମୃତ ଭାରତ ଷ୍ଟେଶନ ଯୋଜନାରେ ୫୦୮ଟି ରେଳ ଷ୍ଟେଶନକୁ ଆଧୁନୀକରଣ ପାଇଁ ରବିବାର ପୂର୍ବାହ୍ନ ୧୧ଟାରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କ୍ରମରେ ବରପାଲି ରେଳ ଷ୍ଟେଶନଠାରେ ଆୟୋଜିତ ଉତ୍ସବରେ ବୟନ ଓ ହସ୍ତତନ୍ତ୍ର ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି, ଭାଜପା ନେତା ସୁରେନ୍ଦ୍ର ପାତ୍ର, ସିନିୟର ସିଏସ୍‌ଟିଇ ଭୂପେଶ କୁମାର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଫିସିଆଲ ସୁପରଭାଇଜର ତରୁଣ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରଗଡ଼ ଜିଲାର ବରଗଡ ଓ ବରପାଲି ରେଳ ଷ୍ଟେଶନ ଏହି ଯୋଜନାରେ ସାମିଲ ହୋଇଥିବାରୁ ବରପାଲି ଅଞ୍ଚଳବାସୀ ଏମ୍‌ପି ସୁରେଶ ପୂଜାରୀଙ୍କଠାରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ପ୍ରଥମେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଦିନ ୧୦ଟା ୫୮ମିନିଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରକଳ୍ପକୁ ଅନ୍‌ଲାଇନରେ ଶୁଭ ଦେଇଥିଲେ। ଏହି ଯୋଜନାରେ ବରପାଲି ରେଳ ଷ୍ଟେଶନର ନବୀକରଣ ପାଇଁ ପ୍ରାୟ ୨୦ କୋଟି ଟଙ୍କା ମଞ୍ଜୁର ହୋଇଛି।



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ରେଳ ଷ୍ଟେଶନରେ ରହିବ ସଂସ୍କୃତି, ବୀରଗାଥାର ଝଲକ

ବରଗଡ଼,୬।୮ (ପ୍ରେମାନନ୍ଦ ଖମାରୀ)

ଦେଶରେ ରେଳ ଷ୍ଟେଶନର ପୁନର୍ବିକାଶ ସହିତ ଆଧୁନିକୀକରଣ ପାଇଁ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମୋଡ୍‌ରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କ୍ରମରେ ବରଗଡ଼ ରେଳଷ୍ଟେଶନରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏମ୍‌ପି ସୁରେଶ ପୂଜାରୀ ଯୋଗଦେଇ କହିଲେ ପ୍ରଥମ ପର୍ଯ୍ୟାୟରେ ବରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀର ୩ ରେଳ ଷ୍ଟେଶନ ସ୍ଥାନ ପାଇଛି । ସେଗୁଡ଼ିକ ହେଲା ବରଗଡ଼ ରୋଡ୍, ବରପାଲି ଏବଂ ଝାରସୁଗୁଡ଼ା ରୋଡ୍(ନୂତନ) ରେଳ ଷ୍ଟେଶନ। ଏହି ରେଳ ଷ୍ଟେଶନର ଆଧୁନିକୀକରଣ ପାଇଁ ୬୫କୋଟି ଟଙ୍କାର ବ୍ୟୟବରାଦ ରହିଛି । ରେଳ ଷ୍ଟେଶନ ଗୁଡ଼ିକରେ ଯାତ୍ରୀଙ୍କ ପାଇଁ ପାର୍କିଂଠାରୁ ଆରମ୍ଭ କରି ସ୍ନାନ, ଶୌଚ, ଲିଫ୍ଟ, ଆଲୋକୀକରଣ ଆଦି ବ୍ୟବସ୍ଥା କରାଯିବ। ସେହିପରି ବରଗଡ଼ ଧନୁଯାତ୍ରା ସମ୍ପର୍କିତ ଚିତ୍ର, ଅଞ୍ଚଳର ବରପୁତ୍ରଙ୍କ ତୈଳଚିତ୍ର ଏବଂ ସଂଗ୍ରାମୀଙ୍କ ବୀରଗାଥା ମଧ୍ୟ ରେଳଷ୍ଟେଶନରେ ରହିବ ବୋଲି ସେ ସୂଚନା ଦେଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ବରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀର ଝାରସୁଗୁଡ଼ା, ବ୍ରଜରାଜନଗର ଏବଂ ବେଲପାହାଡ଼ ରେଳଷ୍ଟେଶନର ମଧ୍ୟ ଆଧୁନିକୀକରଣ ଆରମ୍ଭ କରାଯିବ ବୋଲି ପୂଜାରୀ କହିଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଳଧର ନାଗ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ରେଳ ବିଭାଗର ଅଧିକାରୀ, ରେଳ ଉପଭୋକ୍ତା ସଂଘର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ବରଗଡ଼ ଲୋକ ସଭା ସାଂସଦ ଏବଂ ଅନ୍ୟମାନେ ।




## ଆଜି କ'ଣ କେଉଁଠି

ରାଉରକେଲା

- ସଙ୍ଗୀତ, ନୃତ୍ୟ ଓ ନାଟକ ମହୋତ୍ସବ, ସେକ୍ଟର-୨୯, ସିଭିକ୍ ସେଣ୍ଟର, ସନ୍ଧ୍ୟା ସାଢେ ୬ଟା।
- ଆଦିବାସୀ କାର୍ଯ୍ୟକ୍ରମ, କୋଏଲ ନଗର, କଲ୍ୟାଣ ମଣ୍ଡପ, ସକାଳ ୯ଟା।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ଦୁର୍ବ୍ୟବହାର, ସ୍ୱାମୀ ଗିରଫ

ରାଉରକେଲା, ୬।୮(ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ଛାଡ଼ପତ୍ର ଦେଇଥିବା ସ୍ତ୍ରୀଙ୍କୁ ଦୁର୍ବ୍ୟବହାର କରି ରବିବାର ଗିରଫ ହୋଇଛନ୍ତି। ଗିରଫ ବ୍ୟକ୍ତି ହେଲେ ଭଦ୍ରକ ଜିଲା ବାଂସଡାର ମନୋରଞ୍ଜନ ନାୟକ(୩୪)। ଏ ନେଇ ପୋଲିସ ଏକ ମାମଲା (ନଂ.୨୬୫/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, କିଛିଦିନ ତଳେ ମନୋରଞ୍ଜନ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଥିଲା। ଉଭୟଙ୍କ ପାଖରେ ଗୋଟିଏ ଲେଖାଁଏ ସନ୍ତାନ ରହିଛନ୍ତି। ଶନିବାର ସନ୍ଧ୍ୟାରେ ମେନ୍ ରୋଡ୍ ସ୍ଥିତ ଏକ ସୁନା ଦୋକାନକୁ ସ୍ତ୍ରୀ କିଛି ଜିନିଷ କିଣିବାକୁ ଯାଇଥିବା ବେଳେ ମନୋରଞ୍ଜନ ତାଙ୍କୁ ଗାଳି ଗୁଲଜ କରିଥିବା ଅଭିଯୋଗ ହୋଇଥିଲା।

### ରେଳ ଷ୍ଟେଶନରୁ ଉଦ୍ଧାର ବ୍ୟକ୍ତି ଆର୍‌ଜିଏଚ୍‌ରେ ମୃତ

ରାଉରକେଲା,୬।୮(ସଙ୍ଗୀତା ଜେନା)

ଗତ ୩ ତାରିଖରେ ରାଉରକେଲା ରେଳ ଷ୍ଟେଶନରୁ ଅସୁସ୍ଥ ଅବସ୍ଥାରେ ଉଦ୍ଧାର ହୋଇ ଆର୍‌ଜିଏଚ୍‌ରେ ଚିକିତ୍ସିତ ହେଉଥିବା ଜଣେ ବ୍ୟକ୍ତିଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ମୃତକ ହେଲେ ରାଜଗାଙ୍ଗପୁରର ପୂରଣ ଜୟପୁରିଆ(୬୮)। ଏ ନେଇ ରାଉରକେଲା ଜିଆରପି ପୋଲିସ ଏକ ମାମଲା(ନଂ.୫୨/୨୩) ରୁଜୁ କରି ତଦନ୍ତ କରୁଛି। ମୃତଦେହ ଆର୍‌ଜିଏଚ୍‌ରେ ରଖାଯାଇଛି। ପରିବାରବର୍ଗଙ୍କୁ ସୂଚନା ଦିଆଯାଇଥିବା ଜିଆରପି ପୋଲିସ କହିଛି।



ରାଉରକେଲା ସହର ରାସ୍ତା ଉପରେ ଗୃହପାଳିତ ପ୍ରାଣୀ ଶୋଇ ରହୁଥିବାରୁ ଯାନବାହନ ଯାତାୟାତରେ ସମସ୍ୟା ହେଉଛି।

## ରାସ୍ତାରେ ପ୍ରାଣୀ, ଦୁର୍ଘଟଣାକୁ ନିମନ୍ତ୍ରଣ

ରାଉରକେଲା,୬।୮(ଦିନେଶ ମିଶ୍ର)

ହକି ବିଶ୍ୱକପ୍ ପୂର୍ବରୁ ଗୃହପାଳିତ ପ୍ରାଣୀଙ୍କୁ ରାସ୍ତାକୁ ନ ଛାଡିବା ଲାଗି ପ୍ରଶାସନ ପକ୍ଷରୁ ପ୍ରଚାର କରାଯାଇଥିଲା। କୌଣସି ମାଲିକ ଏହାର ଖିଲାପ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚେତାବନୀ ଦିଆଯାଇଥିଲା। ମାତ୍ର ହକି ବିଶ୍ୱକପ୍ ସରିବା ପରେ ବର୍ତ୍ତମାନ ସହରର ବିଭିନ୍ନ ରାସ୍ତା ଉପରେ ଗୃହପାଳିତ ପ୍ରାଣୀଙ୍କୁ ଦେଖିବାକୁ ମିଳିଛି। ସହରର ବାସନ୍ତୀ କଲୋନୀ ମୁଖ୍ୟ ମାର୍ଗ, ରାଉରକେଲା ମେନ୍ ରୋଡ, ଡିଏଭି ରିଂରୋଡ, ମାଲଗୋଦାମ ଖଟାଲ ବସ୍ତି ରୋଡ୍‌ରେ ବୁଲା ଗୋରୁ ଗାଈ ଶୋଇ ରହୁଛନ୍ତି। ଫଳରେ ଉକ୍ତ ରାସ୍ତାରେ ଯାନାବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏପରିକି ମାଲିକମାନେ ବେଆଇନ ଭାବେ ସେମାନଙ୍କ ଗାଈ ଓ ମଇଁଷିଙ୍କୁ ରାସ୍ତାକୁ ଛାଡି ଦେଉଛନ୍ତି। ଫଳରେ ରାସ୍ତା ଜାମ୍ ରହିବା ସହ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ସେକ୍ଟର-୧୩ ସ୍ୱେସ୍ ଛକ ଓ ବିପିୟୁଟି ସ୍ଥିତ ଅଭିଜ୍ଞାନ ଛକ, ମାଲଗୋଦାମ ଛକରେ ସର୍ବଦା ବୁଲା ପ୍ରାଣୀ ରାସ୍ତା ଉପରେ ଶୋଇ ରହୁଥିବାରୁ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ସ୍କୁଲ ଛୁଟି ସମୟରେ ଗାଡ଼ି ଚାଳକମାନେ ହଇରାଣ ହେଉଛନ୍ତି। ପୂର୍ବରୁ ରାସ୍ତାରେ ବୁଲୁଥିବା ପ୍ରାଣୀଙ୍କୁ ଧରି କାଞ୍ଜିଆହୁଦାରେ ଛାଡି ଦିଆଯାଉଥିଲା। ଆର୍‌ଏମ୍‌ସି ସେଭଳି ପୁନଃ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆର୍‌ଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଜଳବନ୍ଦୀ ପାଢ଼ୀ କଲୋନୀ

ରାଉରକେଲା,୬।୮(ଦିନେଶ ମିଶ୍ର)

ରାଉରକେଲା ସହରରେ ଲଗାଣ ବର୍ଷା ଯୋଗୁ ବିଭିନ୍ନ କଲୋନୀ ଓ ବସ୍ତି ଅଞ୍ଚଳ ଜଳବନ୍ଦୀ ଅବସ୍ଥାରେ ରହିଛି। ଫଳରେ ଏସବୁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ସହରରେ ଏମିତି କିଛି କଲୋନୀ ଓ ବସ୍ତି ଅଛି ଯେଉଁଠି ବର୍ଷାଜଳ ନିଷ୍କାସନ ପାଇଁ ଆରଏମ୍‌ସି ପକ୍ଷରୁ କୌଣସି ଡ୍ରେନେଜ ବ୍ୟବସ୍ଥା କରାଯାଇନାହିଁ। ଫଳରେ ବର୍ଷାଦିନେ ବସ୍ତି ଓ କଲୋନୀର ଲୋକେ ଜଳବନ୍ଦୀ ହୋଇ ରହୁଛନ୍ତି। ଏଭଳି ଦୃଶ୍ୟ ବାଲୁଘାଟ ସ୍ଥିତ ପାଢୀ କଲୋନୀରେ ଦେଖିବାକୁ ମିଳିଛି।

ବାଲୁଘାଟ ଅଞ୍ଚଳ ବ୍ରାହ୍ମଣୀ ନଦୀ କୂଳରେ ରହିଛି। ଏଠାରେ ଥିବା ପାଢୀ କଲୋନୀରେ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଉକ୍ତ ଅଞ୍ଚଳରେ ସ୍ଥାନୀୟ ପ୍ରଶାସନ ଓ ଆର୍‌ଏମ୍‌ସି ପକ୍ଷରୁ କୌଣସି ଡ୍ରେନେଜ ଓ ପକ୍କା ରାସ୍ତା କରାଯାଇନାହିଁ। ବର୍ଷାଦିନ ଆସିଲେ କଲୋନୀର ଲୋକମାନେ ଜଳବନ୍ଦୀ ଅବସ୍ଥାରେ ରହିଥାନ୍ତି। ଗତ ବୁଧବାର ସହରରେ ଲଗାଣବର୍ଷା ଜାରି ରହିଥିବାବେଳେ ଉପର ପଟେ ମନ୍ଦିରା ଡ୍ୟାମ୍‌ର ୧୧ଟି ଗେଟ ଖୋଲା ଯାଇଥିଲା। ଫଳରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇଥିଲା। ଲଗାଣବର୍ଷା ଓ ନଦୀ ଜଳ ବୃଦ୍ଧି ଯୋଗୁ ଏହି କଲୋନୀର ଲୋକଙ୍କ ଘରେ



ପାଢୀ କଲୋନୀ ରାସ୍ତାରେ ବର୍ଷାଜଳ ଜମି ରହିଛି।

### ବର୍ଷାଜଳ ନିଷ୍କାସନ ପାଇଁ ନାହିଁ ବ୍ୟବସ୍ଥା

ପାଣି ପଶିଥିଲା। ରାସ୍ତା ଉପରେ ପାଣିସୁଅ ଛୁଟିଥିଲା। ଆଜିକୁ ୫ ଦିନ ହେବ କଲୋନୀରୁ ବର୍ଷାଜଳ ନିଷ୍କାସନ ହୋଇପାରିନାହିଁ। ଫଳରେ କଲୋନୀବାସୀ ପଦାକୁ ବାହାରି ପାରୁନାହାନ୍ତି। ଘର ଦୁଆର ମୁହଁରେ ପାଣି ଜମି ରହିଥିବାରୁ ଯାତାୟାତରେ ଅସୁବିଧା ହେଉଛି। କଲୋନୀ ଭିତରକୁ କୌଣସି ଅତ୍ୟାବଶ୍ୟକ ସାମଗ୍ରୀ ଯାନଗୁଡିକ ଆସିପାରୁନାହିଁ। ପାଣି ଜମି ରହିବାରୁ ମଶା, ମାଛି ବଂଶ ବିସ୍ତାର କରିବା ଭୟ ରହୁଛି। ଏ ନେଇ ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ବାଲୁଘାଟ ଅଞ୍ଚଳର ପାଢୀ କଲୋନୀରେ ବର୍ଷାଜଳ ଜମି ରହିଥିବା ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଉକ୍ତ କଲୋନୀରେ ଜଳ ନିଷ୍କାସନ ପାଇଁ କଣ ବ୍ୟବସ୍ଥା ହୋଇପାରିବ ସେ ନେଇ ଆମେ ଖୁବ୍‌ଶୀଘ୍ର ପଦକ୍ଷେପ ନେବୁ ।

## ମେ' ମାସରେ ମାରପିଟ, ଆଜି ମିଳାମିଶା

ରାଉରକେଲା, ୬।୮(ସଙ୍ଗୀତା ଜେନା)

ରାଉରକେଲା ସାଙ୍ଗଠନିକ ଜିଲା କଂଗ୍ରେସ ସଭାପତି ପଦବୀ ଖାଲି ପଡିଛି। ବର୍ତ୍ତମାନ ଅନ୍ତରୀଣ ସଭାପତି ଭାବେ ଦେବବ୍ରତ ବିହାରୀ କାର୍ଯ୍ୟ କରୁଛନ୍ତି। ଜିଲା କଂଗ୍ରେସ ଜଟିଳ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ଡିସିସି ପଦବୀକୁ ନେଇ ବଳ କଷାକଷି ଆରମ୍ଭ ହୋଇଛି। ଦଳରେ ଗୋଷ୍ଠୀ କନ୍ଦଳ ଓ ଗଣ୍ଡଗୋଳ ହେଉଥିବା ବେଳେ ରବିବାର ଏକ କୌତୁହଳପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଛି। ଗତ ମେ ୧୨ ତାରିଖରେ ଜିଲା କଂଗ୍ରେସ ପକ୍ଷରୁ ସେକ୍ଟର-୨୧ସ୍ଥିତ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ସମୟରେ ପିସିସି ସଭ୍ୟ ସାବିର ହୁସେନ ଓ ଏଆଇସିସି ସଭ୍ୟ ଉମେଶ ଶରଣଙ୍କ ମଧ୍ୟରେ କୌଣସି ପ୍ରସଙ୍ଗକୁ ନେଇ କଥା କଟାକଟି ଓ ମାଡପିଟ୍ ହୋଇଥିଲା। ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା। ପରିଣାମ ସ୍ୱରୂପ ୨ଦିନ ପରେ ପିସିସି ସଭାପତି ଏହି ୨ ନେତାଙ୍କୁ

### ଡିସିସି ସଭାପତି ପାଇଁ ବଳ କଷାକଷି

କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏପରିକି ଉମେଶଙ୍କୁ ଦଳରୁ ନିଲମ୍ବିତ କରାଯାଇଥିଲା। ହେଲେ ରବିବାର ସେକ୍ଟର-୮ କମ୍ୟୁନିଟି ସେଣ୍ଟରରେ ଏହି ଦୁଇ ନେତାଙ୍କ ପୁନର୍ମିଳନ ହୋଇଛି। ଦୁଇଜଣଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଛି। ସଭାପତି ପଦବୀ ପାଇଁ କିଛି ଆଶାୟୀ ନେତାଙ୍କ ଦ୍ୱାରା ଏହା ପ୍ରାୟୋଜିତ ଥିଲା ବୋଲି କୁହାଯାଉଛି। ଏହି ଅବସରରେ ବରିଷ୍ଠ ନେତା କୀର୍ତ୍ତନ ଦାସ, ବାଦଲ ଶ୍ରୀଚନ୍ଦନ, ଲତା ନାଏକ, ରଶ୍ମୀ ପାଢ଼ୀ, ପୂର୍ବତନ ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ତେବେ ଉମେଶଙ୍କ ନିଲମ୍ବନ ପ୍ରତ୍ୟାହାର କରାଯାଇ ନ ଥିବା ସୂଚନା ମିଳିଛି। ଡିସିସି ପଦବୀ ପାଇଁ କିଛି ନେତା ଏମାନଙ୍କୁ ନିୟନ୍ତ୍ରଣ କରୁଥିବା ଆଲୋଚନା ହେଉଛି।



ସେକ୍ଟର-୮ କମ୍ୟୁନିଟି ସେଣ୍ଟରରେ ସାବିର ହୁସେନ ଓ ଉମେଶ ଶରଣ।

## ଆଜିଠୁ ଅମୃତ ଯୁବ କଳୋତ୍ସବ

ରାଉରକେଲା,୬।୮(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା ଓ ସଙ୍ଗୀତ ନାଟକ ଏକାଡେମୀ, ନୂଆଦିଲ୍ଲୀର ମିଳିତ ସହଯୋଗରେ ସ୍ଥାନୀୟ ସିଭିକ ସେଣ୍ଟରରେ ୭ରୁ ୯ତାରିଖ ପର୍ଯ୍ୟନ୍ତ ଯୁବ କୈନ୍ଦ୍ରିକ 'ଅମୃତ ଯୁବ କଳୋତ୍ସବ' ଆୟୋଜନ ହେବାକୁ ଯାଉଛି। ଏହି ୩ ଦିନିଆ କାର୍ଯ୍ୟକ୍ରମରେ ଭାରତର କଳା, ସମୃଦ୍ଧି, ବିବିଧତା, ଯୁବ ପ୍ରତିଭାକୁ ନେଇ ପ୍ରଦର୍ଶନ କରାଯିବ। ଏ ନେଇ ରବିବାର ସନ୍ଧ୍ୟାରେ ସିଭିକ ସେଣ୍ଟରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗର ଶଶାଙ୍କ ପଟ୍ଟନାୟକ, ଜୟଦେବ ମଜୁମଦାର, ଏକାଡେମୀର ସମ୍ପାଦକ ରାଜୁ ଦାସ, ଡ. ସଞ୍ଜୟ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ରହି ସୂଚନା ପ୍ରଦାନ କରିଥିଲେ।

ସୂଚନା ଅନୁସାରେ, ଏକାଡ଼େମୀ ପକ୍ଷରୁ ସ୍ୱାଧୀନତାର ଅମୃତ ମହୋତ୍ସବ ଅନ୍ତର୍ଗତ ସ୍ୱାଧୀନତାର ୭୫ତମ ବର୍ଷ ପାଳନ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ। କାର୍ଯ୍ୟକ୍ରମରେ କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତ ଏବଂ ବାଦ୍ୟଯନ୍ତ୍ର ସଙ୍ଗୀତ ପରିବେଷଣ, କଥକ, କଥକଲି ପରି ଶାସ୍ତ୍ରୀୟ ନୃତ୍ୟ, ଦନସାଇ ନୃତ୍ୟ, ପୁରୁଲିଆ ଛଉ, ଆଦିବାସୀ ଅଭିନୟ କଳା, କଣ୍ଢେଇ, ଥିଏଟର ଏବଂ କଳା ପ୍ରଦର୍ଶନ ରହିଛି। ଉତ୍ସବରେ ରାମହରି ଦାସଙ୍କ ଓଡ଼ିଶୀ ସଙ୍ଗୀତ, ଗଞ୍ଜାମର ରଣପା ନୃତ୍ୟ ତଥା ଅନ୍ୟ ନୃତ୍ୟ ପରିବେଷଣ କରାଯିବ। ଏଥିରେ ନାଟକ ଲେଖା, ଆର୍ଟ କ୍ରିଟିକ୍ସ, ସ୍କୁଲ ପିଲାମାନଙ୍କ ସହିତ କଳା ଧରୋହର ସମେତ ବିଭିନ୍ନ କର୍ମଶାଳା ଆୟୋଜନ ହେବ। ଉକ୍ତ କର୍ମଶାଳାରେ କଳା ପ୍ରଶଂସକ ଓ ଯୁବ ପିଢ଼ି ତଥା ସମସ୍ତଙ୍କୁ ଯୋଗ ଦେବାକୁ ଆହ୍ୱାନ ଦିଆଯାଇଛି। ୭ ତାରିଖ ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ ବୋଲି କୁହାଯାଇଛି।

## ଭକ୍ତଙ୍କ ବିଶ୍ୱାସର ପୀଠ କେତୁଙ୍ଗା ଧାମ

ରାଉରକେଲା,୬।୮(ସଙ୍ଗୀତା ଜେନା)

ବିରମିତ୍ରପୁର ତଥା ନୂଆଗାଁ ବ୍ଲକର ସୀମାନ୍ତ ଝାଡଖଣ୍ଡର ସିମଡ଼େଗା ଜିଲା ବାନୋରେ ରହିଛି କେତୁଙ୍ଗା ଧାମ। ଏଠାରେ ମହାଦେବ ପୂଜା ପାଇଥାନ୍ତି। ବୋଲବମ୍ ସମୟରେ ରାଉରକେଲା ଓ ଆଖପାଖ ଅଞ୍ଚଳର କାଉଡିଆମାନେ ବେଦବ୍ୟାସ ତ୍ରିବେଣୀ ସଙ୍ଗମରୁ ପାଣି ଉଠାଇ ସେଠାକୁ ଯାଇଥାନ୍ତି। ଝାଡ଼ଖଣ୍ଡର ବାନୋ ଷ୍ଟେଶନରୁ ପ୍ରାୟ ୧୨ କିମି ଅତିକ୍ରମ ଗଲେ ଏହି ମନ୍ଦିର ପଡ଼ିଥାଏ। ଝାଡଖଣ୍ଡରୁ ପ୍ରବାହିତ ଦେବ ନଦୀ ଗର୍ଭରେ ଗୋଟିଏ ଶିବଲିଙ୍ଗ ଥିବାବେଳେ ଅନ୍ୟଟି ନଦୀ କୂଳରେ ବିରାଜମାନ। ଲୋକକଥା ଅନୁଯାୟୀ, ତ୍ରେତୟା ଯୁଗରେ ୨ଜଣ ରାଜା ଶ୍ୱେତକେତୁ ଓ ଶ୍ରୀକେତୁ ଉକ୍ତ ଅଞ୍ଚଳରେ ଶାସନ କରୁଥିଲେ। ଉକ୍ତ ରାଜ୍ୟର ରାଜଧାନୀ କେତୁମାନ ଥିଲା। ରାଜ୍ୟରେ ନାସ୍ତିକମାନଙ୍କ ସଂଖ୍ୟା ଅଧିକ ଥିବାରୁ ରାଜା ସର୍ବଦା ଚିନ୍ତାଗ୍ରସ୍ତ ରହୁଥିଲେ। ଏହି ୨ଜଣ ଶିବଭକ୍ତ ରାଜା ତପସ୍ୟା କରି ସ୍ୱୟଂ ମହାଦେବଙ୍କୁ କେତୁମାନରେ ବିରାଜମାନ ହେବାକୁ ବର ମାଗିଥିଲେ। ଏଥିରେ ପ୍ରସନ୍ନ ହୋଇ ଶିବ ଏଠାରେ ପ୍ରାକୃତିକ ଶିବଲିଙ୍ଗ ରୂପେ ଉଭା ହୋଇଥିଲେ। ଇସ୍ପାତ ସହରରୁ କାଉଡ଼ିଆମାନେ ଉଭୟ ରେଳପଥ ଓ ସଡ଼କରେ ସେଠାକୁ ଯାଇଥାନ୍ତି। ସହରର ତରଣୀସେନ ମିଶ୍ର, ଅରୁଣ ମିଶ୍ର, ବରୁଣ ମିଶ୍ରଙ୍କ ଭଳି ଶତାଧିକ ଶିବଭକ୍ତ ଜଳାଭିଷେକ କରିବାକୁ ସୋମବାର ଉକ୍ତ ମନ୍ଦିରକୁ ଯାତ୍ରା କରିଥିବା ଦେଖିବାକୁ ମିଳିଛି। ରାଉରକେଲା ଝିରପାଣିର ଶିବଭକ୍ତ ରଙ୍ଗାଧର ନନ୍ଦ କହନ୍ତି, ଉକ୍ତ ମନ୍ଦିରରେ ମହାଦେବ ପ୍ରତ୍ୟକ୍ଷ ଅଟନ୍ତି। ସେଠାରେ ନିଆରା ଭାବେ ପୂଜାବିଧି କରାଯାଏ। ଶିବଲିଙ୍ଗ ଉପରେ ମାନସିକ ସ୍ମରଣ କରି ଏକ ଛୋଟ ପଥର ରଖାଯାଏ। ମାନସିକ ପୂର୍ଣ୍ଣ ହେଲେ ଏହାକୁ ଉତାରି ଦିଆଯାଏ। ମନ୍ଦିର ପାର୍ଶ୍ୱରେ ରାମ, ପାର୍ବତୀ, ହନୁମାନଙ୍କ ମନ୍ଦିର ରହିଛି। ଏଠାରେ ଭକ୍ତଙ୍କ ମାନସିକ ଶୀଘ୍ର ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ସେହିପରି ଭକ୍ତ ସିଦ୍ଧାର୍ଥ ପଣ୍ଡା କୁହନ୍ତି, ଏଠାକୁ ଆସୁଥିବା ଲକ୍ଷାଧିକ ଭକ୍ତଙ୍କ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସେଡ୍, ନଦୀରେ ଗାଧୋଇବା ପାଇଁ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଶ୍ରାବଣ ମାସରେ ଭକ୍ତଙ୍କ ଗହଳିକୁ ଦେଖି ମନ୍ଦିର ପକ୍ଷରୁ ଶ୍ରାବଣ ମେଳା, ଶିବରାତ୍ରିରେ ମେଳା ଆୟୋଜନ କରାଯାଏ।



କେତୁଙ୍ଗାଧାମ ମହାଦେବ ମନ୍ଦିର।

## ୨୬ରୁ ଜ୍ଞାନସେତୁ କାର୍ଯ୍ୟକ୍ରମ

ରାଉରକେଲା,୬।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଟ୍ୟାକ୍ସ ବାର ଆସୋସିଏଶନ ତରଫରୁ ବ୍ରାହ୍ମଣୀ କ୍ଲବଠାରେ ଜାତୀୟ କର ସମ୍ମିଳନୀ ଶୀର୍ଷକ ଜ୍ଞାନସେତୁ କାର୍ଯ୍ୟକ୍ରମ ଆସନ୍ତା ୨୬ ଏବଂ ୨୭ ତାରିଖ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ବେଦବ୍ୟାସ ସ୍ଥିତ ହୋଟେଲ ପାହାଡିରେ ୨ଦିନ ବ୍ୟାପୀ ଜ୍ଞାନ ସେତୁ ସମ୍ମିଳନୀ ଚାଲିବ। ସମ୍ମିଳନୀରେ ଦେଶର ବହୁ ବରିଷ୍ଠ କର ବିଶେଷଜ୍ଞଙ୍କ ସମେତ ବରିଷ୍ଠ ଆଇନଜୀବୀ, ଚାର୍ଟାଡ ଆକାଉଣ୍ଟାଣ୍ଟ, ବିଭିନ୍ନ କମ୍ପାନୀ ଏକ୍‌ଜିକ୍ୟୁଟିଭ ବ୍ୟକ୍ତି ବିଶେଷ, କରଦାତା, ହାଇକୋର୍ଟର ଚିଫ୍ ଜଷ୍ଟିସ ଯୋଗଦେଇ ଜିଏସ୍‌ଟି ଓ ଆୟକର ଉପରେ ଆଲୋଚନା କରିବେ। ଓକିଲ ସୁବାଷ ଚନ୍ଦ୍ର ଲେଙ୍କାଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଓକିଲ ପି. ସି ରଥ, ଦିଲୀପ କୁମାର ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, ରାଉରକେଲା ଟ୍ୟାକ୍ସ ବାର ଆସୋସିଏଶନ ସାଧାରଣ ସମ୍ପାଦକ ଚଞ୍ଚଳ କେଡିଆ ଉପସ୍ଥିତ ରହିବେ। ଜ୍ଞାନସେତୁ ସମ୍ମିଳନୀରେ ବର୍ତ୍ତମାନ ସମୟରେ ପ୍ରଚଳିତ ଟ୍ୟାକ୍ସ ବ୍ୟବସ୍ଥା କିପରି ସମସ୍ତଙ୍କୁ ଅସୁବିଧାରେ ପକାଉଛି ସେ ବିଷୟରେ ବିଶଦ ଆଲୋଚନା ହେବ ବୋଲି ଟ୍ୟାକ୍ସ ବାର ଆସୋସିଏଶନ ପକ୍ଷରୁ କୁହାଯାଇଛି।

## ପ୍ରତିଯୋଗିତାରେ ଭାଗନେଲେ ୩୮୬ ଛାତ୍ରୀଛାତ୍ର

ରାଉରକେଲା,୬।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ ବାଜିରାଉତ ଶିକ୍ଷା ନିକେତନରେ ରବିବାର ୩୮୬ଜଣ ଉଚ୍ଚ ପ୍ରାଥମିକ ଓ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ରଚନା, ବକ୍ତୃତା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ସିଆଇଟିୟୁ ରାଜ୍ୟ ଉପସଭାପତି ବିଷ୍ଣୁ ଚରଣ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦାନ ଦେଇ ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜୁନିୟର ଓ ସିନିୟର ଗ୍ରୁପ୍ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବିତ୍ ସୁବୋଧ ରୟ, ଅରବିନ୍ଦ ରୟ ଏବଂ ଅନୁପମା ଲଗିନ ବିଚାରକ ଭାବେ ଯୋଗଦେଇ ପିଲାମାନଙ୍କ ପ୍ରତିଭା ଆକଳନ କରିଥିଲେ। ବିମାନ ମାଇତି, ସୁରେନ୍ଦ୍ର ଦାସ, ରାଜକିଶୋର ପ୍ରଧାନ, ବିଶ୍ୱନାଥ ଲେଙ୍କା, ରାଜୀବ ବସନ୍ତ ରାୟ, ବିଶ୍ୱଜିତ ମାଝୀ, ରତ୍ନାକର ନାୟକ, ରଜତ ମୁଣ୍ଡା, ବସନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସୌଦାମିନୀ ମୁଦାଲି ଓ ଶ୍ରୀଯୁକ୍ତ ରମେଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଛାତ୍ରୀଛାତ୍ର ରଚନା ପ୍ରତିଯୋଗିତାରେ ଭାଗ ନେଇଛନ୍ତି।

## ଭିତ୍ତିଭୂମି ଅଭାବ, ମିଳୁନି ଚିକିତ୍ସା ସୁବିଧା

ରାଉରକେଲା,୬।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାରେ କାର୍ଯ୍ୟରତ ରେଳ କର୍ମଚାରୀ ଓ ସେମାନଙ୍କ ପରିବାର ଲୋକଙ୍କ ରେଲଓ୍ୱେ କଲୋନୀରେ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରାଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ରେଲୱେ କଲୋନୀର ସାନିଟାଇଜେଶନ ସହିତ ରେଳ କର୍ମଚାରୀଙ୍କ ସ୍ୱାସ୍ଥ୍ୟସେବା ନିର୍ଭର କରୁଛି। କଲୋନୀରେ ରେଳ କର୍ମଚାରୀମାନଙ୍କ ପାଇଁ ନିର୍ମିତ ୧ହଜାର କ୍ୱାର୍ଟର ପରିସର ସଫେଇ ଏବଂ ସାନିଟାଇଜ କରିବା ପାଇଁ ୩୧ଜଣ କର୍ମଚାରୀ ଦରକାର। ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ଏହି କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ମାତ୍ର ୩ଜଣ କର୍ମଚାରୀରେ ଯେନତେଣ ପ୍ରକାରେ ସଫେଇ କରାଯାଉଛି। ସେହିପରି କଲୋନୀର ୧୦ହଜାର ଲୋକଙ୍କ ବିଭିନ୍ନ ସ୍ୱାସ୍ଥ୍ୟଗତ ପରୀକ୍ଷା ପାଇଁ ଲ୍ୟାବ୍ ସୁବିଧା ଏଯାଏ ହୋଇନାହିଁ। ଜଣେ ଫାର୍ମାସିଷ୍ଟ, ଜଣେ ଏମ୍‌ଓ ଏବଂ କିଛି ଡାକ୍ତରୀ ଦଳ ସହଯୋଗରେ ଏହି ଡାକ୍ତରଖାନା ଚାଲିଛି। ଅନ୍ୟପକ୍ଷେ




ରେଲୱେ କଲୋନୀ ସ୍ୱାସ୍ଥ୍ୟକେନ୍ଦ୍ର ।

### ରେଲୱେ କଲୋନୀ ସ୍ୱାସ୍ଥ୍ୟକେନ୍ଦ୍ର

ଜିଲେବି ଘାଟ, ରିମ୍‌ଝିମ୍ ବସ୍ତିରେ ରହୁଥିବା କର୍ମଚାରୀମାନେ ଆବଶ୍ୟକ ସ୍ୱାସ୍ଥ୍ୟସେବା ପାଉ ନ ଥିବା ଅଭିଯୋଗ କରିଛନ୍ତି। ଫଳରେ ସେମାନେ ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଖର୍ଚ୍ଚାନ୍ତ ହେଉଥିବା କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଲ୍ୟାବ ଓ ଲ୍ୟାବ ଆସିଷ୍ଟାଣ୍ଟ ରହିଲେ ସମସ୍ୟାର ସମାଧାନ ହୁଅନ୍ତା ବୋଲି ଫାର୍ମାସିଷ୍ଟ ନରସିଂହ ପ୍ରସାଦ ପାଢୀ କହିଛନ୍ତି। ଏ ନେଇ ମେଡିକାଲ ଅଫିସର ଡ. ପ୍ରକାଶ କୁମାରଙ୍କୁ ପଚାରିବାରୁ ସେ କହିଥିଲେ, ରେଲୱେ କଲୋନୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାନିଟାଇଜ ସଫେଇ କର୍ମଚାରୀ ପଦବୀ ପୂରଣ ନିମନ୍ତେ ରେଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଆର୍‌ଏମ୍‌ସିକୁ ବାରମ୍ବାର ଜଣାଇଛୁ। ମାତ୍ର ସମସ୍ୟାର ସମାଧାନ ହେଉନାହିଁ।

## ସଂକ୍ଷେପରେ

### ନାଳ ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

କୁଚିଣ୍ଡା,୬।୮ (ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ କେନାଢିପା ପଞ୍ଚାୟତ ବିଜାଗୁଡା ଗ୍ରାମର ବିକାଶ ମାଝି(୨୭) ନାଳ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ସେ ରବିବାର ଅପରାହ୍ନରେ ଛୁଆଲିଯୋର ନାଳକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ସେ ନାଳ ପାଣିରେ ବୁଡ଼ିଯାଇଥିଲେ। ଖବରପାଇ ପରିବାର ଲୋକ ଏବଂ ଗ୍ରାମବାସୀ ନାଳରେ ଖୋଜାଖୋଜି କରି ପାଣି ଭିତରୁ ବିକାଶଙ୍କ ମୃତଦେହ ଉଦ୍ଧାର କରିଥିଲେ। ମୃତକଙ୍କ ପିତା ଧର୍ମ ସିଂ ମାଝିଙ୍କ ରିପୋର୍ଟ ଆଧାରରେ କୁଚିଣ୍ଡା ପୋଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ସୋମବାର କୁଚିଣ୍ଡା ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ହୀରାକୁଦ ଡ୍ୟାମକୁ ଜଳ ପଶୁଛି କମ, ନିଷ୍କାସନ ଅଧିକ
### ୨୦ଗେଟରେ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର,୬।୮ ( ଶୁଭାଶିଷ ପାଢୀ)

ହୀରାକୁଦ ଡ୍ୟାମ ଉପର ମୁଣ୍ଡ ଛତିଶଗଡରେ ବର୍ଷା ପରିମାଣ ହ୍ରାସ ପାଇବା ଯୋଗୁଁ ୩ ଦିନ ପରେ ଜଳଭଣ୍ଡାରକୁ ଜଳପ୍ରବେଶ କରିବା ପରିମାଣ ହ୍ରାସ ପାଇଛି । ରବିବାର ରାତି ୯ଟା ପର୍ଯ୍ୟନ୍ତ ମିଳିଥିବା ରିପୋର୍ଟ ଅନୁସାରେ ଜଳସ୍ତର ୬୨୧.୭୧ ଫୁଟ ରହିଥିଲା । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୬୦ ହଜାର କ୍ୟୁସେକ ଜଳ ପ୍ରବେଶ କରୁଛି । ସେହିପରି ସ୍ପିଲୱେ, କୃଷି, ଶିଳ୍ପକୁ ମୋଟ ୩ ଲକ୍ଷ ୩୭ ହଜାର ୨୪୬ ଫୁଟ ନିଷ୍କାସନ ହେଉଛି। ଜଳ ପ୍ରବେଶ କରିବା ପରିମାଣଠାରୁ ନିଷ୍କାସନ ଅଧିକ ହେଉଛି। ଫଳରେ ଜଳ ନିୟନ୍ତ୍ରଣ ଓ ଡ୍ୟାମ ପରିଚାଳନା ଠିକ ଭାବେ ଏପର୍ଯ୍ୟନ୍ତ ହୋଇ ପାରିଛି। ସେହିପରି ତଳମୁଣ୍ଡରେ ବେଲଗାଁରେ ୧୩ ହଜାର୨୦୦ ଶହ କ୍ୟୁସେକ, ପର୍ଥଲାରେ ୫୫ ହଜାର ୧୧୯, ଖଇରମାଲରେ ୪ ଲକ୍ଷ ୩୦ ହଜାର, ୫୦୦, ବରମୁଲାରେ ୪ ଲକ୍ଷ ୭୨ ହଜାର, ମୁଣ୍ଡଲୀରେ ୩ ଲକ୍ଷ ୪୭ ହଜାର ୪୮୨ କ୍ୟୁସେକ ଜଳ ପ୍ରବାହିତ ହେଉଛି ।

### ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଉପଲକ୍ଷେ ଝୋଟି ପ୍ରତିଯୋଗିତା

ଦେବଗଡ଼, ୬।୮ (ଶଶାଙ୍କ ଶେଖର ଝାଙ୍କର)

ସ୍ୱାଧୀନତା ଦିବସ ଉପଲକ୍ଷେ ଜିଲା ପ୍ରଶାସନ ତରଫରୁ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରୁ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଦୁଇଟି ବର୍ଗରେ କରାଯାଇଥିଲା। ଉଚ୍ଚ ବିଦ୍ୟାଳୟ ସ୍ତରରେ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟର ମୁକେଶ କାଗିଗର ୧ମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଲିପସା ରାଣୀ ସାହୁ ୨ୟ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଓ ନଟେରୀ ଡ୍ୟାମ ବିଦ୍ୟାଳୟର ସସ୍ମିତା ନାୟକ ଏବଂ ନେହା ଘଡେଇ ୩ୟ ହୋଇଥିଲେ। ମହାବିଦ୍ୟାଳୟସ୍ତରରେ ଏଏନ୍‌ଏମ ସେଣ୍ଟରର ରଶ୍ମିପାତ୍ର ୧ମ, ଦେବଗଡ଼ ମହାବିଦ୍ୟାଳୟର ଦୀପ୍ତିମୟୀ ସାହୁ ୨ୟ, ଏଏନ୍‌ଏମ ସେଣ୍ଟରର ଲୁସିରାଣୀ ଜେନା ୩ୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ଡେପୁଟି କଲେକ୍ଟର ଲୀଳାବତୀ ନାୟକ, ଅଧକ୍ଷ ମହିଳା ମହାବିଦ୍ୟାଳୟ ଚିତ୍ତରଞ୍ଜନ ଦାସ ଓ ସହକାରୀ ଶିକ୍ଷୟିତ୍ରୀ ମଳୟ ମଞ୍ଜରି ଦାସ ଉପସ୍ଥିତ ଥିଲେ।

# ସମ୍ବଲପୁର ରେଳମଣ୍ଡଳର ୧୫ ଷ୍ଟେଶନ ନବୀକରଣ

ସମ୍ବଲପୁର,୬।୮ (ଶୁଭାଶିଷ ପାଢ଼ୀ)


ସମ୍ବଲପୁର ହୀରାକୁଦ ଷ୍ଟେସନରେ ମନ୍ତ୍ରୀ ଓ ଅନ୍ୟମାନେ ।

ବିମାନବନ୍ଦର ଭଳି ଦେଶରେ ରେଳଷ୍ଟେଶନକୁ ଅତ୍ୟାଧୁନିକ ଭାବେ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖି କାମ କରୁଛନ୍ତି। କେନ୍ଦ୍ର ସରକାର ନୂଆ ରେଳ ଚାଳନା, ରେଳ ଲାଇନ ସହ ଯାତ୍ରୀ ସୁବିଧାକୁ ଗୁରୁତ୍ୱ ଦେଇ ଅତ୍ୟାଧୁନିକ ରେଳ ଷ୍ଟେଶନ କରିବାର କଳ୍ପନାକୁ ବାସ୍ତବରେ ସାକାର କରାଯାଉଛି ବୋଲି ଷ୍ଟେସନର ରୂପାନ୍ତରଣ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ। ସମ୍ବଲପୁର ରେଳମଣ୍ଡଳ ହୀରାକୁଦ ରେଳ ଷ୍ଟେଶନରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାବେଳେ ଭର୍ଚ୍ଚୁଆଲ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅମୃତ ଭାରତ ଷ୍ଟେସନ ଯୋଜନାରେ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ ଯେ, ଓଡ଼ିଶାର ୨୫ଟି ରେଳ ଷ୍ଟେସନ ସମେତ ସମଗ୍ର ଦେଶରେ ୫୦୮ ରେଳ ଷ୍ଟେଶନର ପୁନର୍ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଓଡ଼ିଶାରେ ରେଳଷ୍ଟେଶନଗୁଡ଼ିକ ଭିତରେ ସାକ୍ଷୀଗୋପାଳ, ମଞ୍ଚେଶ୍ୱର, ଢେଙ୍କାନାଳ, ଛତ୍ରପୁର, ଅନୁଗୋଳ, ମେରାମୁଣ୍ଡଳି, ବାଲୁଗାଁ, ଲିଙ୍ଗରାଜ ମନ୍ଦିର ରୋଡ୍, ତାଳଚେର ରୋଡ୍, ଖୋର୍ଦ୍ଧାରୋଡ୍, କଣ୍ଟାବାଞ୍ଜି, ବରଗଡ଼ ରୋଡ୍, ହୀରାକୁଦ, ରେଢାଖୋଲ, ବରପାଲି, ମୁନିଗୁଡ଼ା, ବଲାଙ୍ଗୀର, ହରିଶଙ୍କର ରୋଡ୍, ଭବାନୀପାଟଣା, ଖରିଆର ରୋଡ୍, ରାଜଗାଙ୍ଗପୁର, ବଡବିଲ, ବାରିପଦା, ଜଳେଶ୍ୱର ଓ ଦାମନଯୋଡି ଷ୍ଟେଶନ ପ୍ରଭୃତି ରହିଛି। ନବୀକରଣ ପାଇଁ ପ୍ରାୟ ୫୩୧ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରଧାନମନ୍ତ୍ରୀଙ୍କ ଭାବନା ରେଳଷ୍ଟେଶନ ସହ ଯୋଡି ହୋଇରହିଛି। ତାହାର ପ୍ରତିଫଳନ ହେଉଛି। ନିକଟରେ ଝାରସୁଗୁଡ଼ାରୁ ବାରକୋଟ୍ ପର୍ଯ୍ୟନ୍ତ ନୂଆ ରେଳଲାଇନ ତିଆରି କରିବା ପାଇଁ ଚୂଡାନ୍ତ ସର୍ଭେ କରିବା ସହ ଡିପିଆର୍ ପ୍ରସ୍ତୁତ କରିବାକୁ ରେଳ ମନ୍ତ୍ରଣାଳୟ ମଞ୍ଜୁରୀ ପ୍ରଦାନ କରିବା ଏହାର ଏକ ଉଦାହରଣ। ଏହାଦ୍ୱାରା ଶିଳ୍ପ ସମୃଦ୍ଧ ଅନୁଗୋଳ, ତାଳଚେର, ଝାରସୁଗୁଡାର ଅର୍ଥନୀତି ଅଭିବୃଦ୍ଧି ହେବ । କୃଷି, ଯାତ୍ରା ଗମନାଗମନ, ପର୍ଯ୍ୟଟନର ବିକାଶରେ ସହାୟକ ହେବ। ସମ୍ବଲପୁର ଶାଲିମାର ଏକ୍ସପ୍ରେସ ମହିମା ଗୋସାଇଁ ଏକ୍ସପ୍ରେସର ଚଳାଚଳ କରୁଛି । ଅନୁଗୋଳ – ସୁକିନ୍ଦା ନୂଆ ରେଳଲାଇନର ଶୁଭାରମ୍ଭ ସହ ଅନେକ ରେଳପ୍ରକଳ୍ପକୁ ତ୍ୱରିତ ଗତିରେ ଅନୁମୋଦନ ଦିଆଯାଉଛି। ଓଡ଼ିଶାକୁ ପୂର୍ବ ସରକାରରେ ରେଳ ଅନୁଦାନ ବାବଦକୁ ବର୍ଷକୁ ହଜାର କୋଟି ଟଙ୍କା

**ଯାତ୍ରୀଙ୍କ ସୁବିଧା, ଅତ୍ୟାଧୁନିକ ରେଳଷ୍ଟେଶନର କଳ୍ପନା : ଧର୍ମେନ୍ଦ୍ର**

ଆସୁ ନ ଥିବାବେଳେ ଏବେ ବାର୍ଷିକ ୧୦ ହଜାର କୋଟି ଟଙ୍କା ଆସୁଛି। ରାଜ୍ୟରେ ଶତପ୍ରତିଶତ ରେଳଲାଇନର ବିଦ୍ୟୁତୀକରଣ ହୋଇଛି। ଅପରପକ୍ଷରେ ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ଯୋଜନା, କେନ୍ଦ୍ରୀୟ ଅନୁଦାନ, ଟିକସ ଭାଗ ଓ କେନ୍ଦ୍ରୀୟ ଉଦ୍ୟୋଗମାନଙ୍କ ବ୍ୟୟ ବରାଦକୁ ମିଶାଇ ଗତ ୯ ବର୍ଷରେ ୧୮ ଲକ୍ଷ ୮୩ ହଜାର କୋଟିରୁ ଉର୍ଦ୍ଧ୍ୱ ଅର୍ଥ ସହାୟତା ଦେଇଛନ୍ତି। ମୋଦି ସରକାରଙ୍କ ପୂର୍ବ ତଥା ୟୁପିଏର ଶେଷ ୧୦ ବର୍ଷ ସରକାରରେ ଓଡ଼ିଶାକୁ ମାତ୍ର ୨ଲକ୍ଷ ୯୩ ହଜାର କୋଟି ଟଙ୍କା ମିଳିଥିଲା। ରେଳ ଭିତ୍ତିଭୂମିକୁ ମଜଭୁତ କରି ଓଡ଼ିଶାର ବିକାଶ ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ବିଧାୟକ ନାଉରୀ ନାଏକ, ଡିଆରଏମ ବିନିତ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଧର୍ମାନ୍ତରୀକରଣ ଏକତା, ଅଖଣ୍ଡତା ପାଇଁ ବିପଦ

ସମ୍ବଲପୁର, ୬।୮ (ଶୁଭାଶିଷ ପାଢୀ)

ଆଜି ସମାଜରେ ଧର୍ମାନ୍ତିକରଣ ଏକ ବଡ ସମସ୍ୟା ହୋଇ ଉଭା ହୋଇଛି। ଅନ୍ୟ ରାଜ୍ୟଗୁଡିକରେ ପୂର୍ବରୁ ଥିବାବେଳେ ଏବେ ଓଡିଶାରେ ମଧ୍ୟ ଏହା ଦ୍ରୁତ ଗତିରେ ବୃଦ୍ଧି ପାଇଛି। କେବଳ ଧର୍ମାନ୍ତିକରଣ ନୁହେଁ ନିଶାକାରବାର, ମାନବ ଚାଲାଣ, ମହିଳା ଓ ଆଦିବାସୀଙ୍କ ଉପରେ ଅତ୍ୟାଚାର ବଢିଛି। ରାଜ୍ୟ ସରକାର ତୁଷ୍ଟିକରଣ ନୀତି କରୁଥିବା ପ୍ରମୁଖ ଏକ କାରଣ। ଏଭଳି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତେଣୁ ସେମାନଙ୍କ ସାହାସ ଓ ସଂଖ୍ୟା ବୃଦ୍ଧି ପାଇଛି। କଡା ନିୟମ ରହିଛି ହେଲେ ଉପଯୁକ୍ତ ଦଫା ଲଗାଇ ପୋଲିସ ଗିରଫ କରୁନାହିଁ ବୋଲି ସମ୍ବଲପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୁପ୍ରିମକୋର୍ଟ ଆଇନଜୀବି ଅଶ୍ୱିନୀ ଉପାଧ୍ୟାୟ କହିଥିଲେ। ସେ ଆହୁରି କହିଥିଲେଯେ, ସମାଜରେ ହେଉଥିବା ସମସ୍ୟାକୁ ନେଇ ସୁପ୍ରିମକୋର୍ଟରେ ସେ ୨୫୦ରୁ ଉର୍ଦ୍ଧ୍ୱ ପିଆଇଏଲ କରିଛନ୍ତି। ଅନେକ ମାମଲା ବିଚାରଧିନ ରହିଛି। ସରକାରୀସ୍ତରରେ ଯାହା ହେଉନା ଆମେ ସମସ୍ତଙ୍କୁ ସମାଜର ଦାୟିତ୍ୱ ନେବାକୁ ପଡିବ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ପୁରୁଷୋତ୍ତମ ଅଗ୍ରୱାଲ, ମହେଷ ଗୁପ୍ତା, ରାଧେଶ୍ୱାମ ଭାବୋନ୍ତିକା ଉପସ୍ଥିତ ରହିଥିଲେ ।

## ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର

କୁଚିଣ୍ଡା,୬।୮ (ବିରଞ୍ଚି ଦର୍ଶୀ)

ହିନ୍ଦୁମାନଙ୍କୁ ବାରମ୍ବାର ଆକ୍ରମଣ ଘଟଣାକୁ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ନିନ୍ଦା କରାଯିବା ସହ ବିରୋଧ କରାଯାଇଛି। ଏନେଇ ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା (ପଶ୍ଚିମ) ପକ୍ଷରୁ ଶନିବାର ୪ଦଫା ସମ୍ବଳିତ ଦାବିପତ୍ର କୁଚିଣ୍ଡା ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜୁଲାଇ ୩୧ ତାରିଖରେ ହରିୟାଣାର ମେୱାଡ ସହରରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ 'ବ୍ରଜ ମଣ୍ଡଳ, ଧାର୍ମିକ ଶୋଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ କୋଡିଏରୁ ପଚିଶ ହଜାର ଶ୍ରଦ୍ଧାଳୁ ମନ୍ଦିର ପାଖକୁ ଯିବା ସମୟରେ ସେମାନଙ୍କ ଉପରେ ପଥରମାଡ଼, ପେଟ୍ରୋଲ ବୋମା ଫିଙ୍ଗିବା ସହ ଗୁଳିଚାଳନା କରାଯାଇଥିଲା। ଫଳରେ ୪ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ବଳିଦାନ ସହ ଶତାଧିକ ଆହତ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ, ଉଚିତ କ୍ଷତିପୂରଣ ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କ


କୁଚିଣ୍ଡା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହି ଦାବି ସହ ଯୋଜନାବଦ୍ଧ ଭାବରେ ହିନ୍ଦୁମାନଙ୍କୁ ବାରମ୍ବାର ଆକ୍ରମଣ ଘଟଣାକୁ ବିରୋଧ କରି ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀଙ୍କ ନେତୃତ୍ୱରେ ଦିଆଯାଇଥିବା ଦାବିପତ୍ରରେ ହିଂସାତ୍ମକ କାର୍ଯ୍ୟ ପାଇଁ ଉସୁକାଇଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ମୃତ୍ୟୁବରଣ କରିଥିବା ଶ୍ରଦ୍ଧାଳୁଙ୍କୁ ୫୦ ଓ ଆହତଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା, ହିନ୍ଦୁମାନଙ୍କ ପର୍ବପର୍ବାଣୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁରକ୍ଷା ପ୍ରଦାନ କରିବା ଏବଂ ହୋଇଥିବା ପଥରମାଡ଼ ଘଟଣାର ସିବିଆଇ ତଦନ୍ତ ସହ ମୁଖ୍ୟ ଷଡଯନ୍ତ୍ରକାରୀଙ୍କୁ ତୁରନ୍ତ ଗିରଫ କରିବା ଆଦି ଉଲ୍ଲେଖ ରହିଛି।

## ବରିଷ୍ଠ ଖବରଦାତାଙ୍କ ପରଲୋକ

ସମ୍ବଲପୁର, ୬।୮ ( ଶୁଭାଶିଷ ପାଢୀ)

ସମ୍ବଲପୁରର ବରିଷ୍ଠ ଖବରଦାତା ପ୍ରମୋଦ ପଟ୍ଟନାୟକଙ୍କ ୬୩ ବର୍ଷ ବୟସରେ ହୃଦଘାତରେ ରବିବାର ଭୋର ପରଲୋକ ଘଟିଛି। ତାଙ୍କ ଗୋପାଳମାଳସ୍ଥିତ ବାସଭବନରେ ଶୋଇଥିବା ସମୟରେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଜିଲା ମୁଖ୍ୟଚିକିତ୍ସାଳୟକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ଶେଷକୃତ ରାଜଘାଟରେ ହୋଇଛି। ତାଙ୍କ ସ୍ତ୍ରୀ ଓ ଦୁଇପୁଅ ଦୁଇଝିଅଙ୍କୁ ଛାଡି ଯାଇଛନ୍ତି। ଶିକ୍ଷାଦାନ ପରେ ସାମ୍ବାଦିକତାକୁ ପେସା ଭାବେ ଆପଣେଇଥିଲେ। ଉତ୍କଳମେଲରୁ ଆରମ୍ଭ କରି ଟାଇମ୍ସ ଅଫ ଇଣ୍ଡିଆ ଭଳି ଖବରକାଗଜରେ କାମ କରିଥିଲେ। ତାଙ୍କ ମୃତ୍ୟୁରେ ପୂର୍ବତନମନ୍ତ୍ରୀ ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ଜିଲା କଂଗ୍ରେସ ସଭାପତି ଆସଫ ଅଲ୍ଲିଖାନ ଶୋକବ୍ୟକ୍ତ କରିଛନ୍ତି । ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଶୋକସଭା ହୋଇଥିଲା। ସେହିପରି ଓଜେୟୁ ପକ୍ଷରୁ ଶୋକସଭା କରାଯାଇଥିଲା।

## ଗର୍ଭବତୀଙ୍କୁ ବିପଦ ପ୍ରି-ଏକ୍ଲାମସିଆ ରୋଗ

ସମ୍ବଲପୁର, ୬।୮ (ଶୁଭାଶିଷ ପାଢ଼ୀ)

**ଭିମସାର ଡାକ୍ତରଙ୍କ ଗବେଷଣା**

ସମ୍ବଲପୁର ବୁର୍ଲା ଭୀମସାରର ୫ ଜଣିଆ ଡାକ୍ତରୀ ଟିମ୍ ଗବେଷଣା କରି ଗର୍ଭବତୀଙ୍କ ପାଇଁ ପ୍ରି-ଏକ୍ଲାମସିଆ ରୋଗ ବିପଦ ବୋଲି ଜାଣିବାକୁ ପାଇଛନ୍ତି। ଏହି ରୋଗ ହେବା ଫଳରେ ଶିଶୁ ଓ ଗର୍ଭବତୀଙ୍କ ମୃତ୍ୟୁ ହେବା ଅଧିକ ସମ୍ଭାବନା ରହିଛି। ଠିକ୍ ସମୟରେ ଚିକିତ୍ସା ଓ ରୋଗୀଙ୍କୁ ଯତ୍ନକଲେ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିବେ ବୋଲି ଡାକ୍ତରୀ ଦଳ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଡାକ୍ତର ସତୀଶ ପ୍ରଧାନ, ସଞ୍ଜୀବ ମିଶ୍ର, ସୁବ୍ରତ ପ୍ରଧାନ, ପ୍ରଣତି ପ୍ରଧାନ, ଭାରତୀ ପଣ୍ଡା ଏହି ଗବେଷଣା ଟିମ୍‌ରେ ରହିଥିଲେ। ଡାକ୍ତର ମିଶ୍ର କହିଛନ୍ତି ଯେ, ସରକାରୀସ୍ତରରେ ଗର୍ଭବତୀ ଓ ପ୍ରସୂତିଙ୍କ ପାଇଁ ଅନେକ ସୁବିଧା ଓ ବ୍ୟବସ୍ଥା କରାଯାଇଛି। ହେଲେ ଗର୍ଭବତୀ ହେବା ପରେ ବିଶେଷ ଭାବେ ପ୍ରି-ଏକ୍ଲାମସିଆ ରୋଗ ଲକ୍ଷଣ ଦେଖାଦେଇଥାଏ। ଗୋଡ଼ ଫୁଲିଯିବା, ପରିସ୍ରାରେ ପ୍ରୋଟିନ ଅଂଶ ଚାଲିଯିବା, ରକ୍ତଚାପ ବୃଦ୍ଧି ହେବା, ଶରୀର ଫୁଲିଯିବା ଭଳି ଲକ୍ଷଣ ଦେଖାଦେଇଥାଏ। ଏହାକୁ ଠିକ୍ ସମୟରେ ପରୀକ୍ଷା କରାଯାଇ ଚିକିତ୍ସା କରାଯାଇପାରିବ। ଏବେ ଗର୍ଭବତୀମାନଙ୍କୁ ଏହି ରୋଗ ହେଉଥିବା ଦେଖିବାକୁ ମିଳୁଛି। ରୋଗ ଲକ୍ଷଣ ଥିବା ୨୦୦ ଗର୍ଭବତୀ ଓ ରୋଗ ଲକ୍ଷଣ ନ ଥିବା ଗର୍ଭବତୀଙ୍କୁ ନେଇ ଗବେଷଣା ହୋଇଥିଲା। ସେମାନଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଇଥିଲା। ଅଧ୍ୟୟନରୁ ଜଣାପଡିଛି, ମାତୃ ବୟସ, ମହିଳାଙ୍କ ଶିକ୍ଷା, ପାରିବାରିକ ପ୍ରକାର, ସ୍ୱାମୀଙ୍କ ଶିକ୍ଷା, ବୃତ୍ତି, ସାମାଜିକ ଓ ଆର୍ଥିକ ସ୍ଥିତି ସହିତ ପ୍ରି-ଏକ୍ଲାମସିଆ ହେବାର କାରଣ ଜଡିତ। ଅନୁସନ୍ଧାନରୁ ଜଣାପଡିଛି ଯେ, ମାତୃଶିକ୍ଷା ତଥା ସାମାଜିକ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲେ ପ୍ରି-ଏକ୍ଲାମସିଆ ରୋଗ ହ୍ରାସ କରିବାରେ ସାହାଯ୍ୟ କରିପାରିବ।

## ଜାତୀୟ ଶିକ୍ଷାନୀତି ପରିବର୍ତ୍ତନ ଆଣୁଛି : ଧର୍ମେନ୍ଦ୍ର

ସମ୍ବଲପୁର, ୬।୮ (ଶୁଭାଶିଷ ପାଢ଼ୀ)

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଗସ୍ତରେ ଥିବାବେଳେ ଆଇଆଇଏମ୍ କ୍ୟାମ୍ପସ, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷାନୀତି ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଇଆଇଏମ୍ ସମ୍ବଲପୁର ସ୍ଥାନୀୟ ଅଞ୍ଚଳର ସମ୍ଭାବନାକୁ ଉପଯୋଗ କରିବା ପାଇଁ ନୂଆନୂଆ ବିଷୟ ଆରମ୍ଭ କରିବାକୁ ଯାଉଛି। ସମ୍ବଲପୁର ଜିଲାର ବୁଣାକାରମାନଙ୍କର ଦକ୍ଷତା ବୃଦ୍ଧି ସହ ଗ୍ରାମୀଣଭିତ୍ତିକ ଅର୍ଥନୀତିକୁ ବଢାଇବା ପାଇଁ କୃଷକମାନଙ୍କ ଦକ୍ଷତା ବିକାଶ ବୃଦ୍ଧି କରିବା ଦିଗରେ ଶିକ୍ଷାନୁଷ୍ଠାନ ଯୋଜନା କରିଛି। ସମ୍ବଲପୁର ଐତିହ୍, ସାଂସ୍କୃତିକ ପେଣ୍ଠସ୍ଥଳୀ। ମା' ସମଲେଇ ଏଠାରେ ବିରାଜମାନ। ହୀରାକୁଦ ବନ୍ଧ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ, ବୁର୍ଲା ଇଞ୍ଜିନିୟରିଂ କଲେଜ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅନୁଷ୍ଠାନ ଅଛି। ଆଇଆଇଏମ୍ ପ୍ରତିଷ୍ଠା ଦ୍ୱାରା ଏହି ଅଞ୍ଚଳ ଏକ ବୌଦ୍ଧିକ କେନ୍ଦ୍ରରେ ପରିଣତ ହୋଇଛି। ଖୁବ୍‌ଶୀଘ୍ର ସ୍ଥାନୀୟ ଯୁବତୀ ଯୁବକଙ୍କୁ ଉଦ୍ୟମିତା କରିବା ପାଇଁ ଏଠାରେ ଇନକ୍ୟୁବେସନ ସେଣ୍ଟର ସ୍ଥାପନା ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଷ୍ପତ୍ତି କାରଣରୁ ସମ୍ବଲପୁର ଭଳି ଅଞ୍ଚଳରେ ୪୦୦ କୋଟି ଟଙ୍କା ବ୍ୟୟରେ ଆଇଆଇଏମ୍ ଭଳି ଅତ୍ୟାଧୁନିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇପାରିଛି। ୬୦୦ ପିଲା ପାଠ ପଢ଼ିବେ। ଏଥିପାଇଁ ୩୦ଜଣ ପ୍ରାଧାପକ ଓ ଅନ୍ୟ କର୍ମଚାରୀଙ୍କ ନିଯୁକ୍ତି

**ପ୍ରଧାନମନ୍ତ୍ରୀଙ୍କ କରକମଳରେ ଆଇଆଇଏମ୍ ଉଦ୍‌ଘାଟନ ହେବ**

ହୋଇସାରିଛି। ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିଥିବା ଏହି ଶିକ୍ଷାନୁଷ୍ଠାନକୁ ଖୁବଶୀଘ୍ର ତାଙ୍କ ଦ୍ୱାରା ଉଦ୍‌ଘାଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟକ୍ଷ ଭାବେ ପ୍ରଧାନମନ୍ତ୍ରୀ ଆଇଆଇଏମ୍ ଆସି ଉଦ୍‌ଘାଟନ କରିବାକୁ ସ୍ଥିର ହୋଇଛି ବୋଲି ପ୍ରଧାନ କହିଛନ୍ତି। ଏହି ଅବସରରେ ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜସ୍ୱାଲ ଉପସ୍ଥିତ ରହିଥିଲେ। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଦ୍ୟୁଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜାତୀୟ ଶିକ୍ଷାନୀତି ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜାତୀୟ ଶିକ୍ଷାନୀତି ଶିକ୍ଷାକ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ। ଏହି କନକ୍ଲେଭ ବିଶେଷ ପ୍ରଭାବିତ କରିଛି। ପିଲାମାନେ ହୀରାକୁଦ ଡ୍ୟାମର ପାଣି ଓ ଗଭୀରତାକୁ ବୈଜ୍ଞାନିକ ପ୍ରକ୍ରିୟାରେ ଜାଣିବା ପାଇଁ ରକେଟ ଓ ସାଟେଲାଇଟରେ ପ୍ରସ୍ତୁତ କରିଛନ୍ତି। ଛାତ୍ରୀଛାତ୍ର ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ନିରାପଦ ଢଙ୍ଗ ପ୍ରସ୍ତୁତ କରୁଛନ୍ତି। ଛୋଟ ପିଲାଙ୍କ ଦ୍ୱାରା ଆମ୍ବ ଟାକୁଆରୁ ଆମ୍ବ ଗଛ ହେବା ପର୍ଯ୍ୟନ୍ତ ବୈଜ୍ଞାନିକ ପଦ୍ଧତିକୁ ପ୍ରଦର୍ଶିତ କରାଯାଇଛି। ଏହା ହିଁ ଜାତୀୟ ଶିକ୍ଷାନୀତିର ଉଦ୍ଦେଶ୍ୟ ଓ ରୂପରେଖା। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନ ସହ ଜଡ଼ିତ ଛାତ୍ରୀଛାତ୍ର, ପ୍ରାଧ୍ୟାପକ, କର୍ମଚାରୀ ଓ ସ୍ଥାନୀୟ ନାଗରିକଙ୍କ ସମେତ ସ୍ଥାନୀୟ ଅଞ୍ଚଳରେ ଥିବା ସୈନିକ ସ୍କୁଲ, ନବୋଦୟ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

## କନକଦୁର୍ଗା ମନ୍ଦିର ପରିସରରେ ଚାରାରୋପଣ

ଦେବଗଡ଼ ୬।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସହର ମଠସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିର ପରିସରରେ ରବିବାର ବୃକ୍ଷରୋପଣ କରାଯାଇଛି। ବିଭିନ୍ନ ରକମର ଚାରା ରୁଦ୍ରାକ୍ଷ, ନାଗେଶ୍ୱର, ଚନ୍ଦନ, ବେଲ, ଅଁଳା, ବର, ନିମ୍ବ, ଓଉ, ଅର୍ଜୁନ, କରଞ୍ଜ, ଆମ୍ବ, କମଳା, ପିସ୍ତାବାଦାମ, ହରିଡା, ବାହାଡା, ଶିଶୁ ଓ ଅନେକ ଫୁଲ ଗଛର ଚାରା ରୋପଣ କରାଯାଇଥିଲା। ଶ୍ରୀସତ୍ୟସାଇ ସେବା ସମିତି ପକ୍ଷରୁ ଦେବଗଡ଼ ଆବାହକ ତପନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସତ୍ୟସାଇ ସେବା ସମିତି ସଦସ୍ୟ ଓ ମା' କନକଦୁର୍ଗା ମନ୍ଦିର କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପୂଜକ ଦିନବନ୍ଧୁ ଶତପଥୀ, କିଶନ ଅଗ୍ରୱାଲା, ରଘୁମଣୀ ନାୟକ, ମଳିଆ ବେହେରା, କାଳିଆ ମାଝି, ବିଜୟ ମେହେର୍, କିଶୋର ବେହେରା, ସିପୁନ ନାୟକ, ଇତୁ ନାୟକ, ଅଜୟ ବେହେରାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ସୁଇଟ୍‌ରେ ଟେକ୍‌ନୋ ଫେୟାର ଉଦ୍‌ଘାଟିତ

ସମ୍ବଲପୁର, ୬।୮ (ଶୁଭାଶିଷ ପାଢୀ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ପ୍ରଦ୍ୟୋଗିକ ସଂସ୍ଥାନ (ସୁଇଟ)ର ଟେକନୋ ଫେୟାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସୁଇଟ ନିର୍ଦ୍ଦେଶକ ଡ. ବସନ୍ତ ମହାନ୍ତିଙ୍କ ପରିଚାଳନାରେ ଟେକନୋ ଫେୟାର ହୋଇଥିଲା । ଏସୟୁ କୁଳପତି ପ୍ରଫେସର ବିଦ୍ୟୁଭୂଷଣ ମିଶ୍ର, କୁଳସଚିବ ଡ. ନୃପରାଜ ସାହୁ, ପିଜି କାଉନସିଲ ଅଧକ୍ଷା ପ୍ରଫେସର ସଞ୍ଜୁକ୍ତା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଟେକନୋ ଫେୟାରକୁ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଛାତ୍ରୀଛାତ୍ର ଯାହା ପରିକଳ୍ପନା କରିଛନ୍ତି ତାହା ଉଚ୍ଚ ପ୍ରଶଂସନୀୟ। ଭିସୁଟ,ସୁଇଟ,କେନ୍ଦ୍ରିୟ ବିଦ୍ୟାଳୟ ବୁର୍ଲା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବିକାଶ କନସେପ୍ଟ ସ୍କୁଲ, ଜବାହାର ନବୋଦୟ ବିଦ୍ୟାଳୟ, କିଡଜି ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଡିନ ଷ୍ଟୁଡେଣ୍ଟ ଓ୍ୱେଲଫେୟାର ଡ. ସୁଦର୍ଶନ ଜେନା, ଡିନ ଏକାଡେମିକ ଡ. ନଳିନୀକାନ୍ତ ବଡପଣ୍ଡା ପରିଚାଳନା କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ବିଭିନ୍ନ ସ୍କଲ କଲେଜରୁ ଆସିଥିବା ଛାତ୍ରୀଛାତ୍ରଙ୍କ ସହ ମିଶି ବୃକ୍ଷରୋପଣ କରିଥିଲେ।


ସମ୍ବଲପୁରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ସୁଇଟ୍‌ରେ ଟେକ୍‌ନୋ ଫେୟାର ବୁଲି ଦେଖୁଛନ୍ତି।

## ସମ୍ବଲପୁରରେ ଫ୍ୟାଶୋନୋଭା କାର୍ଯ୍ୟକ୍ରମ

ସମ୍ବଲପୁର,୬।୮ (ବି.ଶଙ୍କର)

ଫ୍ୟାଶୋନୋଭା-୪ କାର୍ଯ୍ୟକ୍ରମ ରବିବାର ରାତ୍ରିରେ ସମ୍ବଲପୁର ବୁଢ଼ାରାଜା ସ୍ଥିତ ଗ୍ରାଣ୍ଡ ଶିବା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ମିତ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଶିଶିର ନାଗ, ବ୍ୟବସାୟିକ ମୁଖ୍ୟ ହେମନ୍ତ ମିଶ୍ର, ପୂର୍ବତନ ଅଧ୍ୟକ୍ଷ ବିଜୟ ମହାନ୍ତି, ନେକ୍ସଟଜେନ ଫ୍ୟାଶନ ଟୁର ଏଣ୍ଡ ଲାଇଫ୍ ଷ୍ଟାଇଲର ପ୍ରତିଷ୍ଠାତା ହିତେନ୍ଦ୍ର ଶାହୀ, ସହ ପ୍ରତିଷ୍ଠାତା ରତନ ସାଓ, ସମନ୍ୱୟକ ସୁବୋଧ ଚାନ୍ଦ, ସାମାଜିକ କର୍ମୀ ମିଳନ ହୋତା ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ବଲପୁରୀ ହସ୍ତତନ୍ତ ଓ ବୟନଶିଳ୍ପକୁ ପ୍ରାଥମିକତା ଦେବା, ସ୍ଥାନୀୟ ବୁଣାକାର ଓ ଡ୍ରେସ ଡିଜାଇନରମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କର ଆର୍ଥିକ ବିକାଶ କରିବା ଉଦ୍ଦେଶ୍ୟରେ ନେକ୍ସଟଜେନ ଫ୍ୟାଶନ ଓ ଟୁର ଏଣ୍ଡ ଲାଇଫ ଷ୍ଟାଇଲ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି । ତେଣୁ ବରଗଡ଼ ସମ୍ବଲପୁରୀ ବସ୍ତ୍ରାଳୟ ପୃଷ୍ଠପୋଷକତା ଓ ଏମସିଏଲ୍ ସହଯୋଗ କରିଛି ବୋଲି କର୍ମକର୍ତ୍ତମାନେ କହିଛନ୍ତି । ପ୍ରଥମ ରାଉଣ୍ଡରେ ସମଲିକା କିଡସ ମଡେଲମାନଙ୍କୁ ନେଇ ପରିଧାନ ପ୍ରଦର୍ଶନ କରିଥିଲେ। ଦ୍ୱିତୀୟରେ ସମ୍ବଲପୁରୀ ବସ୍ତ୍ରାଳୟ ଓ ୩ୟ ରାଉଣ୍ଡରେ ୟୁ ଟ୍ରେଣ୍ଡ ସୋକେଶିଂ ପ୍ରଦର୍ଶନ କରିଥିଲେ। ଏହାପରେ ଭୁବନେଶ୍ୱର ଏନଆଇଆଇଏଫଟି ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପରିଧାନଗୁଡ଼ିକ ପ୍ରଦର୍ଶିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶୁଭୋଜିତ ପଣ୍ଡା ଓ ଅର୍ଚ୍ଚନା ବେହେରା ସଂଯୋଜନା କରିଥିଲେ। ଏହି ପୋଷାକ ପରିଧାନଗୁଡ଼ିକୁ ମୋଟ ୭ଟି ରାଉଣ୍ଡରେ ଜାତୀୟ ସ୍ତରର ୧୨ ଜଣ ମହିଳା, ୨ଜଣ ପୁରୁଷ ଓ ୩୦ଜଣ କୁନି ମଡେଲ ର୍ୟାମ୍ପ ୱାକରେ ପ୍ରଦର୍ଶିତ କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ପ୍ରଥମ କରି ୧୦ ଜଣ ଗୃହିଣୀ ମଡେଲ ର୍ୟାମ୍ପରେ ଡିଜାଇନର ଶାଢ଼ୀ ପ୍ରଦର୍ଶନ ଦର୍ଶକଙ୍କୁ ବିମୋହିତ କରିଥିଲା।



ଗ୍ରାଣ୍ଡ ଶିବା ସମ୍ମିଳନୀ କକ୍ଷଠାରେ ଫ୍ୟାଶୋନୋଭା-୪ କାର୍ଯ୍ୟକ୍ରମରେ ଅତିଥିମାନେ।

**ସ୍ୱେଚ୍ଛାକୃତ ରକ୍ତଦାନ ଶିବିର**

ରୁପ୍ରାରୋଡ୍,(ସଞ୍ଜୀବ ଦାସ): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ବଲବସପୁରର ନେତାଜୀ କ୍ଲବର ସଦସ୍ୟ ସ୍ୱର୍ଗତ ରିଙ୍କୁ ପ୍ରଧାନଙ୍କ ୨୨ତମ ଜନ୍ମ ଦିବସ ଉପଲକ୍ଷେ ଜିଲା ମୁଖ୍ୟ ରକ୍ତଭଣ୍ଡାରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ନେହେରୁ ଯୁବ କେନ୍ଦ୍ର ଯୁବ ଅଧିକାରୀ ପ୍ରସନ୍ନ ମେହେର, ବିଜେଡି ରାଜ୍ୟ ସଭାପତି ଚିତ୍ତରଞ୍ଜନ ମଣ୍ଡଳ, ଭାବାନୀପାଟଣା ନଗରପାଳ ସଭାପତି, ପ୍ରଦୀପ ଦାସ, ରକ୍ତଭଣ୍ଡାର ମୁଖ୍ୟ ଡ଼. ଜୟନ୍ତୀଲା ନାୟକ ପ୍ରମୁଖ ଶିବିର ଉଦ୍‌ଘାଟନ କରିଥିଲେ। ଶିବିରରେ ୨୪ଜଣ ରକ୍ତଦାତା ରକ୍ତଦାନ କରିଥିଲେ।

## ସଂକ୍ଷେପରେ

### ପଦୋନ୍ନତି, ଦରମା ବୃଦ୍ଧି ନେଇ ପିଇଓଙ୍କ ଦାବିପତ୍ର

କେସିଙ୍ଗା,୬।୮ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଶାଖା ପକ୍ଷରୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ସଂଘ ପଦୋନ୍ନତି ଓ ଦରମା ବୃଦ୍ଧି ଦାବି ନେଇ ଜିଲାପାଳଙ୍କୁ ୪ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୭ରୁ କଳାବ୍ୟାଜ୍ ଓ ୧୭ରୁ ସାମୂହିକ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଯୁକ୍ତିରେ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ଯୁକ୍ତ ୩ ବାଧ୍ୟତାମୂଳକ କରିବାକୁ ଦାବି କରିଛନ୍ତି। ବର୍ତ୍ତମାନ ଲେଭେଲ ୫ରେ ୨୧,୭୦୦ ରହିଛି ହେଲେ ୨୦୧୭ ଓଆରଏସପି ଆଇନ ଅନୁଯାୟୀ ପେ ଲେବେଲ ୯କୁ ବୃଦ୍ଧି କରିବା ସହ ୩୫,୪୦୦ ଦରମା ବୃଦ୍ଧି କରିବାକୁ ଦାବି କରିଛନ୍ତି। ଆବଶ୍ୟକ ଅନୁସାରେ ପଞ୍ଚାୟତ ଉନ୍ନୟନ ଅଧିକାରୀ ନୂତନ ପଦବୀ ସୃଷ୍ଟି କରିବା ଅନେକ ପିଇଓ ଏହି ପଦବୀରେ ଯୋଗଦେଇ ୩୦ରୁ ୪୦ବର୍ଷ ଚାକାରୀ କରି ଅବସର ନେଉଛନ୍ତି। ଆଇନ ଅନୁଯାୟୀ ୧୦ବର୍ଷରୁ ଉର୍ଦ୍ଧ୍ୱ ହେଲେ ଜିପିଡ଼ିଓ ପଦବୀରେ ପଦୋନ୍ନତି କରିବାକୁ ଦାବି କରିଛନ୍ତି। ଏ ନେଇ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ନିର୍ଦ୍ଦେଶକ୍ରମେ ଜିଲା ପିଇଓ ସଂଘ ପକ୍ଷରୁ କେସିଙ୍ଗା ବିଡିଓଙ୍କୁ ପ୍ରଥମେ ଦାବି ଜଣାଇଥିଲେ। ଜିଲାପାଳଙ୍କ ନିକଟରେ ୪ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ।

### ଦେବେନ୍ଦ୍ର କୁମାର ବିଜୁ ଛାତ୍ର ଜନତା ଦଳର ନର୍ଲା ନିର୍ବାଚନ ମଣ୍ଡଳୀ ସଭାପତି

କର୍ଲାମୁଣ୍ଡା,୬।୮ (ପ୍ରଦୀପ କୁମାର ସାହୁ)

ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବିଜୁ ଛାତ୍ର ଜନତା ଦଳ ପରିବର୍ଦ୍ଧିତ କମିଟି ଘୋଷଣା କରିଛି। ଏହିକ୍ରମରେ ଦେବେନ୍ଦ୍ର କୁମାରଙ୍କୁ କଳାହାଣ୍ଡି ଜିଲା ନର୍ଲା ନିର୍ବାଚନୀ ମଣ୍ଡଳୀର ସଭାପତି



ଭାବେ ନିଯୁକ୍ତି ଦିଆଯାଇଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ଛାତ୍ର ବିଜେଡି ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ନର୍ଲା ବିଧାୟକ ଭୂପିନ୍ଦର ସିଂହ, ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଜିଲା କାର୍ଯ୍ୟକାରୀ ସଭାପତି ଦିବ୍ୟଶଙ୍କର ମିଶ୍ର, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ରାଜ୍ୟ ଛାତ୍ର ବିଜେଡି କାର୍ଯକାରୀ ସଭାପତି ଅବିନାଶ ଠାକୁର, ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜିଲା ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ, କର୍ଲାମୁଣ୍ଡା ବ୍ଲକ ସଭାପତି ସୁରେନ୍ଦ୍ର ସାହୁ, ମ.ରାମପୁର ବ୍ଲକ ସଭାପତି ଗୋବିନ୍ଦ ଶତପଥି ତଥା ଅନ୍ୟାନ୍ୟ ନେତୃ ମଣ୍ଡଳୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସୂଚନା ଯେ, କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ରେଗଡା (ଭୋଇପଡା)ଗାଁର ଦେବେନ୍ଦ୍ର ପୂର୍ବରୁ ଜିଲା ଛାତ୍ର ବିଜେଡି ଉପସଭାପତି ଓ ବିଜୁ ଯୁବ ବାହିନୀ କର୍ଲାମୁଣ୍ଡା ବ୍ଲକ ସଂଯୋଜକ ଭାବେ ଦାୟିତ୍ୱ ତୁଲାଇଥିଲେ।

### ଦଳିତ ଅଧିକାର ମଞ୍ଚର ଜିଲାସ୍ତରୀୟ ବୈଠକ

ଖଡ଼ିଆଳ,୬।୮ (ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ରାଣୀପୁରଠାରେ ଦଳିତ ଅଧିକାର ମଞ୍ଚର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡିଙ୍କ ଅଧକ୍ଷତାରେ ଜିଲାର ଅନେକ ବରିଷ୍ଠ ସଦସ୍ୟ ଯୋଗଦାନ କରି ଦଳିତ ଅଧିକାର ମଞ୍ଚର ଭବିଷ୍ୟତର କାର୍ଯ୍ୟପନ୍ଥା ଓ କାର୍ଯ୍ୟକ୍ରମ ଉପରେ ବିଶଦ ଭାବରେ ଆଲୋଚନା କରିଥିଲେ। ମଞ୍ଚ ଆଗାମୀ ଦିନରେ ଖଡ଼ିଆଳ, କୋମନା, ସିନାପାଲି ଓ ବୋଡ଼େନରେ ମଞ୍ଚ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ଲୋକଙ୍କ ସମସ୍ୟା ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଦଳିତ ଅଧିକାର ମଞ୍ଚ ଜିଲା ସଭାପତି ରଞ୍ଜନ ସେନାପତି, ସିନାପାଲି ବ୍ଲକ ସଭାପତି ପଦ୍ମନାଭ ଜଗତ, ବୋଡ଼େନ ବ୍ଲକ ସଭାପତି ଲିଙ୍ଗରାଜ ଜାଲ, କୋମନା ସଭାପତି ମୁଖ ସୁନାଙ୍କ ସମେତ ପ୍ରମୋଦ ନାଗ, ଅଜାମ୍ବର ତାଣ୍ଡି, ତେଜୁରାମ ମଲ୍ଲିକ, କୈଳାଶ ଯଦବ, ମାୟା ଜଗତ, ଅଲେଖ ଜଗତ, ନକୁଳ ବେହେରା, ରାଜେଶ ବେହେରା ପ୍ରମୁଖ ସଦସ୍ୟ ଯୋଗ ଦେଇ ନିଜର ମତ ବ୍ୟକ୍ତ କରିଥିଲେ।

# ଭବାନୀପାଟଣା, ଖରିଆର ରୋଡ ରେଳ ଷ୍ଟେଶନ ସାମିଲ



ଭବାନୀପାଟଣାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।



ନୂଆପଡ଼ାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଭବାନୀପାଟଣା/ ନୂଆପଡ଼ା,୬।୮ (ଉତ୍ତମ କୁମାର ଦାଶ/ ମକାରୁ ବେମାଲ)

**ଅମୃତ ଭାରତ ଷ୍ଟେଶନ ଯୋଜନା**

- ଭବାନୀପାଟଣା ରେଳ ଷ୍ଟେଶନ ପାଇଁ ଖର୍ଚ୍ଚ ହେବ ୨୦.୫୩ କୋଟି
- ଖରିଆର ରୋଡ ରେଳ ଷ୍ଟେଶନ ପାଇଁ ୧୩ କୋଟି ୭୦ ଲକ୍ଷ ଟଙ୍କା

କେନ୍ଦ୍ର ସରକାର ଅମୃତ ଭାରତ ଷ୍ଟେଶନ ଯୋଜନାରେ ରବିବାର କଳାହାଣ୍ଡି ଜିଲା ଭବାନୀପାଟଣା ରେଳ ଷ୍ଟେଶନକୁ ସାମିଲ କରିଛନ୍ତି। ଷ୍ଟେଶନର ପୁନଃନିର୍ମାଣ ସହ ସୌନ୍ଦର୍ଯ୍ୟକରଣ ସକାଶେ ୨୦.୫୩ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରେ ଉନ୍ନତମାନର ଯାତ୍ରୀ ପ୍ରତୀକ୍ଷାଳୟ, ଫୁଟ ବ୍ରିଜ, ଅତ୍ୟାଧୁନିକ ଶୌଚାଳୟ, ଷ୍ଟେଶନର ପ୍ରବେଶ ଦ୍ୱାର ଓ ବାହ୍ୟ ଦ୍ୱାର, ଟ୍ରାଫିକ ପାଇଁ ଉନ୍ନତ ସଞ୍ଚାଳନ କ୍ଷେତ୍ର, ପାର୍କିଂ, ଉଜ୍ଜ୍ୱଳ ଆଲୋକ, ସବୁଜ ଶକ୍ତି ବ୍ୟବହାର କରି ପରିବେଶ ଅନୁକୂଳ ପ୍ଲାଟଫର୍ମ, ଉନ୍ନତମାନର ବିଲ୍ଡିଂ ନିର୍ମାଣ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲରେ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଭବାନୀପାଟଣା ରେଳ ଷ୍ଟେଶନରେ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ଭବାନୀପାଟଣା ବିଧାୟକ ପ୍ରଦୀପ୍ତ ନାଏକ, ପଦ୍ମଶ୍ରୀ ପଚାୟତ ସାହୁଙ୍କ ସମେତ ସମ୍ବଲପୁର ରେଳ ଡିଭିଜନର ଏଡିଆର୍‌ଏମ ଓ ଅନ୍ୟ ରେଳ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

କେନ୍ଦ୍ର ସରକାର ଅମୃତ ଭାରତ ଷ୍ଟେଶନ ଯୋଜନାରେ ରବିବାର ନୂଆପଡ଼ା ଜିଲା ଖରିଆର ରୋଡ ରେଳ ଷ୍ଟେଶନକୁ ସାମିଲ କରିଛନ୍ତି। ଖରିଆର ରୋଡ ରେଳ ଷ୍ଟେଶନ ଉନ୍ନତିକରଣ ପାଇଁ ୧୩ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚ୍ୟୁଆଲ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ରେଳ ଷ୍ଟେଶନ ଉନ୍ନତିକରଣ, ଦିବ୍ୟାଙ୍ଗମାନଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା, ପ୍ଲାଟଫର୍ମକୁ ସଂଯୋଗ କରୁଥିବା ଲିଫ୍ଟ, ଟିକେଟ କାଉଣ୍ଟର, ଯାତ୍ରୀ ପ୍ରତିକ୍ଷାଳୟ, ହାଇଲେବଲ ପ୍ଲାଟଫର୍ମ, ଭିଆଇପି ଲର୍ଜ ନିର୍ମାଣ କରିବା ସହ ୩ଶହ ଯାନବାହନ ରହିବା ପାଇଁ ବ୍ୟବସ୍ଥା କରାଯିବ। ଅମୃତ ଭାରତ ଷ୍ଟେଶନ ଉଦ୍‌ଘାଟନ ସମାରୋହ କାର୍ଯ୍ୟକ୍ରମରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ସୋମନାଥ ଅଗ୍ରୱାଲ, ସୋନିଆ ଜୈନ, ସୁବ୍ରତ ଠାକୁର, ଅଭିନନ୍ଦନ ପଣ୍ଡା ଏବଂ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ଆଞ୍ଚଳିକ ଫୁଟବଲ ଟୁର୍ନାମେଣ୍ଟ: ନୂଆପଡ଼ା ଚାମ୍ପିୟନ



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳି ବୃନ୍ଦ।

ନୂଆପଡ଼ା,୬।୮ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ମିନିଷ୍ଟାଡିୟମରେ ଚାଲିଥିବା ପ୍ରଥମ ଆଞ୍ଚଳିକ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ନୂଆପଡା ଓ ଖରିଆର ରୋଡ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ଖରିଆର ରୋଡକୁ ୧-୦ ଗୋଲ ଦେଇ ନୂଆପଡା ଚାମ୍ପିୟନ ହୋଇଛି। ଉଦ୍‌ଯାପନୀରେ ଜିଲା କ୍ରିକେଟ ଆସୋସିଏଶନ ସଂଘ ସମ୍ପାଦକ ସରୋଜ କୁମାର ସାହୁ (ଭୈରବ) ମୁଖ୍ୟଅତିଥି, ନୂଆପଡା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦାମ, କୋମନା ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ଜିଲା ବିଜୁ ଯୁବ ଜନତା ଦଳ ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ମାଧବ ପ୍ରସାଦ ସାହୁ, ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ, ପଲସିପାଣି ସରପଞ୍ଚ ଗଙ୍ଗାରାମ ମାଝି, ଜଟଗଡ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଠାକୁର ଜଗତ, ମାନିଗୁଡା ସମିତି ସଭ୍ୟ କଷ୍ଟଚନ୍ଦ୍ର ବେମାଲ, ଦର୍ଲିପଡା ସମିତି ସଭ୍ୟ ଦୁର୍ଯ୍ୟୋଧନ ମାଝି, ଗଣ୍ଡାମେର ସମିତି ସଭ୍ୟ କେଶବ ନିଆଲ, ତରବୋଡ ସମିତି ସଭ୍ୟ ଯୁଗଳ ସାହୁ, ନୀଳ ଭୋଇ, ପ୍ରଦୀପ ଦଳପତି, ପରଶରାମ ଅହିର, ସଞ୍ଜୀବ ପାଣିଗ୍ରାହୀ, ଗଦାଧର ଗହିର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରେମୀ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଦଳ ଓ ରନର୍ସଅପ ଦଳକୁ ମୁଖ୍ୟଅତିଥି ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ବଳରାମ ସରାଫ, ଗିରିଶ ଜାନି, ସାମୁଏଲ କଲେଟ, ଟିପୁ ପୋଡ ଖେଳ ପରିଚାଳନା କରିଥିବା ବେଳେ ପ୍ରକାଶ ପାତ୍ର ଧାରାବିବରଣି ଶୁଣାଇ ଥିଲେ। ଅନୁଷ୍ଠାନ ସଭାପତି ଅଜୟ ଗହିର, ସମ୍ପାଦକ ଦୀପାକ ଦଣ୍ଡସେନା, ସହ ସମ୍ପାଦକ ଦୁଷ୍ମନ୍ତ ପୂଝାରୀ ଟୁର୍ନାମେଣ୍ଟ ଆୟୋଜନ କରୁଥିବା ବେଳେ ନିର୍ମଳ ଗହିର, ଅନନ୍ତ ବେମାଲ, ଦେବାସିଷ ଗହିର, ରାହୁଲ ଚିରାଙ୍ଗୁଲ, ବିକ୍ରମ ମହାରଥା, ହେମନ୍ତ ଚିରାଙ୍ଗୁଲ, ବାଞ୍ଛାନିଧି ଗହିର ପ୍ରମୁଖ ସହଯୋଗ କରିଥିଲେ।

### ଆଜିଠୁ କଳାବ୍ୟାଜ୍, ୧୭ରୁ ସମୂହ ଛୁଟିରେ ଯିବେ ପିଇଓ

କୋକସରା,୬।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପଦୋନ୍ନତି ଓ ଦରମା ବୃଦ୍ଧି ଦାବିରେ ଆସନ୍ତା ୭ରୁ କଳାବ୍ୟାଜ୍ ଓ ୧୭ରୁ ସମୂହ ଛୁଟିରେ ରହି ଅସହଯୋଗ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। କୋକସରା ବ୍ଲକ ପିଇଓ ସଂଘ ପକ୍ଷରୁ ସଭାପତି ବିରଞ୍ଚି ଖର୍ସେଲଙ୍କ ନେତୃତ୍ୱରେ ପିଇଓ ଭବିଷ୍ୟ ପଟେଲ, ରୋହିତ ଠାକୁର, ଗୌତମ ନାଗ, ରାଜେନ୍ଦ୍ର ସୋରି, ଗିରିଶ ନାଏକ, ଦୁଷ୍ମନ୍ତ ସୁନାନୀ ପ୍ରମୁଖ ଉପସ୍ଥିତ ରହି ବିଡିଓଙ୍କ ଅନୁପସ୍ଥିତ କାରଣରୁ ମୁଖ୍ୟ କିରାଣି ଅଚ୍ୟୁତାନନ୍ଦ ନାଗଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ପିଇଓ ନିଯୁକ୍ତିରେ ଶିକ୍ଷା ଗତ ଯୋଗ୍ୟତାକୁ ଯୁକ୍ତ ୨ରୁ ଯୁକ୍ତ୩ ବାଧ୍ୟତାମୂଳକ, ଗ୍ରେଡ ପେ ଲେବଲ ୫ରେ ୨୧,୭୦୦ ଟଙ୍କା ଦରମା ରହିଛି ତାକୁ ଗ୍ରେଡ ୯କୁ ବର୍ଦ୍ଧିତ କରି ୩୫,୪୦୦ ଦରମା ବୃଦ୍ଧି, ପିଇଓ ପଦବୀରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ଚାକିରୀ ପରେ ଜିପିଇଓ ପଦୋନ୍ନତି ଭଳି ଦାବି ପ୍ରମୁଖ ରହିଛି।

# କଳାହାଣ୍ଡି ଜିଲା: ଛାତ୍ର ବିଜେଡିର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା

ଭବାନୀପାଟଣା,୬।୮ (ଉତ୍ତମ କୁମାର ଦାଶ)

ରାଜ୍ୟ ଛାତ୍ର ବିଜେଡ଼ି ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ଅନୁମୋଦନକ୍ରମେ ରବିବାର କଳାହାଣ୍ଡି ଜିଲା ଛାତ୍ର ବିଜେଡିର ନୂତନ କର୍ମକର୍ତ୍ତାଙ୍କ ନାମ ଜିଲା ଛାତ୍ର ସଭାପତି ଅଜିତ କୁମାର ସାହୁ ଘୋଷଣା କରିଛନ୍ତି। ନୂତନ ଜିଲା କମିଟିରେ ୫ଟି ବିଧାନସଭା ନର୍ବାଚନମଣ୍ଡଳୀ ପାଇଁ ୫ଜଣଙ୍କୁ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ସଭାପତି ଭାବେ ନୀଳାମ୍ବର ସାହୁ, ଜୁନାଗଡ ନିର୍ବାଚନ ମଣ୍ଡଳୀ ସଭାପତି ଭାବେ ଟୁଟୁ ମଙ୍ଗରାଜ, ନର୍ଲା ନିର୍ବାଚନ ମଣ୍ଡଳୀ ସଭାପତି ଭାବେ ଦେବେନ୍ଦ୍ର ପ୍ରସାଦ କୁମାର, ଧର୍ମଗଡ ନିର୍ବାଚନ ମଣ୍ଡଳୀ ସଭାପତି ଭାବେ ସୁନିଲ ଭଇଁସାଲ ଓ ସୌରଭ ପାତ୍ରଙ୍କୁ ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀର ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଜିଲା କମିଟିରେ ୧୦ଜଣ ଉପସଭାପତି, ୨୦ଜଣ ସାଧାରଣ ସମ୍ପାଦକ, ୨୦ଜଣ ସମ୍ପାଦକ ଏବଂ କିରଣ କୁମାର ପ୍ରଧାନୀଙ୍କୁ ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି। ସେହିଭଳି ଭବାନୀପାଟଣା ଟାଉନ ସଭାପତି ଭାବେ ନବୀନ ନାୟକ, କେସିଙ୍ଗା ଟାଉନ ସଭାପତି ଭାବେ ନେହେରୁ ମାଝି, ଜୁନାଗଡ ଟାଉନ ସଭାପତି ଭାବେ ସମ୍ବିତ ପଣ୍ଡା ଏବଂ ପ୍ରଦୀପ ନାଏକଙ୍କୁ ଧର୍ମଗଡ ଏନଏସି ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଜିଲା କାର୍ଯ୍ୟକାରୀ ସଭାପତି ଦିବ୍ୟଶଙ୍କର ମିଶ୍ର, ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର, ନର୍ଲା ବିଧାୟକ ଭୂପିନ୍ଦର ସିଂ, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିସାରୀ, ଧର୍ମଗଡ ବିଧାୟକ ମୌଶଧୀ ବାଗ, ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ପୂର୍ବତନ ବିଧାୟକ ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ତଥା ରାଜ୍ୟ ଛାତ୍ର ବିଜେଡ଼ି କାର୍ଯକାରୀ ସଭାପତି ଅବିନାଶ ଠାକୁର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ପଲିଥିନ ତଳେ ବିତୁଛି ଜୀବନ

ଭବାନୀପାଟଣା,୬।୮ (ଉତ୍ତମ କୁମାର ଦାଶ)

- ଅସହାୟ ଅବସ୍ଥାରେ ବୃଦ୍ଧ ଦମ୍ପତି
- ୫ ବର୍ଷ ଧରି ଗୃହରକ୍ଷୀ ଥିଲେ
- ଜିଲାପାଳଙ୍କ କାର୍ଯ୍ୟାଳୟରୁ ୧ କି.ମି. ଦୂରର ଦୃଶ୍ୟ



ପଲିଥିନ ତଳେ ବୃଦ୍ଧ ଦମ୍ପତି।

୫ ବର୍ଷ ଧରି ସେ କଳାହାଣ୍ଡି ପୋଲିସରେ ଗୃହରକ୍ଷୀ (ହୋମଗାର୍ଡ) ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ବାପାଙ୍କ ମୃତ୍ୟୁ ଓ ଦେହ ଅସୁସ୍ଥତା ଯୋଗୁ ଗୃହରକ୍ଷୀ ଚାକରି ଛାଡି ଦେଇଥିଲେ। ପରେ ତାଙ୍କ ୨ ଛୋଟ ପୁଅଝିଅ ମଧ୍ୟ ଅଜଣା ରୋଗରେ ଆଖି ବୁଜିଥିଲେ। ବର୍ତ୍ତମାନ ବୃଦ୍ଧବସ୍ଥାରେ ଅସହାୟ ଭାବେ ସ୍ତ୍ରୀଙ୍କୁ ଧରି ପଲିଥିନ ତଳେ ଜୀବନ ବିତାଉଛନ୍ତି। ଏଭଳି ଏକ ଦୁଃଖଦ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ସଦରମହକୁମା ଭବାନୀପାଟଣା ସହରର ପୁରୁଣାପଡାରେ। ତାଙ୍କ ଘରଠୁ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରାୟ ୧ କି.ମି. ମଧ୍ୟରେ ରହିଥିବାବେଳେ ଏହି ଘଟଣା ପ୍ରତି ଜିଲା ପ୍ରଶାସନର ନଜର ନ ପଡିବା ସାଧାରଣରେ ଆଶ୍ଚର୍ଯ୍ୟର ବିଷୟ। ଭବାନୀପାଟଣା ପୁରୁଣାପଡାରେ ରହନ୍ତି ବୃଦ୍ଧ ଆନନ୍ଦ ଜାଲ (୬୪) ଓ ତାଙ୍କ ସ୍ତ୍ରୀ ସାବିତ୍ରୀ (୬୨)। ପୈତୃକ ଅମଳରୁ ସେ ପୁରୁଣାପଡାରେ ରହୁଥିବାବେଳେ ୨୦୦୭ରେ ତାଙ୍କ ମାଟି ଘର ଭାଙ୍ଗିଯାଇଥିଲା। ଘର ପାଇଁ ସେ ସ୍ଥାନୀୟ ପ୍ରଶାସନ ସମେତ ଜିଲା ପ୍ରଶାସନ ପାଖରେ ଅନେକ ଥର ଗୁହାରି କରିଥିଲେ ମଧ୍ୟ ତାଙ୍କ କେହି ଶୁଣି ନ ଥିବା ଅଭିଯୋଗ କରିଛନ୍ତି। ଏକ ପଲିଥିନ ଘର ତିଆରି କରି ସେତେବେଳେଠୁ ଉଭୟ ସେଠାରେ ଅତି କଷ୍ଟରେ ରହିଆସୁଛନ୍ତି। ଦମ୍ପତି କୁଲି ମଜୁରୀ କରି ଚଳୁଥିବାବେଳେ ପ୍ରଶାସନ ପକ୍ଷରୁ ଉଭୟଙ୍କୁ ଭତ୍ତା ଓ ୩୫ କେଜି ଚାଉଳ ପ୍ରଦାନ କରାଯାଉଛି। ଗତ ୧ ତାରିଖଠୁ ୩ ପର୍ଯ୍ୟନ୍ତ ହୋଇଥିବା ଲଗାଣ ବର୍ଷାରେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇଁ ସ୍ଥାନୀୟ ପୌରାଞ୍ଚଳ ପକ୍ଷରୁ ସେତେବେଳଠାରୁ ଦିନକୁ ୨ ଓଳି ରନ୍ଧାଖାଦ୍ୟ ଦିଆଯାଉଥିବା ପ୍ରକାଶ କରିଛନ୍ତି। ହେଲେ ମୁଣ୍ଡ ଗୁଞ୍ଜିବା ପାଇଁ ଘରଟିଏ ପ୍ରଶାସନ ପକ୍ଷରୁ ଏ ଯାବତ ମିଳି ପାରି ନ ଥିବାରୁ ଦମ୍ପତି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ଭବାନୀପାଟଣା ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ନାୟକଙ୍କୁ ପଚାରିବାରୁ ସେମାନଙ୍କୁ ସରକାରୀସ୍ତରରେ କେମିତି ଘରଟିଏ ମିଳିବ ସେ ନେଇଁ ଚେଷ୍ଟା କରିବି ବୋଲି କହିଥିଲେ।

# ପୋଲିସ ତଦନ୍ତ ପ୍ରକ୍ରିୟା ନେଇ ଅସନ୍ତୋଷ

କୋକସରା,୬।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

**ଗ୍ରାହକଙ୍କ ଲକ୍ଷାଧିକ ଟଙ୍କା ପରିଚାଳକ ଫେରାର ଘଟଣା**



ଫେରାର ଅଭିଯୁକ୍ତ ଜଗଦୀଶ ସିଂ।

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଷ୍ଟେଟ ବ୍ୟାଙ୍କ ଅଧୀନରେ ଥିବା ବଡ଼ପୋଡ଼ାଗୁଡ଼ା ଗ୍ରାହକ ସେବାକେନ୍ଦ୍ରର ପରିଚାଳକ ଜଗଦୀଶ ଚନ୍ଦ୍ର ସିଂ ଜମାକାରୀଙ୍କ ଅଜାଣତରେ ଆଧାର ସଂଯୋଗ ଥିବା ଟିପଚିହ୍ନରେ ଜାଲିଆତି କରି ନେଇ ଲକ୍ଷାଧିକ ଟଙ୍କା ନେଇ ଫେରାର ହୋଇଛନ୍ତି। ଏହି ଘଟଣାକୁ ସପ୍ତାହେରୁ ଉର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ପୋଲିସ ପକ୍ଷରୁ ତଦନ୍ତ ପ୍ରକ୍ରିୟାରେ ଶିଥିଳତା ନେଇ ଅଭିଯୋଗକାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୋଲିସର ତଦନ୍ତ ପ୍ରକ୍ରିୟାରେ ଅସନ୍ତୋଷ ପ୍ରକାଶ କରି କୋକସରା ବ୍ଲକ ପ୍ରଶାସନ ନିକଟରେ ମଧ୍ୟ କିଛି ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀ ମଧ୍ୟ ଠକାମୀର ଶିକାର ହୋଇ ଅଭିଯୋଗ କରିଛନ୍ତି। ଜମାକାରୀମାନେ ଆମପାଣି ବ୍ୟାଙ୍କରେ ଶାଖା ପରିଚାଳକଙ୍କୁ ଅଭିଯୋଗ ପରେ ବ୍ୟାଙ୍କ ପକ୍ଷରୁ ଟଙ୍କା ଫେରି ପାଇବା ନେଇ କୌଣସି ପ୍ରତିଶ୍ରୁତି ନ ମିଳିବାରୁ ଜମାକାରୀ ଆମପାଣି ପୋଲିସରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ବିଡ଼ିଓ ଉତ୍ତମ ବାଗଙ୍କ ପ୍ରତିକ୍ରିୟା ନେବାରୁ ଗ୍ରାହକ ସେବାକେନ୍ଦ୍ର ପରିଚାଳକଙ୍କ ନାଁରେ ପ୍ରଶାସନ ପକ୍ଷରୁ ପୋଲିସରେ ଅଭିଯୋଗ କରାଯାଇଛି ବୋଲି କହିଥିଲେ। ଅନେକ ହିତାଧିକାରୀଙ୍କ ଆବାସ ଯୋଜନା, କୃଷି ଋଣ, ଫାଇନାନ୍ସ ଋଣର ଲକ୍ଷାଧିକ ଟଙ୍କା ଉଠାଣ କରି ଫେରାର ଜଗଦୀଶଙ୍କୁ ପୋଲିସ କେବେ ଧରିବାରେ ସଫଳ ହେଉଛି ତାହାକୁ ନେଇ ଟଙ୍କା ହରାଇଥିବା ଜମାକାରୀମାନେ ଅପେକ୍ଷା କରିଛନ୍ତି। ତାଙ୍କ ଟଙ୍କା ଫେରି ପାଇବେ କି ନାହିଁ ସେ ନେଇ ଆଶଙ୍କା ମଧ୍ୟରେ ରହିଛନ୍ତି। ତେବେ ପୋଲିସ ପ୍ରଶାସନ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଶୀଘ୍ର ଫେରାର ଥିବା ଜଗଦୀଶ ଚନ୍ଦ୍ର ସିଂଙ୍କୁ ଧରିବା ସହ ଜମାକାରୀଙ୍କ ଟଙ୍କା କେମିତି ଫେରି ପାଇବେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜମାକାରୀମାନେ ଦାବି କରିଛନ୍ତି।

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**Tender Notice No. TPWODL/AB/O/SU/ 037**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Rate Contract for Supply of LT AB fittings.**

Interested bidders to submit Tender Participation Fee and Authorization Letter through email on or before **14th August 2023, 19:00Hrs,** after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

Prospective bidders are requested to visit the website for detailed amendment and updated tender document.

Sd /- **Chief-Contracts and Stores**

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Superintending Engineer, Barpali Irrigation Division, Barpali**
No.A-406: E-mail Id - ee.barpali.canal@gmail.com
**'e' Procurement Notice No- 03/2023-24**
**BID IDENTIFICATION NO- BID 03 (01 to 03) /2023-24 (ON-LINE) DATED 01.08.2023**

| | | |
|---|---|---|
| 1. Type of the work | : | Improvement to Water Course, Footbridge & building works |
| 2. No of works | : | 03 (Three) Nos. |
| 3. Class of Contractor | : | "D", "C", " B" & "A" |
| 4. Bid identification No | : | BID - 03 (01 to 03) 2023-24 |
| 5. Estimate cost | : | 8.48 Lakhs to 49.61 Lakhs |
| 6. Period of completion | : | As per DTCN. |
| 7. Date and time of availability of bid documents in the portal | : | Dt.14.08.2023 at 11.00 AM to Dt. 28.08.2023 upto 5.00 PM. |
| 8. Last date/ time for receipt of bids in the portal | : | Dt. 28.08 .2023 upto 5.00 PM. |
| 9. Date of opening of Bid | : | Dt. 29.08.2023 at 11.00 AM |
| 10. Date of Lottery | : | To be intimated later on through e-mail |

1. Any addendum/corrigendum/cancellation of tender can also be seen in the said Website.
2. Further details can be seen from Government Website- **http://tenderodisha.gov.in.**

**Sd./- Superintending Engineer**
**Barpali Irrigation Division, Barpali**
OIPR-32413/11/0003/2324

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**M.I. DIVISION, GANJAM NO-I, BERHAMPUR**
**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)**
**(WORLD BANK PROJECT ID: P163533)**
**NATIONAL OPEN COMPETITIVE PROCUREMENT FOR SMALL WORKS**
**Request for Bid (RFB) E-PROCUREMENT NOTICE**
**GOVERNMENT OF ODISHA**
**RFB NO-OIIPCRA-W2-GM-I-02/2023-24**
No.A-409: **No.2434 // M.I.D (GM)-I. BAM. 01.08.2023**

| | | |
|---|---|---|
| Name of Work | : | Modernization works of Minor Irrigation Projects under OIIPCRA in Ganjam District |
| No. of Work | : | 09 (Nine) |
| Estimated Cost of works | : | Varies from Rs 16.83 lakh to Rs 69.96 lakh |
| Cost of Bid Document | : | Free of Cost |
| Time for Completion | : | As per DTCN |
| Date of Pre-Bid Meeting | : | On dt.01.09. 2023 11.30 Hrs. |
| Availability of Bid | : | From 17.08.2023 at 10.00 Hours to 15.09.2023 upto 15.00 Hours in the E-Procurement website (https://www.tendersodisha.gov.in). |
| Last date & time of receipt of bid | : | Upto 15.09.2023, 15.00 Hrs.through online |
| Payment of bid cost / bid security | : | Shall be paid On-line through the E-procurement portal of Govt. of Odisha along with the bid. |
| Date of opening of Technical Bids | : | On dt.15.09.2023 At 15.30 Hours onwards |
| Date of opening of financial bid | : | To be intimated online after off-line evaluation of Technical Bid. |
| Details about the tender | : | Available in web site of www.tendersodisha.gov.in and www.dowrodisha.gov.in. Any Addendum / Corrigendum / Cancellation can also be seen in the said website |
| Name & Address of the OIT | : | Superintending Engineer, M.I. Division, Ganjam-I, Berhampur, Pin-760010 |

**Sd./- Superintending Engineer**
**M.I.Divn., Ganjam-I, Berhampur**
**OIPR-32104/11/0006/2324**

# ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ

## ଓଡିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ସୋନପୁର ଶାଖାର ବୈଠକ

ବିନିକା,୬।୮ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ରବିବାର ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ସୋନପୁର ଶାଖାର ସାଧାରଣ ପରିଷଦ ବୈଠକ ସଂଘର ସଭାପତି ଅଶୋକ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ସଂଘର ପ୍ରାନ୍ତୀୟ ସଭାପତି ପ୍ରବୀର କୁମାର ମେହେର, ସମ୍ମାନିତ ଅତିଥି ଭାବେ ବିପିଏମ ସୁଶାନ୍ତ କୁମାର ଭୋଇ, ବିଏଏମ ଅଜିତ୍ କୁମାର ପାତ୍ର, ବିଡ଼ିଏମ ପ୍ରଫୁଲ୍ଲ କୁମାର ମଲ୍ଲିକ, ଭିବିଡ଼ିଟିଏସ ଅଜିତ୍ କୁମାର ହୋତା ଯୋଗଦେଇ ସଂଗଠନକୁ ସୁଦୃଢ଼ କରି ଭବିଷ୍ୟତରେ ଲକ୍ଷ୍ୟ ହାସଲ କରିବା ପାଇଁ କହିଥିଲେ। କୋଷାଧ୍ୟକ୍ଷ ଜ୍ୟୋତି ବିକାଶ ମିଶ୍ର ବିଗତ ବର୍ଷର ଆର୍ଥିକ ସ୍ଥିତି ବିଷୟରେ ଅବଗତ କରିଥିଲେ। ଶେଷରେ ଉଲୁଣ୍ଡା ବ୍ଲକର ବିପିଏମ ସୁଧାଂଶୁ ଶେଖର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲାର ଶତାଧିକ କର୍ମଚାରୀ ଯୋଗ ଦେଇଥିଲେ।

# ଟଙ୍କା ବଦଳ ନାମରେ ଠକେଇ: ୨ ଅଭିଯୁକ୍ତ ଗିରଫ

ସୋନପୁର,୬।୮ (ମୃତ୍ୟୁଞ୍ଜୟ ଶତପଥୀ)


ଏସ୍‌ପି ଅମରେଶ କୁମାର ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

- ଅଭିଯୁକ୍ତଙ୍କ ଟିଆଇ ପରେଡ୍ କରାଯିବ: ଏସ୍‌ପି
- ପୂର୍ବରୁ ୩ ଅଭିଯୁକ୍ତ ଗିରଫ ହୋଇଥିଲେ
- ୨୦ଲକ୍ଷ ନେଇ ୨୫ ଲକ୍ଷ ଦେବାକୁ ହୋଇଥିଲା ଡିଲ୍
- ନଗଦ ୧୨.୮୮ ଲକ୍ଷ ଟଙ୍କା, ସ୍କର୍ପିଓ ଜବତ

ଟଙ୍କା ବଦଳ ନାମରେ ଲୋକଙ୍କୁ ଠକୁଥିଲେ। ଲକ୍ଷାଧିକ ଟଙ୍କା ନେଇ ଫେରାର ମାରୁଥିଲେ। ଏଭଳି ଏକ ର୍ୟାକେଟ୍‌କୁ ଧରିବାରେ ସୋନପୁର ଟାଉନ ପୋଲିସ ସଫଳ ହୋଇଛି। ଏହି ଟିମ୍‌ର ୩ ଅଭିଯୁକ୍ତଙ୍କୁ ଗତ ୨ ତାରିଖରେ ପୋଲିସ ଗିରଫ କରିଥିଲା। ଶନିବାର ଟିମ୍‌ର ମୁଖ୍ୟ ୨ ଜଣଙ୍କୁ ବ୍ରହ୍ମପୁରରୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୧୨ ଲକ୍ଷ ୮୮ ହଜାର ଟଙ୍କା ଓ ଏକ ସ୍କୋର୍ପିଓ ଜବତ ହୋଇଛି। ଅନ୍ୟ ୨ ଜଣ ଫେରାର ଅଛନ୍ତି। ଏ ସମ୍ପର୍କରେ ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ରବିବାର ସୋନପୁର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୋନପୁର ସହର ଘୋଡାଘାଟପଡା ଅଞ୍ଚଳର ଯୋଗେଶ୍ୱର ବେହେରା(୪୦) ୫୦୦ଟଙ୍କିଆ ନୋଟ ବଦଳରେ ୨୫ପ୍ରତିଶତ ଅଧିକ ୨୦୦୦ଟଙ୍କିଆ ନୋଟ ଦେବା ପାଇଁ ବଡବଜାରର ରାଜେଶ କୁମାର ମେହେରଙ୍କୁ ଜୁନ୍ ୨୪ ତାରିଖରେ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ୨୦ ଲକ୍ଷ ଟଙ୍କା(୫୦୦ ଟଙ୍କିଆ ନୋଟ୍) ଦେଲେ ପ୍ରତି ବଦଳରେ ୨୫ ଲକ୍ଷ ଟଙ୍କା(୨୦୦୦ ଟଙ୍କିଆ ନୋଟ) ନେବେ ବୋଲି ଉଭୟଙ୍କ ମଧ୍ୟରେ ଡିଲ୍ ହୋଇଥିଲା। ରାଜେଶ ୧୨ ଲକ୍ଷ ଟଙ୍କା ଓ ତାଙ୍କ ବନ୍ଧୁ ଭୁବନେଶ୍ୱର ବାଣୀବିହାର ଅଞ୍ଚଳର ମନୋଜ ବ୍ରହ୍ମା(୩୧) ୮ ଲକ୍ଷ ଦେବା ପାଇଁ ରାଜି ହୋଇଥିଲେ। ଯୋଗେଶ୍ୱର ଓ ତାଙ୍କ ସହଯୋଗୀ ତଥା ବରଗଡ ଟାଉନ ଥାନା ଅନ୍ତର୍ଗତ ଗୌରପଡାର ଟଙ୍କଧର ବିଭାର ଓ ବରଗଡ ଟାଉନ ଥାନା ଭିଏସଏସ ନଗର ଅଞ୍ଚଳର ଶିବା ମେହେରଙ୍କ ସହିତ ରାଜେଶ ଓ ମନୋଜଙ୍କ ବୃତାନ୍ତ ଡିଲ୍ ଗତ ଜୁଲାଇ ୩୦ ତାରିଖରେ ସୋନପୁରର ଏକ ହୋଟେଲରେ ହୋଇଥିଲା। ପରେ ଟଙ୍କଧର ଉକ୍ତ ର୍ୟାକେଟ୍‌ର ମୁଖ୍ୟଙ୍କ ସହିତ ଫୋନରେ ଆଲୋଚନା କରିଥିଲେ। ରାଜେଶ ଓ ମନୋଜ ୨୦ ଲକ୍ଷ ଟଙ୍କା ଏକାଠି କରିବା ପରେ ସେମାନଙ୍କ ସହ ଟଙ୍କଧର ମିଶି ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଯାଇଥିଲେ। ଏହି ସମୟରେ ଅନ୍ୟ ଜଣେ ଅଭିଯୁକ୍ତ ସେମାନଙ୍କ ନିକଟକୁ ଆସି ଟଙ୍କା ସବୁ ଗଣିଥିଲେ। ପରେ ଟଙ୍କା ବ୍ୟାଗ୍ ନେଇ ଆଗକୁ ବଢିବା ସହ ଆଗ କୋଠା ନିକଟକୁ ଆସି ୨୫ ଲକ୍ଷ ଟଙ୍କା ନେବାକୁ କହିଥିଲେ। ଏହି ସମୟରେ ଅନ୍ୟ ୩ ଅଭିଯୁକ୍ତ ହଠାତ୍ ଏକ ସ୍କୋର୍ପିଓରେ ଆସି ସାଇରନ ବଜାଇବା ସହ ଭୟର ବାତାବରଣ ସୃଷ୍ଟି କରିଥିଲେ। ଏହାର ସୁଯୋଗରେ ଟଙ୍କା ବ୍ୟାଗ୍ ଧରିଥିବା ଅଭିଯୁକ୍ତ ଦୌଡି ଯାଇ ସ୍କୋର୍ପିଓରେ ବସି ଫେରାର ମାରିଥିଲେ। ଦିନ ଦ୍ୱିପ୍ରହରରେ ଏହି ଘଟଣା ଘଟିଥିଲା। ଏ ସମ୍ପର୍କରେ ରାଜେଶ ଓ ମନୋଜ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୋନପୁର ଥାନାରେ ୧୮୧/୨୩ ମୂଳେ ଏକ ମାମଲା ରୁଜୁ ହୋଇଥିଲା। ଏସ୍‌ପି ଅମରେଶ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋନପୁର ଥାନା ପୋଲିସ ଏହି ଘଟଣାର ତନାଘନା ଚଳାଇଥିଲା। ଗତ ୨ ତାରିଖରେ ପୋଲିସ ଅଭିଯୁକ୍ତ ଯୋଗେଶ୍ୱର, ଟଙ୍କଧର ଓ ଶିବକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଗିରଫ ୩ ଅଭିଯୁକ୍ତଙ୍କ ନିକଟରୁ ସୂଚନା ପାଇବା ପରେ ଗଞ୍ଜାମ ଜିଲା ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ବ୍ରହ୍ମପୁର କମ୍ପୋ ଷ୍ଟ୍ରିଟ୍ ଅଞ୍ଚଳର ତ୍ରିନାଥ ରାଓ(୫୩) ଓ ବ୍ରହ୍ମପୁର ଟାଉନ ଥାନା କସିବୁଗା ଅଞ୍ଚଳର ଏ. ସନ୍ତୋଷଙ୍କୁ ସୋନପୁର ପୋଲିସ ଶନିବାର ଗିରଫ କରିଛି। ତ୍ରିନାଥ ଓ ଏ. ସନ୍ତୋଷଙ୍କ ନିକଟରୁ ଠକେଇ ହୋଇଥିବା ୧୨ ଲକ୍ଷ ୮୮ ହଜାର ଟଙ୍କା, ଠକେଇରେ ବ୍ୟବହୃତ( ସ୍କର୍ପିଓ ନଂ ଓଆର୦୨ବିଡବ୍ଲ୍ୟୁ-୧୦୦୦), ୨ଟି ମୋବାଇଲ ଓ କିଛି କାଗଜପତ୍ର ପୋଲିସ ଜବତ କରିଛି। ଅନ୍ୟ ୨ ଅଭିଯୁକ୍ତଙ୍କୁ ଧରିବା ସହିତ ବାକି ଠକେଇ ଟଙ୍କା ଆଦାୟ ପାଇଁ ପୋଲିସ ତନାଘନା ଜାରି ରଖିଛି। ସେହିଭଳି ଗିରଫ ଅଭିଯୁକ୍ତଙ୍କ ଟିଆଇ ପରେଡ୍ କରାଯିବ ବୋଲି ଏସ୍‌ପି ପଣ୍ଡା ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସୋନପୁର ଏସଡିପିଓ ରାଜ କିଶୋର ମିଶ୍ର ଓ ସୋନପୁର ଆଇଆଇସି ପଦ୍ମାସିନୀ ମେହେର ଉପସ୍ଥିତ ଥିଲେ।

# ଉପଜିଲାପାଳ, ଡିଏସଡବ୍ଲ୍ୟୁଙ୍କ ରିପୋର୍ଟ ପରେ କାର୍ଯ୍ୟାନୁଷ୍ଠାନ

## ଛତୁଆ ପ୍ରସ୍ତୁତ ନ ହୋଇ ବଣ୍ଟନ ଦର୍ଶାଇବା ଘଟଣା

ସୋନପୁର,୬।୮ (ମୃତ୍ୟୁଞ୍ଜୟ ଶତପଥୀ)

ଛତୁଆ ପ୍ରସ୍ତୁତ ନ ହୋଇ ସୁବର୍ଣ୍ଣପୁର ଜିଲାର ୬ଟି ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପରେ ବଣ୍ଟନ ହୋଇଥିବା ଦର୍ଶାଯାଇଛି। ଜୁନ୍ ଓ ଜୁଲାଇ ମାସରେ ଜିଲାର ହିତାଧିକାରୀଙ୍କୁ ଆଦୌ ଛତୁଆ ବଣ୍ଟନ ହୋଇନି। କିନ୍ତୁ ୮ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ବଣ୍ଟନ ହୋଇଥିବା ମିଥ୍ୟାରେ ଦର୍ଶାଯାଇଛି। ଜିଲାର କେତେଜଣ ଅଙ୍ଗନୱାଡି କର୍ମୀ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ଛତୁଆ ପ୍ରଦାନ କରା ଯାଇଥିବା ଭଳି ଭୁଲ ତଥ୍ୟ ସରକାରଙ୍କ ପୋଷଣ ଟ୍ରାକର ପୋର୍ଟାଲରେ ଅପ୍‌ଲୋଡ କରିଛନ୍ତି। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି। ଘଟଣାର ସତ୍ୟତା ସମ୍ପର୍କରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ, ସୋନପୁର ଉପଜିଲାପାଳ ଓ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପଜିଲାପାଳ ଓ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ରିପୋର୍ଟ ପରେ ଜିଲାପାଳ ଯାହା କିଛି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଜଣାପଡିଛି।

ପ୍ରକାଶ ଯେ, ଗହମ ଅଭାବରୁ ସୁବର୍ଣ୍ଣପୁର ଜିଲାର ୬ଟି ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପରେ ଛତୁଆ ପ୍ରସ୍ତୁତ ହୋଇ ପାରି ନ ଥିଲା। ଜିଲାର ଡୁଙ୍ଗୁରିପାଲି ଓ ତରଭା ବ୍ଲକରେ ମେ ମାସରେ ଅଧା ହିତାଧିକାରୀଙ୍କୁ ଛତୁଆ ବଣ୍ଟନ ହୋଇଥିବା ବେଳେ ଜୁନ, ଜୁଲାଇ ଓ ଅଗଷ୍ଟ ମାସରେ ଆଦୌ ବଣ୍ଟନ ହୋଇନି। ସେହିପରି ବିନିକା, ସୋନପୁର, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକରେ ଜୁନ୍, ଜୁଲାଇ ଓ ଅଗଷ୍ଟ ମାସରେ ଛତୁଆ ବଣ୍ଟନ ହୋଇନାହିଁ। ଏବେ ଗହମ ଯୋଗାଣ ହୋଇଛି। ଦିନେ ଦୁଇ ଦିନ ହେବ ଗହମ ଗୁଣ୍ଡ ହୋଇକି ଛତୁଆ ପ୍ରସ୍ତୁତ ଚାଲିଛି। ହିତାଧିକାରୀଙ୍କୁ ଛତୁଆ ପ୍ରଦାନ କରାଯାଇନି। ଅଗଷ୍ଟ ୮ ତାରିଖ ସୁଦ୍ଧା ଜୁଲାଇ ମାସର ଓ ଅଗଷ୍ଟ ୧୨ ତାରିଖ ସୁଦ୍ଧା ମେ ଓ ଜୁନ୍ ମାସର ଛତୁଆ ବଣ୍ଟନ ପାଇଁ ଜିଲା ମଙ୍ଗଳ ଅଧିକାରୀ ସମସ୍ତ ସିଡିପିଓ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ, ଗର୍ଭବତୀ ମହିଳା ଓ ପ୍ରସୂତିଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୋଷଣ ସ୍ୱରୂପ ଏହା ପ୍ରଦାନ କରାଯିବ। ନିରାପଦ ମାତୃତ୍ୱ, ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପାଇଁ ପୋଷଣ ଯୁକ୍ତ ଖାଦ୍ୟ ହିସାବରେ ଛତୁଆ, ସୁଜି, ଅଣ୍ଡା ଓ ଲଡୁ ଆଦି ପ୍ରଦାନ କରାଯାଉଛି। ଜିଲାରେ ୧୫୫୬ ଅଙ୍ଗନୱାଡି କେନ୍ଦ୍ର ରହିଛି।

# ସୁସ୍ଥ ଜୀବନ ସୁସ୍ଥ ଭାରତ କାର୍ଯ୍ୟକ୍ରମ

ବିନିକା,୬।୮ (ରାମ ଗୋପାଳ ବାଘ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସୁବର୍ଣ୍ଣପୁର ଜିଲା ବିନିକାର ଏକ ହୋଟେଲଠାରେ ଶନିବାର ସନ୍ଧ୍ୟାରେ ଭାରତ ସରକାରଙ୍କ ଯୁବ ମନ୍ତ୍ରଣାଳୟ ତରଫରୁ ପ୍ରଜାପିତା ବ୍ରହ୍ମକୁମାରୀ ବିନିକା ଶାଖା ସେବା କେନ୍ଦ୍ରର ଆୟୋଜନରେ ସୁସ୍ଥ ଜୀବନ ସୁସ୍ଥ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେବା କେନ୍ଦ୍ରର ଭଉଣୀ ସତ୍ୟଭାମାଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ୟୁପିଏମୟାଏମ ରାଜ୍ୟ ସଭାପତି ପରାଗ ଅଗ୍ରୱାଲ, ସମ୍ମାନିତ ଅତିଥି ଓଡ଼ିଶା ନାଟକ ଏକାଡେମୀ ସଦସ୍ୟ ଶାଶତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜସ୍ଥାନ ନିବାସୀ ବି କେ ଡ଼ ଗୀତା ଦିଦି ଜୀ ଯୋଗଦେଇ ସୁସ୍ଥ ଜୀବନ ସୁସ୍ଥ ଭାରତ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଚାଳିକା ସ୍ନେହା ଭଉଣୀ, ଜୟଶ୍ରୀ ଭଉଣୀ, ନିଖିତା ଭଉଣୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିନିକା ସମେତ ଆଖ ପାଖର ସମସ୍ତ ସଦସ୍ୟା ସଦସ୍ୟ ଯୋଗ ଦେଇଥିଲେ।

# ବିଦ୍ୟାଳୟକୁ ଯିବା ରାସ୍ତାରେ ମାଟି ପକାଇଲେ ଛାତ୍ର

## ନିଜ ପାଇଁ ନିଜେ

ବୌଦ୍ଧ,୬।୮ (ଅଜିତ୍ କୁମାର ବାରିକ)

ସ୍କୁଲକୁ ଯିବା ରାସ୍ତାରେ ଅସରାଏ ବର୍ଷା ହେଲେ ଦିନ ଦିନ ଧରି ପାଣି ଜମେ। ପାଣି କାଦୁଅରେ ପଶି ଯିବାକୁ ପଡେ। ଏ ନେଇ ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲା ନାହିଁ। ଶେଷରେ ରବିବାର ବିଦ୍ୟାଳୟର କେତେଜଣ ଛାତ୍ର ଏହି ସମସ୍ୟା ଦୂର ପାଇଁ ନିଜେ ଅଣ୍ଟା ଭିଡିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅଧୀନ ସୁରୁଣ୍ଡି ଗ୍ରାମରେ। ଏହି ଗ୍ରାମରେ ଥିବା ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। କିନ୍ତୁ ଗ୍ରାମଠାରୁ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଅବସ୍ଥା ବର୍ଷା ଦିନେ କହିଲେ ନ ସରେ । ବର୍ଷା ହେଲେ ମଝିରେ ମଝିରେ ପାଣି ଜମି ରହୁଛି। ଛୋଟ ଛୋଟ ପିଲାମାନେ ଏହି ରାସ୍ତାରେ ବିଦ୍ୟାଳୟ ଯିବାକୁ ଅମଙ୍ଗ ହେଉଛନ୍ତି। ଯେଉଁ ଛାତ୍ରୀଛାତ୍ର ଯାଉଛନ୍ତି ସେମାନେ ବହୁ ଅସୁବିଧା ଭୋଗୁଛନ୍ତି। ପ୍ରବଳ ବର୍ଷା ହେଲେ ବିଦ୍ୟାଳୟ ଏକପ୍ରକାର ଛାତ୍ରୀଛାତ୍ର ଶୂନ୍ୟ ହୋଇଯାଉଛି । ଶେଷରେ ପିଲାମାନେ ନିଜ ଅସୁବିଧା ଦୂର କରିବାକୁ ଗ୍ରାମବାସୀଙ୍କ ସହାୟତାରେ ରାସ୍ତା କାମ କରିଛନ୍ତି। ରବିବାର ବିଦ୍ୟାଳୟ ଛୁଟି ଥିବାରୁ ଉକ୍ତ ରାସ୍ତାର ଖାଲ ହୋଇଥିବା ସ୍ଥାନରେ ଛୋଟ ଛୋଟ ପଥର ପକାଇବା ସହିତ ମାଟି ପକାଇ ସମତଳ କରିବା ଦେଖିବାକୁ ମିଳିଛି। ଛାତ୍ରଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି।


ବିଦ୍ୟାଳୟକୁ ଯିବା ରାସ୍ତାରେ ଛାତ୍ରମାନେ ମାଟି ପକାଉଛନ୍ତି।

## ସୁବଳୟା କସ୍ତୁରବା ଆବାସିକ ବିଦ୍ୟାଳୟ

# ବାହାରୁ ପାଣି ବୋହୁଛନ୍ତି ଅନ୍ତେବାସୀ


ସୁବଳୟା କସ୍ତୁରବା ଆବାସିକ ବିଦ୍ୟାଳୟର ଅନ୍ତେବାସୀମାନେ ବାହାରୁ ପାଣି ଆଣୁଛନ୍ତି।

ଅମରପାଲି,୬।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାରେ ଥିବା କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟରେ ଛାତ୍ରୀମାନେ ହଷ୍ଟେଲ ବାହାରୁ ପାଣି ବୋହୁଥିବା ଦେଖିବାକୁ ମିଳୁଛି। ସନ୍ଧ୍ୟା ୬ଟା ପରେ ବାହାରୁ ଛାତ୍ରୀମାନେ ପାଣି ଆଣିବା ଘଟଣାକୁ ସାଧାରଣରେ ନିନ୍ଦା କାରାଯାଉଛି। ପ୍ରକାଶ ଯେ, କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟରେ ସମୁଦାୟ ୧୫୦ଜଣ ଛାତ୍ରୀ ରହିବାର କ୍ଷମତା ଥିବା ବେଳେ ଏବେ ପ୍ରାୟ ୧୩୩ ଜଣ ହଷ୍ଟେଲରେ ରହୁଛନ୍ତି। ଶନିବାର ସନ୍ଧ୍ୟା ବେଳେ ହଷ୍ଟେଲର ଛାତ୍ରୀମାନେ ବାଲ୍‌ଟି ଧରି ସ୍କୁଲ ପରିସର ବାହାରକୁ ଯାଇ ପାଣି ବୋହି ନେବାର ଦେଖିବାକୁ ମିଳିଥିଲା। ଅନ୍ତେବାସୀଙ୍କୁ ବାହାରକୁ ଆସିବାର ନିୟମ ନ ଥିବା ବେଳେ ଜନଗହଳିପୂର୍ଣ୍ଣ ଛକ ଦେଇ ରାସ୍ତା ପାରି ହୋଇ ଅନ୍ୟ ଜାଗାରୁ ପାଣି ଆଣିବାକୁ ବାଧ କରାଯାଇଥିଲା। ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ସରକାର କଠୋର ନିୟମ କରିଥିବା ବେଳେ ଏଠାରେ ତାର ଉଲ୍ଲଂଘନ କରାଯାଉଛି। ଏନେଇ ଆବାସିକ ବିଦ୍ୟାଳୟ ଅଧକ୍ଷା ଯାଜ୍ଞସେନୀ ବେହେରାଙ୍କୁ ପଚରାଯିବାରେ ଆମ ହଷ୍ଟେଲ ପରିସରରେ ଥିବା ୨ଟି ଯାକ ବୋରିଂର ମେଶିନ ଖରାପ ଥିଲା। ଏହାସହିତ ପଞ୍ଚାୟତ ତରଫରୁ ସୁବଳୟା ସହରରେ ପିଇବା ପାଣି ଯୋଗାଣ ମଧ ବିଦ୍ୟୁତ୍‌ଜନିତ ସମସ୍ୟା ନେଇ ବନ୍ଦ ଥିଲା। ହଷ୍ଟେଲକୁ ପାଣି ଆଣିବାକୁ ଆମେ ଟ୍ୟାଙ୍କର ବ୍ୟନସ୍ଥା କରିଥିଲୁ। ଏକ କାମରେ ହଷ୍ଟେଲରୁ ବାହାରକୁ ଆସିଥିବା ସମୟରେ ଟ୍ୟାଙ୍କରକୁ ଅପେକ୍ଷା ନ କରି ଦାୟିତ୍ୱରେ ଥିବା କର୍ମଚାରୀ ଛାତ୍ରୀମାନଙ୍କୁ ପାଣି ଆଣିବାକୁ କହିଥିବା ଜାଣିବାକୁ ପାଇଥିଲି। ଉକ୍ତ ଘଟଣାକୁ ନେଇ ଅଭିଭାବକ ଓ ବୁଦ୍ଧିଜିବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ତଦନ୍ତ କରି କର୍ତ୍ତବ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।


TPWODL

TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

NOTICE INVITING TENDER

Tender Notice No. TPWODL/AB/O/SU/ 037

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

Rate Contract for Supply of LT AB fittings.

Interested bidders to submit Tender Participation Fee and Authorization Letter through email on or before 14th August 2023, 19:00Hrs, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website www.tpwesternodisha.com. Further details for participating in tender is given in the tender document.

Prospective bidders are requested to visit the website for detailed amendment and updated tender document.

Sd /- Chief-Contracts and Stores



GOVERNMENT OF ODISHA
DEPARTMENT OF WATER RESOURCES
Office of the Superintending Engineer,
Barpali Irrigation Division, Barpali

No.A-406: E-mail Id - ee.barpali.canal@gmail.com

'e' Procurement Notice No- 03/2023-24

BID IDENTIFICATION NO- BID 03 (01 to 03) /2023-24 (ON-LINE)
DATED 01.08.2023

| | | |
|---|---|---|
| 1. | Type of the work | : Improvement to Water Course, Footbridge & building works |
| 2. | No of works | : 03 (Three) Nos. |
| 3. | Class of Contractor | : "D", "C", " B" & "A" |
| 4. | Bid identification No | : BID - 03 (01 to 03) 2023-24 |
| 5. | Estimate cost | : 8.48 Lakhs to 49.61 Lakhs |
| 6. | Period of completion | : As per DTCN. |
| 7. | Date and time of availability of bid documents in the portal | : Dt.14.08.2023 at 11.00 AM to Dt. 28.08.2023 upto 5.00 PM. |
| 8. | Last date/ time for receipt of bids in the portal | : Dt. 28.08 .2023 upto 5.00 PM. |
| 9. | Date of opening of Bid | : Dt. 29.08.2023 at 11.00 AM |
| 10. | Date of Lottery | : To be intimated later on through e-mail |

1. Any addendum/corrigendum/cancellation of tender can also be seen in the said Website.
2. Further details can be seen from Government Website- http://tenderodisha.gov.in.

Sd./- Superintending Engineer
Barpali Irrigation Division, Barpali
OIPR-32413/11/0003/2324


# ଲଗାଣ ବର୍ଷା ବିତ୍ପାତ: ଭାଙ୍ଗିଛି ଶତାଧିକ କଚ୍ଚା ଘର

## ବୀରମହାରାଜପୁର ବ୍ଲକ

- କ୍ଷତିପୂରଣ ସହ ଆବାସ ଯୋଜନାରେ ସାମିଲ ଦାବି
- କ୍ଷୟକ୍ଷତି ଆକଳନ କରାଯାଉଛି: ତହସିଲଦାର

ଅମରପାଲି,୬।୮ (ପୀତାମ୍ବର ସାହୁ)

ନିକଟରେ ହୋଇଥିବା ଲଗାଣ ବର୍ଷା ପ୍ରଭାବରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ରାସ୍ତାଘାଟ ଧୋଇ ହୋଇଯିବା ସହିତ ପୋଲ ଓ ଆପ୍ରୋଚ ରାସ୍ତା ମଧ୍ୟ ଭାଙ୍ଗିଯାଇଛି। ବର୍ଷା ପ୍ରଭାବରେ ସବୁଠୁ ବେଶୀ ପ୍ରଭାବିତ ହୋଇଛନ୍ତି ଗରିବ ଶ୍ରେଣୀର ଲୋକେ। ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ଶତାଧିକ କଚ୍ଚାଘର ଭାଙ୍ଗି ଯାଇଛି। ଲୋକେ ଏବେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ଲୋକଙ୍କ ଘରର ମାଟି କାନ୍ଥ ଭାଙ୍ଗି ଯାଇଥିବା ବେଳେ କେତେଜଣଙ୍କ ଘର ଭୁସୁଡି ପଡିଛି। ବର୍ଷା ସମୟରେ ଘର ଭାଙ୍ଗି ଯିବାରୁ କେତେକ ନିଜ ନିଜ ଗାଁ ସ୍କୁଲରେ ଆଶ୍ରୟ ନେଇଥିଲେ। ବ୍ଲକର ଖଣ୍ଡହତା ପଞ୍ଚାୟତ ଅଧୀନ ରାମ୍ପିପାଲି ଗ୍ରାମର ନାରାୟଣ ବାଙ୍କ, ଚୈତନ୍ୟ ବାଙ୍କ, ସମାରୁ ନାଏକ, ଦିଗଦହନ ବାଙ୍କ, ଗୌରମଣି ବାରିକ, ରାଧେଶ୍ୟାମ ବାରିକ, ମୁରଲି ରାଜହଂସ, ଶଙ୍କର ବାରିକ, ପଞ୍ଚାନନ ବିଶ୍ୱାଳ, ବିଶି ବିଶ୍ୱାଳ , ବହଳପଦର ପଞ୍ଚାୟତ ଅମରପାଲି ଗ୍ରାମର ରିଙ୍କୁ ସାହୁ, ମୋହନ ପଧାନ, ବିହାରୀ ଦେହୁରୀ, ବଳଭଦ୍ର ରଣା, ସ୍ନେହଲତା ଭୁଇ, ବହଳପଦର ଗ୍ରାମର ପଞ୍ଚାନନ ହୋତା, ମଙ୍ଗଳ ଭୁଇ, ଗୌଡଗାଡର ରଘୁ ବସ୍ତିଆ, ବିଶାଳପାଲିର ଅମ୍ବିକା ସାହୁ, କେନ୍ଝିରିଆପାଲି ଗ୍ରାମର ତରଣୀସେନ ନାଏକ, ତେଲିପାଲିର ଗୀତା ଗୁରୁଙ୍କ ଘର ଭାଙ୍ଗିଯାଇଛି। ସେହିପରି ହିଲୁଙ୍ଗ ଗ୍ରାମର ଅମିତ ବାଦୀ, ଲୁତୁରପଙ୍କ ଗ୍ରାମର ସୁଜିତ ମହାକୁର, ଭଲିଆପଦର ଗ୍ରାମର ଶମ୍ଭୁ ଖୁରା, ଚୌହାନପୁର ଗ୍ରାମର ଗିରିଧାରୀ ପଧାନ, ଦୁରଦୁରାର ଚତରୁ ନାଏକ, ବିକଳପୁର ଗ୍ରାମର ଭୂମିସୁତା ନାଏକ, କମିରାର ଜଳତା ବାଦୀ, ଜଗଡା ମହାନନ୍ଦ, ଜଗତ ବାଦୀ, ବେଦମତୀ ବାଦୀ, ପୁଲେଶ୍ୱର ଗ୍ରାମର ବୃନ୍ଦାବନ ଭୋଇ, ସତ୍ୟ ଭୋଇ, ବାରଝୁଲା ଗ୍ରାମର ସନ୍ତୋଷ ନାଏକ, ପଦ୍ମନାଭ ନାଏକ, ଅଚଣ୍ଡାର ଲାଲା ନାଏକ, ବରଘାଟ ଦାଦରର ନନ୍ଦି ମହାକୁର, କୁଞ୍ଜାପାଲିର ମଧୁ ଜଗଦଲା, କୁହିଦାଦର ର ମଗସିର ମାହାର, ରିଝେଇଦାଦରର ମୀନ ଦେହେରୀ , ସାଗଯୋରୀ ଗ୍ରାମର ରାଜନ ମୁଣ୍ଡା ଆଦିଙ୍କ ଘର ଭାଙ୍ଗିଯାଇଛି। ଘର ନ ଥିବାରୁ ଉକ୍ତ ପରିବାର ହନ୍ତସନ୍ତ ହେଉଛନ୍ତି। ଅନେକ ଗାଈ ଗୁହାଳ ଓ ଛେଳି ଗୁହାଳ ମଧ ଭାଙ୍ଗିଯାଇଛି। ବିଭାଗ ତରଫରୁ ତୁରନ୍ତ ତଦନ୍ତ କରି କ୍ଷତିପୂରଣ ଦେବା ସହିତ ପଲିଥିନ ଯୋଗାଇ ଦେବାକୁ ଦାବି ହେଉଛି। ଘର ଭାଙ୍ଗିଥିବା ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ସହିତ ଭାଙ୍ଗିଥିବା ଗୁହାଳ ପାଇଁ ମୋ ଗୁହାଳ ଯୋଜନାରେ ସାମିଲ କରିବାକୁ ଦାବି ହେଉଛି। ଏନେଇ ବୀରମହାରାଜପୁର ତହସିଲଦାର ବିବୁଧ ଗଡନାୟକଙ୍କୁ ପଚାରିବାରେ ରାଜସ୍ୱ ନିରୀକ୍ଷକମାନେ ଗାଁ ଗାଁ ଯାଇ ଘରଭଙ୍ଗା ନେଇ ତଦନ୍ତ କରି କ୍ଷୟକ୍ଷତି ଆକଳନ କରୁଛନ୍ତି। ଏବେ କ୍ଷତିଗ୍ରସ୍ତ ପରିବାରଙ୍କୁ ପଲିଥିନ ଦିଆଯାଉଛି। କ୍ଷୟକ୍ଷତି ଆକଳନ ପରେ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।


ହିଲୁଙ୍ଗ ଗ୍ରାମର ଅମିତ ବାଦୀଙ୍କ ଘର ଭାଙ୍ଗିଯାଇଛି।


GOVERNMENT OF ODISHA
OFFICE OF THE SUPERINTENDING ENGINEER
M.I. DIVISION, GANJAM NO-I, BERHAMPUR
ODISHA INTEGRATED IRRIGATION PROJECT
FOR CLIMATE RESILIENT AGRICULTURE (OIIPCRA)
(WORLD BANK PROJECT ID: P163533)
NATIONAL OPEN COMPETITIVE PROCUREMENT
FOR SMALL WORKS
Request for Bid (RFB) E-PROCUREMENT NOTICE
GOVERNMENT OF ODISHA
RFB NO-OIIPCRA-W2-GM-I-02/2023-24
No.A-409: No.2434 // M.I.D (GM)-I. BAM. 01.08.2023

| | | |
|---|---|---|
| Name of Work | : | Modernization works of Minor Irrigation Projects under OIIPCRA in Ganjam District |
| No. of Work | : | 09 (Nine) |
| Estimated Cost of works | : | Varies from Rs 16.83 lakh to Rs 69.96 lakh |
| Cost of Bid Document | : | Free of Cost |
| Time for Completion | : | As per DTCN |
| Date of Pre-Bid Meeting | : | On dt.01.09. 2023 11.30 Hrs. |
| Availability of Bid | : | From 17.08.2023 at 10.00 Hours to 15.09.2023 upto 15.00 Hours in the E-Procurement website (https://www.tendersodisha.gov.in). |
| Last date & time of receipt of bid | : | Upto 15.09.2023, 15.00 Hrs.through online |
| Payment of bid cost / bid security | : | Shall be paid On-line through the E-procurement portal of Govt. of Odisha along with the bid. |
| Date of opening of Technical Bids | : | On dt.15.09.2023 At 15.30 Hours onwards |
| Date of opening of financial bid | : | To be intimated online after off-line evaluation of Technical Bid. |
| Details about the tender | : | Available in web site of www.tendersodisha.gov.in and www.dowrodisha.gov.in. Any Addendum / Corrigendum / Cancellation can also be seen in the said website |
| Name & Address of the OIT | : | Superintending Engineer, M.I. Division, Ganjam-I, Berhampur, Pin-760010 |

Sd./- Superintending Engineer
M.I.Divn., Ganjam-I, Berhampur
OIPR-32104/11/0006/2324

## ସଂକ୍ଷେପରେ

### ହାତୀ ଆକ୍ରମଣରେ ମହିଳା ମୃତ

ଟେନ୍‌ସା,୬।୮ (ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡ଼ା ଫରେଷ୍ଟ ରେଞ୍ଜରେ ପୁଣି ହାତୀ ଆତଙ୍କ। ପାଟମୁଣ୍ଡା ପଞ୍ଚାୟତ କଦମଡିହି ନିକଟସ୍ଥ ନାଳିଆଡିହିଠାରେ ହାତୀ ଆକ୍ରମଣରେ ଶନିବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ସୁମିତା ମୁଣ୍ଡା। ଖବର ପାଇ ବନବିଭାଗ ଓ କୋଇଡା ପୋଲିସ ରବିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଖବର ଲେଖାହେବା ସୁଦ୍ଧା(୬.୩୦) ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ସୂଚନାଯୋଗ୍ୟ, ସୁମିତା କୋଇଡା ସାପ୍ତାହିକ ହାଟରୁ ସନ୍ଧ୍ୟାରେ ଫେରୁଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ମିଶାଇ ମାସକ ଭିତରେ ହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ଘଟିଛି।

### ନାଳରେ ବୁଡ଼ି ଯୁବକ ମୃତ

ଲହୁଣୀପଡା,୬।୮ (ଦାଶରଥି ପଣ୍ଡା)

କେନାଲକୁ ଶୌଚ ପାଇଁ ଯାଇଥିବା ବେଳେ ନାଳରେ ବୁଡି ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ବିମଳାଗଡ଼ ପଞ୍ଚାୟତ କମାର ପୋଷ ମୁଣ୍ଡା ସାହିର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ବାଗୁନ ମୁଣ୍ଡା(୨୬)। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ବାଗୁନ ରବିବାର ସନ୍ଧ୍ୟା ସମୟରେ ନିକଟସ୍ଥ ନାଳକୁ ଶୌଚ ପାଇଁ ଯାଇଥିଲେ। ହଠାତ୍ ଗୋଡ ଖସିଯିବାରୁ ନାଳରେ ବୁଡ଼ିଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ହେଁ ପାଇ ନଥିଲେ। ଏନେଇ ପୋଲିସକୁ ସୂଚନା ଦେଇଥିଲେ।

### ବଦଳିଲେ ୩ ଥାନାଧିକାରୀ

କୁଆଁରମୁଣ୍ଡା,୬।୮ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା ଓଡିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ବୀରମିତ୍ରପୁର ପୋଲିସ ଉପଖଣ୍ଡର ବୀରମିତ୍ରପୁର, ରାଏବୋଗା ଓ ହାତୀବାରି ଥାନାର ଥାନାଧିକାରୀଙ୍କୁ ସୁନ୍ଦରଗଡ଼ ଜିଲାରୁ ଗଞ୍ଜାମ, ନୂଆପଡ଼ା ଓ ଢେଙ୍କାନାଳ ଜିଲାକୁ ବଦଳି କରାଯାଇଛି। ମଞ୍ଜରୀ ନାଏକ ଏହା ପୂର୍ବରୁ ବୀରମିତ୍ରପୁର, ସୂର୍ଯ୍ୟକାନ୍ତ ଦାଶ ରାଏବୋଗା ଓ ବୀର କିଶୋର ମଲ୍ଲିକ ହାତୀବାରି ଥାନାଧିକାରୀଭାବେ କାର୍ଯ୍ୟ କରୁଥିଲେ। ଖୁବ ଶୀଘ୍ର ସେମାନଙ୍କ ସ୍ଥାନରେ ନୂତନ ଥାନାଧିକାରୀ ଯୋଗ ଦେବେ ବୋଲି ଜଣାପଡିଛି ।

### ଛତିଶଗଡ଼ ପୋଲିସ କବ୍‌ଜାରେ ୬ ଲୁଟେରା
#### ବିଲେଇମୁଣ୍ଡା ଡକାୟତି ଘଟଣା

ହେମଗିର,୬।୮ (ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ବିଲେଇମୁଣ୍ଡାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଏବଂ ବର୍ତ୍ତମାନର ବିଜେଡି ଜିଲା କୃଷକ ମୋର୍ଚ୍ଚା ସଭାପତି ଗୋପାଳ ପ୍ରଧାନଙ୍କ ବାସଭବନରେ ସଶସ୍ତ୍ର ଡକାୟତି ଘଟଣାରେ ଛତିଶଗଡ଼ ପୋଲିସ ରାଞ୍ଚିରୁ ୬ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଧରି ପଚରା କରୁଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଗୁରୁବାର ରାତିରେ ୫ ଜଣ ଡକାୟତ ଗୋପାଳଙ୍କ ଘର ପଛପଟ ଦେଇ ପଶିବା ସହ ଘରେ ଥିବା ସମସ୍ତ ସଦସ୍ୟଙ୍କୁ ବାନ୍ଧି ସୁନା,ରୂପା, ଟଙ୍କା, ଲାଇସେନ୍ସ ପ୍ରାପ୍ତ ବନ୍ଧୁକ ଓ ଜାଇଲୋ ଗାଡିକୁ ଲୁଟ୍ କରି ଫେରାର ହୋଇଯାଇଥିଲେ। ଏନେଇ ହେମଗିର ଥାନାରେ ଅଭିଯୋଗ ହୋଇଥିଲା।

### ଆଜିଠୁ କଲାବ୍ୟାଜ୍, ୧୭ରୁ ସମୂହ ଛୁଟିରେ ଯିବେ ପିଇଓ

କୋକସରା,୬।୮ (ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପଦୋନ୍ନତି ଓ ଦରମା ବୃଦ୍ଧି ଦାବିରେ ଆସନ୍ତା ୭ରୁ କଲାବ୍ୟାଜ୍ ଓ ୧୭ରୁ ସମୂହ ଛୁଟିରେ ରହି ଅସହଯୋଗ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। କୋକସରା ବ୍ଲକ ପିଇଓ ସଂଘ ପକ୍ଷରୁ ସଭାପତି ବିରଞ୍ଚି ଖର୍ସେଲଙ୍କ ନେତୃତ୍ୱରେ ପିଇଓ ଭବିଷ୍ୟ ପଟେଲ, ରୋହିତ ଠାକୁର, ଗୌତମ ନାଗ, ରାଜେନ୍ଦ୍ର ସୋରି, ଗିରିଶ ନାଏକ, ଦୁଷ୍ମନ୍ତ ସୁନାନୀ ପ୍ରମୁଖ ଉପସ୍ଥିତ ରହି ବିଡିଓଙ୍କ ଅନୁପସ୍ଥିତ କାରଣରୁ ମୁଖ୍ୟ କିରାଣି ଅଚ୍ୟୁତାନନ୍ଦ ନାଗଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି।

# ରାଜଗାଙ୍ଗପୁର ଷ୍ଟେଶନକୁ ଅମ୍ରିତ ଭାରତ ମାନ୍ୟତା

ରାଜଗାଙ୍ଗପୁର,୬।୮ (ଅଶୋକ ପାଣି)

- ଭିସି ମାଧମରେ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ
- ନବୀକରଣ ପାଇଁ ଖର୍ଚ୍ଚ ହେବ ୩୦ କୋଟି

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ରେଳ ଷ୍ଟେସନ ଅମ୍ରିତ ଭାରତ ଷ୍ଟେସନରେ ଅନ୍ତର୍ଭୁକ୍ତ ହୋଇଛି। ଷ୍ଟେସନ ନବୀକରଣ ପାଇଁ କେନ୍ଦ୍ର ସରକାର ୩୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହି ଉପଲକ୍ଷେ ରାଜଗାଙ୍ଗପୁର ଫୁଟବଲ ଖେଳ ପଡିଆରେ ଏକ ସଭାକାର୍ଯ୍ୟ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ଜିଲା ସାଂସଦ ଜୁଏଲ ଓରାମ ଯୋଗଦେଇ ସଭାକାର୍ଯ୍ୟକୁ ଉଦ୍‌ଘାଟନ କରିଥିଲେ। ନିଜର ବକ୍ତବ୍ୟରେ କହିଥିଲେ, ରାଜଗାଙ୍ଗପୁରବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ମୋଦି ସରକାର ପୂରା କରିଛନ୍ତି। ଷ୍ଟେସନର ନବୀକରଣରେ ଫୁଟ ଓଭରବ୍ରିଜ ରହିବା ସହିତ ଭେଣ୍ଡିଙ୍ଗ ଜୋନ, ସୁଗମ ପଥ, ବିଭିନ୍ନ ଗାଡି ପାଇଁ ପାର୍କିଂ ବ୍ୟବସ୍ଥା, ପାସେଞ୍ଜରଙ୍କ ପାଇଁ ବିଭିନ୍ନ ସୁବିଧା ଇତ୍ୟାଦି ରହିବ। ଯାହାକି ବେଙ୍ଗାଲୁରୁ, ଅହମଦାବାଦ ଭଳି ରେଳ ଷ୍ଟେସନରେ ରହିଛି। ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନି ଶଙ୍କର ଭୋଇ, ରାଜଗାଙ୍ଗପୁର ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ରେଳବାଇ ସିଇଓ ଉତପଲ ଦାସ, ରେଳବାଇ ବରିଷ୍ଠ ସିଇଓ ଗଜରାଜ ସିଂ ଚରଣ, ରେଳବାଇ ବରିଷ୍ଠ ଉନ୍ନୟନ ଯନ୍ତ୍ରୀ (ପଶ୍ଚିମ) ସୋଏବ ଅନୱର ଅଲ୍ଲି, ରେଳବାଇ ଏଆର୍‌ଏମ୍ ଆର୍.କେ. ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରେଳବାଇ ଦ୍ୱାରା ରାଜଗାଙ୍ଗପୁର ଇଂରାଜୀ ବିଦ୍ୟାଳୟରେ କରାଯାଇଥିବା ରଚନା, ବକ୍ତୃତା ତଥା ଡ୍ରଇଁ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏଥିସହ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ମଧ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିସି ମାଧମରେ ରେଳ ଷ୍ଟେସନର ନବୀକରଣ ପାଇଁ ଶିଳାନ୍ୟାସ କରିଥିଲେ ଓ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଚକ୍ରଧରପୁର ରେଳ ଡିଭିଜନର ବରିଷ୍ଠ ନରସିଂ ସୁପରିଣ୍ଟେଣ୍ଡେଣ୍ଟ କାମିନୀ ସିଂ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ଟାଉନ ବିଧାୟକ ପ୍ରତିନିଧି ଦିପୁ ବିନୋଦ, ରାଜଗାଙ୍ଗପୁର ଝରଝରା ମହୋତ୍ସବ କମିଟି ଅଧ୍ୟକ୍ଷ ମୋହନ ଅଗ୍ରୱାଲ ଓ ସଂପାଦକ ଅଶୋକ ଦାସ, ବରିଷ୍ଠ ଭାଜପା ନେତା ଉପେନ୍ଦ୍ର ପ୍ରଧାନ, ମହେନ୍ଦ୍ର ମାଝି, ମଧୁସ୍ମିତା ରାଉତଙ୍କ ସହ ବହୁ ମାନ୍ୟଗଣ୍ୟ ପଦାଧିକାରୀ ଓ ସାଧାରଣ ଲୋକେ ଉପସ୍ଥିତ ଥିଲେ।


ଜୁଏଲ ଓରାମ ଓ ଅନ୍ୟମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଲହୁଣୀପଡ଼ା,୬।୮ (ଦାଶରଥିପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକର ବିଭିନ୍ନ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକଙ୍କ ୩ ଦଫା ଦାବି ପୂରଣ ନିମନ୍ତେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ବଙ୍କିରାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ତତ୍କାଳୀନ ମୁଖ୍ୟ ସଚିବଙ୍କ ପତ୍ର ସଂଖ୍ୟା ସିଏସ୍। ଏସ୍ ୩୦।୧୧।୨୨ ଅନୁଯାୟୀ ଶିକ୍ଷକ ପ୍ରତିନିଧିଙ୍କ ସହ ଆଲୋଚନା କରି ଦାବି ଗୁଡିକ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଇତି ମଧ୍ୟରେ ଅନେକ ଦିନ ବିତି ଯାଇଥିଲେ ମଧ୍ୟ ସେ ଦାବି ଗୁଡିକ ଆଜି ପର୍ଯ୍ୟନ୍ତ ପୂରଣ ହୋଇ ପାରିଲା ନାହିଁ। ଫଳରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମହଲରେ ଅସନ୍ତୋଷ ଦେଖା ଦେଇଛି। ଯଦି ଏହି ଦାବି ଗୁଡ଼ିକ ପୂରଣ ନ ହୁଏ ଅଗଷ୍ଟ ୧୬ରୁ ଓଡିଶାର ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ ସମୂହ ଛୁଟିରେ ରହି କାର୍ଯ୍ୟ ବନ୍ଦ କରିବେ ବୋଲି ଚେତାବନୀ ଦେଇଥିବା ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକ।

# ୩ ଦଫା ଦାବି ପୂରଣ ପାଇଁ ବିଇଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ

ସବ୍‌ଡେଗା,୬।୮ (ଅନନ୍ତ ପଟେଲ)

ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ୩ ଦଫା ଦାବି ପୂରଣ କରିବାରେ ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ନେତୃତ୍ୱରେ ସାରା ରାଜ୍ୟର ସମସ୍ତ ଶିକ୍ଷକ ଅଗଷ୍ଟ ୧୬ରୁ ସମୂହ ଛୁଟିରେ ରହି ସବୁ ବ୍ଲକ ସ୍ତରରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏହି ମର୍ମରେ ଅଲ ଉତ୍କଳ ପ୍ରାଇମେରୀ ଟିଚର ଫେଡେରେଶନର ସବ୍‌ଡେଗା ବ୍ଲକ ସଭାପତି ସୁମନ କରାଲି, ସମ୍ପାଦକ ସୋନୁ କେରକେଟାଙ୍କ ନେତୃତ୍ୱରେ ସବ୍‌ଡେଗା ବ୍ଲକର ସମସ୍ତ ବର୍ଗର ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଏକତ୍ରିତ ହୋଇ ବିଇଓଙ୍କ କାର୍ଯ୍ୟାଳୟକୁ ଯାଇ ବିଇଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବି ପୂରଣ ନିମନ୍ତେ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଅଗଷ୍ଟ ୧୧ରେ ସୁନ୍ଦରଗଡ ଜିଲାପାଳଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରିବା ପାଇଁ ସ୍ଥିର କରାଯାଇଛି। ୩ ଦଫା ଦାବି ହେଲା, ମୁଖ୍ୟମନ୍ତ୍ରୀ ଠିକା ନିଯୁକ୍ତି ଉଚ୍ଛେଦ କରିଥିବାରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ସହିତ ଶିକ୍ଷାକର୍ମୀ ଓ ଶିକ୍ଷା ସହାୟକ ଠିକା କାର୍ଯ୍ୟକାଳରୁ ନ୍ୟାଶନାଲ ଇନକ୍ରିମେଣ୍ଟ ପ୍ରଦାନ କରି ମୂଳ ଚାକିରିରେ ଗଣନା କରିବା ସହିତ ଏସ୍କ କ୍ୟାଡର ଉଚ୍ଛେଦ କରାଯାଉ। କଳା ଓ କ୍ରୀଡା ଶିକ୍ଷକଙ୍କୁ ନିୟମିତ ଶିକ୍ଷକ ମାନ୍ୟତା ଦିଆଯାଉ। ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ବେତନ (ମୂଳବେତନ ଲେଭଲ ୯ ଗ୍ରେଡ୍ ପେ ୪୨୦୦ଅନୁଯାୟୀ) ପ୍ରଦାନ କରାଯାଉ। ନୂତନ ପେନ୍‌ସନ ପ୍ରଥା ଉଚ୍ଛେଦ କରି ପୁରୁଣା ପେନ୍‌ସନ ବ୍ୟବସ୍ଥା ପୁନଃ ପ୍ରଚଳନ କରାଯାଉ। ଯଦି ଅଗଷ୍ଟ ୧୫ ସୁଦ୍ଧା ଏହି ୩ ଦଫା ଦାବି ହାସଲ ନ ହୁଏ ତେବେ ବ୍ଲକର ସମସ୍ତ ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକ ସାମୂହିକ ଛୁଟିରେ ରହି ଆନ୍ଦୋଳନରେ ସାମିଲ ହେବେ ବୋଲି ଅଲ ଉତ୍କଳ ପ୍ରାଇମେରୀ ଟିଚର ଫେଡେରେଶନର ବ୍ଲକ ସଭାପତି ସୁମନ କରାଳି ଚେତାବନୀ ଦେଇଛନ୍ତି।


ବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଜିଲାପାଳଙ୍କ ପ୍ରଚେଷ୍ଟାରେ ଗୋଆରୁ ଆସିଲା ଶ୍ରମିକଙ୍କ ମୃତଦେହ

ବଡ଼ଗାଁ,୬।୮ (ଅଶୋକ ଷଡ଼ଙ୍ଗୀ)

ଜିଲାପାଳଙ୍କ ପ୍ରଚେଷ୍ଟାରେ ଗୋଆରୁ ଆସିଲା ଶ୍ରମିକଙ୍କ ମୃତଦେହ। ମୃତକ ହେଲେ ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାଲବିରା ଗ୍ରାମର କିଶୋର ଗୁଡିଆ(୪୦)। ଗତ କିଛି ଦିନ ପୂର୍ବରୁ ଗୁଡିଆ ପରିବାର ଲୋକଙ୍କୁ କିଛି ନ କହି ଗୋଆକୁ ଶ୍ରମିକ କାମ କରିବାକୁ ଯାଇଥିଲେ। ସେଠାରେ ମାଛ ଧରିବା କାମରେ ନିୟୋଜିତ ହୋଇଥିଲେ। ଗତ ୪ ଦିନ ତଳେ ପାଣିରେ ବୁଡ଼ି ତାଙ୍କର ମୃତ୍ୟୁ ଘଟିଥିଲା। ସେଠାକାର ପୋଲିସ କିଶୋରଙ୍କ ସ୍ତ୍ରୀଙ୍କୁ ଫୋନରେ ମୃତ୍ୟୁ ସମ୍ପର୍କରେ ସୂଚନା ଦେଇ ମୃତଦେହ ନେଇଯିବାକୁ କହିଥିଲେ। ଅର୍ଥ ଅଭାବ ଯୋଗୁ ସେ ଯାଇପାରିବେ ନାହିଁ ବୋଲି ଜଣାଇଥିଲେ। ମୃତଦେହ କିପରି ଗାଁକୁ ଆସିବ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଅଞ୍ଜଳି ମାଝି ରାଜ୍ୟ ସଂଘ କର୍ମକର୍ତ୍ତାଙ୍କୁ ପଚାରି ବୁଝିଥିଲେ। ସଂଘ ପକ୍ଷରୁ ଏନେଇ ଜିଲାପାଳଙ୍କୁ ସାହାଯ୍ୟ କରିବା ପାଇଁ ଅନୁରୋଧ ପତ୍ର ଦିଆଯାଇଥିଲା। ଏହାପରେ ଜିଲାପାଳଙ୍କ ପ୍ରଚେଷ୍ଟାରେ ରବିବାର କିଶୋରଙ୍କ ମୃତଦେହ ସେଠାରୁ ଅଣାଯାଉଛି।

## ଚାଷଜମିରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ସୁନ୍ଦରଗଡ,୬।୮ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଟାଉନ ଥାନା ଅନ୍ତର୍ଗତ ଭବାନୀପୁରରେ ରବିବାର ସକାଳେ ଚାଷ ଜମିରେ ଜଣେ ଯୁବକଙ୍କ ସନ୍ଦେହ ଜନକ ଭାବେ ମୃତ୍ୟୁ ଘଟିଛି। ମୃତକ ହେଲେ ଯାକୁବ କୁଲୁ(୨୫)। ଟାଉନ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଡାକ୍ତରଖାନାକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଯାକୁବ ସକାଳେ ନିଜ ଚାଷ ଜମିକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ସ୍ତ୍ରୀ ସୁକାନ୍ତି ଚାଷ ଜମିକୁ ଯାଇ ଦେଖିଲା ବେଳେକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**
Tender Notice No. TPWODL/AB/O/SU/ 037
TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :
**Rate Contract for Supply of LT AB fittings.**
Interested bidders to submit Tender Participation Fee and Authorization Letter through email on or before **14th August 2023, 19:00Hrs,** after which link from e-Tender system shall be shared.
For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.
Prospective bidders are requested to visit the website for detailed amendment and updated tender document.
Sd /- Chief-Contracts and Stores

# ମଦମୁକ୍ତ ଓଡ଼ିଶା ହିଁ ମହିଳା ସଶକ୍ତୀକରଣର ଚାବିକାଠି



ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

ସୁନ୍ଦରଗଡ,୬।୮ (ଜୟ ନାରାୟଣ ମେଣ୍ଡୁଲି)

ମିଳିତ ଓଡିଶା ନିଶା ନିବାରଣ ଅଭିଯାନ (ମୋନା)ର ସୁନ୍ଦରଗଡ ଜିଲା ସ୍ତରୀୟ ବୈଠକ ସ୍ଥାନୀୟ ଏକ ଲଜରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଜିଲା ଆବାହକ ତଥା ଗାନ୍ଧୀବାଦୀ ଯୁବକ ସଂଘର ସମ୍ପାଦକ ଧନଞ୍ଜୟ ନାଏକଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଆଇନଜୀବୀ ସନ୍ତୋଷ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ସଭା ପ୍ରାରମ୍ଭରେ ସୁନ୍ଦରଗଡ ଜିଲାରେ ମଦ ବିରୋଧୀ ଆନ୍ଦୋଳନରେ ବଳିଦାନ ଦେଇଥିବା ମହାନ ବ୍ୟକ୍ତିତ୍ୱ ସ୍ୱର୍ଗତ ଡିଲେଶ୍ୱର ଦଣ୍ଡସେନାଙ୍କ ସ୍ମୃତି ଚାରଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହପରେ ବିଭିନ୍ନ ବ୍ଲକରୁ ଆସିଥିବା ମଦମୁକ୍ତି ଅଭିଯାନର ପ୍ରତିନିଧିଙ୍କୁ ଆବାହକ ନାଏକ ସ୍ୱାଗତ ଜଣାଇ ମଦମୁକ୍ତି ଆନ୍ଦୋଳନର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଆଇନଜୀବୀ ଆଚାର୍ଯ୍ୟ ତାଙ୍କ ଅଭିଭାଷଣରେ ମଦମୁକ୍ତ ଓଡିଶା ହିଁ ମହିଳା ସଶକ୍ତୀକରଣର ଚାବିକାଠି ବୋଲି କହିଥିଲେ। ମଦ ପାଇଁ ପରିବାର ମଧ୍ୟରେ ଅନେକ ଘରୋଇ ହିଂସା ବୃଦ୍ଧି ପାଉଛି। ତେଣୁ ମହିଳାମାନେ ସଂଗଠିତ ହୋଇ ସଶକ୍ତ ହେବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ରାଜେଶ ଟପ୍ପୋ ସମଗ୍ର ଜିଲାର ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତ ସ୍ତରରେ ସଚେତନତା ଓ ଆନ୍ଦୋଳନ ମାଧ୍ୟମରେ ନିଶାମୁକ୍ତ କରିହେବ ତାର ବିସ୍ତୃତ ବାର୍ତ୍ତା ଦେଇଥିଲେ। ପରେ ମଦମୁକ୍ତ ଅଭିଯାନ ପାଇଁ ଜିଲା ସ୍ତରରେ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତିଭାବେ ନମିତା ସେଠ, ଉପସଭାପତି ପୁଷ୍ପା ଦାସ, ସମ୍ପାଦକ ରାଜେଶ ଟପ୍ପୋ, ସହ ସମ୍ପାଦକ ଫୁଲମତୀ ନାଏକ ଏବଂ କୋଷାଧ୍ୟକ୍ଷଭାବେ ସୁଜାତା କିଷାନ ମନୋନୀତ ହୋଇଛନ୍ତି। ଏଥିସହ କାର୍ଯ୍ୟକାରୀ କମିଟିର ଲୁସିଆ ଧୁଆ, ଜମ୍ବୋବତୀ କିସାର, ବାସନ୍ତୀ ପଣ୍ଡା, ଦେଓକରଣ ବାଘ, କେଶବ ରଞ୍ଜନ ରାଉତ ପ୍ରମୁଖ ରହିଛନ୍ତି। ମିଳିତ ଓଡିଶା ନିଶାନିବାରଣ ଅଭିଯାନର ସୁନ୍ଦରଗଡ ଜିଲା କମିଟିର ଉପଦେଷ୍ଟା ଭାବେ ଆଇନଜୀବୀ ସନ୍ତୋଷ ଆଚାର୍ଯ୍ୟ ଓ ଧନଞ୍ଜୟ ନାଏକ ରହିଛନ୍ତି। ଆଗାମୀ ଦିନରେ ସଂଗଠନ ପକ୍ଷରୁ ଏକ ଦାବି ପତ୍ର ଜିଲାପାଳଙ୍କୁ ପ୍ରଦାନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

## କ୍ୟାମେରା ଚୋରଙ୍କୁ ଗିରଫ କଲା ଓରିଏଣ୍ଟ ପୋଲିସ

ବ୍ରଜରଜନଗର, ୬।୮ (ବିଜୟ ବରାଡ଼)

କ୍ୟାମେରା ଚୋରି ଅଭିଯୋଗରେ ଓରିଏଣ୍ଟ ପୋଲିସ ଜଣେ ଫଟୋଗ୍ରାଫରଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ତାଙ୍କ ନିକଟରୁ ୩ଟି କ୍ୟାମେରା ଜବତ ହୋଇଛି। ସୂଚନା ଅନୁସାରେ, ସମ୍ବଲପୁର ଜିଲା ଧନୁପାଲି ଥାନା କୁମାରପଡାର ଭିନୀତ ସହସିଆ, ୨୪ ବ୍ରଜରାଜନଗର ଅଞ୍ଚଳର ଓରିଏଣ୍ଟ ଥାନା ଅଞ୍ଚଳର ଆକାଶ ପାତ୍ର, ଝସକେତନ ଭୋଇଁଷା, ପ୍ରଶାନ୍ତ ନାୟକ ଓ ଆଶୁତୋଷ ନାୟକଙ୍କଠାରୁ ଗୋଟିଏ ଲେଖାଏଁ କ୍ୟାମେରା ଭଡାସୂତ୍ରରେ ନେଇଥିଲେ। ଭଡା ବାବଦ ପ୍ରତ୍ୟେକ ଦିନ ୫୦୦ ଟଙ୍କା ଦେବାର ପ୍ରତିଶ୍ରୁତି ଦେଇଥିଲେ। କିଛିଦିନ ପରେ ଅଭିଯୋଗକାରୀ ଆକାଶ ଫୋନ କରିବାରୁ ମା'ଙ୍କ ଦେହ ଅସୁସ୍ଥ ଥିବାରୁ କ୍ୟାମେରା ବିକି ଦେଇଛି ବୋଲି ଅଭିଯୁକ୍ତ କହିଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୧୨୯/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

GOVERNMENT OF ODISHA
DEPARTMENT OF WATER RESOURCES
**Office of the Superintending Engineer, Barpali Irrigation Division, Barpali**
No.A-406: E-mail Id - ee.barpali.canal@gmail.com
**'e' Procurement Notice No- 03/2023-24**
BID IDENTIFICATION NO- BID 03 (01 to 03) /2023-24 (ON-LINE)
DATED 01.08.2023
1. Type of the work : Improvement to Water Course, Footbridge & building works
2. No of works : 03 (Three) Nos.
3. Class of Contractor : "D", "C", " B" & "A"
4. Bid identification No : BID - 03 (01 to 03) 2023-24
5. Estimate cost : 8.48 Lakhs to 49.61 Lakhs
6. Period of completion : As per DTCN.
7. Date and time of availability of bid documents in the portal : Dt.14.08.2023 at 11.00 AM to Dt. 28.08.2023 upto 5.00 PM.
8. Last date/ time for receipt of bids in the portal : Dt. 28.08 .2023 upto 5.00 PM.
9. Date of opening of Bid : Dt. 29.08.2023 at 11.00 AM
10. Date of Lottery : To be intimated later on through e-mail

1. Any addendum/corrigendum/cancellation of tender can also be seen in the said Website.
2. Further details can be seen from Government Website- **http://tenderodisha.gov.in.**

Sd./- Superintending Engineer
Barpali Irrigation Division, Barpali
OIPR-32413/11/0003/2324

# ଓ.ପି. ଜିନ୍ଦଲ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ଜିନ୍ଦଲ ଟିମ୍ ବିଜୟୀ

ଟେନ୍‌ସା,୬।୮ (ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା ଟେନ୍‌ସାସ୍ଥିତ ଜିନ୍ଦଲ ଖଣି ମାଲିକ ସ୍ୱର୍ଗତ ଓମ୍ ପ୍ରକାଶ ଜିନ୍ଦଲଙ୍କ ୯୩ତମ ଜନ୍ମ ବାର୍ଷିକ ଉତ୍ସବରେ ୨ଦିନିଆ ଫୁଟବଲ୍ ଟୁର୍ନାମେଣ୍ଟ ରବିବାର ତନ୍ତରାସ୍ଥିତ ଜିନ୍ଦଲ ଷ୍ଟାଡିୟମଠାରେ ଆରମ୍ଭ ହୋଇଯାଇଛି। ଟେନ୍‌ସା ଟିଆରବି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ବଣାଇଁ ଉପଖଣ୍ଡ ଅଞ୍ଚଳର ୨୦ ଟିମ୍ ଭାଗ ନେଇଥିଲେ। କୋଇଡା ତହସିଲଦାର ଡିଏସ୍ ଶୁଭଦର୍ଶୀ ଯୋଶୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଭାବେ ଟେନସା ଜିନ୍ଦଲ ଖଣିର ୟୁନିଟ ହେଡ୍ କମଳା କାନ୍ତ ନନ୍ଦ, ଅତିରିକ୍ତ ତହସିଲଦାର, ଟେନ୍‌ସା ଫାଣ୍ଡି ଅଧିକାରୀ ସୁଦର୍ଶନ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟ ୨ଦିନ ଧରି ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ମ୍ୟାଚ ଜିନ୍ଦଲ ଓ ତନ୍ତରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୨ ଟିମ୍ ଏତେ ଭଲ ଖେଳ ପ୍ରଦର୍ଶନ କରିଥିଲେ ଯେ, ସମୟ ସୀମା ମଧ୍ୟରେ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ପେନାଲଟି ମାଧ୍ୟମରେ ଟେନ୍‌ସା ଜିନ୍ଦଲ ଟିମ୍ ବିଜୟୀ ହୋଇଥିଲା। ଜିନ୍ଦଲ ଖଣି ପକ୍ଷରୁ ଖଣି ମ୍ୟାନେଜର ଅଭିମନ୍ୟୁ ସାମଲ, ପ୍ରଶାସନ ବିଭାଗର ମୁଖ୍ୟ ସୁଦାମ ମହାକୁଡ଼, ଏଜିଏମ୍ ଶଶାଙ୍କ ଶେଖର, ଉଦିତ ନାଏକ, ତପନ ପତି, ରାଜେଶ ମିଶ୍ର, ପ୍ରଶାନ୍ତ ପରିଜା,ଏସ୍‌ପି. ବିଶ୍ୱାଳ, ପି .କେ ଧଳ, ଗଗନ ବିହାରୀ ସ୍ୱାଇଁ, ଅସିତ କୁମାର ବିଷୋଇ, କେଶବାନନ୍ଦ ଘଡେଇ, ରଶ୍ମି ରଞ୍ଜନ ନାୟକ, ମହେନ୍ଦ୍ର ପ୍ରତାପ ସିଂହ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ। ରେଫରିଭାବେ ଭୀଷ୍ମ ଦେବ ମାହାନ୍ତ, ଅଶୋନୀ ବେରିହା, ଯୁଧିଷ୍ଠିର ଖୁଲୁସୁରୀ, ନୀଳ ନାଏକ,ଏସ.ଏନ ଜେନା, ରାଜ କୁମାର ମଣ୍ଡଳ,ପ୍ରମୋଦ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।


ମୁଖ୍ୟ ଅତିଥି ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
M.I. DIVISION, GANJAM NO-I, BERHAMPUR
ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)
(WORLD BANK PROJECT ID: P163533)
NATIONAL OPEN COMPETITIVE PROCUREMENT FOR SMALL WORKS
Request for Bid (RFB) E-PROCUREMENT NOTICE
GOVERNMENT OF ODISHA
RFB NO-OIIPCRA-W2-GM-I-02/2023-24
No.A-409: No.2434 // M.I.D (GM)-I. BAM. 01.08.2023

| | |
|---|---|
| Name of Work | Modernization works of Minor Irrigation Projects under OIIPCRA in Ganjam District |
| No. of Work | 09 (Nine) |
| Estimated Cost of works | Varies from Rs 16.83 lakh to Rs 69.96 lakh |
| Cost of Bid Document | Free of Cost |
| Time for Completion | As per DTCN |
| Date of Pre-Bid Meeting | On dt.01.09. 2023 11.30 Hrs. |
| Availability of Bid | From 17.08.2023 at 10.00 Hours to 15.09.2023 upto 15.00 Hours in the E-Procurement website (https://www.tendersodisha.gov.in). |
| Last date & time of receipt of bid | Upto 15.09.2023, 15.00 Hrs.through online |
| Payment of bid cost / bid security | Shall be paid On-line through the E-procurement portal of Govt. of Odisha along with the bid. |
| Date of opening of Technical Bids | On dt.15.09.2023 At 15.30 Hours onwards |
| Date of opening of financial bid | To be intimated online after off-line evaluation of Technical Bid. |
| Details about the tender | Available in web site of www.tendersodisha.gov.in and www.dowrodisha.gov.in. Any Addendum / Corrigendum / Cancellation can also be seen in the said website |
| Name & Address of the OIT | Superintending Engineer, M.I. Division, Ganjam-I, Berhampur, Pin-760010 |

Sd./- Superintending Engineer
M.I.Divn., Ganjam-I, Berhampur
OIPR-32104/11/0006/2324

**ସରକାରଙ୍କୁ ରିଲାଏନ୍ସର ଟିକସ**

# ୩ ବର୍ଷରେ ୫ ଲକ୍ଷ କୋଟିରୁ ଅଧିକ

ନୂଆଦିଲ୍ଲୀ,୬ା୮: (ଅଭୟ ଦାଶ)




ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍(ଆରଆଇଏଲ)ର ବାର୍ଷିକ ଫଳାଫଳ ରିପୋର୍ଟ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ, ଆରଆଇଏଲ ବିଗତ ତିନି ବର୍ଷରେ ମୋଟ ୫.୬୫୩ ଲକ୍ଷ କୋଟି ଟଙ୍କା ସରକାରୀ ରାଜକୋଷରେ ଜମା କରିଛି। ବିଶେଷ କରି କମ୍ପାନୀର ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ ସମେତ ସ୍ପେକ୍ଟ୍ରମ୍ ଉପଯୋଗ ଶୁଳ୍କ ଓ ଅନ୍ୟାନ୍ୟ କ୍ଷେତ୍ରରେ ଆରଆଇଏଲ ଏହି ଟଙ୍କା ସରକାରୀ ରାଜକୋଷରେ ଜମା କରିଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ କମ୍ପାନୀ ସରକାରୀ ରାଜକୋଷରେ ୧.୭୭ ଲକ୍ଷ କୋଟି ଟଙ୍କା ଜମା କରିଛି। ଏପରିକି କମ୍ପାନୀର ୪୬ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ପୂର୍ବରୁ ଜାରି କରାଯାଇଥିବା ବାର୍ଷିକ ରିପୋର୍ଟରୁ ଏହି ତଥ୍ୟ ଜଣାପଡିଛି। କମ୍ପାନୀର ବାର୍ଷିକ ସାଧାରଣ ବୈଠକ ଅଗଷ୍ଟ ୨୮ରେ ଅନୁଷ୍ଠିତ ହେବାକୁ ଯାଉଛି। ବିଗତ ୩ବର୍ଷରେ ରିଲାଏନ୍ସ ସରକାରୀ ରାଜକୋଷରେ ଯେତିକି ଟଙ୍କା ଜମା କରିଛି, ତାହା ଭାରତ ସରକାରଙ୍କ ମୋଟ ବଜେଟ୍ ବ୍ୟୟର ୫% ରୁ ଅଧିକ ବୋଲି ଆକଳନ କରାଯାଉଛି। ସେହପରି ୨୦୨୧-୨୦୨୨ ଆର୍ଥିକ ବର୍ଷରେ କମ୍ପାନୀ ମୋଟ ୧.୮୮ ଲକ୍ଷ କୋଟି ଟଙ୍କାର ଟିକସ ସରକାରୀ ରାଜକୋଷରେ ଜମା କରିଥିଲା। ଅପରପକ୍ଷରେ କମ୍ପାନୀ ପ୍ରତି ବର୍ଷ ନୂତନ ନିଯୁକ୍ତି ଦେଉଥିବାବେଳେ ନିଯୁକ୍ତି ପ୍ରଦାନ କରିବାରେ ମଧ୍ୟ ରିଲାଏନ୍ସ ଏକ ନମ୍ବର ସ୍ଥାନରେ ରହିଛି। ଏପରିକି କମ୍ପାନୀର ବାର୍ଷିକ ରିପୋର୍ଟ ଅନୁଯାୟୀ ୨୦୨୨-୨୩ ଆର୍ଥିକ ବର୍ଷରେ ରିଲାଏନ୍ସ ୯୫,୧୬୭ ନୂଆ ନିଯୁକ୍ତି ସୃଷ୍ଟି କରିଥିଲା। ତାହାକୁ ମିଶାଇ ରିଲାଏନ୍ସର ମୋଟ କର୍ମଚାରୀ ସଂଖ୍ୟା ୩.୮୯ ଲକ୍ଷକୁ ବୃଦ୍ଧି ପାଇଛି । ସେଥିରୁ ୨.୪୫ ଲକ୍ଷ ଲୋକ ରିଲାଏନ୍ସ ରିଟେଲ୍‌ରେ ନିୟୋଜିତ ରହିଛନ୍ତି, ରିଲାଏନ୍ସ ରିଟେଲ୍ ଦେଶର ସବୁଠୁ ବଡ଼ ନିଯୁକ୍ତିଦାତା ଭାବେ ଉଭା ହୋଇଛି। ରିଲାଏନ୍ସ ଜିଓରେ ୯୫ ହଜାରରୁ ଅଧିକ ଲୋକ କାମ କରୁଛନ୍ତି। ଲଗାତର ତୃତୀୟ ବର୍ଷ ପାଇଁ ରିଲାଏନ୍ସ ହଜାର ହଜାର ନୂଆ ନିଯୁକ୍ତି ସୃଷ୍ଟି କରିଛି, କୋଭିଡ୍ ମହାମାରୀ ସମୟରେ ମଧ୍ୟ କମ୍ପାନୀ ୭୫ ହଜାର ନୂଆ ନିଯୁକ୍ତି ସୃଷ୍ଟି କରିଥିଲା। କମ୍ପାନୀର ବାର୍ଷିକ ରିପୋର୍ଟ ଅନୁସାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଲଗାତର ତୃତୀୟ ବର୍ଷ ପାଇଁ କୌଣସି ଦରମା ନେଇ ନାହାନ୍ତି। ଉଲ୍ଲେଖଯୋଗ୍ୟ, ରିଲାଏନ୍ସ ଇଣ୍ଡଷ୍ଟ୍ରି ଦେଶର ସର୍ବାଧିକ ଟିକସ ଦେଉଥିବା କମ୍ପାନୀ ଭାବେ ପରିଗଣିତ ହୋଇଥାଏ।

## ପୋକୋ ପଡ୍‌ସର ଶୁଭାରମ୍ଭ

ଭୁବନେଶ୍ୱର,୬ା୮

ପୋକୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ନୂତନ ଉତ୍ପାଦ 'ପୋକୋ ପଡ୍‌ସ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରାଣ୍ଡର ଉକ୍ତ ଉତ୍ପାଦର ବଜାର ପ୍ରବେଶ ସହ ଟିଡବ୍ଲ୍ୟୁଏସ୍ ସେଗ୍‌ମେଣ୍ଟରେ ମଧ୍ୟ ଉପଲବ୍ଧ ହେଉଛି। ଏ ସମ୍ପର୍କରେ ପୋକୋ ଇଣ୍ଡିଆର କଣ୍ଟ୍ରି ହେଡ୍ ହିମାଂଶୁ ଟଣ୍ଡନ କହିଛନ୍ତି, ପ୍ରତ୍ୟେକ ଭାରତୀୟଙ୍କୁ ପ୍ରିମିୟମ ଟେକ୍ନୋଲୋଜି ଯୋଗାଇବା ସହିତ ଭାରତୀୟ ଏଆଇଓଟି କ୍ଷେତ୍ରରେ ମଧ୍ୟ ପ୍ରବେଶ କରିଛୁ। ବିଶେଷ କରି ପୋକୋ ପଡ୍‌ଗୁଡିକ ଅତ୍ୟାଧୁନିକ ଉଦ୍ଭାବନ, ବାଧାହୀନ ସଂଯୋଗ ଓ ଅତୁଳନୀୟ ଅଡିଓ ପ୍ରଦର୍ଶନର ଏକ ଉପଯୁକ୍ତ ସମ୍ମିଶ୍ରଣ। ଅପରପକ୍ଷରେ ପୋକୋ ପଡ୍‌ସ ୧୨ଏମ୍‌ଏମ୍ ଡ୍ରାଇଭର ସହ ସୁସଜ୍ଜିତ ରହିଛି, ଏହାକୁ ଠିକ୍ ବାସ୍ ପ୍ରଦର୍ଶନ ପ୍ରଦାନ କରିବା ପାଇଁ ଉତ୍କୃଷ୍ଟ ଭାବେ ଟ୍ୟୁନ୍ କରାଯାଇଛି, ଯାହା ଉପଭୋକ୍ତାଙ୍କୁ ସମୃଦ୍ଧ, ସ୍ପଷ୍ଟ ଓ ଠିକ୍ ସାଉଣ୍ଡରେ ନିମଜ୍ଜିତ କରୁଛି।

## ଡା.ସୋନମୁନ୍‌ଙ୍କୁ 'ଏଣ୍ଡୋସ୍କୋପି ପ୍ଲିନାରୀ ଆୱାର୍ଡ'

ଭୁବନେଶ୍ୱର,୬ା୮



ସୋନମୁନ୍ ମହାପାତ୍ର

ଓଡ଼ିଶାର ପ୍ରତିଭାବନ ଯୁବ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡା. ସୋନମୁନ୍ ମହାପାତ୍ରଙ୍କୁ ନିକଟରେ ଆଉ ଏକ ଅନ୍ତର୍ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ଆମେରିକାନ୍ ସୋସାଇଟି ଅଫ୍ ଜିଆଇ ଏଣ୍ଡୋସ୍କୋପି ଆନୁକୂଲ୍ୟରେ ଆୟୋଜିତ ଡାଇଜେଷ୍ଟିଭ ଡିଜିଜ୍ ୱିକ-୨୦୨୩ ଅବସରରେ ଡା.ସୋନମୁନ୍ ଯୁକ୍ତରାଷ୍ଟ୍ର ଆମେରିକାରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଚିକାଗୋ ସହରଠାରେ ଆମେରିକାନ୍ ସୋସାଇଟି ଅଫ୍ ଜିଆଇ ଏଣ୍ଡୋସ୍କୋପି ପକ୍ଷରୁ ଆୟୋଜିତ ଏକ ସମ୍ମାନ ସମାରୋହ ଉତ୍ସବରେ ଏଣ୍ଡୋସ୍କୋପି ଭିଡିଓ ବିଭାଗର ଉତ୍କୃଷ୍ଟ ନିଦର୍ଶନ ପାଇଁ ଡା.ସୋନମୁନ ମହାପାତ୍ରଙ୍କୁ 'ଏଣ୍ଡୋସ୍କୋପି ପ୍ଲିନାରୀ ଆୱାର୍ଡ'ରେ ସମ୍ମାନିତ କରାଯାଇଥିଲା। ବିଶେଷ କରି ବହୁତ କମ୍ ଭାରତୀୟ ଡକ୍ଟରଙ୍କୁ ଏହି ସମ୍ମାନ ମିଳିଛି। ଡା.ସୋନମୁନ ମହାପାତ୍ର ସମ୍ପ୍ରତି ଭୁବନେଶ୍ୱରସ୍ଥିତ ସାଇ ଇନଷ୍ଟିଚ୍ୟୁଟ ଅଫ୍ ଗ୍ୟାଷ୍ଟ୍ରୋଲୋଜି ଆଣ୍ଡ ଲିଭର ସାଇନ୍ସରେ ରୋଗୀ ସେବା ଯୋଗାଉଛନ୍ତି। ସୂଚନାଯୋଗ୍ୟ, ଡା. ସୋନମୁନ୍ ମହାପାତ୍ର ଯୁକ୍ତରାଷ୍ଟ୍ର ଆମେରିକାର ପ୍ରସିଦ୍ଧ ମାୟୋ କ୍ଲିନିର ଅତ୍ୟାଧୁନିକ ଏଣ୍ଡୋସ୍କୋପି ବିଭାଗ ଉପରେ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ଲାଭ କରିଛନ୍ତି।

## ଟିପିସିଓଡିଏଲ୍‌ର ବ୍ୟାପକ ଗଣ ଅଭିଯାନ

ଭୁବନେଶ୍ୱର,୬ା୮

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ(ଟିପିସିଓଡିଏଲ୍)ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ ତଥା ବ୍ୟାପକ ଗଣ ଅଭିଯାନର ଶୁଭାରମ୍ଭ କରାଯାଇଛି। ବିଶେଷ କରି ଭରସାଯୋଗ୍ୟ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ କମ୍ପାନୀ ପକ୍ଷରୁ ବ୍ୟାପକ ପଦକ୍ଷେପ ସହ ଭିତ୍ତିଭୂମିକୁ ସୁଦୃଢ଼ କରିବା ଆଦିରେ ଉଲ୍ଲେଖନୀୟ ନିବେଶ କରାଯାଇଛି। ଏପରିକି କମ୍ପାନୀ ବ୍ୟାପକ ଭିତ୍ତିଭୂମିର ବିକାଶ, ପ୍ରଯୁକ୍ତି ଉନ୍ନତୀକରଣ ଓ ଉନ୍ନତ ଗ୍ରାହକ ସେବା ଭଳି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ସହ ଆଗକୁ ବଢୁଛି, ଏତେ ସବୁ ଉଦ୍ୟମ ସତ୍ତ୍ୱେ ଅନୈତିକ ବିଦ୍ୟୁତ ଚୋରି ଯୋଗୁ କମ୍ପାନିକୁ ବିପୁଳ କ୍ଷତି ସହିବାକୁ ପଡୁଛି। ସେହିଭଳି ନିଷ୍ଠାବାନ ଗ୍ରାହକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ଏବଂ ବେଆଇନ ହୁକ ପକାଇବା ଘଟଣାକୁ ରୋକିବା ଲାଗି ଟିପିସିଓଡିଏଲ୍ ପକ୍ଷରୁ ବ୍ୟାପକ ଗଣ ଅଭିଯାନ କାର୍ଯ୍ୟକାରୀ କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ ଦ୍ୱାରା ବେଆଇନ ସଂଯୋଗକୁ ବିଚ୍ଛିନ୍ନ କରାଯିବା ସହିତ ଯେଉଁମାନେ ଯଥାର୍ଥତା ସହ ପେମେଣ୍ଟ କରୁଛନ୍ତି, ସେମାନଙ୍କ ପାଖକୁ ବିଦ୍ୟୁତ ପହଞ୍ଚାଯାଉଛି। ଅପରପକ୍ଷରେ ବ୍ୟାପକ ମିଟର ଯାଞ୍ଚ, ଓୟାରିଂର ଅନୁଶୀଳନ ଏବଂ ଭୁଲ କାମ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଭଳି ପଦକ୍ଷେପ ନିଆଯାଉଛି। ଉପରୋକ୍ତ କାର୍ଯ୍ୟକ୍ରମଗୁଡିକ ଜରିଆରେ ଟିପିସିଓଡିଏଲ୍ ଚୋରିକୁ ହ୍ରାସ କରିଥିବାବେଳେ ହାରାହାରି ବୈଷୟିକ ଓ ବାଣିଜ୍ୟିକ (ଏଟିଆଣ୍ଡସି) କ୍ଷତିକୁ କମ୍ କରିପାରିଛି, ଫଳରେ ନିଷ୍ଠାବାନ ଗ୍ରାହକଙ୍କ ଉପରୁ ଆର୍ଥିକ ବୋଝ ହାଲୁକା କରାଯାଇପାରିଛି। ଏଭଳି ଘଟଣା ବିଷୟରେ ହ୍ୱାଟସ୍‌ଆପ୍ (୯୪୩୭୧୫୮୬୭୦), ଇମେଲ୍ କିମ୍ବା ଟିପିସିଓଡିଏଲ୍‌ର ମିତ୍ର ଆପ୍ ଜରିଆରେ ସୂଚନା ପ୍ରଦାନ କରି ହେବ। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଏନ୍‌ଏମ୍‌ଡିସିର ନୂଆ ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର,୬ା୮




ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ତଥା ଲୁହାପଥର ଉତ୍ପାଦନକାରୀ କମ୍ପାନୀ ଏନ୍‌ଏମ୍‌ଡିସିର ନୂତନ ଲୋଗୋ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ଓ ଇସ୍ପାତ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍ ସିନ୍ଧିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଇସ୍ପାତ ସଚିବ ନଗେନ୍ଦ୍ର ନାଥ ସିହ୍ନା,ଏନ୍‌ଏମ୍‌ଡିସିର ସିଏମ୍‌ଡି (ଇନଚାର୍ଜ) ଅମିତାଭ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ,କ୍ରମାଗତ ୨ୟ ବର୍ଷ ଲାଗି କମ୍ପାନୀ ରେକର୍ଡ ପରିମାଣ (୪୦ନିୟୁତ)ର ଉତ୍ପାଦନ ସାଙ୍ଗକୁ ନୂତନ ମାଇଲଖୁଣ୍ଟ ହାସଲ କରିବା ପରିପ୍ରେକ୍ଷୀରେ କମ୍ପାନୀର ନୂଆ ଲୋଗୋ ଉନ୍ମୋଚିତ ହୋଇଥିଲା। ବିଶେଷ କରି ଏହା ଏନ୍‌ଏମ୍‌ଡିସିର ଭବିଷ୍ୟତ ସମ୍ଭାବନା ଓ ଦୃଢ଼ତାକୁ ପ୍ରତିଫଳିତ କରୁଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ସ୍ମାର୍ଟ ଖଣି ଖନନ ପାଇଁ ଏକ ଦୃଢ଼ ଡିଜିଟାଲ୍ ରୋଡ୍‌ମ୍ୟାପ୍‌କୁ ନେଇ କମ୍ପାନୀ ଏନ୍‌ଏମ୍‌ଡିସି-୨.୦ ଆଡ଼କୁ ଅଗ୍ରସର ହୋଇଛି।

ଏ ସମ୍ପର୍କରେ ସିନ୍ଧିଆ କହିଛନ୍ତି, ଏହି ରୂପାନ୍ତରଣ ଯାତ୍ରାରେ ଭାରତର ସର୍ବବୃହତ ଲୁହାପଥର କମ୍ପାନୀ ଭାବେ ଏନ୍‌ଏମ୍‌ଡିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ବାର୍ଷିକ ୪୦ ନିୟୁତ ଟନ୍ ଉତ୍ପାଦନ ସହ ଭାରତର ଲୁହାପଥର ଉତ୍ପାଦନ ପ୍ରତି ପ୍ରାୟ ୧୬% ଯୋଗଦାନ ପ୍ରଦାନ କରୁଛି। ସେହିଭଳି କେନ୍ଦ୍ର ଇସ୍ପାତ ସଚିବ ନଗେନ୍ଦ୍ରନାଥ ସିହ୍ନା କହିଛନ୍ତି ,ଏହା କେବଳ ଶିଳ୍ପ ଅଭିଳାଷଠାରୁ ଆଗକୁ ବଢ଼ି ପ୍ରକୃତି ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଗଢ଼ିବାକୁ ଆଗେଇ ଆସିଛି। ସେହିପରି ଏନ୍‌ଏମ୍‌ଡିସିର ସିଏମ୍‌ଡି ଅମିତାଭ ମୁଖାର୍ଜୀ କହିଛନ୍ତି, ନୂଆ ଲୋଗୋ ଆମ ଐତିହ୍ୟ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଆମେ ନୀଳ ରଙ୍ଗକୁ ରଖିଛୁ,ଯାହା ବିଗତ ଦଶନ୍ଧିଗୁଡ଼ିକରେ ଆମେ ହାସଲ କରିଥିବା ଦ୍ରୁତ ଓ ବିଶ୍ୱସନୀୟତାକୁ ଦର୍ଶାଉଛି।

## ସହଭାଗିତା ଜରିଆରେ ସଚେତନତା

ଭୁବନେଶ୍ୱର,୬ା୮

ଦେଶର ପ୍ରମୁଖ ଫାର୍ମାସ୍ୟୁଟିକାଲ୍ କମ୍ପାନୀ 'ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ୍' ଏବଂ ଅନ୍ତଃରାଷ୍ଟ୍ରୀୟ ହେଲଥ ପ୍ଲାଟଫର୍ମ ଓମରନ ହେଲ୍‌ଥ କେୟାର ଇଣ୍ଡିଆ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଛି। ବିଶେଷ କରି ୧୮ବର୍ଷରୁ ଅଧିକ ଯୁବଗୋଷ୍ଠୀଙ୍କ ନିକଟରେ ପହଞ୍ଚିବା ସହିତ ସେମାନଙ୍କର ରକ୍ତଚାପ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଉଭୟ କମ୍ପାନୀ ମଧ୍ୟରେ ସହଭାଗିତା ହୋଇଛି ବୋଲି କୁହାଯାଇଛି। ଏ ସମ୍ପର୍କରେ ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ତଥା ହେଡ୍ ଅଫ୍ ଇଣ୍ଡିଆ ଫର୍ମୁଲେସନ୍ସ ଆଲୋକ ମଲିକ କହିଛନ୍ତି, ଉଚ୍ଚ ରକ୍ତଚାପ ଚିକିତ୍ସା ଉପରେ ସକରାତ୍ମକ ପ୍ରଭାବ ପକାଇବା ପାଇଁ ଆମେ ଓମରନ ହେଲଥ କେୟାର ଇଣ୍ଡିଆ ସହ ସହଭାଗିତା କରିଛୁ। ଏପରିକି ଉଚ୍ଚ ରକ୍ତଚାପ ଏବଂ ପ୍ରାରମ୍ଭିକ ରକ୍ତଚାପ ସ୍କ୍ରିନିଂ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଆମେ ପ୍ରତିବଦ୍ଧ ରହିଛି। ବିଶେଷ କରି ଉଚ୍ଚ ରକ୍ତଚାପ ଜନିତ ରୋଗରେ ପୀଡିତଙ୍କ ସଂଖ୍ୟା ପ୍ରାୟ ୧୦ରୁ ୩୦%(୪୦ ବର୍ଷ ବୟସ ଯୁବଗୋଷ୍ଠୀ)କୁ ବୃଦ୍ଧି ଘଟିଛି। ଦେଶରେ ମିଳିତ ଭାବେ ଆମେ ଅଳ୍ପ ବୟସରୁ ସେମାନଙ୍କ ସ୍ୱାସ୍ଥ୍ୟକୁ ସକ୍ରିୟ ଭାବେ ସୁରକ୍ଷିତ ରଖିବା ପାଇଁ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ସେହିଭଳି ଓମରନ ହେଲଥ କେୟାର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଟେଟ୍‌ସୁୟା ୟାମଡା କହିଛନ୍ତି, ଟେକ ଚାର୍ଜ ୧୮ ଅଭିଯାନ ପାଇଁ ଆମେ ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ସ ସହ ସହଭାଗିତା କରିଛୁ, ଏପରିକି ଆମର ଘରୋଇ ରକ୍ତଚାପ ନିରୀକ୍ଷଣ ସହ ଜିରୋକୁ ଯିବା ପାଇଁ ଆମର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ଭାବେ ଉଚ୍ଚ ରକ୍ତଚାପ ଜନିତ ରୋଗ ଯଥା ଷ୍ଟ୍ରୋକ୍ ଏବଂ ହୃଦଘାତ ଭଳି ରୋଗକୁ ଯଥେଷ୍ଟ କମ କରିବା ପଇଁ ପ୍ରସ୍ତୁତ ଅଛୁ। ଉଲ୍ଲେଖଯୋଗ୍ୟ, ୨୦୨୩ରେ ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍‌ଆର) ଦ୍ୱାରା କରାଯାଇଥିବା ଏକ ବିଭାଗୀୟ ଅଧ୍ୟୟନ ଅନୁଯାୟୀ ଉଚ୍ଚ ରକ୍ତଚାପର ମାତ୍ରା ବୃଦ୍ଧି ପାଉଛି।

**ଫୁର୍‌ସତ୍**

## ଏକ ପେନିରେ ବୁଲିଲେ ୯ ଦେଶ

ଲଣ୍ଡନ



ଅନେକ ଲୋକ ବୁଲିବାକୁ ବହୁତ ପସନ୍ଦ କରନ୍ତି। କିନ୍ତୁ କିଛି ଲୋକ ଏହାକୁ ତାଙ୍କ ସଉକ କରିଦେଇଛନ୍ତି। ଏହି ସଉକ ପୂରଣ ପାଇଁ ସେମାନେ ଭିନ୍ନ ଉପାୟ ମଧ୍ୟ ଅବଲମ୍ବନ କରିଥା'ନ୍ତି। ଜଣେ ବ୍ୟକ୍ତି ତାଙ୍କର ଏହି ସଉକକୁ ପୂରଣ କରିବାକୁ ପାଖରେ ପଇସା ନ ଥାଇ ମଧ୍ୟ ୯ ଦେଶ ଭ୍ରମଣ କରିଛନ୍ତି। ବ୍ରିଟେନ ବାସିନ୍ଦା ୨୯ ବର୍ଷୀୟ କେର ରାଉଡେନ୍‌ଙ୍କ ପୂରା ୟୁରୋପ ବୁଲିବାକୁ ଇଚ୍ଛା ହେଲା। ତାଙ୍କ ପାଖରେ ଅର୍ଥ ନ ଥିଲେ ମଧ୍ୟ ସେ ଏକ ପେନି (ଆମେରିକା ମୁଦ୍ରା) ସାହାଯ୍ୟରେ ଯାତ୍ରା ଆରମ୍ଭ କରିଥିଲେ। ସେ ଇଂଲଣ୍ଡର ଦକ୍ଷିଣରୁ ତୁର୍କୀ ପର୍ଯ୍ୟନ୍ତ ବୁଲି ଆସିଲେ। ସେ ତାଙ୍କର ଏହି ଯାତ୍ରା ଏକ ମାସରେ ପୂରଣ କରିଥିଲେ। କେନିଆରେ ଜନ୍ମିତ ରାଉଡେନ୍ ସମରସେଟ୍‌ରେ ଏକ ଗାର୍ଡେନିଂ କମ୍ପାନୀ ଚଳାନ୍ତି। ତାଙ୍କୁ ଆରାମଦାୟକ ଜୀବନ ପସନ୍ଦ ନ ଥିଲା। ସେ ବିଭିନ୍ନ ସ୍ଥାନ ବୁଲିବାକୁ ଚାହୁଁଥିଲେ। ସେଥିପାଇଁ ସେ କରୋନା ସମୟରେ ମଧ୍ୟ ଏକ ଦ୍ୱୀପରେ ସମୟ କାଟିଥିଲେ। ସେଠାରେ ସେ ଏକା ରହି ଅନେକ ଜିନିଷ ଶିଖିପାରିଥିଲେ। ରିପୋର୍ଟ ମୁତାବକ, ଏକ ୟୁଟ୍ୟୁବ୍ ଚ୍ୟାନେଲରେ କେର୍ ତାଙ୍କର ଏହି ଯାତ୍ରାର କଥା ସମ୍ପର୍କରେ କହିଛନ୍ତି। ସେ କିଛି ବସ୍ତ୍ର, ଟର୍ଚ୍ଚ ଏବଂ ଅନ୍ୟ କିଛି ଅତ୍ୟାବଶ୍ୟକ ଜିନିଷ ସାଙ୍ଗରେ ନେଇ ବେମାଉଥିରୁ ଯାତ୍ରା ଆରମ୍ଭ କଲେ। ନଦୀରେ କାଠଡଙ୍ଗା ତିଆରି କରି ସେଥିରେ ବାହାରିଲେ। ତାଙ୍କ ପାଖରେ ଥିବା ପେନିକୁ ପାଉଣ୍ଡରେ ବଦଳାଇ କିଛି ପାଣି ବୋତଲ କିଣିଲେ। ନଦୀରୁ ଧରିଥିବା ମାଛକୁ କିଛି ରେଷ୍ଟୁରାଣ୍ଟରେ ବିକ୍ରି କରି ଟଙ୍କା ଯୋଗାଡ଼ କଲେ। ଆମଷ୍ଟରଡାମ୍‌ରେ ଲୋକଙ୍କୁ ଚିକେନ କବାବ ମଧ୍ୟ ବିକ୍ରି କଲେ। ପରେ ସେ ଜର୍ମାନୀ ଗଲେ। ସେଠାରେ ସେ ଖୁବ୍ ମଜା କଲେ। ଏହାପରେ ସେ ରୋମାନିଆ, ବୁଲ୍‌ଗେରିଆ, ଇସ୍ତାନବୁଲରେ ପହଞ୍ଚିଲେ। ସ୍ଲୋଭାକିଆରେ ସେ ଏକ ଛୋଟ ଗୁମ୍ଫା ଭିତରେ ଲୁଚି ରହିଲେ। କାରଣ ସେଠାରେ ତାଙ୍କୁ କେହି ଦେଖିଥିଲେ, ଜେଲ ଯିବାକୁ ପଡ଼ିଥା'ନ୍ତା। ପରେ ସେ ତାଙ୍କର ଅନ୍ୟ ଏକ ଯାତ୍ରାରେ ବାହାରି ଯାଇଛନ୍ତି।

## ମା' ହେଲେ ଇଲିଆନା

ମୁମ୍ବାଇ



କିଛି ଦିନ ଧରି ଅଭିନେତ୍ରୀ ଇଲିଆନା ଡି କ୍ରୁଜ୍ ତାଙ୍କ ଗର୍ଭଧାରଣକୁ ନେଇ ଚର୍ଚ୍ଚାରେ ଥିବାବେଳେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ଇଲିଆନା ସୋସିଆଲ ମିଡିଆରେ ପୁଅର ଫଟୋ ସହିତ ତାଙ୍କ ନାମ ମଧ୍ୟ ଘୋଷଣା କରିଛନ୍ତି। ସେ ପୁଅର ନାମ 'କୋଆ ଫାନିକ୍ସ ଡୋଲନ' ରଖିଛନ୍ତି। ସୋସିଆଲ ମିଡିଆରେ ଫଟୋ ଶେୟାର କରି କ୍ୟାପ୍‌ସନରେ ଲେଖିଛନ୍ତି, 'ସେ ତାଙ୍କ ପୁଅର ସ୍ୱାଗତ ପାଇଁ କେତେ ଖୁସି ଅଛନ୍ତି, ତାହା ଶବ୍ଦରେ କହିପାରିବି ନାହିଁ। ତାଙ୍କ ହୃଦୟ ଭରିଯାଇଛି।' ଏହି ଖୁସି ଖବର ପାଇଁ ତାଙ୍କୁ ପ୍ରଶଂସକମାନେ ଅନେକ ଶୁଭେଚ୍ଛା ଜଣାଉଛନ୍ତି। ଇଲିଆନା ଗର୍ଭବତୀ ହେବା ପରଠାରୁ ସେ ସୋସିଆଲ ମିଡିଆରେ ଖୁବ୍ ସକ୍ରିୟ ହୋଇଯାଇଛନ୍ତି। ସେ ନିଜର ବେବି ବମ୍ପରୁ ଆରମ୍ଭ କରି ସେ ସମୟର ସମସ୍ତ ଅସୁବିଧା ଓ ଖୁସିକୁ ଫ୍ୟାନ୍ସଙ୍କ ସହ ଶେୟାର କରୁଥିଲେ। ହେଲେ 'କୋଆ ଫିନିକ୍ସ ଡୋଲନ'ଙ୍କ ବାପାଙ୍କୁ ନେଇ ଅନେକଙ୍କ ପ୍ରଶ୍ନ ରହିଥିଲା। ଯେଉଁଥିରେ ଇଲିଆନା ଏକ ଫଟୋ ଶେୟାର କରି ସେହି ମଣିଷ ବାବଦରେ ଜଣାଇଛନ୍ତି। ସେ କହିଛନ୍ତି, ତାଙ୍କର ନିର୍ବନ୍ଧ ହୋଇଯାଇଛି, କିନ୍ତୁ ବିବାହ ହୋଇନାହିଁ। ସେ ଅଗଷ୍ଟ ୧ରେ ତାଙ୍କ ପୁଅକୁ ଜନ୍ମ ଦେଇଥିବା କହିଛନ୍ତି। ତେବେ ଇଲିଆନା ୨୦୦୬ରେ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ପାଇଁ ତାଙ୍କୁ ଫିଲ୍ମ 'ଦି ବିଗ୍ ବୁଲ୍'ରେ ଦେଖିବାକୁ ମିଳିଥିଲା। ଏଥିସହ କିଛି ମ୍ୟୁଜିକ୍ ଭିଡିଓରେ ମଧ୍ୟ ସେ ନଜରକୁ ଆସିଛନ୍ତି।

## ଗ୍ରାହକଙ୍କୁ ସରପ୍ରାଇଜ୍ ଦେଲେ ଜୋମାଟୋ ସିଇଓ



ମୁମ୍ବାଇ

ବନ୍ଧୁତ୍ୱ ଦିବସରେ ଅନେକ ତାଙ୍କ ବନ୍ଧୁଙ୍କୁ କିଛି ନା କିଛି ଉପହାର ସ୍ୱରୂପ ଦେଇଥା'ନ୍ତି। ଏହି ବନ୍ଧୁତ୍ୱ ଦିବସକୁ ଜୋମାଟୋର ସିଇଓ ଦିପିନ୍ଦର ଗୋୟଲ ଭିନ୍ନ ରକମରେ ପାଳିଛନ୍ତି। ସେ ଏହି ଦିବସ ଅବସରରେ ତାଙ୍କ ଗ୍ରାହକଙ୍କୁ ସରପ୍ରାଇଜ୍ ଦେଇଛନ୍ତି। ସେ ଟୁଇଟରରେ ତାଙ୍କର ଏକ ଫଟୋ ପୋଷ୍ଟ କରିଛନ୍ତି। ଏଥିରେ ସେ ଜୋମାଟୋ ଡେଲିଭରି ବୟଙ୍କ ଟି-ଶାର୍ଟ ପିନ୍ଧି ଏକ ରୟାଲ ଏନ୍‌ଫିଲ୍ଡରେ ପିଠିରେ ଜୋମାଟୋର ବ୍ୟାଗ ଧରିଥିବା ଦେଖିବାକୁ ମିଳିଛି। ପ୍ରକୃତରେ ଗୋୟଲ ଡେଲିଭରି ପାର୍ଟନର୍, ରେଷ୍ଟୁରାଣ୍ଟ ପାର୍ଟନର୍ ଏବଂ ଗ୍ରାହକଙ୍କୁ ଫ୍ରେଣ୍ଡଶିପ୍ ବ୍ୟାଣ୍ଡ ଏବଂ ଖାଦ୍ୟ ଦେବାକୁ ବାହାରିଛନ୍ତି। ଟୁଇଟ୍‌ରେ ତାଙ୍କ ହାତରେ କିଛି ଫ୍ରେଣ୍ଡଶିପ୍ ବ୍ୟାଣ୍ଡ ଧରିଥିବା ଦେଖିବାକୁ ମିଳିଛି। ତାଙ୍କର ଏହି ପୋଷ୍ଟରେ ଅନେକ ଲୋକ ଭିନ୍ନ ଭିନ୍ନ କମେଣ୍ଟ କରିଛନ୍ତି। ଜଣେ ଲେଖିଛନ୍ତି, ଆଜି ଆପଣଙ୍କୁ ଦେଖି ଅନେକଙ୍କ ଦିନ ବନିଯିବ। ଅନ୍ୟ ଜଣେ ଆପଣଙ୍କୁ ଦେଖି ଅନେକ ଖୁସି ହେବେ ବୋଲି ଲେଖିଥିଲେ। ଭାରତରେ ବନ୍ଧୁତ୍ୱ ଦିବସ ପ୍ରତିବର୍ଷ ଅଗଷ୍ଟ ମାସ ପ୍ରଥମ ରବିବାରରେ ପାଳନ କରାଯାଇଥାଏ। ଭାରତ ବ୍ୟତୀତ ଅନ୍ୟ ଦେଶ ମଧ୍ୟ ଏହି ଦିନରେ ବନ୍ଧୁତ୍ୱ ଦିବସ ପାଳନ କରିଥାନ୍ତି, ଯେଉଁଥିରେ ବାଂଲାଦେଶ, ୟୁଏଇ, ମାଲେସିଆ, ଆମେରିକା ମଧ୍ୟ ସାମିଲ ରହିଛି।

## 'ଗଦ୍ଦର ୨'ର ୪୫ ହଜାରରୁ ଊର୍ଦ୍ଧ୍ୱ ଟିକେଟ ଅଗ୍ରିମ ବିକ୍ରି



**ମୁମ୍ବାଇ:** ସନି ଦେଓଲଙ୍କ ସୁପର ହିଟ୍ ଫିଲ୍ମ 'ଗଦ୍ଦର'ର ସଫଳତା ପରେ ଏହାର ଦ୍ୱିତୀୟ ଭାଗ 'ଗଦ୍ଦର ୨' ଆସନ୍ତା ୧୧ରେ ରିଲିଜ୍ ହେବାକୁ ଯାଉଛି। ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଅନେକ ଉତ୍ସାହ ଦେଖିବାକୁ ମିଳୁଛି। ଅଗଷ୍ଟ ପହିଲାରୁ ଏହାର ଆଡ୍‌ଭାନ୍ସ ଟିକେଟ୍ ବୁକିଂ ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନରେ ହିଁ ରେକର୍ଡ ଭାଙ୍ଗିଥିଲା। ଫଳରେ ଏଥିରେ ଭଲ ରୋଜଗାର ହେବ ବୋଲି ଜଣାପଡ଼ିଛି। ଅନିଲ ଶର୍ମାଙ୍କ ନିର୍ଦ୍ଦେଶିତ 'ଗଦ୍ଦର ୨'ର ଏପର୍ଯ୍ୟନ୍ତ ଆଡ୍‌ଭାନ୍ସ ବୁକିଂରେ ୪୫ ହଜାରରୁ ଊର୍ଦ୍ଧ୍ୱ ଟିକେଟ ବିକ୍ରି ସରିଛି। ଏଥିରେ ପାଖାପାଖି ୧ କୋଟି ରୋଜଗାର ହୋଇଛି। ସିନେମାର ଆଡ୍‌ଭାନ୍ସ ବୁକିଂକୁ ଦେଖିଲେ ଏହା ପଠାନ୍ ପରେ ଭଲ ବ୍ୟବସାୟ କରିବ ବୋଲି ଜଣାପଡ଼ିଛି। ତଥ୍ୟ ଅନୁସାରେ, ଅକ୍ଷୟ କୁମାରଙ୍କ 'ଓ ମାଇଁ ଗଡ୍-୨' ଓ 'ଗଦର ୨' ମଧ୍ୟରେ କଡ଼ା ମୁକାବିଲା ହେବ। ଏହା ଏକ ଆକ୍ସନଭିତ୍ତିକ ଚଳଚ୍ଚିତ୍ର ହୋଇଥିବାବେଳେ ଏଥିରେ ସନି ଦେଓଲଙ୍କ ଦମଦାର୍ ଅଭିନୟ ଦେଖିବାକୁ ମିଳିବ। 'ଗଦର ୨' ରିଲିଜ୍ ଦିନରେ ୧୫ କୋଟିରୁ ଅଧିକ ବ୍ୟବସାୟ କରିବ ବୋଲି ଜଣାପଡ଼ିଛି। ଫିଲ୍ମର ଟ୍ରେଲର ଏବଂ ଦୁଇଟି ଗୀତ ରିଲିଜ୍ ପରେ ତାହା ଦର୍ଶକଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା।

# ଏନ୍‌ସିପିରେ ବିବାଦର ପ୍ରମାଣ ନାହିଁ

ନୂଆଦିଲ୍ଲୀ,୬।୮

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ଅଜିତ ପାୱାର ଦଳୀୟ ନିର୍ବାଚନୀ ଚିହ୍ନ ପାଇଁ ଦାବି କରିବା ଅପରିପକ୍ୱତା ଓ ଦୁର୍ଭାବନାପୂର୍ଣ୍ଣ ବୋଲି ଶରଦ ପାୱାର ଗୋଷ୍ଠୀ ନିର୍ବାଚନ କମିଶନ (ଇସି)ଙ୍କୁ ଜଣାଇଛନ୍ତି। ଏନ୍‌ସିପିରେ ଦୁଇ ଗୋଷ୍ଠୀ ରହିଥିବାର ପ୍ରତିଫଳିତ ହେଉନାହିଁ କି ଏହାର କୌଣସି ପ୍ରମାଣ ନାହିଁ। ତେଣୁ ସେମାନଙ୍କ ଦାବି ପ୍ରତ୍ୟାଖ୍ୟାନ ହେବା ଆବଶ୍ୟକ ବୋଲି ପାୱାର ଗୋଷ୍ଠୀ କହିଛି। ଗତ ମାସରେ ଅଜିତ ପାୱାର ଓ ତାଙ୍କ ଅନୁଗତ ବିଧାୟକମାନେ ଭାଜପା–ଏକନାଥ ଶିନ୍ଦେ ମେଣ୍ଟରେ ସାମିଲ ହୋଇ


ଶରଦ ପାୱାର

ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଶିନ୍ଦେଙ୍କ ଶିବସେନା ଗୋଷ୍ଠୀ ଭଳି ସେମାନେ ନିଜକୁ ପ୍ରକୃତ ଏନ୍‌ସିପି ଦାବି କରୁଛନ୍ତି। ଅଜିତ୍‌ଙ୍କ ନେତୃତ୍ୱରେ ଦଳୀୟ ବିଧାୟକମାନେ

## ଇସିଙ୍କୁ ଜଣାଇଲା ପାୱାର ଗୋଷ୍ଠୀ

ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇ ଦଳୀୟ ନାମ ଓ ନିର୍ବାଚନୀ ଚିହ୍ନ ଦାବି କରିଥିଲେ। ଗତ ଜୁନ୍ ୩୦ରେ ପ୍ରସ୍ତାବ ଗୃହୀତ ହୋଇ ଅଜିତ ପାୱାରଙ୍କୁ ଏନ୍‌ସିପି ମୁଖ୍ୟ ନିର୍ବାଚିତ କରାଯାଇଥିବା ସେମାନେ ନିର୍ବାଚନ କମିଶନଙ୍କୁ କହିଥିଲେ। ଉକ୍ତ ପ୍ରସ୍ତାବରେ ଦଳର ଅଧିକାଂଶ ସଦସ୍ୟ ସ୍ୱାକ୍ଷର କରିଥିବା ସେମାନେ ଦାବି କରିଥିଲେ। ତେବେ ଏନ୍‌ସିପିରେ ବିବାଦ ଥିବା ନେଇ ଅଜିତ ପ୍ରମାଣ ଦେଖାଇପାରି ନ ଥିଲେ। ତେଣୁ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ଏବଂ ଅଜିତଙ୍କ ନେତୃତ୍ୱାଧୀନ ଏନ୍‌ସିପିରେ ବିବାଦ ଥିବା ନେଇ ନିର୍ବାଚନ କମିଶନ କୌଣସି ନିଷ୍ପତ୍ତି ନେଇପାରି ନାହାନ୍ତି। କାରଣ ଜୁଲାଇ ୧ ପୂର୍ବରୁ ଅଜିତ ଏନ୍‌ସିପି କିମ୍ବା ଶରଦ ପାୱାରଙ୍କ ବିରୋଧରେ କୌଣସି ଅଭିଯୋଗ ଆଣି ନ ଥିଲେ। ସେ ପାୱାରଙ୍କ ସହ କିମ୍ବା ଏନ୍‌ସପିର ଅନ୍ୟ କୌଣସି ନେତାଙ୍କ ସହ ବୈଠକ କରିବା ପାଇଁ ଅନୁରୋଧ ମଧ୍ୟ କରି ନ ଥିଲେ ବୋଲି ପାୱାର ଗୋଷ୍ଠୀ ଦାଖଲ କରିଥିବା ପିଟିଶନରେ ଉଲ୍ଲେଖ କରାଯାଇଛି। ଏଥିରୁ ଏନ୍‌ସିପିରେ ଗୋଷ୍ଠୀ ବିବାଦ ଥିବାର ପ୍ରମାଣ ନାହିଁ ବୋଲି ପାୱାର ଗୋଷ୍ଠୀ କହିଛନ୍ତି।


ମହାରାଷ୍ଟ୍ରର ପୁଣେରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଏକ ମୋମେଣ୍ଟୋ ଉପହାର ଦେଉଛନ୍ତି ମୁଖ୍ୟମନ୍ତ୍ରୀ ଏକାନାଥ ଶିନ୍ଦେ ଏବଂ ୨ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଓ ଅଜିତ ପାୱାର।

# ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମନମୋହନ

ଭୁବନେଶ୍ୱର,୬।୮ (ଅନିଲ ଦାସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ଶାସନକୁ ଆସିବା ପରେ ନୂଆ ପ୍ରେରଣା ଓ ସଂକଳ୍ପ ସହିତ ଭାରତବର୍ଷ ବିକାଶ ପଥରେ ଆଗେଇ ଚାଲିଛି। 'ଅନ୍ତ୍ୟୋଦୟ'କୁ ପ୍ରାଧାନ୍ୟ ଦେଇ ଗରିବ କଲ୍ୟାଣ ପାଇଁ ସଂକଳ୍ପବଦ୍ଧ ମୋଦି ସରକାର ନିମ୍ନ ଓ ମଧ୍ୟବିତ୍ତଙ୍କ ଉତ୍‌ଥାନ ପାଇଁ ପ୍ରତିଶ୍ରୁତିବଦ୍ଧ । ବିଶେଷ

## ଓଡ଼ିଶାର ୨୫ ରେଳଷ୍ଟେଶନର ଆଧୁନିକୀକରଣ

ଭାବେ ସାଧାରଣ ଲୋକଙ୍କ 'ଲାଇଫ୍ ଲାଇନ୍' ପାଲଟିଥିବା ରେଳବାଇ କ୍ଷେତ୍ରର ବହୁ ବିକାଶ କାର୍ଯ୍ୟ ଗତ ୯ ବର୍ଷର ମୋଦି ସରକାର ଅମଳରେ କରାଯାଇଛି। ନୂତନ ରେଳପଥ ନିର୍ମାଣ, ବିଦ୍ୟୁତ୍‌କରଣ, ନୂତନ ରେଳ ଚଳାଚଳ ସହ ରେଳଯାତ୍ରୀଙ୍କ ଆରାମଦାୟକ ସୁବିଧାକୁ ବିଶେଷ ପ୍ରାଧାନ୍ୟ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ 'ଅମୃତ ଭାରତ ଷ୍ଟେଶନ' ଯୋଜନା ଅନ୍ତର୍ଗତ ରବିବାର ସମଗ୍ର ଦେଶରେ ୫୦୮ ରେଳଷ୍ଟେଶନ ଆଧୁନିକୀକରଣର ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି। ଏଥିପାଇଁ ୨୪ ହଜାର ୪୭୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଓଡ଼ିଶାର ପ୍ରସ୍ତାବିତ ୫୭ଟି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୫ଟି ରେଳଷ୍ଟେଶନରେ ଶିଳାନ୍ୟାସ କରାଯାଇଛି । ରେଳବାଇ ବିକାଶ କ୍ଷେତ୍ରରେ ମୋଦି ସରକାର ଓଡ଼ିଶାକୁ ପ୍ରାଧାନ୍ୟ ଦେଇଥିବାରୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରଧାନମନ୍ତ୍ରୀ ଏବଂ ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଅକ୍ଟୋବର ୨୭ରେ ଜିଲାସ୍ତରରେ ହେବ ବିଶାଳ ସମାବେଶ



କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

## ଖୋର୍ଦ୍ଧା ଜିଲା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୬।୮ (ଅନିଲ ଦାସ)

ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ତଥା ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ରବିବାର ଖୋର୍ଦ୍ଧା ଜିଲାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପିସି କାରବାର ବନ୍ଦ, ବେକାରଙ୍କୁ ନିଯୁକ୍ତି, ତୈଳ ଓ ନିତ୍ୟ ବ୍ୟବହାର୍ଯ୍ୟ ଦର ହ୍ରାସ, ପ୍ରତି ବ୍ଲକରେ ଶୀତଳଭଣ୍ଡାର, କୃଷିଜାତ ଦ୍ରବ୍ୟର ଅଭାବୀ ବିକ୍ରି ବନ୍ଦ, ବିଦ୍ୟୁତ୍ ଦେୟ ହ୍ରାସ, ବାରମ୍ବାର ବିଦ୍ୟୁତ୍ କାଟ ବନ୍ଦ, ପଛୁଆ ବର୍ଗ, ଅନୁସୂଚିତ ଜାତି ଓ ଜନଜାତିଙ୍କୁ ତାଙ୍କର ନ୍ୟାଯ୍ୟ ଅଧିକାର ପ୍ରଦାନ, ନାରୀ ନିର୍ଯାତନା ବନ୍ଦ ଓ ଆବାସ ଯୋଜନାରେ ପ୍ରିୟାପ୍ରୀତି ତୋଷଣ ପ୍ରସଙ୍ଗରେ ଆସନ୍ତା ୧୮ତାରିଖରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ପ୍ରତ୍ୟେକ ବ୍ଲକ ଘେରାଉ କାର୍ଯ୍ୟକ୍ରମ ପାଇଁ ଆହ୍ୱାନ ଦେଇଛନ୍ତି । ଏହାକୁ ଖୋର୍ଦ୍ଧା ଜିଲାର ସମସ୍ତ ବ୍ଲକରେ ସଫଳତାର ସହ ପାଳନ କରାଯିବାକୁ କାର୍ଯ୍ୟକାରିଣୀରେ ନିଷ୍ପତ୍ତି ନିଆଯାଇଛି।

ଅକ୍ଟୋବର ୨୭ରେ ଖୋର୍ଦ୍ଧା ଜିଲାସ୍ତରରେ ଉକ୍ତ ପ୍ରସଙ୍ଗରେ ଏକ ବିଶାଳ ବିକ୍ଷୋଭର ଆୟୋଜନ କରାଯିବ। ଏଥିରେ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ଏ. ଚେଲ୍ଲାକୁମାର ଏବଂ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଅତିଥିଭାବେ ଯୋଗ ଦେବାକୁ ନିମନ୍ତ୍ରଣ କରାଯିବ। ଏଥିସହିତ ଜିଲା କଂଗ୍ରେସର କର୍ମକର୍ତ୍ତାମାନେ ବୁଥ୍‌ସ୍ତରକୁ ଯାଇ କେନ୍ଦ୍ର ଓ ରାଜ୍ୟ ସରକାରର ଦୁର୍ବଳତା, କୁଶାସନ ଓ ଦୁର୍ନୀତି ସମ୍ପର୍କରେ ସଚେତନ କରାଇବେ। ୨୦୨୪ରେ ସାଧାରଣ ନିର୍ବାଚନ ପାଇଁ ତୃଣମୂଳ ସ୍ତରର କର୍ମୀଙ୍କୁ ଅଧିକ କ୍ରିୟାଶୀଳ କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଜଟଣୀ ମ୍ୟୁନିସିପାଲିଟି ଏବଂ ଏହାର ଆଖପାଖ ପଞ୍ଚାୟତର ସାଧାରଣ ଜନତାଙ୍କ ପୈତୃକ ସମ୍ପତ୍ତି ଏକ ବନ୍ଦୋବସ୍ତ ଅଫିସରଙ୍କ ତ୍ରୁଟି ଯୋଗୁଁ ପ୍ରଭୁ ଜଗନ୍ନାଥଙ୍କ ଜମିରେ ପରିଣତ ହୋଇଯାଇଛି। ଏହାର ତୁରନ୍ତ ସମାଧାନ କରିବାକୁ କାର୍ଯ୍ୟକାରିଣୀ ରାଜ୍ୟ ସରକାରଙ୍କ ନିକଟରେ ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଖୋର୍ଦ୍ଧା ଜିଲାରେ ବହୁ ସରକାରୀ, ବେସରକାରୀ ଶିଳ୍ପ ଏବଂ ବିଭିନ୍ନ ଅନୁଷ୍ଠାନ ଖୋଲିଥିଲେ ମଧ୍ୟ ସ୍ଥାନୀୟ ଯୁବକ ଓ ଯୁବତୀମାନଙ୍କୁ ନିଯୁକ୍ତି ମିଳୁନାହିଁ। କାର୍ଯ୍ୟକାରିଣୀ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଉପରେ ପ୍ରାଧାନ୍ୟ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପ୍ରଥମେ ଜିଲା କଂଗ୍ରେସ ଉପସଭାପତି ତପନ ଚକ୍ରବର୍ତ୍ତୀ ଶୋକ ପ୍ରସ୍ତାବ ଆଗତ କରିଥିଲେ। ବୈଠକରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଖୋର୍ଦ୍ଧା ଜିଲା ପ୍ରଭାରୀ ପିସିସି ଉପସଭାପତି ଶୁଭେନ୍ଦୁ ମହାନ୍ତି, ସାଧାରଣ ସମ୍ପାଦକ ପୃଥିବୀ ବଲ୍ଲଭ ପଟ୍ଟନାୟକ, ମାନସ ଆଚାର୍ଯ୍ୟ, ଚିନ୍ମୟ ସୁନ୍ଦର ଦାସ, ପିସିସି ସମ୍ପାଦିକା କୁସୁମ ପ୍ରଧାନ, ବିଶ୍ୱକଲ୍ୟାଣୀ କର, ପୁଷ୍ପିତା ଦାସ ଏବଂ ଖୋର୍ଦ୍ଧା ଜିଲା କଂଗ୍ରେସର କର୍ମକର୍ତ୍ତା ପ୍ରଦୀପ ସ୍ୱାଇଁଙ୍କ ସମେତ ଜିଲାର ବହୁ ନେତା ଓ ପଦାଧିକାରୀଯୋଗ ଦେଇଥିଲେ।

# ଶାଢ଼ିରେ ବ୍ୟବହାର ହେଉଛି ପ୍ରାକୃତିକ ରଙ୍ଗ


ପ୍ରାକୃତିକ ରଙ୍ଗ ବ୍ୟବହାର ହୋଇଥିବା ସୂତାରେ ପ୍ରସ୍ତୁତ ପାଟ ଶାଢ଼ି।

ସୋନପୁର, ୬।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ପ୍ରାୟ ୨୦ ପ୍ରତିଶତ ଲୋକ ବୁଣାବୁଣି ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି। ହାତବୁଣା ଲୁଗାର ଚାହିଦାକୁ ଦେଖି ସୁବର୍ଣ୍ଣପୁର ଜିଲାର ବୁଣାକାରମାନେ ଉନ୍ନତ ଡିଜାଇନ୍‌ର ପାଟଶାଢ଼ି ବୁଣୁଛନ୍ତି। ଏଠାକାର ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଶାଢିର ଚାହିଦା ଦେଶ ବିଦେଶରେ ରହିଛି। ଜିଲାର ବୁଣାକାରମାନେ ଗତ କିଛି ବର୍ଷ ହେବ ସ୍ୱାସ୍ଥ୍ୟ ପାଇଁ ଅନୁକୂଳ ପ୍ରାକୃତିକ ରଙ୍ଗରେ ରଙ୍ଗେଇ ହୋଇଥିବା ସୂତାରେ ଶାଢି ବୁଣିବା ଆରମ୍ଭ କରିଛନ୍ତି। ବୁଣାକାରଙ୍କ ହାତତିଆରି ବମକେଇ, ପାଟ ଓ ସୂତା ବୁଣା ଶାଢ଼ି ବେଶ୍ ପ୍ରସିଦ୍ଧ। ଅତି ପୁରାତନ କାଳରେ ବୁଣାକାରମାନେ ପ୍ରକୃତିରୁ ମିଳୁଥିବା ଫଳ, ଫୁଲ, ଗଛର ଛାଲି, ପତ୍ର ଓ ମଞ୍ଜିକୁ ସଂଗ୍ରହ କରି ସେଥିରୁ ସୂତା ରଙ୍ଗ କରୁଥିଲେ। ସେହି ସୂତାରୁ ବସ୍ତ୍ର ପ୍ରସ୍ତୁତ କରୁଥିଲେ। ସମୟକ୍ରମେ ରାସାୟନିକ ରଙ୍ଗର ପ୍ରବେଶ ପରେ ଏଗୁଡିକ ଧୀରେ ଧୀରେ ଲୋପ ପାଇଯାଇଥିଲା। ଆଧୁନିକତାର ଚାକଚକ୍ୟ ଭିତରେ ଏହାର ଚାହିଦା ମଧ୍ୟ କମିଗଲା। ତେବେ ରାସାୟନିକ ରଙ୍ଗ ବ୍ୟବହାର ଦ୍ୱାରା ଶରୀରରେ ବିଭିନ୍ନ ପ୍ରକାର ଚର୍ମରୋଗ ହେଉଛି। ରାସାୟନିକ ରଙ୍ଗର ଅପକାରିତା ବିଷୟରେ ଲୋକମାନେ ଊଣାଅଧିକେ ଜାଣିଲେଣି। ତେଣୁ ବାନ୍ଧଶିଳ୍ପୀମାନେ ପୁଣି ପ୍ରକୃତିମୁହାଁ ହେଲେଣି। ବଜାର ଚାହିଦାକୁ ଅନୁଭବ କରି ବୟନଶିଳ୍ପ ବିଭାଗ ପକ୍ଷରୁ ବୀରମହାରାଜପୁର ବ୍ଲକ କେନ୍ଦୁପାଲିସ୍ଥିତ ମା' ପିତାବଳି ପ୍ରାକୃତିକ ବୁଣାକାର ସଂଘ ଆନୁକୂଲ୍ୟରେ ପାଟସୂତା ଉପରେ ପ୍ରାକୃତିକ ରଙ୍ଗ ତାଲିମ ଦିଆଯାଇଥିଲା। ତାଲିମ ପାଇ ବୁଣାକାରମାନେ ବିଭିନ୍ନ ରଙ୍ଗର ପାଟସୂତା ଦ୍ୱାରା ନିଜ ତନ୍ତଶାଳରେ ଶାଢ଼ି ବୁଣୁଛନ୍ତି। ବର୍ତ୍ତମାନ ବୀରମହାରାଜପୁରର କେନ୍ଦୁପାଲି ଓ ଟାଙ୍ଗରସାହିର ୧୦ରୁ ୧୨ ଗୋଟି ତନ୍ତରେ ପ୍ରାକୃତିକ ରଙ୍ଗ ସୂତାରେ ବୁଣାକାର୍ଯ୍ୟ ହେଉଛି। ଏହାର ଉତ୍ପାଦନ ମଧ୍ୟ ଆରମ୍ଭ ହୋଇଯାଇଛି। ବଜାର ଚାହିଦା ଦେଖି ଅନ୍ୟ ବୁଣାକାରମାନେ ମଧ୍ୟ ଅନୁକରଣ କରିବେ ବୋଲି ବୟନଶିଳ୍ପ ବିଭାଗ ଆଶା ରଖିଛି। ପ୍ରାକୃତିକ ରଙ୍ଗ ପଦ୍ଧତି ରାସାୟନିକ ରଙ୍ଗଠାରୁ ସମୟସାପେକ୍ଷ। କିନ୍ତୁ ଶରୀର ପାଇଁ ହିତକର। ପ୍ରକୃତିରୁ ମିଳୁଥିବା ରଙ୍ଗ ଯଥା ଗଙ୍ଗଶିଉଳି, ଗେଣ୍ଡୁଫୁଲ, ହରିଡ଼ା, ଅଁଳା ଭଳି ଫୁଲ ଓ ମଞ୍ଜିକୁ ସଂଗ୍ରହକରି ରଙ୍ଗ ବାହାର କରାଯାଉଛି। ମାଷ୍ଟର ଟ୍ରେନର ତଥା ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାର ମଗୁଲୁ ମେହେର ପାଟସୂତାକୁ କିପରି ରଙ୍ଗ କରିବ ଓ ସେହି ସୂତାରେ ପାଟ ବୁଣାଯିବ ସେ ନେଇ ବୁଣାକାରମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ବୀରମହାରାଜପୁର ବ୍ଲକ ରଥପୁରର ମହିଳା ବୁଣାକାର ପଦ୍ମାବତୀ ମେହେର, ଟାଙ୍ଗରସାହିର ନମିତା ମେହେର ଓ ଯଶୋବନ୍ତୀ ମେହେର କୁହନ୍ତି, ଆମେ କିଛି ମାସ ହେବ ପ୍ରାକୃତିକ ରଙ୍ଗ ଦ୍ୱାରା ରଙ୍ଗ କରାଯାଇଥିବା ସୂତାରେ ଲୁଗା ବୁଣୁଛୁ। ଏହି ଶାଢୀର ଚାହିଦା ଅଧିକ ରହୁଛି।


ପାଟସୂତାକୁ ପ୍ରାକୃତିକ ରଙ୍ଗ ଦ୍ୱାରା ରଙ୍ଗିନ କରାଯାଇଛି।

## ଆଜି ଜାତୀୟ ହସ୍ତତନ୍ତ ଦିବସ

**ପୋଷାକକୁ ନେଇ ବିଭିନ୍ନ ବର୍ଗର ଲୋକଙ୍କର ଭିନ୍ନ ଭିନ୍ନ ପସନ୍ଦ ରହିଥିଲେ ମଧ୍ୟ ହାତବୁଣା ବା ହସ୍ତତନ୍ତ ବସ୍ତ୍ରର ଚାହିଦା ଯଥେଷ୍ଟ ଅଧିକ। ବୁଣାକାରମାନେ ସୂତାକୁ ସୂତାରେ ଛନ୍ଦି, ରଙ୍ଗକୁ ରଙ୍ଗରେ ମିଶେଇ ଏହି ବସ୍ତ୍ର ପ୍ରସ୍ତୁତ କରନ୍ତି। ପୁରାତନ କାଳରେ ପେଟ ପୋଷିବାର ଏହା ଏକ ମାଧ୍ୟମ ହୋଇଥିଲା। ହେଲେ ଏବେ ଏହାକୁ କଳା ଭାବେ ବିବେଚନା କରାଯିବା ସହ ସ୍ୱୀକୃତି ବି ମିଳିଛି। ବୁଣାକାରଙ୍କ ପରିଶ୍ରମ ଓ କଳାକୁ ସମ୍ମାନ ଦେବା ପାଇଁ ପ୍ରତିବର୍ଷ ଅଗଷ୍ଟ ୭ରେ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯାଉଛି। ଏହି ଅବସରରେ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା...**



# ଜାତୀୟସ୍ତରର ବାନ୍ଧଶିଳ୍ପୀ ପ୍ରହ୍ଲାଦ ମେହେର

ସୋନପୁର, ୬।୮ (ମୃତ୍ୟୁଞ୍ଜୟ ଶତପଥୀ)

ଦେଶ ବିଦେଶରେ ହସ୍ତତନ୍ତ କ୍ଷେତ୍ରରେ ସୁବର୍ଣ୍ଣପୁର ଜିଲାର ପ୍ରସିଦ୍ଧି ରହିଛି। ପ୍ରହ୍ଲାଦ ମେହେର(୬୨) ଏହି ଜିଲାର ଜଣେ ପ୍ରସିଦ୍ଧ ବାନ୍ଧଶିଳ୍ପୀ। ସୁବର୍ଣ୍ଣପୁର ସହର ଷ୍ଟେଟ୍‌ବ୍ୟାଙ୍କ୍ ରୋଡ୍‌ରେ ତାଙ୍କ ଘର। କୌଳିକ ବୃତ୍ତି ଭାବେ ଛୋଟବେଳୁ ବାନ୍ଧକଳାକୁ ସେ ଆପଣେଇ ନେଇଛନ୍ତି। ଗତ ୫୦ ବର୍ଷ ଧରି ବୟନ, ବାନ୍ଧକଳା ଓ ଡିଜାଇନିଂରେ ସେ ସମର୍ପିତ। ସବୁବେଳେ କିଛି ନୂଆ ଏବଂ ସ୍ୱତନ୍ତ୍ର କରିବା ପାଇଁ ସେ ଚେଷ୍ଟା କରିଥାନ୍ତି। ଜଗନ୍ନାଥାଷ୍ଟକମ୍, ସୌରାଙ୍ଗିନୀ ଓ ଚକ୍ରବ୍ୟୂହ ଭଳି ଅନେକ ଶାଢ଼ି ବୁଣି ସେ ପ୍ରଶଂସା ସାଉଣ୍ଟିଛନ୍ତି। ସେଥିପାଇଁ ପ୍ରହ୍ଲାଦଙ୍କୁ ଜାତୀୟ, ରାଜ୍ୟସ୍ତରରେ ଅନେକ ସମ୍ମାନ ଓ ପୁରସ୍କାର ମିଳିଛି। ସେ ନିଜେ ଗ୍ରାଫିକ୍ସ ଡିଜାଇନିଂ କରିବା ସହ ନିଜର ସୂକ୍ଷ୍ମ ବାନ୍ଧ କାରିଗରି କଳା ଦ୍ୱାରା ସୁନ୍ଦର ସିଲ୍‌କି ଶାଢ଼ି, କାନ୍ଥଝୁଲା ଆଦି ବୁଣନ୍ତି। ୨୦୨୨ରେ ଦିଲ୍ଲୀର ଅଶୋକା ହୋଟେଲରେ ଆୟୋଜିତ ଅଷ୍ଟମ ଜାତୀୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ସମାରୋହରେ ପ୍ରହ୍ଲାଦ ୨୦୧୮ ମସିହା ପାଇଁ ସନ୍ଥ କବିର ସମ୍ମାନରେ ସମ୍ମାନିତ ହୋଇଥିଲେ। କେନ୍ଦ୍ର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ହସ୍ତତନ୍ତ ଓ ବୟନ କଳାକୃତି ବମକେଇ ପାଟଶାଢ଼ି ଡିଜାଇନିଂ ପାଇଁ ପୁରସ୍କୃତ ହୋଇଥିଲେ। ୨୦୦୪ରେ ତତ୍କାଳୀନ ରାଷ୍ଟ୍ରପତି ଅବ୍‌ଦୁଲ କଲାମ ତାଙ୍କୁ ଜାତୀୟସ୍ତର ପୁରସ୍କାରରେ ସମ୍ମାନିତ କରିଥିଲେ। ୨୦୦୩ରେ ରାଜ୍ୟସ୍ତରୀୟ ସମ୍ମାନ, ୨୦୧୩ରେ ବୟନିକା ପକ୍ଷରୁ ବେଷ୍ଟ ପ୍ରଡକ୍ଟ ଆୱାର୍ଡ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଏମିନେଣ୍ଟ ପର୍ସନ ଆୱାର୍ଡ ଭଳି ଅନେକ ସମ୍ମାନ ତାଙ୍କୁ ମିଳିଛି। ସୂକ୍ଷ୍ମ ସୂତାରେ ଟାଏ ଓ ଡାଏରେ ବୁଣାବୁଣି, ପାଟଶାଢ଼ିର ଗ୍ରାଫ୍ ଡିଜାଇନ ଓ ପ୍ରସ୍ତୁତି ସବୁଥିରେ ସେ ପାରଙ୍ଗମ। ବସ୍ତ୍ର ମାଧ୍ୟମରେ କଳା, ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର ପାଇଁ ଉଦ୍ୟମ ଜାରି ରଖିଛନ୍ତି।

**ବୟନ, ବାନ୍ଧକଳା ଓ ଡିଜାଇନିଂରେ ସମର୍ପିତ**

ଏ ସମ୍ପର୍କରେ ପ୍ରହ୍ଲାଦ କୁହନ୍ତି, ବାପା ଖଗେଶ୍ୱରଙ୍କ ନିକଟରୁ କୌଳିକ ବୃତ୍ତି ଭାବେ ବାନ୍ଧକଳା ଶିଖିଥିଲେ। ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ ମାତ୍ର ୧୨ ବର୍ଷ ବୟସରୁ ସେ ଏହି କାର୍ଯ୍ୟ କରିଆସୁଛନ୍ତି। ଏଥିରେ ପରିବାର ଲୋକେ ତାଙ୍କୁ ସହଯୋଗ କରୁଛନ୍ତି। ନିଜେ ରୋଜଗାରକ୍ଷମ ହେବା ସହିତ ୨୦୦୮ ମସିହାରୁ ପଟାଭାଡିରେ ଡିଜାଇନ୍ ଡେଭେଲପ୍‌ମେଣ୍ଟ ସେଣ୍ଟର ଖୋଲି ୨୦ରୁ ଊର୍ଦ୍ଧ୍ୱ ବୁଣାକାର ପରିବାରକୁ କର୍ମସଂସ୍ଥାନ ଯୋଗାଇ ଆସୁଛନ୍ତି। କୃଷି ପରେ ହସ୍ତତନ୍ତ ଦ୍ୱାରା ସୁବର୍ଣ୍ଣପୁର ଜିଲାର ଅଧିକ ଲୋକ ଜୀବିକା ନିର୍ବାହ କରିଆସୁଛନ୍ତି। ତେଣୁ ଜିଲାରେ ଅନ୍ତର୍ଜାତୀୟ ହସ୍ତତନ୍ତ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ସେ ଦାବି କରିଛନ୍ତି। ଏପରି କି ଗତ ଜୁଲାଇ ୪ରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫–ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସୁବର୍ଣ୍ଣପୁର ଜିଲା ଗସ୍ତ ସମୟରେ ମେହେର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସଚିବଙ୍କୁ ଏ ସମ୍ପର୍କିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।


ବୁଣାକାର ପ୍ରହ୍ଲାଦ ମେହେର ନିଜ ଦ୍ୱାରା ପ୍ରସ୍ତୁତ ଚକ୍ରବ୍ୟୂହ ସିଲ୍‌କି ପାଟଶାଢ଼ି ପ୍ରଦର୍ଶନ କରୁଛନ୍ତି ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ପର୍ବତାରୋହଣ ଅଭିଯାନର ଶୁଭାରମ୍ଭ

## ୧୭ ସଦସ୍ୟଙ୍କ ନେତୃତ୍ୱ ନେବେ ନୀଳାଚଳ ପରିଡ଼ା

ଭୁବନେଶ୍ୱର, ୬।୮ (ତପନ ସ୍ୱାଇଁ)

କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ରବିବାର କଳିଙ୍ଗ ଷ୍ଟାଡିୟମରେ ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ପର୍ବତାରୋହଣ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନରେ ଏଥର ପର୍ବତାରୋହୀମାନେ ୟୁରୋପର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବ୍ରୁଶ୍ ଆରୋହଣ କରିବେ। ପର୍ବତାରୋହୀ ଦଳର ମୋଟ ୧୭ ସଦସ୍ୟ ରହିବେ ଏବଂ ଏହାର ନେତୃତ୍ୱ ନେବେ ନୀଳାଚଳ ପରିଡ଼ା। ଓଡ଼ିଶାର ମୋଟ ୫ ସଦସ୍ୟ ଏହି ଦଳରେ ରହିଛନ୍ତି। ମାଉଣ୍ଟ ଏଲବ୍ରୁଶ୍ ଅଭିଯାନ ସୋମବାର ଆରମ୍ଭ ହୋଇ ୨୧ରେ ଶେଷ ହେବ। କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ଏବଂ ଅନ୍ୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ନୀଳାଚଳଙ୍କ ବ୍ୟତୀତ ଏହି ଅଭିଯାନରେ ଓଡ଼ିଶାରୁ ସାମିଲ ହୋଇଥିବା ଅନ୍ୟ ପର୍ବତାରୋହୀମାନେ ହେଲେ ଚିନ୍ମୟ ସିଂ, ଶ୍ରୀକାନ୍ତ ଖୁଣ୍ଟିଆ, ରଞ୍ଜୀତ ବୀରା ଓ ଆଦିତ୍ୟ ପ୍ରସାଦ ଖାଡଗା। ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ଅବସରରେ ପର୍ବତାରୋହୀମାନେ ମାଉଣ୍ଟ ଏଲବ୍ରୁଶ୍ ଉପରେ ତ୍ରିରଙ୍ଗା ଉଡ଼ାଇ ଦେଶପାଇଁ ଜୀବନ ଦେଇଥିବା ଶହୀଦ ଏବଂ କୋଭିଡ୍ ମହାମାରୀରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ''କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଅଭିଯାନରେ ବାହାରିଥିବା ପର୍ବତାରୋହୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପର୍ବତାରୋହୀଭାବେ ନୀଳାଚଳ ଅନ୍ୟମାନଙ୍କ ପାଇଁ ପ୍ରେରଣା ଏବଂ ଜଣେ କୋଭିଡ ଯୋଦ୍ଧା। ସୁରକ୍ଷିତଭାବେ ଏହି ଅଭିଯାନ ଶେଷ ହେଉ ବୋଲି ସେ କାମନା କରିଛନ୍ତି। ପୂର୍ବରୁ ନୀଳାଚଳ ଆଫ୍ରିକାର ମାଉଣ୍ଟ କିଲିମାଞ୍ଜାରୋ ଆରୋହଣ ଅବସରରେ ଜାତୀୟ ପତାକା ଉଡ଼ାଇଥିଲେ।


କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସଙ୍କ ସହ ନୀଳାଚଳ ପରିଡ଼ା।

# ଭୁବନେଶ୍ୱର, ରାଉରକେଲା ଜୋନ୍ ଚାମ୍ପିୟନ୍


ଖେଳାଳିଙ୍କ ସହ ଅତିଥି ପରିଚିତ ହେଉଛନ୍ତି।

## ସିଆଇଏସ୍‌ସିଇ ଆଞ୍ଚଳିକ ହକି ପ୍ରତିଯୋଗିତା

ଭୁବନେଶ୍ୱର,୬।୮ (ବନ୍ଦନା ସେଠୀ)

ଭୁବନେଶ୍ୱର ଲୟୋଲା ସ୍କୁଲ ଆନୁକୁଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ସିଆଇଏସ୍‌ସିଇ ଆଞ୍ଚଳିକ ହକି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱର, ରାଉରକେଲା, ବାଲେଶ୍ୱର, ବଲାଙ୍ଗୀର, କଟକ ଓ ଝାରସୁଗୁଡା ଜୋନ୍‌ର ୧୮୦ରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ହକି ଆସୋସିଏଶନର ଉପ ସଭାପତି ଜୀବନ ମହାନ୍ତି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନୀଲେଶ ସେଠୀ, ବି.କେ. ତ୍ରିପାଠୀ, ଲୀନା ଖୁରାନା, ଲିଜି ଯୋଶେଫ୍, ଫାଦର ଅଗଷ୍ଟିନ୍ ରେକ୍ଟର ଓ ନନ୍ଦିତା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହା ସହିତ ଲୟୋଲା ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନୀ ଉତ୍ସବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

୩ଟି ବୟସ ବର୍ଗରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ୧୪ ବର୍ଷରୁ କମ୍ ବୟସ ବର୍ଗରେ ଭୁବନେଶ୍ୱର ଜୋନ୍ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ରାଉରକେଲା ଏହି ବର୍ଗରେ ରନରଅପ୍ ରହିଥିଲା। ୧୭ ବର୍ଷରୁ କମ୍ ବୟସ ବର୍ଗରେ ରାଉରକେଲା ଜୋନ୍ ଚାମ୍ପିୟନ ଓ ଭୁବନେଶ୍ୱର ରନର ଅପ୍ ଆଖ୍ୟା ଅର୍ଜନ କରିଥିଲା। ୧୯ ବର୍ଷରୁ କମ୍ ବୟସ ବର୍ଗରେ ରାଉରକେଲା ଜୋନ୍ ବିଜୟୀ ହୋଇଥିବା ବେଳେ ଝାରସୁଗୁଡା ରନରଅପ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜନ୍ ମାଇକେଲ ଜର୍ଜ, ପି. ସେଲଭି ଓ ପି.କେ. ମହାନ୍ତି ଅତିଥି ଭାବେ ଯୋଗଦେଇ ବିଜେତା ଦଳଙ୍କୁ ପୁରସ୍କୃତ କରିଥିଲେ। ଲୟୋଲା ସ୍କୁଲର ରେନନ ସେଲଡ୍ ଟପ୍ପୋ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# ଲାଗୁହେବନି ନୂତନ ପେନାଲ୍ଟି କର୍ନର ନିୟମ: ଏଲିଜାବେଥ ଫୁଏର୍ଷ୍ଟ

**ଚେନ୍ନାଇ,୬।୮ (ପି.ଟି.):** ଅନ୍ତର୍ଜାତୀୟ ହକିରେ ପ୍ରସ୍ତାବିତ ପେନାଲ୍ଟି କର୍ନରର ପରିବର୍ତ୍ତିତ ନିୟମ ବର୍ତ୍ତମାନ ଲାଗୁ ହେବ ନାହିଁ ବୋଲି ଏସିଆନ୍ ହକି ଫେଡେରେଶନର ଇଭେଣ୍ଟ ଓ କ୍ରୀଡା ନିର୍ଦ୍ଦେଶକ ଏଲିଜାବେଥ ଫୁଏର୍ଷ୍ଟ ରବିବାର ପ୍ରକାଶ କରିଛନ୍ତି। ନୂତନ ନିୟମ ଲାଗୁ ହେଲେ ଡିଫେଣ୍ଡର ମାନଙ୍କ ଆଘାତପ୍ରାପ୍ତ ହେବାର ସମ୍ଭାବନା ହ୍ରାସ ପାଇବ। ତେବେ ଏହାକୁ ଲାଗୁ କରିବା ପୂର୍ବରୁ ଏହାର ପରୀକ୍ଷଣ କରାଯିବ। ବିଭିନ୍ନ ପର୍ଯ୍ୟାୟର ପରୀକ୍ଷଣ ପରେ ଏହି ନିୟମ ଲାଗୁ କରାଯିବ କି ନାହିଁ ବିଚାର କରାଯିବ ବୋଲି ଫୁଏର୍ଷ୍ଟ କହିଛନ୍ତି। ବର୍ତ୍ତମାନ ଏହି ପରୀକ୍ଷଣର ପ୍ରାରମ୍ଭିକ ପର୍ଯ୍ୟାୟ ଜାରି ରହିଛି। ଏକାଧିକ ପର୍ଯ୍ୟାୟର ପରୀକ୍ଷଣ ପରେ ଯଦି ଅନ୍ତର୍ଜାତୀୟ ହକି ଫେଡେରେଶନ ଅନୁମତି ପ୍ରଦାନ କରେ ତେବେ ଏହାକୁ ଲାଗୁ କରାଯିବ ବୋଲି ସେ ମତ ଦେଇଛନ୍ତି।

# ଜୁଡୋକା ଜସଲିନ୍ ଡୋପ୍ ଟେଷ୍ଟରେ ବିଫଳ

ନୂଆଦିଲ୍ଲୀ, ୬।୮ (ପି.ଟି.)

ଏସିଆନ ଗେମ୍ସ ସମ୍ଭାବ୍ୟଙ୍କ ମଧ୍ୟରେ ସ୍ଥାନ ପାଇଥିବା ଜୁଡୋକା ଜସଲିନ୍ ସିଂ ସଇନି ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଗତମାସରେ ତାଇପେ ଓପନ ପ୍ରତିଯୋଗିତା ସମୟରେ ତାଙ୍କର ଡୋପ୍ ଟେଷ୍ଟ ହୋଇଥିଲା। ଗତ ମାସ ପ୍ରାରମ୍ଭରେ ତାଇପେ ଏସିଆ ଓପନ ୬୬କେଜି କାଟେଗୋରିରେ ୨୫ ବର୍ଷୀୟ ସଇନି ଏକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଇଣ୍ଟରନ୍ୟାଶନାଲ ଜୁଡୋ ଫେଡେରେଶନ ପାଇଁ ଇଣ୍ଟରନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଆଇଟିଏ) ତରଫରୁ ଡୋପ୍ ଟେଷ୍ଟ କରାଯାଇଥିଲା। ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ହେବାକୁଥିବା ହାଙ୍ଗ୍‌ଝୋ ଏସିଆନ ଗେମ୍ସ ପାଇଁ ପ୍ରସ୍ତୁତ କରାଯାଇଥିବା ସମ୍ଭାବ୍ୟ ତାଲିକାରେ ସଇନିଙ୍କ ନାମ ପ୍ରକାଶ ପାଇଛି। ଭାରତୀୟ ଜୁଡୋ ମହାସଂଘ ତରଫରୁ ଏପ୍ରିଲରେ ଦିଲ୍ଲୀରେ ଏକ ସିଲେକ୍ସନ ଟ୍ରାଏଲ ଆୟୋଜନ କରାଯାଇଥିଲା। କିନ୍ତୁ ଚୂଡ଼ାନ୍ତ ଦଳ ଏପର୍ଯ୍ୟନ୍ତ ପ୍ରକାଶ ପାଇ ନାହିଁ। ଦୁଇ ମାସ ମଧ୍ୟରେ ଡୋପ୍ ଟେଷ୍ଟରେ ବିଫଳ ହେବାରେ ସେ ହେଉଛନ୍ତି ୫ମ ଜୁଡୋକା। ଡୋପ୍ ଟେଷ୍ଟରେ ବିଫଳ ହୋଇଥିବା ଅନ୍ୟ ୪ ଜୁଡୋକା ହେଲେ ହର୍ଷଦୀପ ବ୍ରାର (୮୧କେଜି), ଗୁଲାବ ଅଲି ମୋହସିନ (୬୦କେଜି), ରାହୁଲ ଶ୍ୱେତା (୮୧କେଜି) ଓ ଅକ୍ଷୟ (୬୬କେଜି)। ଗତ ମାସରେ ପ୍ରତିଯୋଗିତା ବାହାରେ ଭୋପାଳରେ ଅନୁଷ୍ଠିତ ନ୍ୟାଶନାଲ କ୍ୟାମ୍ପରେ ଡୋପ୍ ଟେଷ୍ଟ ହୋଇଥିଲା। ଏହି ସମସ୍ତ ୪ଜଣଙ୍କୁ ତୁରନ୍ତ ସସ୍‌ପେଣ୍ଡ କରାଯାଇଛି।

# ତିଳକ ବର୍ମାଙ୍କ ପ୍ରଥମ ଅର୍ଦ୍ଧଶତକ

## ଦ୍ୱିତୀୟ ଟି୨୦

ଗୁଏନା,୬।୮

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଅନୁଷ୍ଠିତ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଛନ୍ତି ତିଳକ ବର୍ମା। କ୍ୟାରିୟରର ଦ୍ୱିତୀୟ ମ୍ୟାଚ୍ ଖେଳୁଥିବା ହାଇଦ୍ରାବାଦର ଏହି ୨୦ ବର୍ଷୀୟ ଖେଳାଳିଙ୍କ ୫୧ ରନ୍ ବଳରେ ଭାରତ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୧୫୨ ରନ୍ ସଂଗ୍ରହ କରିଛି। ଟସ୍ ଜିତି ଭାରତ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ବେଳେ ଦଳ ଗୋଟିଏ ପରିବର୍ତ୍ତନ ସହ ଓହ୍ଲାଇଥିଲା। ଆହତ କୁଲଦୀପ୍ ଯାଦବଙ୍କ ସ୍ଥାନରେ ରବି ବିଷ୍ଣୋଇଙ୍କୁ ସାମିଲ କରାଯାଇଥିଲା।

ଭାରତର ଦୁଇ ଓପନର ଇଶାନ୍ କିଶନ୍(୨୭) ଓ ଶୁବମାନ ଗିଲ୍(୭) ପ୍ରଥମ ଉଇକେଟରେ ୧୬ ରନ୍ ଯୋଡିଥିଲେ। ଆଲଜାରି ଯୋଶେଫଙ୍କ ବଲରେ ଗିଲ୍ ଆଉଟ ହେବା ପରେ ସୂର୍ଯ୍ୟକୁମାର ଯାଦବ ମଧ୍ୟ ବିଶେଷ କିଛି କରି ପାରି ନ ଥିଲେ। ମାତ୍ର ୧ ରନ୍ କରି ସେ କାଇଲ ମେୟର୍ସଙ୍କ ଦ୍ୱାରା ରନ୍ ଆଉଟ ହୋଇଥିଲେ। ପ୍ରଥମ ମ୍ୟାଚ୍‌ରେ ୪୧ ରନ୍ କରିଥିବା ତିଳକ କ୍ରିଜ୍‌ରେ ଯୋଗ ଦେଇ ଇଶାନ କିଶନଙ୍କ ସହିତ ୪୨ ରନ୍ ଯୋଡିଥିଲେ। ଇଶାନ ୨୩ ବଲ୍ ଖେଳି ଦୁଇଟି ଲେଖାଏ ଛକା ଓ ଚୌକା ମାରିଥିଲେ। ପରେ ସଞ୍ଜୁ ସାମସନ୍ ମାତ୍ର ୭ ରନ୍ କରି ଆଉଟ ହେବାରୁ ଭାରତ ୭୬ ରନ୍‌ରେ ୪ ଉଇକେଟ ହରାଇଥିଲା। ତିଳକ ୪୧ ବଲ୍ ଖେଳି ୫ ଚୌକା ଓ ୧ ଛକା ସହିତ ୫୧ ରନ୍ କରିବାରୁ ଭାରତ ଏକ ସମ୍ମାନ ଜନକ ସ୍କୋରରେ ପହଞ୍ଚିଥିଲା। ମାତ୍ର ୧୩ ବଲ୍ ବ୍ୟବଧାନରେ ତିଳକ ବର୍ମା ଓ ହାର୍ଦ୍ଦିକ ପାଣ୍ଡ୍ୟା ୨୪ ରନ୍ କରି ଆଉଟ ହେବାରୁ ଭାରତର ସ୍କୋର ୧୫୦ ଛୁଇଁବା ନେଇ ଆଶଙ୍କା ଦେଖା ଦେଇଥିଲା। ଶେଷ ଆଡକୁ ଅକ୍ଷର ପଟେଲ ୧୪, ରବି ବିଷ୍ଣୋଇ ୮* ଓ ଅର୍ଶଦୀପ ସିଂ ୬*ରନ୍ ସ୍କୋର କରିବାରୁ ଭାରତର ସ୍କୋର ୧୫୦ ପାର କରିଥିଲା। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଅଲଜାରି ଯୋଶେଫ୍, ଅକିଲ ହୋସେନ ଓ ରୋମାରିଓ ଶେଫର୍ଡ ପ୍ରତ୍ୟେକ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।


ଶଟ୍ ଖେଳିବା ଅବସରରେ ତିଳକ ବର୍ମା।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୫୨/୭ (ତିଳକ ବର୍ମା-୫୧, ଇଶାନ କିଶନ୍-୨୭, ହାର୍ଦ୍ଦିକ ପାଣ୍ଡ୍ୟା-୨୪, ଅଲଜାରି ଯୋଶେଫ୍-୨/୨୮, ଅକିଲ ହୋସେନ-୨/୨୯, ରୋମାରିଓ ଶେଫର୍ଡ-୨/୨୮)।


# Classified Everyday
0674-2580101, 2549949


REAL ESTATE
SALE

ଭୁବନେଶ୍ୱର-ଖୋର୍ଦ୍ଧା ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-74899

Duplex sale at Bhubaneswar @57 Lakhs only. Contact-9777433701. D-74898

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

BDA Approved 3BHK Duplex/ Villa At Patia-Raghunathpur, Land Area-1172 Sft.Built-up 1700 Sft @99 lakhs. Contact Direct Owner -9438419823, 9337086655 D-73395

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-74895


FOR RENT

Spacious Ground Floor with Parking 3BHK in VSS Nagar for Office. 7978059473. D-0989

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।




Newly Healthcare benefited SPA experience therapist in Bhubaneswar. Please visit this SPA. 7749034655. D-75132

Spa Kerala body massage only best Therapist @699/- Bhubaneswar. 9337672475. D-0965

**Relax, Refresh your body, mind at Saikrupa Spa with best therapies. 8984068077.** D-0921

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75017

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly opened (One8 Spa)/(Salon Service) with expert therapist, 9938843929. D-75137

**LOST**

ମୁଁ ସମ୍ବିତ ଦାସ, ପି: ୰ସରୋଜ କୁମାର ଦାସ ଗୋଟିଏ Flat No.- M-1/401, 4th Floor ଅକ୍ଷୟ କୁମାର ପରିଡ଼ାଙ୍କ ଠାରୁ କିଣିଅଛି। ଅକ୍ଷୟ କୁମାର ପରିଡ଼ା ଏହି Flatଟିକୁ SBI Staff Association Co-operative Ltd. ଠାରୁ Sale Deed Application No.-1081015772, dt.01.07.2010 ଦ୍ୱାରା କିଣିଥିଲେ ଏବଂ ମୁଁ ତାଙ୍କଠାରୁ କିଣିବା ସମୟରେ ସେ ତାଙ୍କର ଏହି original ଦଲିଲକୁ ମୋତେ ହସ୍ତାନ୍ତର କରିଦେଇଥିଲେ। ମୁଁ ଝାରପଡ଼ାରୁ Bank Colony, କେଶୁରା ଯିବା ସମୟରେ କେଉଁଠାରେ ଗାଡ଼ିରୁ ଖସିପଡ଼ିଛି। ଯେତେ ଖୋଜିଲେ ମଧ୍ୟ ପାଇଲି ନାହିଁ। ଏହି original Sale Deedକୁ ମୁଁ କୌଣସି ବ୍ୟାଙ୍କରେ ବନ୍ଧକ ହିସାବରେ ଦେଇନାହିଁ। ଯଦି କୌଣସି ବ୍ୟକ୍ତିଙ୍କୁ ଦଲିଲଟି ମିଳେ ଅନୁରୋଧ କି ଏହି ନମ୍ବରରେ contact କରିବେ, Ph No.- 8895715254. D-0988

ମୁଁ ହିମାଂଶୁ ଭୂଷଣ ସାହୁ ଗୋଟିଏ Property କିଣିବା ପାଇଁ R.D. Commercial (P) Ltd.କୁ advance ଦେଇଛି। Advance ଦେଲା ପରେ R.D. Commercial (P) Ltd. ମୋତେ ତା'ର original Sale Deed No.-11573 dtd.18.12.2009 and original ROR ଯାହାର ଖାତା No.-1133/3006, ପ୍ଲଟ୍ ନଂ.-1690, ଏରିଆ- Ac.o.040dec., ମୌଜା: ଜାଗମରାକୁ ହସ୍ତାନ୍ତର କରିଥିଲେ। ମୁଁ ଗୋଟେ ଦିନ ତାକୁ ବ୍ୟାଙ୍କକୁ ନେଇକି ଯାଇଥିଲି। ବ୍ୟାଙ୍କରୁ Unit-1 ମାର୍କେଟକୁ ଯିବା ସମୟରେ କୌଣସି ଜାଗାରେ ଏହାକୁ ହଜାଇଦେଲି। ଯେତେ ଚେଷ୍ଟା କଲେ ମଧ୍ୟ ପାଇଲି ନାହିଁ। ଏହାକୁ ମୁଁ କୌଣସି ବ୍ୟାଙ୍କରେ ବନ୍ଧକ ହିସାବରେ ଦେଇନାହିଁ। ଯଦି କୌଣସି ବ୍ୟକ୍ତିଙ୍କୁ ଏହା ମିଳେ ଦୟାକରି SBI, RACPC, Unit-1, ଭୁବନେଶ୍ୱରକୁ ହସ୍ତାନ୍ତର କରିବାକୁ ଅନୁରୋଧ। ଧ-୦୯୮୭

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମାଲେସିଆକୁ ହରାଇ ଶୀର୍ଷରେ ଭାରତ

## ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

ଚେନ୍ନାଇ, ୬।୮ (ପି.ଟି.)

ଚଳିତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିରେ ଭାରତର ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ରବିବାର ଅନୁଷ୍ଠିତ ଲିଗ୍ ମ୍ୟାଚରେ ମାଲେସିଆକୁ ୫-୦ ଗୋଲରେ ହରାଇ ଭାରତ ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଭାରତ ପକ୍ଷରୁ ସେଲଭାମ୍ କାର୍ଥି ୧୫, ହାର୍ଦ୍ଦିକ ସିଂ ୩୨, ଅଧିନାୟକ ହରମନପ୍ରୀତ ସିଂ ୪୨, ଗୁରଜାନ୍ତ ସିଂ ୫୩ ଓ ଯୁଗରାଜ ସିଂ ୫୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଭାରତ ଗୋଲକିପର କ୍ରିଶନ ବୁହାଦୂର ପାଠକ ହିରୋ ଅଫ୍ ଦି ମ୍ୟାଚ ଏବଂ ସେଲଭାମ୍ କାର୍ଥି ଶ୍ରେଷ୍ଠ ଯୁବ ଖେଳାଳି ପୁରସ୍କାର ପାଇଥିଲେ। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜେୟ ଥିବା ଭାରତ ୩ ମ୍ୟାଚରୁ ୨ ବିଜୟ ଓ ୧ ଡ୍ର ସହ ୭ ପଏଣ୍ଟ ପାଇଛି। ଚାଇନାକୁ ୭-୨ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ଘରୋଇ ଦଳ ଜାପାନ ବିପକ୍ଷ ମ୍ୟାଚକୁ ୧-୧ରେ ଡ୍ର ରଖିଥିଲା। ମାଲେସିଆ ୩ ମ୍ୟାଚରୁ ୨ ବିଜୟ ଓ ୧ ପରାଜୟ ସହ ୬ ଓ ଦକ୍ଷିଣ କୋରିଆ ୩ ମ୍ୟାଚରୁ ୧ ବିଜୟ ଓ ୨ ଡ୍ର ସହ ୫ ପଏଣ୍ଟ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଦିବସର ଅନ୍ୟ ୨ଟି ମ୍ୟାଚ ଡ୍ର ରହିଥିଲା। ଦକ୍ଷିଣ କୋରିଆ ବିପକ୍ଷ ମ୍ୟାଚକୁ ୧-୧ରେ ବରାବର ରଖି ଚାଇନା ପଏଣ୍ଟ ଭାଗ କରିଥିବାବେଳେ ପାକିସ୍ତାନ ଓ ଜାପାନ ମ୍ୟାଚ ୩-୩ରେ ଶେଷ ହୋଇଥିଲା। ସୋମବାର ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଏହି ଦିନ ଜାପାନ-ମାଲେସିଆ, ପାକିସ୍ତାନ-ଚାଇନା ପରସ୍ପରକୁ ଭେଟିବେ।



ପୁରସ୍କାର ସହ କ୍ରିଶନ ବୁହାଦୂର ପାଠକ।

# କରାଟେ ଗ୍ରେଡିଂରେ ୪୫୪ ଉତ୍ତୀର୍ଣ୍ଣ

ଭୁବନେଶ୍ୱର, ୬।୮

ଉତ୍କଳ କରାଟେ ସ୍କୁଲର ମୁଖ୍ୟ ଶାଖାରେ ରବିବାର କରାଟେ ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୫୪ କରାଟେକର ଉତ୍ତୀର୍ଣ୍ଣ ହୋଇ ବେଲ୍ଟ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୨୫ ୟେଲୋ ବେଲ୍ଟ, ୮୫ ଅରେଞ୍ଜ ବେଲ୍ଟ, ୧୦୦ ଗ୍ରୀନ୍ ବେଲ୍ଟ, ୭୩ ବ୍ଲୁ ବେଲ୍ଟ ଓ ୭୧ ଜଣ ବ୍ରାଉନ୍ ବେଲ୍ଟ ପାଇଛନ୍ତି। ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠାତା ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବେଲ୍ଟ ପରୀକ୍ଷା ହୋଇଥିଲା। ସିନିୟର ପ୍ରଶିକ୍ଷକ ସେନ୍‌ସେଇ ଖାରବେଳ ମଲିକ, ଅରବିନ୍ଦ ପଟ୍ଟନାୟକ, ଗୌରୀ ମହାନ୍ତି, ଦୀପକ ସାମନ୍ତରା, ନିରଞ୍ଜନ ପଟ୍ଟନାୟକ, ଉମାକାନ୍ତ ବେହେରା, କୃଷ୍ଣ ଚନ୍ଦ୍ର ମହାରଣା, ମହେଶ ଡୋରା, ସୁଶାନ୍ତ ପଣ୍ଡା, ସପନ ମିଶ୍ର, ଅମିୟ ସାହୁ, ଭଗବାନ ରେଡ୍ଡୀ, କୃଷ୍ଣ ନାୟକ, କ୍ରିଷ୍ଣା ଶିକାରୀ, ଦୀପକ ଯାଦବ, ଆଶିଷ ରାଉତ, ରାଜେଶ ମହାପାତ୍ର, ନ୍ୟାସା କୁମାରୀ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।


କରାଟେ ଗ୍ରେଡିଂ ଟେଷ୍ଟରେ ଭାଗ ନେଇଥିବା କରାଟେକାମାନେ।

## ୩ ଦିନ ହେଲା ମୁର୍ଷୁଣି ଏଟିଏମ୍ ଅଚଳ

ଅମରପାଲି,(ପୀତାମ୍ବର ସାହୁ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣିରେ ଥିବା ଏସବିଆଇର ଦୁଇଟି ଯାକ ଏଟିଏମ୍ ଅଚଳ ହୋଇପଡିଛି। ଗତ ଲଘୁଚାପଜନିତ ଲଗାଣ ବର୍ଷା ପରଠାରୁ ଉକ୍ତ ଏଟିଏମ୍ ଦୁଇଟି ଅଚଳ ରହିଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁର୍ଷୁଣି ଷ୍ଟେଟ ବ୍ୟାଙ୍କ ଉପରେ ୬ ଟି ପଞ୍ଚାୟତର ପ୍ରାୟ ୨୫ହଜାର ଲୋକ ନିର୍ଭର କରନ୍ତି।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ଟର୍ଚ୍ଚ ଲାଇଟରେ ଚିକିତ୍ସା

ଭବାନୀପାଟଣା,୬।୮
(ଉତ୍ତମ କୁମାର ଦାଶ)

### କଳାହାଣ୍ଡି ଜିଲାରେ ସ୍ୱାସ୍ଥ୍ୟାବସ୍ଥାର ଚିତ୍ର



ଟର୍ଚ୍ଚ ଲାଇଟରେ ଚିକିତ୍ସା କରାଯାଉଛି।

ବିଦ୍ୟୁତ୍ ନ ଥିବାରୁ ଅନ୍ଧାରରେ ଚିକିତ୍ସା କରୁଛନ୍ତି ଡାକ୍ତର। ଏହା କୌଣସି ଉପାନ୍ତ ଅଞ୍ଚଳରେ ନୁହେଁ, ଏଭଳି ଚିତ୍ର ଦେଖିବାକୁ ମିଳିଛି ଖୋଦ କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ। ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଅନ୍ଧାରରେ ଚିକିତ୍ସା ଭଳି ଉଦ୍‌ବେଗଜନକ ଚିତ୍ର ସାମ୍ନାକୁ ଆସିଛି। ଶନିବାର ରାତିରେ ଏମ୍‌ସିଏଚ୍ ବିଲଡିଂ ପ୍ରସୂତି ଓ ଚିକିତ୍ସା ବିଭାଗ ୱାର୍ଡରେ ବିଦ୍ୟୁତ୍ ନ ଥିବାରୁ ଟର୍ଚ୍ଚ ଆଲୁଅରେ ଡାକ୍ତର ରୋଗୀ ଦେଖିଥିବା ଘଟଣା ରୋଗୀଙ୍କ ପରିଜନ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ଧରି ଏଭଳି ଅବ୍ୟବସ୍ଥା ଯୋଗୁ ଏମସିଏଚ ବିଲଡିଂରେ ଚାପା ଉତ୍ତେଜନା ଦେଖାଦେଇଥିଲା। ପ୍ରସୂତି ଓ ଶିଶୁ ଚିକିତ୍ସା ବିଭାଗରେ ବିଦ୍ୟୁତ୍ ନ ଥିବାରୁ ଟର୍ଚ୍ଚ ବ୍ୟବହାର କରି ଡାକ୍ତର ଚିକିତ୍ସା କରିଥିଲେ। କଳାହାଣ୍ଡି ଜିଲାର ଦୀର୍ଘ ଦିନର ଦାବି ପରେ ଶହୀଦ ରେଣ୍ଡୋ ମାଝିଙ୍କ ନାମରେ ମେଡିକାଲ କଲେଜ ସ୍ଥାପନା ହୋଇଛି। ଏଥିପାଇଁ ଆନୁସାଙ୍ଗିକ ବ୍ୟବସ୍ଥା ହେବା ପର୍ଯ୍ୟନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମେଡ଼ିକାଲ କାର୍ଯ୍ୟ ହେବ। ୨୩-୨୪ ବର୍ଷ ପାଇଁ ଛାତ୍ରୀଛାତ୍ରଙ୍କ ନାମ ଲେଖା ପ୍ରକ୍ରିୟା ଆରମ୍ଭ ହେବ ବୋଲି କୁହାଯାଇଛି। କିନ୍ତୁ ଏଠାରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ହୋଇପାରୁ ନ ଥିବାରୁ ଏହା କିଭଳି ସମ୍ଭବ ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଗିରିଶ ଚନ୍ଦ୍ର ରାଉତଙ୍କୁ ପଚାରିବାରୁ ଡିଜି (ଜେନେଟେର)ର ହଠାତ ବ୍ୟାଟେରୀ ଫାଟି ଯିବାରୁ ଏପରି ଅସୁବିଧା ହୋଇଥିଲା। ବ୍ୟାଟେରୀ ଲଗାଯିବ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ବୋଲି କହିଥିଲେ।

## ନାଳ ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

କୁଚିଣ୍ଡା,୬।୮(ବିରଞ୍ଚ ଦର୍ଶା): ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ କେନାଡିପା ପଞ୍ଚାୟତ ବିଜାଗୁଡା ଗ୍ରାମର ବିକାଶ ମାଝି(୨୭) ନାଳ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ସେ ରବିବାର ଅପରାହ୍ନରେ ଛୁଆଳିଯୋର ନାଳକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ସେ ନାଳ ପାଣିରେ ବୁଡ଼ିଯାଇଥିଲେ। ଖବରପାଇ ପରିବାର ଲୋକ ଏବଂ ଗ୍ରାମବାସୀ ନାଳରେ ଖୋଜାଖୋଜି କରି ପାଣି ଭିତରୁ ବିକାଶଙ୍କ ମୃତଦେହ ଉଦ୍ଧାର କରିଥିଲେ। ମୃତକଙ୍କ ପିତା ଧର୍ମ ସିଂ ମାଝିଙ୍କ ରିପୋର୍ଟ ଆଧାରରେ କୁଚିଣ୍ଡା ପୋଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ସୋମବାର କୁଚିଣ୍ଡା ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ହେବବୋଲିପୋଲିସ ପକ୍ଷରୁକୁହାଯାଇଛି।




## ଯୁବକଙ୍କୁ ଆକ୍ରମଣ, ଅଭିଯୁକ୍ତ କୋର୍ଟଚାଲାଣ

ପାଇକମାଳ,୬।୮(ବଡ ଶତପଥି): ବରଗଡ ଜିଲା ପାଇକମାଳ ଥାନା ଅନ୍ତର୍ଗତ ଭଗତପୁର ଗ୍ରାମର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଚୈତନ୍ୟ ବରିହା। ତାଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୮୦/୨୩) ରୁଜୁ କରିଛି। ସୂଚନା ଅନୁସାରେ, ରତନ ସାମନୀ ଓ ଧର୍ମାନନ୍ଦ ବେଶରା ଭଗତପୁର ଗ୍ରାମର ଗୋବର୍ଦ୍ଧନ ଦୀପଙ୍କ ଘରେ ବସି କଥା ହେଉଥିବା ବେଳେ ଅଭିଯୁକ୍ତ ଚୈତନ୍ୟ ସେଠାରେ ପହଞ୍ଚି ଜାତିଆଣ ଆକ୍ଷେପ କରିଥିଲେ। ଗୋବର୍ଦ୍ଧନ ପ୍ରତିବାଦ କରିବାରୁ ଅଭିଯୁକ୍ତ ଜଣଙ୍କ ତାଙ୍କୁ ମାରପିଟ୍ କରିଥିଲେ। ଏହାପରେ ସେ ନିଜ ଘରକୁ ଯାଇ ପୁଣି ଧନୁଶର ଧରି ରତନଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ। ଏ ନେଇ ଗୋବର୍ଦ୍ଧନ ପାଇକମାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ଦେବାଶିଷ



@ ସୌମ୍ୟ ରଞ୍ଜନ



@ ଉଲ୍ଲାସିନୀ



@ ଶଶୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୨ବାଂଲାଦେଶୀଙ୍କୁ ପୁଣି ବର୍ଷେ ଲେଖାଏ ଜେଲଦଣ୍ଡ

### ଚୋରି ମାମଲାର ରାୟ ପ୍ରକାଶ

ଭବାନୀପାଟଣା,୬।୮
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା କଷାକେନ୍ଦୁଗ୍ରାମରେ ୨୦୨୨ରେ ହୋଇଥିବା ଏକ ଚୋରି ମାମଲାର ରାୟ ପ୍ରକାଶ ପାଇଛି। ଭବାନୀପାଟଣା ଏସ୍‌ଡିଜେଏମ୍ ପି.ସୀତାଲକ୍ଷ୍ମୀ ସମସ୍ତ ସାକ୍ଷ୍ୟ ଓ ପ୍ରମାଣ ଭିତ୍ତିକରି ୨ ବାଂଲାଦେଶୀ ମହମ୍ମଦ ମାସୁଦ ହୁସେନ ଓ ମହମ୍ମଦ ମୁନ୍ନା ମାଜିଙ୍କୁ ଦୋଷୀ ସାବ୍ୟସ୍ତ କରି ବର୍ଷେ ଲେଖାଏଁ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨ ହଜାର ଟଙ୍କା ଲେଖାଏଁ ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୨ମାସ ଲେଖାଏଁ ଜେଲଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, କଷାକେନ୍ଦୁଗ୍ରାମର ଜଗବନ୍ଧୁ ପୁରୋହିତ ନୂଆଁଖାଇ ପାଇଁ ତାଙ୍କ ପରିବାର ସହ ୩୦।୮।୨୦୨୨ରେ ପୈତୃକ ଗ୍ରାମକୁ ଯାଇଥିଲେ। ଏହାର ସୁଯୋଗ ନେଇ ଉପରୋକ୍ତ ୨ଜଣ ତାଙ୍କ ଘର ତାଲା ଭାଙ୍ଗି ନଗଦ ଟଙ୍କା ଓ ଅନ୍ୟାନ ସାମଗ୍ରୀ ଚୋରି କରିନେଇଥିଲେ। ଜଗବନ୍ଧୁ ନିଜ ପରିବାର ସହିତ କଷାକେନ୍ଦୁ ଘରକୁ ୪ ତାରିଖ ଫେରିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେତେବେଳେ ଜଗବନ୍ଧୁ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାରେ ଉପରୋକ୍ତ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ମିଶାଇ ଉପରୋକ୍ତ ୨ ଅଭିଯୁକ୍ତଙ୍କ ନାମରେ ସମୁଦାୟ ୪ଟି ମାମଲା ବର୍ତ୍ତମାନ ସୁଦ୍ଧା ରୁଜୁ ହୋଇଥିବା ଜଣାପଡିଛି। ମାମଲା ସରକାରଙ୍କ ପକ୍ଷରୁ ଯୁବ କ୍ୟାଡର ଏପିପି ଲକ୍ଷ୍ମୀକାନ୍ତ ପାତ୍ର ପରିଚାଳନା କରିଥିଲେ।

## ବନ୍ଧୁକ ଜବତ, ଅଭିଯୁକ୍ତ ଗିରଫ

ରାଉରକେଲା,୬।୮(ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ ଥାନା ଅଞ୍ଚଳରେ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ୱାର୍ଡ ନଂ. ୧୦ର ଏମ୍‌ଡ଼ି ସୋହେଲ(୨୧)। ତାଙ୍କଠାରୁ ଏକ ବନ୍ଧୁକ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୨୩/୨୩) ରୁଜୁ କରିଛି। ସୂଚନାଯୋଗ୍ୟ, ସୋହେଲ ଏକ ମାମଲାରେ ସମ୍ପୃକ୍ତ ରହି ଦୀର୍ଘଦିନରୁ ଫେରାର ଥିଲେ। ଏହାସହ ସେ ସୁନାଚେନ୍ ଛିନତାଇ ମଧ୍ୟ କରିଆସୁଥିଲେ। କୌଣସି ସୂତ୍ରରୁ ପୋଲିସ ସୂଚନା ପାଇଁ ରବିବାର ସକାଳେ ବିଶ୍ରା ଛକରୁ ସୋହେଲଙ୍କୁ କାବୁ କରିଥିଲା।





ମହିଳା ଫିଫା ବିଶ୍ୱକପରେ ଆମେରିକାକୁ ହରାଇବାପରେ ଉଲ୍ଲସିତ ସୁଇଡେନ ଖେଳାଳି।

# ସଡନ୍‌ଡେଥ୍‌ରେ ହାରିଲା ଚାମ୍ପିୟନ ଆମେରିକା

**ଫିଫା ମହିଳା ବିଶ୍ୱକପ୍**

**ଅନ୍ତିମ-୮ରେ ନେଦରଲାଣ୍ଡ୍ସ, ସୁଇଡେନ୍**

ସିଡ୍‌ନୀ,୬।୮(ପି.ଟି.)

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ମହିଳା ଫୁଟବଲ୍ ବିଶ୍ୱକପ୍‌ରେ ରବିବାର ଏକ ବଡ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଡିଫେଣ୍ଡିଂ ଚାମ୍ପିୟନ ଯୁକ୍ତରାଷ୍ଟ୍ର ଆମେରିକାକୁ ବିଦା କରି ଅନ୍ତିମ-୮ରେ ସ୍ଥାନ ସୁରକ୍ଷିତ କରିଛି ସୁଇଡେନ୍। ଅନ୍ୟପକ୍ଷରେ ବିଗତ ସଂସ୍କରଣର ରନର ଅପ୍ ନେଦରଲାଣ୍ଡ୍ସ ୨-୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି।

**ଡିଫେଣ୍ଡିଂ ଚାମ୍ପିୟନ ବିଦା :** ଡିଫେଣ୍ଡିଂ ଚାମ୍ପିୟନ ଆମେରିକାକୁ ସଡନ୍ ଡେଥ୍‌ରେ ୫-୪ ଗୋଲରେ ପରାସ୍ତ କରିଛି ସୁଇଡେନ୍ । ମ୍ୟାଚ୍‌ଟି ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ନିର୍ଦ୍ଧାରିତ ସମୟରେ ମ୍ୟାଚଟି ୦-୦ ରହିଥିଲା। ଅତିରିକ୍ତ ୩୦ ମିନିଟରେ ମଧ୍ୟ ଉଭୟ ଦଳ ପରସ୍ପର ବିପକ୍ଷରେ ସ୍କୋର କରିବାରେ ଅସମର୍ଥ ରହିଥିଲେ। ପେନାଲ୍ଟି ଶୁଟ୍ ଆଉଟକୁ ମ୍ୟାଚ ଯାଇଥିବା ବେଳେ ଏହା ମଧ୍ୟ ୩-୩ରେ ଅମୀମାଂସିତ ରହିଥିଲା। ସଡନ୍ ଡେଥ୍‌ରେ ମ୍ୟାଚ୍ ଫଇସଲା ହୋଇଥିବା ବେଳେ ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ଥିବା ସୁଇଡେନ୍ ବିଶ୍ୱ ମାନ୍ୟତାର ଏକ ନମ୍ବର ଦଳ ଆମେରିକାକୁ ପରାସ୍ତ କରିଛି। ପେନାଲ୍ଟି ଶୁଟ୍ ଆଉଟରେ ଆମେରିକା ପକ୍ଷରୁ ଆଣ୍ଡି ସୁଲିଭାନ୍, ଲିଣ୍ଡସେ ହୋରାନ୍, କ୍ରିଷ୍ଟି ମେୱିସ୍ ସ୍କୋର କରିଥିବା ବେଳେ ଷ୍ଟାର ଖେଳାଳି ମେଗାନ୍ ରାପିନୋ ଓ ସୋଫିଆ ସ୍ମିଥ୍ ବିଫଳ ହୋଇଥିଲେ। ସେହିପରି ସୁଇଡେନ୍ ପକ୍ଷରୁ ଫ୍ରିଡୋଲିନା ରୁଲ୍‌ଫୋ, ଏଲିନ୍ ରୁବେନ୍‌ସନ୍ ଓ ହାନ୍ନା ବେନିସନ୍ ସ୍କୋର କରିଥିବା ବେଳେ ନାତାଲି ବୋର୍ନି ଓ ରେବେକା ବ୍ଲୋମକୋଭେଷ୍ଟଙ୍କ ଶଟ୍ ପୋଷ୍ଟ ବାହାରକୁ ଯାଇଥିଲା। ସଡନ୍ ଡେଥ୍‌ରେ ଆମେରିକୀୟ ଗୋଲ୍‌କିପର ଆଲିସିଆ ନାହେର ସ୍କୋର କରିଥିବା ବେଳେ ସୁଇଡେନ୍ ପକ୍ଷରୁ ମାଗଡାଲେନା ଏରିକ୍‌ସନ୍ ସ୍କୋର କରିଥିଲେ। କେଲେଓ ହାରାଙ୍କ ଶଟ୍ ବାର୍‌ରେ ବାଜି ଫେରି ଆସିବାରୁ ଆମେରିକା ଶଟ୍ ମିସ୍ କରିଥିବା ବେଳେ ସୁଇଡେନ୍ ପକ୍ଷରୁ ବିଜୟ ସୂଚକ ଗୋଲ ଦେଇଥିଲେ ଲିନା ହର୍ଟିଗ୍। ନିର୍ଦ୍ଧାରିତ ସମୟର ଖେଳରେ ଆମେରିକା ୫୮ ପ୍ରତିଶତ ସମୟ ବଲକୁ ନିୟନ୍ତ୍ରଣରେ ରଖିଥିଲା। ଆମେରିକା ଖେଳାଳି ୨୨ଟି ଶଟ୍ ମାରିଥିବା ବେଳେ ଏଥିରୁ ୧୧ଟି ଟାର୍ଗେଟରେ ମଧ୍ୟ ରହିଥିଲା। ତେବେ ସୁଇଡେନ୍ ଗୋଲକିପର ଜେକିରା ମୁସୋଭିକ୍ ଏହାକୁ ରୋକିବାରେ ସମର୍ଥ ହୋଇଥିଲେ। ସୁଇଡେନ୍ କ୍ୱାର୍ଟର ଫାଇନାଲରେ ଜାପାନକୁ ଭେଟିବ।





ପ୍ଲେୟର ଅଫ୍ ଦି ମ୍ୟାଚ ଟ୍ରଫି ସହ ସୁଇଡେନର ଜେକିରା ମୁସୋଭିକ୍।

**ଆମେରିକା ଇତିହାସର ଖରାପ ପ୍ରଦର୍ଶନ:** ଆମେରିକା ଫୁଟବଲ ଇତିହାସରେ ଏହା ସବୁଠାରୁ ଖରାପ ପ୍ରଦର୍ଶନ। ୪ ଥର ଟାଇଟଲ ଜିତି ସାରଥିବା ଆମେରିକା ପ୍ରଥମ ଥର ପାଇଁ ସେମି ଫାଇନାଲ ପ୍ରବେଶରେ ବିଫଳ ହୋଇଛି।

**କ୍ୱାର୍ଟରରେ ନେଦରଲାଣ୍ଡ୍ସ:** ପ୍ରଥମ ଥର ନକ୍‌ଆଉଟରେ ପ୍ରବେଶ କରିଥିବା ଦକ୍ଷିଣ ଆଫ୍ରିକାକୁ ୨-୦ରେ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଛି ନେଦରଲାଣ୍ଡ୍ସ। ଦଳ ପକ୍ଷରୁ ଜିଲ୍ ରୁର୍ଡ ମ୍ୟାଚ୍‌ର ନବମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ ୧-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଲିନେଥ୍ ବିରନ୍‌ଷ୍ଟେନ୍ ଦ୍ୱିତୀୟ ଗୋଲ ଦେଇଥିଲେ।

# ଭାରତ ଆସିବାକୁ ପାକିସ୍ତାନ କ୍ରିକେଟ ଦଳକୁ ଅନୁମତି

କରାଚୀ, ୬।୮ (ପି.ଟି.)

ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ୨୦୨୩ରେ ଖେଳିବା ପାଇଁ ପାକିସ୍ତାନ ସରକାର ରବିବାର ଦେଶର ସିନିୟର ପୁରୁଷ କ୍ରିକେଟ ଦଳକୁ ଭାରତ ଯିବା ଲାଗି ଅନୁମତି ପ୍ରଦାନ କରିଛି। ତେବେ ଦଳର ସୁରକ୍ଷା ନେଇ ଚିନ୍ତା ପ୍ରକଟ କରିବା ସହ ଏନେଇ ଆଇସିସି ଓ ବିସିସିଆଇର ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛି। ଭାରତରେ ୫୦ ଓଭର ବିଶିଷ୍ଟ ବିଶ୍ୱକପ୍ ଅକ୍ଟୋବର ୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ହେବ। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମଧ୍ୟରେ ମ୍ୟାଚ ଅକ୍ଟୋବର ୧୫ ପରିବର୍ତ୍ତେ ଅକ୍ଟୋବର ୧୪ରେ ଅହମଦାବାଦରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ହେଲେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଏପର୍ଯ୍ୟନ୍ତ ଏହା ସ୍ପଷ୍ଟ କରାଯାଇ ନାହିଁ। ବୈଦେଶିକ ମନ୍ତ୍ରଣାଳୟ ଏକ ପ୍ରେସ୍ ଇସ୍ତାହାରରେ କହିଛି, ଖେଳ ସହିତ ରାଜନୀତିକୁ ମିଶ୍ରଣ ନ କରିବା ଲାଗି ପାକିସ୍ତାନ ବାରମ୍ବାର କହିଆସିଛି। ଆଗାମୀ ବିଶ୍ୱକପ୍‌ରେ ଭାଗ ନେବାଲାଗି ଭାରତକୁ ଦଳ ପଠାଇବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଭାରତ ସହିତ ଦ୍ୱିପାକ୍ଷିକ ସମ୍ପର୍କର ସ୍ଥିତି ଅନ୍ତର୍ଜାତୀୟ କ୍ରୀଡ଼ା ସମ୍ବନ୍ଧୀୟ ଦାୟିତ୍ୱ ପୂରଣ କ୍ଷେତ୍ରରେ ଅନ୍ତରାୟ ନ ହେଉ। ଭାରତ ଗସ୍ତ ସମୟରେ ପାକିସ୍ତାନ ଦଳକୁ ସମ୍ପୂର୍ଣ୍ଣ ସୁରକ୍ଷା ଓ ନିରାପତ୍ତା ଯୋଗାଇ ଦିଆଯିବ ବୋଲି ଆମେ ଆଶା କରୁଛୁ। ଏସିଆ କପ୍ ଖେଳିବା ଲାଗି ପାକିସ୍ତାନକୁ ଦଳ ପଠାଇବା ଲାଗି ଭାରତ ମନା କରିଦେଇଥିଲା। ଏହା ସତ୍ତ୍ୱେ ଭାରତକୁ ଦଳ ପଠାଇବା ଲାଗି ପାକିସ୍ତାନ ରାଜି ହେବା ଏକ ଗଠନମୂଳକ ନିଷ୍ପତ୍ତି ବୋଲି କୁହାଯାଉଛି। ୫୦ ଓଭର ବିଶିଷ୍ଟ ଇଭେଣ୍ଟରେ ଜାତୀୟ ଦଳର ଅଂଶଗ୍ରହଣ ନେଇ ଦୀର୍ଘ ସମୟ ଧରି ଦେଖା ଦେଇଥିବା ଅନିଶ୍ଚିତତାର ଅବସାନ ଘଟିଛି। ଏସିଆ କପ୍ ୨୦୨୩ ଖେଳିବା ପାଇଁ ପାକିସ୍ତାନ ଗସ୍ତ କରିବା ଲାଗି ଭାରତ ରାଜି ନ ହେବା ପରେ ଏହାର ପୂର୍ବତନ ଖେଳାଳି ତଥା ପିସିବି ମୁଖ୍ୟ ରମିଜ ରାଜା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବିଶ୍ୱକପ୍ ଖେଳିବା ଲାଗି ପାକିସ୍ତାନ ଭାରତ ଗସ୍ତରେ ଯିବ ନାହିଁ ବୋଲି ସେ ଧମକ ଦେଇଥିଲେ। ଫଳରେ ପାକିସ୍ତାନର ଅଂଶଗ୍ରହଣ ନେଇ ଅନିଶ୍ଚିତତା ଦେଖା ଦେଇଥିଲା। ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି)ର ନିଷ୍ପତ୍ତି ଅନୁସାରେ ଏସିଆ କପ୍ ବର୍ତ୍ତମାନ ହାଇବ୍ରିଡ୍ ମଡେଲ ଅନୁସାରେ ଖେଳାଯିବ। ଏହା ଅଗଷ୍ଟ ୩୦ରେ ଆରମ୍ଭ ହେବ। ପାକିସ୍ତାନରେ ୪ଟି ମ୍ୟାଚ ଖେଳାଯିବାକୁଥିବା ବେଳେ ଫାଇନାଲ ସମେତ ଅବଶିଷ୍ଟ ୯ଟି ମ୍ୟାଚ ଶ୍ରୀଲଙ୍କାରେ ହେବ। କିଛି ଦିନ ତଳେ ପିସିବି ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ନିକଟକୁ ପତ୍ର ଲେଖିଥିଲା। ୫୦ ଓଭର ବିଶିଷ୍ଟ ବିଶ୍ୱକପ୍ ଖେଳିବା ଲାଗି ଭାରତ ଯିବା ପାଇଁ ଅନୁମତି ମାଗିଥିଲେ। ଏହାର ଏକ ନକଲ ଆଭ୍ୟନ୍ତରୀଣ ଓ ବୈଦେଶିକ ମନ୍ତ୍ରଣାଳୟ ନିକଟକୁ ମଧ୍ୟ ପଠାଯାଇଥିଲା। ପାକିସ୍ତାନ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବ କି ନା ସେ ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି ଶରିଫ ବୈଦେଶିକ ମନ୍ତ୍ରୀ ବିଲାୱାଲ ଭୁଟ୍ଟୋଙ୍କ ଅଧ୍ୟକ୍ଷତାରେ ଏକ କଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ପାକିସ୍ତାନ ଶେଷ ଥର ପାଇଁ ୨୦୧୬ରେ ଆଇସିସି ଟି୨୦ ବିଶ୍ୱକପ୍ ଖେଳିବା ଲାଗି ଭାରତ ଗସ୍ତ କରିଥିଲା।









# ପ୍ରମୋଦଙ୍କୁ ୧ ସ୍ୱର୍ଣ୍ଣ, ୨ ରୌପ୍ୟ

**ଚତୁଃରାଷ୍ଟ୍ରୀୟ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ**



କୋଚ୍ ଶିବପ୍ରସାଦ ଦାସଙ୍କ ସହ ପ୍ରମୋଦ ଭଗତ ଓ ଦୀପ ରଞ୍ଜନ ବିଷୋୟୀ।

ଭୁବନେଶ୍ୱର, ୬।୮

(ତପନ ସ୍ୱାଇଁ)

ଇଂଲଣ୍ଡର ଶେଫିଲ୍ଡଠାରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ହାସଲ କରିଛନ୍ତି। ସେ ପୁରୁଷ ଡବଲ୍ସରେ ସ୍ୱର୍ଣ୍ଣ ଏବଂ ସିଙ୍ଗଲ୍ସ ଓ ମିକ୍ସଡ ଡବଲ୍ସରେ ରୌପ୍ୟ ପାଇଛନ୍ତି।

ପ୍ରମୋଦ ଓ ସୁକାନ୍ତ କଦମ ଯୋଡି ଡବଲ୍ସ ଫାଇନାଲରେ ନିଜ ଦେଶର ଦୀପ ରଞ୍ଜନ ବିଷୋଇ ଓ ମନୋଜ ସରକାରଙ୍କୁ ସିଧସଳଖ ୧୭-୨୧, ୧୭-୨୧ରେ ପରାସ୍ତ କରିଛନ୍ତି। ଫଳରେ ଓଡ଼ିଶାର ଦୀପ ରଞ୍ଜନ ଓ ମନୋଜ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ମିକ୍ସଡ ଡବଲ୍ସ ଫାଇନାଲରେ ପ୍ରମୋଦ ଓ ମନିଷା ରାମଦାସ ଯୋଡ଼ି ଇଣ୍ଡୋନେସିଆର ହିକମତ ରାମଦାନି ଓ ଲିଆନି ରାତ୍ରି ଓକ୍‌ଟିଲାଙ୍କଠାରୁ ୧୭-୨୧, ୧୭-୨୧ରେ ହାରି ଯାଇଛନ୍ତି। ସେହିପରି ସିଙ୍ଗଲ୍ସ ଫାଇନାଲରେ ପ୍ରମୋଦ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡର ଡାନିଏଲ ବେଥେଲଙ୍କଠାରୁ ୮-୨୧,୧୦-୨୧ରେ ପରାସ୍ତ ହୋଇଛନ୍ତି। ଓଡ଼ିଶାର ଅନ୍ୟ ୨ ଖେଳାଳି ଦିଲେଶ୍ୱର ରାଓ ଓ ଶୁଭ୍ରଜିତ ମହାରଣା ଡବଲ୍ସର ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲେ। ଓଡ଼ିଶାରୁ ୪ ଖେଳାଳିଙ୍କ ସହିତ କୋଚ୍ ଶିବ ପ୍ରସାଦ ଦାସ ଇଂଲଣ୍ଡ ଯାତ୍ରା କରିଥିଲେ।





# ଭାରତୀୟ ସୁଇମିଂ ଦଳ ଫାଇନାଲରେ

**ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ**

ଭୁବନେଶ୍ୱର, ୬।୮

(ତପନ ସ୍ୱାଇଁ)

ଚାଇନାର ଚେଙ୍ଗଡୁଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାରତୀୟ ପୁରୁଷ ସୁଇମିଂ ଦଳ ପ୍ରଭାବୀ ପ୍ରଦର୍ଶନ କରି ୪x୨୦୦ ମିଟର ଫାଇନାଲରେ ପ୍ରବେଶ କରିଛି। ପ୍ରତିଯୋଗିତା ଇତିହାସରେ ଭାରତୀୟ ଦଳ ପ୍ରଥମଥରପାଇଁ ଏହି ସଫଳତା ପାଇଛି। ଶ୍ରୀହରି ନଟରାଜ, କ୍ରିଷ୍ଣା ରାଜେନ୍ଦ୍ର ଗଡଖ, ସୁନୀଲ କୁମାର ଗୌଡ଼ା ଅନିଶ ଓ କୁଶାଗ୍ର ରାୱତଙ୍କୁ ନେଇ ଭାରତୀୟ ସୁଇମିଂ ଦଳ ଗଠିତ। ତେବେ ଭାରତୀୟ ପୁରୁଷ ଫେନ୍‌ସିଂ ଦଳ ଇପି ଟିମ୍ ଇଭେଣ୍ଟରେ ନରୱେଠାରୁ ହାରିଯାଇ ବିଦାୟ ନେଇଛି। ସେହିପରି ପୁରୁଷ ଜାଭେଲିନ ଥ୍ରୋ ଫାଇନାଲ୍ସରେ କିଟ୍ ବିଶ୍ୱବିଦ୍ୟାଳୟର ବିକ୍ରାନ୍ତ ମଲିକ ୭୦.୮୧ ମିଟର ସହ ୮ମ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ରବିବାର ଶେଷସୁଦ୍ଧା ଭାରତ ୧୧ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧୦ ବ୍ରୋଞ୍ଜ ସହ ମୋଟ ୨୬ ପଦକ ପାଇ ତାଲିକାର ୬ଷ୍ଠ ସ୍ଥାନରେ ରହିଛି। ଚାଇନା ୮୯ ସ୍ୱର୍ଣ୍ଣ ସହ ୧୫୭, ଜାପାନ ୧୯ ସ୍ୱର୍ଣ୍ଣ ସହ ୭୮, ଦକ୍ଷିଣ କୋରିଆ ୧୭ ସ୍ୱର୍ଣ୍ଣ ସହ ୫୨, ପୋଲାଣ୍ଡ ୧୪ ସ୍ୱର୍ଣ୍ଣ ସହ ୩୭ ଓ ଇଟାଲି ୧୩ ସ୍ୱର୍ଣ୍ଣ ସହ ୪୫ ପଦକ ପାଇ ପ୍ରଥମ ୫ ସ୍ଥାନରେ ରହିଛନ୍ତି।





ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ସୁଇମିଂ ଦଳ।

## ପ୍ରଣୟ ଅଷ୍ଟ୍ରେଲିଆନ୍ ଓପନ ରନରଅପ୍

**ସିଡ୍‌ନୀ, ୬।୮ (ପି.ଟି.):** ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ.ଏସ୍. ପ୍ରଣୟ ଅଷ୍ଟ୍ରେଲିଆନ ଓପନ ରନରଅପ୍ ହୋଇଛନ୍ତି। ରବିବାର ଏକ ସଂଘର୍ଷପୂର୍ଣ୍ଣ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଚାଇନାର ୱେଙ୍ଗ୍ ହଙ୍ଗ୍ ୟାଙ୍ଗ୍ ତାଙ୍କୁ ବିଶ୍ୱର ୨୪ ନମ୍ବର ମାନ୍ୟତାପ୍ରାପ୍ତ ଚାଇନାର ୱେଙ୍ଗ୍ ହଙ୍ଗ୍ ୟାଙ୍ଗ୍‌ଙ୍କଠାରୁ ୯-୨୧, ୨୩-୨୧, ୨୦-୨୨ରେ ହାରିଯାଇଛନ୍ତି। ଏହି ମ୍ୟାଚ ୯୦ ମିନିଟ୍ ଧରି ଚାଲିଥିଲା। ୨୪ବର୍ଷୀୟ ୱେଙ୍ଗ୍ ଗତବର୍ଷ କୋରିଆ ଓପନ ଏବଂ ୨୦୧୯ରେ ଚାଇନା ମାଷ୍ଟର୍ସ ଜିତିଥିଲେ। ରବିବାର ପ୍ରଣୟଙ୍କ ବିପକ୍ଷରେ ବିଜୟ ଦ୍ୱାରା ସେ ଗତ ମେ'ରେ ଅନୁଷ୍ଠିତ ମାଲେସିଆ ମାଷ୍ଟର୍ସ ଫାଇନାଲ ପରାଜୟର ପ୍ରତିଶୋଧ ନେଇ ପାରିଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ